ISSN No. : 2583-147X (P)



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ମାର୍ଚ୍ଚ ୨୦୨୪
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ଦ୍ୱାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଝଓ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, March 2024, Issue No. XII
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଲଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଗାନ୍ଧୀଙ୍କ ରାମରାଜ୍ୟ ଆଉ କେତେ ବାଟ ?
– ମୀରା ବେଉରା ୦୭

ଚାରିକାନ୍ଧ
– ଭାଗିରଥୀ ବେହେରା ୦୯

ଦର୍ଶନ, କଥା ଓ ଗୀତର କଳାତ୍ମକ ସମୀକରଣ : କୃଷ୍ଣ ଦାସଙ୍କ 'ପ୍ରସ୍ତାପସିନ୍ଧୁ'
– ବିକେଶ ସାହୁ ୧୩

ସାଂପ୍ରତିକ ପ୍ରେକ୍ଷାପଟରେ ଲୋକସାହିତ୍ୟ ଗବେଷଣାର ମୌଳିକ ଦୃଷ୍ଟି ଓ ଦର୍ଶନ : ଏକ ସାମାନ୍ୟ କଥନ
– ଡକ୍ଟର ମଧୁଛନ୍ଦା ନାୟକ ୧୯

ଗଣ୍ଡ ଜୀବନଚର୍ଯ୍ୟାରେ ଜନ୍ମ ଓ ମୃତ୍ୟୁ ସଂସ୍କାର ବିଧି
– ଉଜସ୍ୱିନୀ ନାୟକ ୨୬

ମନସ୍ତାତ୍ତ୍ୱିକ ପ୍ରେକ୍ଷାପଟରେ ମନୋଜ ଦାସଙ୍କ ଶ୍ରେଷ୍ଠଗଳ୍ପ
– ଚୂଳରାଜ ମେହେର ୩୩

ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟରେ 'ରେବତୀ'
– ନିହାର ରଞ୍ଜନ ପାତ୍ର ୪୬

ରମେଶ ପାଣିଗ୍ରାହୀଙ୍କ ନାଟକରେଭାଷାର ପ୍ରୟୋଗ
– ଡକ୍ଟର ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା ୫୨

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଉଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା .................................................... ପିନ୍‌କୋର୍ଡ଼ ......................................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................

ବ୍ୟାଙ୍କ୍......................................... ସ୍ଥାନ....................................................

ତାରିଖ....................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.XII, March 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଗାନ୍ଧୀଙ୍କ ରାମରାଜ୍ୟ ଆଉ କେତେ ବାଟ ?

**ମୀରା ବେଉରା**

ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତ ଏକ ବିକଶିତ ରାଷ୍ଟ୍ର ନୁହେଁ । ଏହା ଏକ ବିକାଶଶୀଳ ରାଷ୍ଟ୍ର । ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ମଧ୍ୟ ଆମେ ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରି ପାରିଲୁ ନାହିଁ । ଆଜିବି ଦାରିଦ୍ର୍ୟ, କ୍ଷୁଧା, ଅଶିକ୍ଷା, ଭୋକ, ଅନ୍ଧକାର, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସରେ ସମଗ୍ର ଗଣତନ୍ତ୍ର ଜଡ଼ିତ । ଏବେ ମଧ୍ୟ ଭାରତବର୍ଷ ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖୁଥିବା ବେଳେ କିଛି ଅଂଚଳରେ ବିଜୁଳି ଆଲୁଅ ସାତସପନ ହୋଇଲାଣି । ଆମର ଶିଶୁ ସୁଷମ ଖାଦ୍ୟ ଅଭାବରୁ ଆମ୍ବ ଟାକୁଆ ତେନ୍ତୁଳି ପତ୍ରକୁ ଖାଦ୍ୟ ରୂପେ କିଛି ଅନୁନ୍ନତ ଅଂଚଳରେ ବ୍ୟବହାର କରୁଛନ୍ତି । ଭଲ ପାନୀୟ ଜଳ ଟିକିଏ ମଧ୍ୟ ଭାରତର ସବୁ ଅଂଚଳରେ ଦୁଷ୍ପ୍ରାପ୍ୟ । ଅନେକ ବିଦ୍ୟାଳୟରୂପୀ ମନ୍ଦିରରେ ଶିକ୍ଷକର ଅଭାବ ପରିଲକ୍ଷିତ ହେଉଛି । ଅଧିକାଂଶ ସମୟରେ ଶିକ୍ଷକମାନେ ନିଜର ଦାବୀ ପାଇଁ ଆନ୍ଦୋଳନରେ ରତ ଅଥବା ଶିକ୍ଷା ନିର୍ଦ୍ଦେଶାଳୟର ଦ୍ୱାରସ୍ଥ । ଦେଶର ମେରୁଦଣ୍ଡ ଶିକ୍ଷକମାନଙ୍କ କଥା ନ କହିଲେ ଭଲ । କୃଷକଟିଏ ତା'ର କୃଷି ଉତ୍ପାଦନକୁ ଶାଗମାଛ ମୂଲରେ ବିକ୍ରି କରିବାକୁ ଏକ ରକମ ବାଧ୍ୟ ହେଉଛି । ୫୦ ପଇସାରେ ବା ଏକ ଟଙ୍କାରେ ସେ ଜମିରେ ଉତ୍ପାଦିତ ଫସଲ ଯଥା ଫୁଲକୋବି, ଟମାଟୋକୁ ବିକ୍ରି କରିବାକୁ ବାଧ୍ୟ ହେଉଛି । କାହିଁକି ନା ଶୀତଳ ଭଣ୍ଡାରଟିଏ ଆମେ ତାକୁ ଏ ପର୍ଯ୍ୟନ୍ତ ଯୋଗାଇ ପାରିଲୁ ନାହିଁ । ଯୁବାପିଢ଼ି ଚାକିରି ଆଶାରେ ବିଦେଶରେ ଦାଦନ ଖଟୁଛି । ଏବେବି ଆମର ଶିଶୁ କନ୍ୟାଟି ପରିତ୍ୟକ୍ତ ଅବସ୍ଥାରେ ଅଳିଆଗଦାରେ ଫିଙ୍ଗା ଯାଉଛି । ଆମ ରାଷ୍ଟ୍ର ବିକାଶଶୀଳ ହୋଇ ପ୍ରତି ମୁହୂର୍ତ୍ତରେ ଅଣ୍ଟା ସଳଖି ଛିଡ଼ା ହେବାପାଇଁ ନିଇତି ସଂଘର୍ଷ କରୁଛି । ହୋଇପାରେ ଭାରତବର୍ଷ ଏକ ଆଧ୍ୟାତ୍ମିକ ସନ୍ଥ, ମୁନି, ଋଷିମାନଙ୍କର ଦେଶ; ପବିତ୍ର ପୁଣ୍ୟ ଭୂମିର ଦେଶ । ଯା' ମାନେ ନୁହେଁ ଯେ ଆମ ଗଣତନ୍ତ୍ରର ଆଧ୍ୟାତ୍ମିକ ଚିନ୍ତାକୁ ଦୃଷ୍ଟିରେ ରଖି ସେମାନଙ୍କର ଅସହାୟ ମନୋଭାବକୁ ଅକ୍ତିଆର କରି ଆମେ ଧର୍ମ ନାମରେ ରାଜନୀତି କରି ତାଙ୍କର ଧାର୍ମିକ ଚିନ୍ତାଧାରାକୁ ଏକ ରୂପ ଦେଇ ନିଜ ନିଜ ରାଜନୈତିକ ଦଳ ପ୍ରତି ସେମାନଙ୍କୁ ଆକର୍ଷିତ କରିବା । ଏହା କେଉଁ ସମ୍ବିଧାନରେ ଲେଖା ଅଛି ? ଆମ ସମ୍ବିଧାନ କହେ ଭାରତବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । କିନ୍ତୁ କୌଣସି ରାଜନୈତିକ ଦଳ ଏକଥା ଆଦୌ ବିସ୍ମରି ଯିବା ଉଚିତ ନୁହେଁ ଯେ ଭାରତୀୟମାନେ ଯଦିଓ ଆର୍ଥନୈତିକ ଦୃଷ୍ଟିକୋଣରୁ ଅଭାବ ଭିତରେ ରହି ପାରନ୍ତି, କ୍ଷୁଧାକୁ ଅନୁଭବ କରି ପାରନ୍ତି, ଅଶିକ୍ଷା ଅନ୍ଧକାରରେ ପ୍ରପୀଡ଼ିତ ହୋଇପାରନ୍ତି କିନ୍ତୁ ଆମର ବୌଦ୍ଧିକତା ଗଲା କୁଆଡ଼େ ? ଭାରତୀୟ ଗରିବ ହୋଇପାରନ୍ତି, କିନ୍ତୁ ଭାରତବର୍ଷ କଦାପି ଗରିବ ନୁହେଁ । ଏହା ସୁନାର ଦେଶ । ଭାରତ ହେଉଛି ଜ୍ଞାନର ଦେଶ । 'ଭା' ହେଉଛି ଜ୍ଞାନ; 'ରତ' ଅର୍ଥାତ ଯିଏ ଜ୍ଞାନରେ ରତ ସେ ଭାରତ ବର୍ଷ । ଏକ ଅଲୌକିକ, ଆଧ୍ୟାତ୍ମିକ, ଭଗବତ୍ ବିଶ୍ୱାସ ପ୍ରତି, ଭକ୍ତି ପ୍ରତି ଆମ ଭାରତବର୍ଷରେ ମାତ୍ରାଧିକ; ଲୋକ ଈଶ୍ୱର ବିଶ୍ୱାସୀ । ଆମ ସଂସ୍କୃତି ୫୦୦୦ ବର୍ଷର ସଂସ୍କୃତି । ଉପାସନା ଗୃହ, ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାରରେ ପରିପୂର୍ଣ୍ଣ ଭାରତବର୍ଷ । ଗୋଟିଏ ଦୁଃଖ ଆମର ଭୌତିକ ପ୍ରଗତିରେ ଆମେ ଯେତିକି ପ୍ରଗତି କରୁଛେ ନୈତିକତାରେ କିନ୍ତୁ ଆମେ ସେତିକି ସଚେତନ ନୁହେଁ । ଆମ ଧର୍ମ କହେ ମାନବ ସେବା ହିଁ ମାଧବ ସେବା ।

ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ଶିଶୁକନ୍ୟାକୁ ଅଳିଆଗଦାରେ ଫିଙ୍ଗୁଥିବାର ଚିତ୍ର ଆମ ପାଖକୁ ଆସୁଛି । ପରିତ୍ୟକ୍ତ ଅବସ୍ଥାରେ ତାକୁ ମୃତ୍ୟୁ ମୁହଁକୁ ଠେଲି ଦେଉଛୁ । ମହିଳା ସଶକ୍ତିକରଣ ନାମରେ ପ୍ରତ୍ୟେକ ରାଜନୈତିକ ଦଳ ଆଜି ଭୋଟ ବ୍ୟାଙ୍କ୍ ଖୋଲି ଆତ୍ମତୃପ୍ତି ପାଉଛି । ଆଜିର ଯୁବପିଢ଼ି ଆତ୍ମବିଶ୍ୱାସ ହରାଇ ଆତ୍ମହତ୍ୟାକୁ ବାଛି ନେଉଛି । ନାରୀ ସୁରକ୍ଷା କଥା ନ କହିଲେ ଭଲ । ପ୍ରତ୍ୟେକ ମୁହୂର୍ତ୍ତରେ ଝିଅଟିଏ ଦିବାଲୋକରେ ମଧ୍ୟ ବଳାତ୍କାରର ଶିକାର ହୋଇ ମୃତ୍ୟୁକୁ ଆପଣେଇ ନେଉଛି । ପ୍ରତ୍ୟେକ ମନ୍ଦିରରୂପୀ ବିଦ୍ୟାଳୟରେ ଆଜି ଦେବତାରୂପୀ ଶିକ୍ଷକ ନାହାନ୍ତି । ଆମ ସମାଜର ଜୀବନ୍ତ ଈଶ୍ୱର ବୃଦ୍ଧ ପିତାମାତା ଆଜି ଜରାଶ୍ରମରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି । ମହିଳାଟିକୁ ଆମେ ସମ୍ମାନ ଦେଇ ପାରୁନି । କିନ୍ତୁ ମନ୍ଦିରରେ ଦେବୀ ପ୍ରତିମାକୁ ଆମେ ହୀରାର ମୁକୁଟ ପିନ୍ଧାଇ ପାଟବସ୍ତ୍ର ପିନ୍ଧାଇ ନିଇତି ପୂଜାର୍ଚ୍ଚନାରେ ଲାଗି ପଡ଼ିଛୁ । ଗୁଡ଼ାଏ ଜରାଶ୍ରମ ଓ ଅନାଥାଶ୍ରମ ଖୋଲି ନିଜକୁ ସମାଜସେବୀ ଭାବେ ପରିଚୟ ଦେଇ ଗୁଡ଼ାଏ ବାହାସ୍ଫୋଟ ମାରୁଛୁ କହିଲେ ଭୁଲ ହେବ ନାହିଁ । ଏହା ଦ୍ୱାରା ଆମେ ନିଜେ ନିଜ ସହିତ

ଛଳନା କରୁନାହୁଁ ତ ଆଉ କଣ ? ସଭ୍ୟ ସମାଜର ଦ୍ୱାହି ଦେଇ ଯେତେ ସବୁ ଅସଭ୍ୟ, ବର୍ବରତା କାର୍ଯ୍ୟରେ ଲିପ୍ତ ରହୁଛୁ । ଭାରତ ବର୍ଷ ଭଳି ଏକ ପ୍ରଗତିଶୀଳ ପୁଣ୍ୟ ପବିତ୍ର ଜ୍ଞାନର ଦେଶରେ ଜନ୍ମ ହୋଇ ଏତେ ନିମ୍ନଗାମୀ ହୋଇ ପାରୁଛୁ କେମିତି ? ଅନେକ ସାମାଜିକ ସମସ୍ୟା ଥିବା ସତ୍ତ୍ୱେ ସେସବୁକୁ ଅଣଦେଖା କରି ମନ୍ଦିର ଓ ମୂର୍ତ୍ତି ଗଢ଼ିବାରେ ଆମେ ବ୍ୟସ୍ତ ରହି ଦେଶକୁ ଆଗେଇ ନେବାର ଯେଉଁ ଭିନ୍ନ ପ୍ରୟାସ ଜାରି ରଖିଛୁ, ସତରେ ତାହା କେତେ ଦୂର ସ୍ୱାଗତଯୋଗ୍ୟ ତାହା ଆମର ବୁଦ୍ଧିଜୀବୀମାନେ ଟିକିଏ ଚିନ୍ତା କରନ୍ତୁ ।

ଗୋଟିଏ ପଟେ ଭାରତବର୍ଷ ସାମରିକ କ୍ଷେତ୍ରରେ, ଅର୍ଥନୀତି କ୍ଷେତ୍ରରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗର୍ବ କରୁଥିବା ବେଳେ ଆଉ ଗୋଟିଏ ପଟେ ଅନ୍ଧବିଶ୍ୱାସ, ଅଶିକ୍ଷା, ପ୍ରଗତିରେ ବାଧା ସୃଷ୍ଟି କରୁଛି । ଦେଶର ତଥା ରାଷ୍ଟ୍ରର ଅନେକ ସମସ୍ୟା ଚାଷୀ ଆତ୍ମହତ୍ୟା, ଦାରିଦ୍ର୍ୟ ବେକାରୀ ସମସ୍ୟା, ନାରୀ ନିର୍ଯ୍ୟାତନା, ନିଶାନିବାରଣ, ଅନ୍ଧବିଶ୍ୱାସ, ଜାତିପ୍ରଥା, ଅହେତୁକ ମୂଲ୍ୟବୃଦ୍ଧି, ପରିବେଶ ପ୍ରଦୂଷଣ, ଖାଦ୍ୟ ସଂକଟ, ଦୁର୍ନୀତି, ଜଳବାୟୁ ପରିବର୍ତ୍ତନ ପ୍ରତି ଆମେ ଯେତିକି ଯତ୍ନଶୀଳ ହେବାକଥା ସେପରି ଦେଖା ଯାଉନାହିଁ । ରାଷ୍ଟ୍ରର ମୁଖ୍ୟ ସମସ୍ୟାଠାରୁ ଲୋକଙ୍କ ମ୍ଳାନ ହଟେଇ ଏବେ ଆମର ଅସହାୟ ରାଜନେତାମାନେ ଧର୍ମକୁ ନେଇ ରାଜନୀତି କରିବା ପ୍ରାୟତଃ ଆରମ୍ଭ କରି ଦେଇଛନ୍ତି କହିଲେ ଆଦୌ ଭୁଲ ହେବନାହିଁ । ଆମ ସହିତ ଆମ ପରିବେଶ ବା ବିଶ୍ୱ କିପରି ସୁରକ୍ଷିତ ହୋଇ ରହିବ ସେଥିପ୍ରତି ପ୍ରତ୍ୟେକ ଯତ୍ନଶୀଳ ହେବା ହିଁ ପ୍ରକୃତ ଧର୍ମର ମୌଳିକ ଲକ୍ଷ୍ୟ । ଧର୍ମର ମୂଳ ଉଦ୍ଦେଶ୍ୟ ହେଉଛି ଅହିଂସା । ଗୋଟିଏ ପଟେ ଆମେ ଚନ୍ଦ୍ରପୃଷ୍ଠରେ ପାଦ ଥାପି ଚନ୍ଦ୍ରାୟଣ ପ୍ରେରଣ କରି ଗର୍ବ ଅନୁଭବ କରୁଥିବା ବେଳେ ଆଉ ଗୋଟିଏ ପଟେ ଆମେ ଅନ୍ଧକାରମୟ ମଧ୍ୟଯୁଗକୁ ଫେରିଯାଇ ଅନ୍ଧବିଶ୍ୱାସକୁ ପ୍ରାଧାନ୍ୟ ଦେଉଛୁ । ସେହିଥିପାଇଁ ତ କାର୍ଲମାର୍କ୍ସ କହିଥିଲେ, ଧର୍ମ ହେଉଛି ଲୋକଙ୍କ ପାଇଁ ଅଫିମ । ଆମ ଦେଶରେ ଏହି ଅଫିମ ନିଶା ବଡ଼ ବ୍ୟାପକ ଭାବରେ ମାଡ଼ି ଚାଲିଛି । ପ୍ରକୃତ ସମସ୍ୟାଠାରୁ ଆମେ ଦୂରେଇ ଯାଇ ଲୋକଙ୍କୁ ବିଭ୍ରାନ୍ତ କରିଦେଇ ଅପାର ଆନନ୍ଦ ପାଉଛୁ । ଏବେ ମଧ୍ୟ ଆମେ ସ୍ୱର୍ଗଦ୍ୱାରରେ ଶବଦାହ କରୁଛୁ । ଗଂଗାରେ ଶବ ସଂସ୍କାର କରି ତାକୁ ଆବର୍ଜନାମୟ କରି ସାରିଲୁଣି । କଳାଗାଇ ଓ କୁକୁରକୁ ଖାଇବାକୁ ଦେଇ ପୁଣ୍ୟ ଅର୍ଜୁଛୁ । କ୍ଷମତା ଓ ପ୍ରାଚୁର୍ଯ୍ୟ ପଛରେ ଧାଇଁ ଅନ୍ଧବିଶ୍ୱାସକୁ ଆପଣେଇ ନେଇଛୁ । ଏହି ଦୌଡ଼ରେ ଆମର ଆତ୍ମବିଶ୍ୱାସକୁ ଆମେ ନିଜେ ନଷ୍ଟ କରି ସାରିଲୁଣି । ଯଦି ଆମେ ବୈଜ୍ଞାନିକ ମନୋଭାବ ପୋଷଣ କରି ଅନ୍ଧବିଶ୍ୱାସକୁ ଦୂରେଇ ଦେଇ ଲୋକଙ୍କ ସମସ୍ୟା ପ୍ରତି ସଚେତନ ନ ହେବା ତେବେ ଆମେ ପୁଣି ସେହି ଅନ୍ଧକାରମୟ ମଧ୍ୟଯୁଗକୁ ଫେରିଯିବା । ତେଣୁ ଗଣତନ୍ତ୍ରକୁ ସଚେତନ କରିବାକୁ ହେଲେ ଶିକ୍ଷା ପ୍ରତି ଆମକୁ ପ୍ରଥମେ ଦୃଷ୍ଟି ଦେବାକୁ ପଡ଼ିବ । ସେହିଥିପାଇଁ ନେଲସନ ମଣ୍ଡେଲା କହିଥିଲେ, "ସାରା ବିଶ୍ୱକୁ ବଦଳାଇବା ପାଇଁ ଏକମାତ୍ର ହତିଆର ହେଉଛି ଶିକ୍ଷା । ଯଦି ଦେଶବାସୀଙ୍କୁ ମୂର୍ଖ କରିବାକୁ ହୁଏ ତା'ର ଏକମାତ୍ର ଉପାୟ ଧର୍ମ ।

ତେଣୁ ରାଷ୍ଟ୍ରର ତଥା ରାଜ୍ୟର କୌଣସି ଧାର୍ମିକ ବିଚାର ରହିବା ଉଚିତ ନୁହେଁ । ରାଷ୍ଟ୍ରର ଉଦ୍ଦେଶ୍ୟ ହେଲା ନାଗରିକମାନଙ୍କୁ ସମାନ ଭାବରେ ଆଚରଣ ଦେଖାଇ ସେମାନଙ୍କୁ ସୁରକ୍ଷା ପ୍ରଦାନ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେମାନଙ୍କର ପ୍ରଗତି ପାଇଁ ଜନହିତକର କାର୍ଯ୍ୟ କରିବା । ଧର୍ମ ନିରପେକ୍ଷତା ହିଁ ଆମ୍ଭ ସମ୍ବିଧାନର ଆଭିମୁଖ୍ୟ । ପ୍ରାୟତଃ ଦେଖାଯାଇଛି ପାଶ୍ଚାତ୍ୟ ଦେଶମାନଙ୍କରେ ଆମେରିକା ଫ୍ରାନ୍ସରେ ସରକାରମାନଙ୍କର ଧର୍ମ ସହିତ କୌଣସି ସଂପର୍କ ନଥାଏ । ସେମାନେ କୌଣସି ଆର୍ଥିକ ସହଯୋଗ ମଧ୍ୟ କରନ୍ତି ନାହିଁ । ଧର୍ମନିରପେକ୍ଷ ରାଷ୍ଟ୍ରମାନଙ୍କରେ ଶାସକମାନେ ତାଙ୍କର ବ୍ୟକ୍ତିଗତ ସ୍ତରରେ ପୂଜାପାଠ ପ୍ରାର୍ଥନାଦି କରିପାରନ୍ତି । କିନ୍ତୁ ସାମୂହିକ ସର୍ବଜନସ୍ତରରେ କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ସେମାନଙ୍କୁ ଖୁବ୍ କମ୍ ଦେଖାଯାଇଥାଏ । କାରଣ ଦେଖାଯାଏ ଯେ ଯଦି ଗୋଟାଏ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ସରକାର ଭାଗ ଦିଅନ୍ତି ତେବେ ଦେଶର ତଥା ସମାଜର ଅନ୍ୟ ଲୋକମାନେ ନିଜକୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରନ୍ତି ।

ଏଇଠି ଗୋଟିଏ ଉଦାହରଣ ନିଆ ଯାଇପାରେ । ଆମ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୧ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କୁ ସୋମନାଥ ମନ୍ଦିର ଉଦ୍‌ଘାଟନ ଉତ୍ସବରେ ଯୋଗ ନଦେବାକୁ ପରାମର୍ଶ ଦେଇଥିଲେ । ଯଦି କୌଣସି ଦେଶର ତୁଙ୍ଗ ନେତା ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ନିଜର ଅନୁରକ୍ତି ବା ଉତ୍ସାହ ଭଲପାଇବା ଦେଖାନ୍ତି, ନିଶ୍ଚିତ ଭାବରେ ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ । ଆମେ କଦାପି ବିସ୍ମରି ଯିବା ଉଚିତ ନୁହେଁ ଯେ ଭାରତ ବର୍ଷ ଗୋଟିଏ ପ୍ରଗତିଶୀଳ, ଜନମଙ୍ଗଳ, ଧର୍ମନିରପେକ୍ଷ ରାଷ୍ଟ୍ର । ଧର୍ମ ନିରପେକ୍ଷତା ହିଁ ଭାରତର ସଭ୍ୟତା ସଂସ୍କୃତିକୁ ଏକ ବଳିଷ୍ଠ ଖ୍ୟାତି ସଂପନ୍ନ ଅବଦାନ । ଇତିହାସର ପୃଷ୍ଠାରେ ଏମିତି ଅନେକ ରାଜନେତା ଯଥା ସମ୍ରାଟ ଅଶୋକ, ଆକବର ଓ ଜାତିର ପିତା ମହାତ୍ମା ଗାନ୍ଧୀ କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରସାର ନ ଘଟାଇ ଭିନ୍ନ ଭିନ୍ନ ଧର୍ମର ପ୍ରଚାର ପ୍ରସାର କରାଇଥିଲେ । ଧର୍ମନିରପେକ୍ଷତା, ସତ୍ୟ, ଅହିଂସା, ସହିଷ୍ଣୁତା ହିଁ ଆମର ଧର୍ମ ହେବା ଆବଶ୍ୟକ । ଗଣତନ୍ତ୍ରର ସମସ୍ୟା ପ୍ରତି ସଚେତନ ହୋଇ ଦେଶକୁ ଧର୍ମରୁ ଊର୍ଦ୍ଧ୍ୱକୁ ନେଇ ଅଜ୍ଞାନ, ଅନ୍ଧକାର, କ୍ଷୁଧା, ଅନ୍ଧବିଶ୍ୱାସରୁ ମୁକ୍ତିକରି ଦେଶକୁ ପ୍ରଗତି ପଥରେ ଆଗେଇ ନେଇ ବିକାଶଶୀଳ ରାଷ୍ଟ୍ରରୁ ବିକଶିତ ରାଷ୍ଟ୍ରରେ ରୂପାନ୍ତରିତ କରିବା ଦେଶର ଶାସକ ଏବଂ ଉଭୟ ଜନସାଧାରଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଆବଶ୍ୟକ ।

ଦୂରଭାଷ : ୯୮୫୩୩୫୦୩୮୪

ISSN -2583-147X (P), Vol.- 9, Issue No.XII, March 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଚାରିକାନ୍ଧ

ଭାଗିରଥୀ ବେହେରା

ଆଖିରେ ଆଖିଏ ଲୁହ ନେଇ ମାୟା ଘରୁ ବାହାରିଗଲା । କୁଆଡ଼େ ଯିବ ସେ ! ଛାତି ଉପରେ ଗାମୁଛାଟିକୁ ଆଉ ଟିକେ ଘୋଡ଼େଇ ଦେଇ ପାଦ ବଢ଼େଇଲା ମଶାଣି ଆଡକୁ । କେତେ ଆଉ ସେ ଗାଳି ଅପମାନ ସହିବ । ପର ତ ପର, ନିଜର ଘରଲୋକ ହିଁ ତା ମାନ ଇଜ୍ଜତକୁ ନିଲାମ କରୁଛନ୍ତି । ମଶାଣୀ ପାଖ କୁଅରେ ଡେଇଁ ଆଜି ଜୀବନ ହାରିବ ସେ ।

"ମାୟାଧର ! ମାୟାଧର !... ସକାଳ ବେଳଟାରେ ଏମିତି ଧାଉଁଛୁ କୁଆଡେ !"

ଚମକି ଗଲା ମାୟା । ସାରା ଗାଁ ତାକୁ ମାୟା ବୋଲି ଡାକନ୍ତି । ମାୟା ! ମାଇଚିଆ । କେବଳ ସୁବଳ ହିଁ ତାକୁ ମାୟାଧର ବୋଲି ଡାକେ । ସେଥିପାଇଁ ସେ ତାକୁ ଭାରି ଭଲପାଏ ।

ଇଆଡ଼େ ସେଆଡ଼େ ଅନେଇଲା । ମଶାଣୀ ରାସ୍ତାର ବାଆଁ ପଟେ ଏକ ନିଛାଟିଆ କୋଠା ଆଗରେ ନିମ୍ବଗଛ ମୂଳେ ଠିଆ ହୋଇଥିଲା ସୁବଳ । ଭାବିଲା ମରିବା ପୂର୍ବରୁ ଟିକେ ସୁବଳକୁ ଭେଟିନେବି । କିନ୍ତୁ ସେ ତା ଆଡକୁ ପାଦ ବଢ଼େଇ ପାରିଲାନି ।

ଇସ୍ ! କି ଭୁଲ କଲା ସୁବଳ । ଏତେ ବଡ଼ ଗାଁରେ ତାକୁ ଆଉ କେଇଁ ଜାଗା ମିଳିଲା ନାହିଁ ଯେ ସେ ଅଭିଶପ୍ତ ପରିତ୍ୟକ୍ତ କୋଠା ପାଖରେ ଠିଆ ହୋଇଛି । ତାକୁ କ'ଣ ରୋଗ ବ୍ୟାଧିର ଡର ନାହିଁ । ଗାଁ ଲୋକ ଜାଣିଲେ ଏକଘରିଆ କରି ନେବେ ତା' ପରିବାରକୁ ।

ମାୟା ଦେଖୁଛି କାଠ ଗେଟ୍ ଖୋଲି ବାର୍ଦ୍ଧକ୍ୟର ମାଡ ସହୁଥିବା ମାଗୁଣି ବୁଢ଼ା ବାହାରିଲା । ଦେହ ଥରିଗଲା ମାୟାର ।

"ସୁବଳରେ ଓ ସୁବଳ ! ଆରେ ଧାଇଁ ପଳିଆସ ସେଠୁ । ବୁଢ଼ା ବାହାରିଲାଣି । ତୋତେ କୁଷ୍ଠ ରୋଗ ମାଡି ବସିବ ।"

ମାୟାର ଏମିତି ପାଟିରେ ମାଗୁଣି ବୁଢ଼ା ଭିତରକୁ ଫେରିଗଲା ସିନା, ନିମ୍ବଗଛ ମୂଳୁ ସୁବଳ ଟସ କି ମସ୍ ହେଲା ନାହିଁ ।

ମାୟା କିଛି ଭାବିପାରିଲା ନାହିଁ । ମରିବାକୁ ଯିବ, ନା ସୁବଳକୁ ମରିବାକୁ ଦେବ । ଶେଷରେ ସେ ସୁବଳ ଆଡ଼କୁ ପାଦ ବଢ଼େଇଲା ।

ସୁବଳ ଆଖିରେ ଲୁହ ଦେଖି ମାୟାର ଲୁହ ଶୁଖିଲା । ଯେମିତି ସେ ଭୁଲିଗଲା ଯେ, ମରିବାକୁ ଆସିଥିଲା ।

– "କ'ଣ ହେଲା କି ? କାହିଁକି କାନ୍ଦୁଛୁ ? ଏଠୁ ଚାଲ ! ଆଉ କୋଉଠି ବସି କଥା ହେବା ?"

– "ତୁ କୁଆଡେ ଯାଉଥିଲୁ କି ଏ ଆଖି ଅନ୍ଧାରରେ ?"

– "ମରିବାକୁ ।" ଅଭିମାନରେ କହିଲା ମାୟା । ଚମକି ଉଠିଲା ସୁବଳ ।

– "କ'ଣ ପାଇଁ ? କାଲି ତ କେଡେ ସୁନ୍ଦର ଗୁଲୁଗୁଲିଆ ହିରୋଇନ୍ ପାର୍ଟି କରିଥିଲୁ ଯେ, ଗାଁ ଯାତ୍ରାରେ କେତେ ତାଳି ତୋ ପାଇଁ । ଦେଖିବୁ ଥା' । ଦିନେ ବଡ ଯାତ୍ରାପାର୍ଟିର ଅଫର ଆସିବ ତୋ ପାଖକୁ ।"

– "କହନା ସେ ରଇଜଳା ଗାଁ ଯାତ୍ରା କଥା । କେତେ କଷ୍ଟ କରି ମୁଁ ଅଭିନୟ କରିଥିଲି । ଏଇ ପାଞ୍ଚ ଖଣ୍ଡ ଗାଁ ଜାଣିଛନ୍ତି ସ୍ତ୍ରୀ ଚରିତ୍ରରେ ମୁଁ କେତେ ଭଲ ଅଭିନୟ କରିଥାଏ । ବଡ ବଡ ହିରୋଇନ୍ ବି ମୋ ମେକପ୍ ପାଖରେ ଫେଲ୍ । କିନ୍ତୁ ଲାଭ କ'ଣ ? କାଲିର ତାଳି ହ୍ୱିସିଲ୍, ଟଙ୍କା ପ୍ରାଇଜ୍, ଫୁଲମାଳ କ'ଣ ତାଙ୍କ ଆଖିରେ ଦେଖାଗଲା ? ସକାଳଠୁ ଆରମ୍ଭ ମାଡି ତାଳି ଅପମାନ । ତାହା ସହ ସାନଟା ଟିକେ ଡରୁଥିଲା ଯେ ସିଏ ବି ପାଟି ଖୋଲୁଛି ।" ଆଖି ଛଳ ଛଳ କରି କାନ୍ଦି ପକେଇଲା ମାୟା । କୋହ ଭର୍ତ୍ତି ହୋଇଥିଲା କଣ୍ଠରେ ।

ତା ପିଠିକୁ ଆଉଁସି ଦେଲା ସୁବଳ । କହିଲା- "ଆରେ ପିଲାବେଳୁ ତ ତୋର ଏ ଜୀବନ । ନୂଆ କଥା କ'ଣ କହ । ଏଥିପାଇଁ କ'ଣ ମରିବୁ ? ପାଗଳଟା !"

– ଛି ! କି କଥା ! ସକାଳୁ ସକାଳୁ ଦୁଇଟା ହିଜଡା ଆସି ବସିଛନ୍ତି ଦୁଆରେ । ତାଙ୍କ ସମାଜରେ ମିଶେଇବେ ବୋଲି ବା ଡାକିଛି । ସମସ୍ତଙ୍କର ସନ୍ଦେହ ମୁଁ ଅଣ୍ଡିରା ନୁହଁ । ମାୟା ! ମାଇଚିଆ । ଛକା ଦୁଆରେ ପକେଇ ରହିଲି । ଏବେ ସୁଯୋଗ... ଧାଇଁଛି । କୌଣସି ବାପା ଏମିତି କେମିତି କରିପାରିବ । ଛକା ବି ତ ଈଶ୍ୱରଙ୍କ ସନ୍ତାନ । କିନ୍ତୁ ମୁଁ ତ ହଜି ମୋ ନୁହଁ । ପୁଅ ପିଲାଟେ ହୋଇ ଝିଅପିଲା ଅଭିନୟ କରିବାର କ'ଣ ଏ ଦଣ୍ଡ ?" ଆଉ ଥରେ ଲୁହ ପୋଛିଲା ମାୟା ।

– "ହଉ ଛାଡ଼ ମୋ କଥା । ତୁ ତ ଜାଣିଛୁ ମାଗୁଣି ଆଇ ତ କୁଷ୍ଠରୋଗରେ ପୀଡ଼ିତା । ଗାଁ ବାଲା ଗାଁରୁ ତଡ଼ିବାରୁ ଏମାନେ ଏଇଠି ନିଜ ପୁରୁଣା କୋଠରୀରେ ଆଶ୍ରୟ ନେଇଛନ୍ତି । ସମସ୍ତେ ଜାଣିଲେ ତୋ ପରିବାରକୁ ହୀନସ୍ତା କରିବେ । ଏକଘରିଆ କରିବେ । ଏଇଠି କାହିଁକି ବସିଛୁ ?"

ମାୟାର ଏ ପ୍ରଶ୍ନରେ ସୁବଳୟର ମୁହଁ ମୁହଁ ଅନ୍ଧାରଠୁ ଅଧିକ ଗାଢ଼ ଓ ବିଷର୍ଣ୍ଣ ଦେଖାଗଲା ।

– "କ'ଣ କରିବି ? ତୁ ତୋ ମୋ କଥା ଜାଣିଛୁ । ମା' ମଲାପରେ ବାପା ସୁଖ ଟିକେ ପାଇଁ ଦ୍ୱିତୀୟ ମା' ଆଣିଲେ । ତଥାପି କି ସୁଖ ପାଇଲେ । ପୁରା ଗାଁ ଜାଣିଛି ଦାଣ୍ଡରେ ସେମାନଙ୍କ ଝଗଡା । ଏ ଭିତରେ ମୋର ବେକାରୀ । ପୁଣି ମୋ ମୁଣ୍ଡରେ ସମାଜ ସେବାର ଭୁତ । ହେଲେ ଅଳ୍ପଦିନ ହେଲା ସାବତ ମା'ର ପୁଅମାନେ ମୋ ସାନ ଚାକିରୀ ପାଇଗଲା । ସାନ ଭାଇ ମୋ ଉପରେ ହାତ ଉଠେଇବାକୁ ଚେଷ୍ଟା କଲା । ବାପା ସେଇଠି ଠିଆ, ପଦେ କହିଲେ ନାହିଁ । ଧିକ୍ ଏ ଜୀବନ । କୁଆଡ଼େ ଯିବି ? କେଉଁଠିକୁ ଯିବି ? ଭାବିଛି ଆଉ ଘରକୁ ଫେରିବନି । ଏଣୁ ଏଇ ନିମ୍ବ ଗଛ ତଳେ ବସିଛି । ଯେତେବେଳେ ଜୀବନରେ ଏତେ ଦୁଃଖ ଯନ୍ତ୍ରଣା, ସେତେବେଳେ କି ଘର, କି ଗାଁ, କି ବାସନ୍ଦ, କି କୁଷ୍ଠରୋଗରେ ।"

ମାୟା ଓ ସୁବଳ ଗୋଟିଏ ନାଆରେ ଦୁଇ ସବାରୀ । ବେକାରୀ ଓ ପାରିବାରିକ ସମସ୍ୟାର ମାଡ଼ରେ ଦୁହେଁ ଆହତ ।

ମୁହଁ ଅନ୍ଧାର ଭିତରେ ବି କିଏ ଜଣେ ଧାଇଁ ଆସିଲା ତାଙ୍କୁ ଆଡ଼କୁ । ଧାଇଁ ସେ ପଳେଇଲା ପରିତ୍ୟକ୍ତା କୋଠା ପଛକୁ । କିଛି ବୁଝି ପାରୁନଥିଲେ ଦୁହେଁ ।

ଗାଳି ଶୁଣି ଘରୁ ବାହାରିଲା ବେଳକୁ ସୁବଳ ଫୋନ୍ କରିଥିଲା ମାର୍କଣ୍ଡକୁ ଟିକେ ମିଶିବା ପାଇଁ । ତା ସହ କହିଥିଲା ରାଜୀବକୁ ବି ଧରି ଆସିବ । ଆଜିକାଲି ରାଜୀବ କୁଜି ରାଜନେତାଙ୍କ ପାଲରେ ପଡି ଭୁଲ୍ ରାସ୍ତାରେ ଯାଉଛି । ଫୋନ୍ ଲଗେଇଲା ସେ ମାର୍କଣ୍ଡକୁ । ସେପଟୁ ଉତ୍ତର ଆସିଲା ସେ ଏବେ ପୋଲିସ୍ ଷ୍ଟେସନ୍‌ରେ । ଅବଶ୍ୟ ଚିନ୍ତା କରିବାର ନାହିଁ । ଅଳ୍ପ ସମୟ ପରେ ପହଞ୍ଚିବ ।

ପ୍ରାୟ ଦୁଇଘଣ୍ଟା ପରେ ମାର୍କଣ୍ଡ ପହଞ୍ଚିଲା । ରାତିର ଅନ୍ଧାରରେ ସେ ଯାହା କହିଲା, ଗାଳି ପଡ଼ିଲେ ମାୟା ଓ ସୁବଳ ।

ଗାଁର କୁଜି ନେତା ଶଙ୍କର ନିଜର ରାଜନୀତି ଫାଇଦା ଉଠେଇବା ପାଇଁ ଛୋଟ ଛୋଟ ରାସ୍ତା, ଘର କାମ, ପୁଣି ହାଉସିଂ ସ୍କିମ୍ ଆରମ୍ଭ କଲା । ସହଜରେ କରିବା ପାଇଁ ବେକାରୀ ଯୁବକଙ୍କ ବଳ କରି ଗୁଣ୍ଡା ହେବାର ପାଉାର ଦେଖେଇବା ପଡ଼ିଲା । ରାଜୀବ ସେମାନଙ୍କ ପିଲାବେଳର ସାଙ୍ଗ । ଅଧାରୁ ପାଠ ଛାଡ଼ିଲା । ବାରମ୍ବାର ଫେଲ୍ ହେଲା । କେତେଥର ତା ପାଇଁ ଛୋଟ ମୋଟ କାମ ଯୋଗାଡ଼ କରିଛନ୍ତି । କିନ୍ତୁ ରାଜୀବକୁ ଦରକାର ଥିଲା ବିନା କାମରେ ପଇସା, ତାହା କଲା ଶଙ୍କର ।

ମଦପାଣି ଦେଇ ଭୁଲ ରାସ୍ତା ଦେଖେଇଛି । କେବେ ଟେଣ୍ଡର, ଗୁଣ୍ଡାଗିରି ଆଦିରେ ସାମିଲ୍ କରିଛି । ଆଜି ଗୋଟିଏ ଝଗଡ଼ାରେ ଜଣଙ୍କର ଅବସ୍ଥା ଭାରି ଖରାପ । ଯେଉଁମାନେ ଶଙ୍କର ପାଇଁ ବାଡେଇଛନ୍ତି ଫେରାର୍ । ଜଣେ ଦି ଜଣେ ଥାନାରେ । ସେମାନଙ୍କ ସାଙ୍ଗ କିଏ ପଚାରିବାରୁ ସେମାନେ ରାଜୀବର ନାଁ ଦେଇଛନ୍ତି ।

ଥାନା ଅଧିକାରୀ ମାର୍କଣ୍ଡ ବାବାଙ୍କ ବନ୍ଧୁ । ସେ ଖବର ଦେବା ପରେ ମାର୍କଣ୍ଡ ରାଜୀବ ଘରକୁ ଯାଇଥିଲା । ସେମାନେ କହିଲେ ତାଙ୍କ ପାଇଁ ସେ ମରିଗଲ । ଯେଉଁଠି ଟିକିଏ ସୁଖ ଶାନ୍ତି ପାଇଁ ଏତେ ସଂଘର୍ଷ କରିବାକୁ ପଡ଼େ, ସେଇଠି ଏମିତି ବେକାର ଉତୁପାତିଆ ପୁଅର ଦାୟିତ୍ୱ କିଏ ନେବ । ବାଧ୍ୟ ହୋଇ ମାର୍କଣ୍ଡ ପୋଲିସ୍ ଥାନାକୁ ଯାଇ ରାଜୀବର ନାଁ ଯେମିତି ନ ଆସିବ କହିଲା । ଇଆଡ଼େ ରାଜୀବର ଦେଖା ସାକ୍ଷାତ ନାହିଁ । ଯଦି ସେ ବେଶୀ ସମୟ ଏମିତି ଲୁଚିରହେ ଆହୁରି ଅଧିକ ଫସିବ । ସନ୍ଦେହ ଆହୁରି ବଢ଼ିବ ।

ସବୁ ଶୁଣିବା ପରେ ଦୀର୍ଘ ନିଶ୍ୱାସ ମାରିଲେ ଗାଁର ତିନିଜଣ ବେକାରୀ ଯୁବକ ଓ ବାଲ୍ୟକାଳର ବନ୍ଧୁ ।

ଗାଁ ଯେତିକି ବଢୁଛି ସହର ଆଡ଼କୁ, ସହର ତୀବ୍ର ଗତିରେ ବଢୁଛି ଗାଁ ଆଡ଼କୁ । ଯେମିତି ସହରର କଂକ୍ରିଟ୍ ଭିତରେ ଅଣନିଃଶ୍ୱାସୀ ଛଟପଟ ହେଉଥିବା ବାସିନ୍ଦା ପବନ ଆସୁଥିବା ଝରଖାଟିଏ ପାଇଁ ଧାଉଁଛନ୍ତି ଗାଁ ଆଡ଼କୁ ।

ଏମିତି ପାଞ୍ଚ ଖଣ୍ଡ ସାହିର ଗାଁରେ ବଂଚୁଥିଲେ ଏ ଚାରି ସାଙ୍ଗ । ଜୀବନର ତାଡ଼ନାରେ ଓ ସମୟର ଖେଳରେ ଆଜି ସେହି ଜାଗାରେ ବସିଛନ୍ତି, ଯେଉଁଠିକୁ ଆସିବାକୁ ବାକୀ ।

– "ହଇରେ ! ତୁମ ମାନଙ୍କୁ ଆଉ କେଉଁ ଜାଗା ମିଳିଲା ନାହିଁ ଏଇଠି ନିଷିଦ୍ଧ ଇଲାକାରେ ବସିଛ ?"

ମାର୍କଣ୍ଡର ଏ ପ୍ରଶ୍ନରେ ସୁବଳ ଓ ମାୟା ଚାହାଁଚାହିଁ ହେଲେ । ସେ ଅନ୍ଧାରରେ କିବା ମୁହଁ ଦେଖାଯାଉଛି । ଦୁହେଁ କିନ୍ତୁ ନିଜର ଦୁଃଖ କହିପାରିଲେ ନାହିଁ ।

ପିଲାବେଳୁ ବାପା ମା' ଛେଉଣ୍ଡ ମାର୍କଣ୍ଡ । ଚାରି ଭଉଣୀର ଭାର ତା ଉପରେ । ନିହାତି ଗରିବ । ଭଲ ପାଠ ଟିକି ପଢ଼େ ବୋଲି ଲାଗୁଛି ଚାକିରୀଟିଏ ପାଇଟିବ । ଇଣ୍ଟରଭ୍ୟୁ ଦେଇ ଦେଇ ଥକିଲାଣି । ଲାଞ୍ଚ, ରିଜର୍ଭେସନ୍, ସିପାରିଶ୍ ଭଲପାଠ ଓ କାର୍ଯ୍ୟ ଦକ୍ଷତାକୁ ଯେମିତି ଫିକା କରି ଦେଉଛି ।

– "ତୁ ଆମ କଥା ଛାଡ଼ ! ତୋର ଆଜି ସାକ୍ଷାତକାର ଥିଲା ? କ'ଣ ହେଲା ?" ପଚାରି ବସିଲା ମାୟା ନିଜକଥା ଲୁଚେଇ ।

– "ଯାଇ ପାରିଲି କେଉଁଠି । ଥାନାରେ ଦିନ କଟିଲା । ମନରେ ଦୁଃଖ ନାହିଁ । ଅନ୍ତତଃ ରାଜୀବ ମିଶିଥାଆନ୍ତା କି ? ଏ ଜୀବନରେ କିଛି ତ ନାହିଁ ତମମାନଙ୍କ ଛଡ଼ା । ଘର ଦ୍ୱାରା ସୁଖ, ସମ୍ପତ୍ତି, ପରିବାର, ମାନମହତ, ଚାକିରି ନଥିଲେ ନଥାଉ । ଅନ୍ତତଃ ତୁମେମାନେ ତ ଅଛ ।" ଅତି ଦୟନୀୟ ସ୍ୱରରେ କହିଲା ମାର୍କଣ୍ଡି ।

ତା କଥା ସରୁସରୁ ଅନ୍ଧାରରେ କିଏ ଜଣେ ଯେମିତି କୁଣ୍ଢେଇ ପକେଇଲା ମାର୍କଣ୍ଡିକୁ । ସବୁ ଜାଣିଲେ ସେ ରାଜୀବ । ସୁବଳ ଓ ମାୟା ଦୁହେଁ ଜାଣିପାରିଲେ ଅନ୍ଧା ଭିତରେ ଧାଇଁ କୋଠା ପଛପଟେ ଲୁଚିଥିବା ବ୍ୟକ୍ତି ତେବେ ରାଜୀବ । କାନ୍ଦି କାନ୍ଦି ସେ କହିଲା – ମୁଁ ସେ ଗଣ୍ଡଗୋଳ ଆଡକୁ ଯାଉଥିଲି । ଶଙ୍କର ଆନା ଡାକିଥିଲେ । କିନ୍ତୁ ସେତେବେଳକୁ କେତେ ପିଲା ମୋ ଆଡ଼କୁ ଧାଉଁଥିଲେ । ଜଣାପଡିଲା ଯେ କିଏ ଜଣେ ଗୁରୁତର ଆହତ ହୋଇଛି । ପୋଲିସ୍ ଆସୁଛି । ତେଣୁ ମୁଁ ଧାଇଁଲି । କୁଆଡେ ଯିବି ! ତେଣୁ ଏହି କୋଠାଠୁ ସୁରକ୍ଷା ସ୍ଥାନ ଆଉ ମିଳିଲା ନାହିଁ । ଭାବିଥିଲି ରାତି ଘନ ହେଲେ ଘରକୁ ଫେରିବ । କିନ୍ତୁ ହାୟରେ ଭାଗ୍ୟ ! ମାର୍କଣ୍ଡ ଯାହା କହିଲା ମୋ ଘର ମୋତେ ଆଉ ନିଜର ମାନୁ ନାହାନ୍ତି । ଧିକ୍ ଏଇ ଜୀବନ । ତାଠୁ ଭଲ ସେ ମଶାଣୀ କୂଅରେ ଡେଇଁ ମରିଯାଆନ୍ତି ।"

ରାଜୀବର ଏତିକି କଥାରେ ସୁବଳର ଛାତି ଥରିଗଲା । ସେ ଭିଡ଼ିଧରିଲା ମାୟାର ହାତମୁଠାକୁ । ମାୟା ଆଉଟିକେ ପାଖେଇ ଆସିଲା ମାର୍କଣ୍ଡ ଆଡକୁ ।

କିଛି ଚିନ୍ତାକରି ପାରିଲେନି ଚାରିବନ୍ଧୁ । ପାଖରେ ପଇସା ନାହିଁ । ପରିବାରର ସହଯୋଗ ନାହିଁ । ଜୀବନ ନିର୍ବାହ ପାଇଁ କାମ ନାହିଁ । ପୁଣି ଜନ୍ମମାଟି ଛାଡ଼ି କୁଆଡେ ଯିବେ ? ଏଇଠି ଜନ୍ମିଛନ୍ତି, ଏଇଠି ମରିବେ, ନହେଲେ କେମିତି ମିଳିବ ସ୍ୱର୍ଗ ।

ସଂପୂର୍ଣ୍ଣ ନୀରବତା ଭିତରେ ଜଡ଼ ହୋଇ ରହିଲେ ଚାରୋଟି ପ୍ରାଣ ସେ ନିମ୍ବଗଛ ତଳେ ନିର୍ବାସିତ, ନିର୍ବାପିତ କୁଷ୍ଠ ଦମ୍ପତ୍ତି ରହୁଥିବା ପରିତ୍ୟକ୍ତ କୋଠା ପାଖରେ ।

ରାତିର ଛାତି ଫଟେଇ ହଠାତ୍ ଚିତ୍କାର ଶୁଭିଲା ବୁଢ଼ା ମାଗୁଣିର । କୁଆଡେ ଚାଲିଗଲୁ ଲୋ ମୋ ସାବି, ପାଟି ଆଦରି ବୁଢ଼ା ଧାଇଁଲା ଗେଟ୍ ଖୋଲି ସେ ଅନ୍ଧାର ଭିତରେ ଗାଁ ଆଡକୁ ।

ଥରି... ସେ ଅନ୍ଧାର ରାତି । ଫଡ଼ ଫଡ଼ ଉଡ଼ିଲି ଗଛର ଚଢ଼େଇ ଓ ବାଦୁଡ଼ି । ଭୟାଭୟ ବାତାବରଣରେ ସ୍ଥାଣୁ ପାଲଟି ଥିଲେ ଚାରି ବନ୍ଧୁ ।

ମାଗୁଣି ବୁଢ଼ା ଗାଁ ଆଡ଼କୁ ଧାଇଁଛି । ସେମାନଙ୍କର ଆଉ ବୁଝିବାର ଅଭାବ ନଥିଲା ଯେ ମାଗୁଣି ଆଇ ଆଉ ସଂସାରରେ ନାହାନ୍ତି । ନା ସେମାନେ ଡରରେ ଭିତରେ ପଶି ପାରିଲେ, ନା ଗାଆଁ ଆଡ଼କୁ ଧାଇଁ ପାରିଲେ । ଅଳ୍ପକେ ଗାଁ ଲୋକ ଆସିଲେ ଏମାନେ ଧରା ପଡ଼ିବେ । ଇଆଡ଼େ ପଡ଼ିଛି ଏକ ଶବରୀ ଯାହା ସେମାନେ ଜାଣି ନାହାନ୍ତି ମରିଛି କି, ବଂଚିଛି ।

x x x

ସକାଳ ଯାଇ ସନ୍ଧ୍ୟା ହେଲାଣି, ମାଗୁଣି ଅଜା ସେଇମିତି ଗେଟ୍ ପାଖରେ ବସିଛି ଜଡମୁଦ୍ରା ପରି । ମଶାଣୀ ପାଖରେ ଗାଁ ଲୋକ ଭିଡ଼ । କିଏ ନେବ ଶବକୁ । ପଚାଶ ହାତରେ ଦୂରେ ମାଗୁଣି ଅଜାର ଏଇ ପ୍ରିୟ ଗାଁ ଭାଇ, କିଏ ପାଖକୁ ଆସୁନି ।

ସେହି ନିମ୍ବଗଛ ପାଖରେ ବସିଥାନ୍ତି ଚାରିବନ୍ଧୁ । ଘରକୁ ଫେରିବାର ନାହିଁ । ଏବେ ଏକଘରିଆ ବାସନ୍ଦ ହେବା ନିଶ୍ଚିତ । ଭୁଟଭୁଟା ଆରମ୍ଭ ହେଲାଣି ଯେ ଯଦି ଏମାନଙ୍କ ପରିବାର ଏମାନଙ୍କୁ ଘରେ ପୁରାନ୍ତି ତେବେ ଗାଁ ଲୋକ ସେମାନଙ୍କୁ ଗାଁରେ ରଖେଇ ଦେବେନି । ସରକାରୀ ସାହାଯ୍ୟ, କେବଳ ପ୍ରହସନ ଓ ଅପହଂଚ ।

ସୁବଳ ଉଠି ଠିଆ ହେଲା । ତିନିଜଣ ତା ମୁହଁକୁ ତାଟକା ହୋଇ ଚାହିଁଲେ ।

– "ଆରେ ଏମିତି କ'ଣ ଚାହିଁଛ ମୋ ଆଡକୁ । କେଉଁ ପ୍ରକାର ପୃଥିବୀରେ ଆମେ ବଂଚୁଛୁ ଏବେ ? ବଂଚିଥିଲା ବେଳେ

ତ କିଏ ଏମାନଙ୍କର ହେଲେ ନାହିଁ ମୁଁ ବୁଝୁଛି। ମଲା ପରେ ବି ଶବଟିକୁ ତାର ସମ୍ମାନ ଟିକକ ମିଳିପାରୁ ନାହିଁ, ଛି ! ଯୁଗ କେଉଁଠି ପହଞ୍ଚିଲାଣି । ଅନ୍ଧ ବୁଝାମଣା ଓ ମୂର୍ଖତା ଏବେ ବି ସମସ୍ତଙ୍କୁ ଡରେଇ ରଖିଛି । ଏବେ ମୋର ଆଉ କେହି ନାହିଁ । ଯେଉଁ ମଶାଣୀରେ ମରନ୍ତା ଶରୀର ପୋଡ଼ା ହେବା କଥା, ସେଠି ଜୀଅନ୍ତା ମଣିଷ ଠିଆ ହୋଇ ଦେଖୁଛନ୍ତି । ମଣିଷପଣିଆ ସଂପର୍କ, ସ୍ନେହ ପ୍ରେମ, ନିଃସ୍ୱାର୍ଥପରତା ସବୁ ବହିର ଛାପା ଅକ୍ଷର । ଅନ୍ତତଃ ମୋର ଏ ବେକାର ଜୀବନଟା କାହା କାମରେ ଲାଗୁ । ଯାଉଛି ମାଗୁଣି ଅଜାଙ୍କ ପାଖକୁ ।" ଏତିକି କହି ସୁବଳ ଆଡଗକୁ ବଢ଼ିଲା । ତା ପଛେ ପଛେ ତିନି ବନ୍ଧୁ ।

ଅନେକ ବର୍ଷ ପରେ କାନ୍ଧରେ କେଉଁ ମଣିଷର ସ୍ପର୍ଶ ପାଇ ପଥର ଦେହରେ ପ୍ରାଣ ସଂଚରିଲା ବୃଦ୍ଧ ମାଗୁଣି ଦେହରେ । ବିକଳ ହୋଇ ଅନେଇଲା ବୃଦ୍ଧା ସ୍ତ୍ରୀର କଳାକାଠ ପଡ଼ି ଯାଇଥିବା ମୃତ ଶରୀର ଆଡ଼କୁ ।

– "କି ପାପ କରିଥିଲି କେଜାଣି ମୁଁ ମୋ ପାଖରେ କିଏ ବି ଠିଆ ହେଉ ନାହାନ୍ତି ସାହାଯ୍ୟ ପାଇଁ । କି ଦୁର୍ଭାଗ୍ୟ ସାବିର ଯେ, ଚାରିକାନ୍ଧ ବି ମିଳିପାରୁନି ସ୍ୱର୍ଗଦ୍ୱାର ପାଇଁ । ମୋତେ ବି ଦଇବ ମାରି ଦିଅନ୍ତା କି । କି ଛାର ରୋଗ ଗୋଟେ ଆମ ଜୀବନକୁ ତଳିତଳାନ୍ତ କରିଦେଲା ।" ବୁଢ଼ା କାନ୍ଦୁଥିଲା ।

– "ଅଜା ! ଏମିତି କାହିଁକି ଭାବୁଛୁ ! ଏବେ ବି ସମାଜରେ ବଂଚିଛି ମାନବିକତା । ଆମେ ଜାଣିଛୁ ଏମିତି ଏକ ସଂସ୍ଥା, ଯିଏ ବେସହରା, ଏକୁଟିଆ, ଗରୀବ ମାନଙ୍କ ମରଶରୀରକୁ ଶେଷ କ୍ରିୟା ବଡ଼ ସମ୍ମାନର ସହ କରନ୍ତି । ତୁମେ ରାଜି ହେଲେ ଆମେ ସାହାଯ୍ୟ କରିବୁ ।"

ଲଣ୍ଠନର ଆଲୁଅ ଭିତରେ ତିନି ବନ୍ଧୁ ମାର୍କଣ୍ଡର ମୁହଁକୁ ଅନେଇଲେ । ବୃଦ୍ଧ ମାଗୁଣି ଅଜା ଆଉ ଟିକେ ବିକଳ ହୋଇ କାନ୍ଦି ପକେଇଲା ।

ଲୋକବାକ ଆଉ ଭିଡ ଜମେଇ ନାହାନ୍ତି, ଯିଏ ଯା ବାଟରେ ଗଲେଣି । ଗାଁ ଟାଉଟର ମାମୁଲତକାର ମଶାଣି ପାଖ ଓ ଗାଁ ଛକରେ ଟୁପୁରାଟାପୁରୁ ହେଉଛନ୍ତି, ଯେମିତି ସେ ମଶାଣୀରେ ପୋଡ଼ି ନ ହେଉ ଶବ ।

ନିମ୍ବ ତଳେ ବେକାର ହୋଇ ବସିଥିବା ଜୀବନ ଗୁଡାକୁ ଯେମିତି ବଂଚିବାର ଏକ ଲକ୍ଷ୍ୟ ମିଳି ଯାଇଥିଲା ।

x x x

ସକାଳ ହେଲା ବେଳକୁ ଯିଏ ଯେଉଁଠି ଉଠିଲେ ଘରବାଡ଼ି, ସ୍କୁଲ କାନ୍ଥ, ମନ୍ଦିର ଛକ ସବୁଠି ମରା ହୋଇଛି ନିମନ୍ତ୍ରଣ ପତ୍ର । ଚାରିକାନ୍ଧ ନାମକ ଏକ ସଂସ୍ଥା ନିମନ୍ତ୍ରଣ କରିଛି । ନୂତନ ସ୍ୱର୍ଗଦ୍ୱାରର ଉଦ୍‌ଘାଟନ ଓ ପ୍ରଥମ ଶବ ସତ୍କାରର କାର୍ଯ୍ୟକୁ । ସେ ସଂସ୍ଥା ମତରେ କେବଳ ବଂଚିଥିଲା ବେଳେ ନୁହଁ, ମରିଗଲା ପରେ ବି ସମ୍ମାନ ଓ ଅଧିକାର ।

ମାଗୁଣି ଅଜାଙ୍କ ପୁରୁଣା କୋଠାକୁ ଫୁଲରେ ସଜା ହୋଇଥିଲା । କୋଠାର ବିସ୍ତୀର୍ଣ୍ଣ ବଗିଚା ମଝାମଝି ଗୋଟିଏ ଜାଗାକୁ ସଜା ହୋଇଛି । ବଗିରେ ପାଚେରୀ ଚାରିକାନି ଠିଆ ଗାଁ ଲୋକ ଏଠି ସେଠି । କିଏ ସେ ସଂସ୍ଥା ?

କୋଠି ପ୍ରାଙ୍ଗଣରୁ ଉଠିଲା କୋକେଇ ମାଗୁଣି ଆଈଙ୍କୁ ସଜା ହୋଇଥିଲା ନୂଆବୋହୁ ପରି । ଆଗରେ ଆଗରେ ମାଗୁଣି ଅଜା ମାଠିଆ ଓ ଶିକା ଧରି ଚାଲିଲେ । ତାଙ୍କ ପଛେ ପଛେ ଚାଲୁଥିଲେ ଚାରି ବନ୍ଧୁ ମାୟାଧର, ସୁବଳ, ରାଜୀବ ଓ ମାର୍କଣ୍ଡ ଆଈକୁ ଚାରି କାନ୍ଧ ଦେଇ ।

ଚାରିବନ୍ଧୁ ସଗର୍ବେ, ସସମ୍ମାନେ ପରସ୍ପର ଅନାଅନି ହେଲେ । ଏବେ ସେମାନେ ନଥିଲେ ବେକାର । ଯେଉଁ ଜୀବନକୁ ବେକାର ବୋଲି ଦୁତ୍‌କାରୁ ଥିଲେ ଗାଁ ଘର ପରିବାର, ଏବେ ଏମାନେ ଏତେ ବଡ ମହତ କାମରେ ଲଗେଇ ଥିଲେ ।

ଚାରିକାନ୍ଧ ଏବେ ସବୁବେଳେ ପ୍ରସ୍ତୁତ ରହିବ ମାଗୁଣି ଆଈ ପରି ନିଃସ୍ୱ, ବେସାହାରା, ଗରିବ ଶବମାନଙ୍କ ପାଇଁ ଦେବାକୁ ଜୀବନର ଅନ୍ତିମ ଅଧିକାର । ଶେଷ ସମ୍ମାନ ଟିକକ ପାଇଁ ।

ଦପ୍‌ଦପ୍ ଜଳୁଥିଲେ ଆଈ । ଜଳିଗଲା ସବୁ ଅନ୍ଧ ଅପବାଦ । ଜଳିଗଲା ସବୁ ବନ୍ଧୁଙ୍କ ବାଦ ଅପବାଦ । ମାଗୁଣି ଅଜା ତାଙ୍କର ଏ ସଂପତ୍ତି ଏକ ମହତ କାର୍ଯ୍ୟ ପାଇଁ ଦାନ କରିଦେଲେ ଏବଂ ନିଶ୍ଚିତ କରିଦେଲେ ତାଙ୍କ ଶେଷ ସମୟ ପାଇଁ ଚାରିକାନ୍ଧ ।

ଚାରିବନ୍ଧୁ ଆଖିରେ ଲୁହ ଥିଲା ମାଗୁଣି ଆଈର ଜୀବନ ତମାମ ନିର୍ବାପିତ ଓ ନିର୍ବାସିତ ଜୀବନ ଯନ୍ତ୍ରଣାର ସମାପ୍ତି ପାଇଁ ।

ସଂପାଦକ : ଗଂଜାମର କବିତାଘର
ମାଳିସାହି, ବାରିବନ୍ଧ, ଆଙ୍କୁଲି,
ବ୍ରହ୍ମପୁର, ଗଂଜାମ-୭୬୦୦୧୦
ଫୋନ୍ : ୮୨୮୦୨୨୩୬୪୪

ISSN -2583-147X (P), Vol.- 9, Issue No.XII, March 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଦର୍ଶନ, କଥା ଓ ଗୀତର କଳାତ୍ମକ ସମୀକରଣ : କୃଷ୍ଣ ଦାସଙ୍କ 'ପ୍ରସ୍ତାପସିନ୍ଧୁ'

**ବିକେଶ ସାହୁ**

ରୀତିଯୁଗୀୟ ସାହିତ୍ୟର ଅଦ୍ୟ ଚରଣରେ ଯେଉଁ କେତେଜଣ କବି ନିଜର ସ୍ୱତନ୍ତ୍ର କାବ୍ୟ ଗଢଣ କଳା ଓ କୌଶଳ ଯୋଗୁଁ ଆମର ସ୍ମରଣୀୟ ସେମାନଙ୍କ ମଧ୍ୟରୁ କୃଷ୍ଣ ଦାସ ବାରି ହୋଇପଡ଼ନ୍ତି । କହି ରଖେ ଯେ, ଏଠାରେ ଦୀନକୃଷ୍ଣ ବଦଳରେ କୃଷ୍ଣଦାସ ନାମଟି ମୁଁ ଜ୍ଞାତସାରରେ ବ୍ୟବହାର କରୁଛି । ବହୁ ଆଲୋଚକ ଗ୍ରନ୍ଥକାରଙ୍କ ପରିଚୟ କାଳରେ ଦୀନକୃଷ୍ଣ ଶବ୍ଦ ଉଲ୍ଲେଖ କରିଛନ୍ତି । କିନ୍ତୁ ବାସ୍ତବତଃ ସେ ଦୀନକୃଷ୍ଣ ନୁହନ୍ତି, କୃଷ୍ଣଦାସ । ନିଜକୁ ସେ ଦୀନ ବୋଲି କହିଥିବାରୁ ବହୁ ଗବେଷକ ତାଙ୍କୁ ଦୀନକୃଷ୍ଣ ଦାସ ବୋଲି ଉଲ୍ଲେଖ କରିଛନ୍ତି । ମାତ୍ର ସେ ଯେ ବାସ୍ତବତଃ କୃଷ୍ଣଦାସ- ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମୀମାଂସା କରିଛନ୍ତି ପ୍ରଫେସର କୃଷ୍ଣ ଚରଣ ସାହୁ ଆପଣାର 'କହେ କୃଷ୍ଣଦାସ କବି' ଗ୍ରନ୍ଥରେ (ସାହୁ, କୃଷ୍ଣଚରଣ : 'କହେ କୃଷ୍ଣଦାସ କବି', ପୃ. ୧-୧୩ ) ।

କୃଷ୍ଣ ଦାସଙ୍କୁ ସପ୍ତଦଶ ଶତାବ୍ଦୀର ଶେଷ ଓ ଅଷ୍ଟାଦଶ ଶତାବ୍ଦୀର ପ୍ରଥମଭାଗର କବି ଭାବରେ ଗ୍ରହଣ କରାଯାଇପାରେ । କୃଷ୍ଣଦାସ ମୁଖ୍ୟତଃ ରସକଲ୍ଲୋଳକାର ଭାବରେ ବିଦିତ । ଏହା ବ୍ୟତୀତ ବିଭିନ୍ନ ପୋଥିରେ ତାଙ୍କ ନାମରେ ଭଣିତା ଥିବା କ୍ଷୁଦ୍ର ଓ ବୃହତ କୃତିଗୁଡିକ ସଂଖ୍ୟା ୨୬ରୁ ଊର୍ଦ୍ଧ୍ୱ । ସେଗୁଡିକ 'ଗୁଣସାଗର', 'ଭାବସମୁଦ୍ର', 'ଭୂତକେଳି', 'କଂସବୋଧନ', 'ଅମୃତ ସାଗର', 'ଗୀତଗୋବିନ୍ଦ ଅର୍ଥ', 'ମୁକ୍ତିସାଗର', 'ପ୍ରସ୍ତାପସିନ୍ଧୁ', ' ତତ୍ତ୍ୱସାଗର', 'ଜଗମୋହନ ଛାନ୍ଦ', 'ଜାମ୍ବବତୀ ବିଭା', 'ବୃନ୍ଦାବନ ରାସଙ୍କର ବିଭା', 'ଜ୍ଞାନସାଗର', 'ଧର୍ମସାଗର', 'ପଞ୍ଚପାଟବଂଶୀ ବିଭା', ନାମରତ୍ନଗୀତା', 'ରସବିନୋଦ', 'ନାରକାସୁର ବଧ', 'ଭକ୍ତିସାଗର', ସ୍ତ୍ରୀ-ପୁରୁଷ ଲକ୍ଷଣ', 'ମହିମାସାଗର', 'ରସକଲ୍ଲୋଳ', 'ନାବକେଳି', 'ଅଳଙ୍କାର ବୋଲି', ବହୁସଂଖ୍ୟକ ଚଉତିଶା (କମଳାକାନ୍ତ ଚଉତିଶା, ଆର୍ତ୍ତତ୍ରାଣ ଚଉତିଶା ପ୍ରଭୃତି), ଶରୀରଭେଦ ଭଜନାଦି ଗୀତିକବିତା ପ୍ରଭୃତି । ମାତ୍ର ପ୍ରଶ୍ନଉଠେ, ଜଣେ କୃଷ୍ଣ କ'ଣ ଏତେ ଗ୍ରନ୍ଥ ରଚନା କରିପାରନ୍ତି, ନା ତାଙ୍କ ନାମଭଣିତା ଥାଇ ଏତେ ଗ୍ରନ୍ଥ ଉପଲବ୍ଧ । ତେଣୁ ସାଧାରଣତଃ କୃଷ୍ଣଦାସଙ୍କ ପ୍ରକୃତ ପରିଚୟ ନିର୍ଣ୍ଣୟ ମଧ୍ୟ ଦ୍ୱନ୍ଦ୍ୱ ମୁକ୍ତ ନୁହେଁ ।

କୃଷ୍ଣଦାସଙ୍କ ସମୟ ଓ ଜନ୍ମସ୍ଥାନ ନିର୍ଦ୍ଧାରଣ ନିମିତ୍ତ ଅଦ୍ୟାବଧି ଯେତେ ଆଲୋଚନା ପରିଦୃଷ୍ଟ ହୁଏ, ସକଳ ଅନୁମାନପୁଷ୍ଟ । କାରଣ କୃଷ୍ଣଦାସଙ୍କ ସଂପର୍କରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳେ ନାହିଁ । ଏଥିପାଇଁ ପାଥେୟ ହେଉଛି ଜନଶ୍ରୁତି, କିମ୍ବଦନ୍ତୀ, କବିଙ୍କର ରଚନାବଳୀ, ସର୍ବୋପରି ସମକାଳୀନ ସାହିତ୍ୟ । ଓଡ଼ିଆ ସାହିତ୍ୟରେ ଯେଉଁ କେତେଜଣ କୃଷ୍ଣଦାସ ଆତ୍ମପ୍ରକାଶ କରିଅଛନ୍ତି- ସେମାନଙ୍କ ସଂପର୍କରେ ଆଲୋଚକଗଣ ଅନେକ ବୌଦ୍ଧିକ କସରତ କରିଛନ୍ତି । କିନ୍ତୁ ଜଣାଯାଏ ଯେ, କୃଷ୍ଣଦାସ ନାମରେ ଅନେକ କବି କାବ୍ୟ, କବିତା, ଚଉତିଶା ଆଦି ସୃଷ୍ଟିକରି ପ୍ରସିଦ୍ଧି ଲାଭ କରିଅଛନ୍ତି । ତେବେ ସେ ବିବାଦୀୟ ବିଷୟରୁ ମୁଁ ଏ ଆଲୋଚନାର ପ୍ରସଙ୍ଗ ଦୃଷ୍ଟିରୁ ବାଦ୍ ଦେଉଛି ।

॥ ୨ ॥

ବର୍ତ୍ତମାନ ଗ୍ରନ୍ଥର ଆଲୋଚନା ଓ ନାମକରଣ ପାଖକୁ ଆସିବା । ଆଲୋଚକମାନେ ଗ୍ରନ୍ଥର ଶୀର୍ଷକ ପ୍ରସ୍ତାବସିନ୍ଧୁ ରଖିଛନ୍ତି । ମାତ୍ର ବାସ୍ତବତଃ ଏହାର ଉପଲବ୍ଧ ପୋଥିଗୁଡ଼ିକର ପାଠ ଆଧାରରେ 'ପ୍ରସ୍ତାବ' ପରିବର୍ତ୍ତେ 'ପ୍ରସ୍ତାପ' ଶବ୍ଦକୁ ଗ୍ରହଣ କରିବା ସମୀଚୀନ ମନେହୁଏ । କିନ୍ତୁ ଅନ୍ୟାନ୍ୟ ଉପଲବ୍ଧ ସମ୍ପାଦିତ ଗ୍ରନ୍ଥରେ 'ପ୍ରସ୍ତାବ ସିନ୍ଧୁ'କୁ ଗ୍ରହଣ କରାଯାଇଛି । ମାତ୍ର ମୁଁ ମୋ ସମ୍ପାଦିତ ଗ୍ରନ୍ଥର ନାମ 'ପ୍ରସ୍ତାପସିନ୍ଧୁ'ବୋଲି ରଖିଛି । ଏଠାରେ ପୋଥିରୁ କିଛି ଦୃଷ୍ଟାନ୍ତ ଉଲ୍ଲେଖ କରାଯାଇପାରେ-

ସୁଜନ ଜନେ ଶୁଣକର୍ଣ୍ଣ ଦେଇ ।
ପ୍ରସ୍ତାପସିନ୍ଧୁ ଯେ ଗୀତକୁ କହି

x x x

ଶ୍ରୀଜଗନ୍ନାଥଙ୍କ ଶରଣ ଯାଇ ।
ପ୍ରସ୍ତାପସିନ୍ଧୁ କୃଷ୍ଣଦାସ କହି
x x x
ତେଣୁୟେ ଶାସ୍ତ୍ରମୁଂ କଲି ଉପାମ ।
ପ୍ରସ୍ତାପ ସିନ୍ଧୁୟେ ଗୀତର ନାମ

'ପ୍ରସ୍ତାପ' କହିଲେ ସମ୍ବାଦ ବା ଆଖ୍ୟାନ । ଏବଂ ପରବର୍ତ୍ତୀ ସମୟରେ 'ପ୍ରସ୍ତାପ'କୁ କଥା, ବୃତ୍ତାନ୍ତ ଅର୍ଥରେ ମଧ୍ୟ ଗ୍ରହଣ କରାଗଲା । ଏକ ଉଲ୍ଲେଖନୀୟ ବିଷୟ ହେଉଛି, ଗ୍ରନ୍ଥଟି ଗୁରୁ ବଶିଷ୍ଠ ଓ ରାଜା ଦଶରଥଙ୍କ କଥୋପକଥନ ଶୈଳୀରେ ରଚିତ । ତେଣୁ ପାଠକୁ ଭିତ୍ତିକରି ଏ କଥା କୁହାଯାଇ ପାରିବ ଯେ, କାହାଣୀକୁ ଗୀତରେ କୁହାଯାଇଛି ଏବଂ ପ୍ରତ୍ୟେକ ଗୀତର ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହିଛି । ପ୍ରତ୍ୟେକ ପ୍ରସ୍ତାପର ଗୀତ ପୂର୍ବରୁ ସଂସ୍କୃତରେ ଗୋଟିଏ ଗୋଟିଏ ଶ୍ଳୋକ ରହିଛି । ଏବଂ ଏ ଶ୍ଳୋକଗୁଡ଼ିକର ବ୍ୟାଖ୍ୟା ହେଉଛି ଗୀତ । ତେଣୁ ସଂସ୍କୃତ ଶ୍ଳୋକକୁ ସାଧାରଣଙ୍କ ପାଖକୁ ପହଞ୍ଚାଇବା ଲାଗି ସେମାନଙ୍କ ଭାଷାକୁ ମାଧ୍ୟମ କରିଛନ୍ତି । ବଳରାମଙ୍କ ଶ୍ରୀମଦ୍ ଭାଗବତ ଗୀତା, ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ଓଡ଼ିଆ ଅନୁବାଦ ଏହି ଗୋତ୍ରର । ଅନୁବାଦ ପରଂପରା ଓଡ଼ିଆ ସାହିତ୍ୟରେ ନୂଆ ନୁହେଁ; 'ପ୍ରସ୍ତାପସିନ୍ଧୁ' ଗ୍ରନ୍ଥ ଏହି ପରଂପରାରେ ଏକ ନୂତନ ମାତ୍ରା । ବସ୍ତୁତଃ ଏହା କେବଳ ସଂସ୍କୃତ ଶ୍ଳୋକର ଅନୁବାଦ ନୁହେଁ । ବହୁ ଶ୍ଳୋକର ବ୍ୟାଖ୍ୟା ସହିତ କବି ଯୋଡି ଦେଇଛନ୍ତି କଥନିକା ଅଥବା ଆମ ଚାରିପାଖର କିଛି ପରିଚିତ ଦୃଷ୍ଟାନ୍ତ । ଫଳତଃ ଏହା ହୋଇଛି ନୀତିକଥା, କାହାଣୀ ଓ କଥନିକାର ମିଶ୍ରରୂପ । ଦୃଷ୍ଟାନ୍ତ ସ୍ୱରୂପ-

ଧନୀ ନଂ ଶ୍ରୋତ୍ରୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମ ।
ପଞ୍ଚଯତ୍ର ନ ବିଦ୍ୟତେ ତଦ୍ରବାସଂ ନ କାରୟେତ୍
ଯେଉଂ ଦେଶରେ ଧନବନ୍ତ ପ୍ରାଣୀ
ସୁପଣ୍ଡିତଯେବେ ନଥିବଗଣି ।
ବିଦୁ ଯେ ବ୍ରାହ୍ମଣ ନ ଥିବେ ପାଶେ
ରାଜତେଜ ନାହିଂଯେବଣ ଦେଶେ ।
ନଦୀ ନ ଥିଲେ ଭଲ ଦ୍ରବ୍ୟ ନାହିଂ
ଏମନ୍ତ ଦେଶରେ ଥିବକିପାଂଇଂ ।

କବିଙ୍କ 'ରସ ବିନୋଦ' ଗ୍ରନ୍ଥ ତାଲିକାରେ 'ପ୍ରସ୍ତପସିନ୍ଧୁ' 'ଜଗମୋହନ ଛାନ୍ଦ' ପୂର୍ବରୁ ରଚିତ ହୋଇଥିବା ଉଲ୍ଲେଖ ରହିଛି । ଯାହା ନିମ୍ନରେ ଉଲ୍ଲେଖ କରାଗଲା ।

ଯେ ଶାସ୍ତ୍ର ଯୁଗରେଉତ୍ତମ । ପ୍ରସ୍ତାବସିନ୍ଧୁ ତା'ର ନାମ ।
ଚାଣକ୍ୟ ଶାସ୍ତ୍ର ଯେତେ ପାଠ । ଯୋଡ଼ିଲି ତହିଁ ଅର୍ଥ ବାଟ ।
ଏ ପଦ ଗଣିତା ଯେ କରି । ଦୁଇସହସ୍ର ଅଠସ୍ତରି ।
ଏତେକ ହୋଇଲା ଯେ ଶେଷ । କହିଲେ ଦୀନକୃଷ୍ଣ ଦାସ ।
ତା ପଛେ ଶାସ୍ତ୍ରଙ୍କ ଉତ୍ତମ । ଜଗମୋହନ ଛାନ୍ଦ ନାମ ।

ଏଥିରୁ ଅନୁମାନ କରାଯାଇପାରେ ଯେ ଉକ୍ତ ଗ୍ରନ୍ଥ କବିଙ୍କ ସାହିତ୍ୟ ସାଧନାଗତ ପରିପକ୍ୱ ସମୟ ରରଚନା । କିନ୍ତୁ ବର୍ବୋତ ଭାବେ ଏକ ଯୁକ୍ତିସଙ୍ଗତ ରଚନାକାଳ ନିର୍ଣ୍ଣୟ କରିବା ସମ୍ଭବ ହେଉ ନାହିଁ । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଉକ୍ତ ଗ୍ରନ୍ଥ ସମ୍ବନ୍ଧରେ କୌଣସି ବିଶେଷ ଆଲୋଚନା ହୋଇନାହିଁ । ଏହାର ଶବ୍ଦ ଗଢ଼ଣ ଓ ପଦ ବିନ୍ୟାସକୁ ଲକ୍ଷ୍ୟ କଲେ ବାରିହୋଇ ପଡ଼େ ଯେ, ଏହା ସପ୍ତଦଶ ଶତାବ୍ଦୀର ମଧ୍ୟଭାଗର ରଚନା । ଉକ୍ତ ଗ୍ରନ୍ଥରେ ବ୍ୟବହୃତ କିଛି ପ୍ରାଚୀନ ଶବ୍ଦାବଳୀ ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ଉଲ୍ଲେଖ କରାଯାଇପାରେ । ଯଥା- କଲାକ, ଧାଇଲାକ, ଥୋଇଲାକ, ଆଣିଲାକ, ଯେବଣ (ଯେଉଁ), ଫୁରଇ (ସ୍ଫୁରିବା), ନୃର୍ପତି (ନୃପତି), ସୋସ୍ତ (ସୁସ୍ଥ), ବେବସ୍ତା (ବ୍ୟବସ୍ଥା), ସ୍ତିରୀ (ସ୍ତ୍ରୀ), ଆବର (ଆହୁରି), ବିଦୁ (ବିଜ୍ଞ), ସିଂଘ (ସିଂହ), ଭରସି (ଭରସା କରି), ଚିତ (ଚିତ୍ତ), ସରୂପ (ସ୍ୱରୂପ), ଗୁରସ୍ତ (ଗୃହସ୍ଥ), ଦୋହିତା (ଦୁହିତା), ଛାତ୍ରୀୟ (କ୍ଷତ୍ରିୟ), ନିଚୟ (ନିଶ୍ଚୟ), ପଛିମ (ପଶ୍ଚିମ), ଶାସ୍ର, ଶାହାସ୍ର (ଶାସ୍ତ୍ର), ସ୍ରାହାନ (ସ୍ନାନ), କେହୁଣି (କୌଣସି), ନୋହଇ (ନୁହଁଇ), ନୋହେଂ (ନୁହେଁ), ସୂର୍ଯ (ସୂର୍ଯ୍ୟ), ୟେକ (ଏକ), ଠାବରେ (ଠାରେ), ଦ୍ରଶନ (ଦର୍ଶନ), ଅର୍ଣ୍ଣ (ଅନ୍ନ), ଶଲ, ହାଦେ, ଶ୍ରୀକାଳ (ଶୃଗାଳ), ୟେଥକୁ (ଏହାପରେ), ଧାତିକାରେ (ଶୀଘ୍ର), ଫୁରୁଣା (ଖୁସି), କୁଣ୍ଡୋଇ (ଟୋକେଇ) ଆଦି । ଏହା ବ୍ୟତୀତ ଗ୍ରନ୍ଥରେ ' ଁ 'ର ବ୍ୟବହାର ଆଦୌ ଦେଖିବାକୁ ମିଳେ ନାହିଁ । ଏହା ବଦଳରେ 'ଂ' ର ପ୍ରୟୋଗ ସର୍ବତ୍ର ଲକ୍ଷ୍ୟଣୀୟ । ଏହା ସହ 'ତ୍ତ' ବଦଳରେ 'ତ', 'ଶ୍ଚ' ବଦଳରେ'ଚ', 'ଚ୍ଛ' ବଦଳରେ 'ଛ' ଆଦି ପ୍ରାଚୀନ ପ୍ରୟୋଗ ସହ ଯୁକ୍ତାକ୍ଷର ବିଶେଷ ପ୍ରୟୋଗ ହୋଇ ନାହିଁ । ଏହା ସହ ସମଗ୍ର ଗ୍ରନ୍ଥର ଗୀତଗୁଡ଼ିକ ଚକ୍ରକେଳି ରାଗରେ ରଚିତ ହୋଇଅଛି ।

ଅନୂଦିତ ଶ୍ଳୋକଗୁଡ଼ିକର ଉତ୍ସ ଚାଣକ୍ୟଙ୍କ ନୀତିଶ୍ଳୋକ ସହିତ ଅନ୍ୟାନ୍ୟ ସଂସ୍କୃତ ନୀତିଶାସ୍ତ୍ର ('ମନୁସ୍ମୃତି', 'କପିଳ ସଂହିତା', 'ଚରକ ସଂହିତା', 'କାମଶାସ୍ତ୍ର', 'ଶୃଙ୍ଗାର ଶତକ' ପ୍ରଭୃତି) । ପ୍ରାୟ ଶତାଧିକ ଶ୍ଳୋକ ଚାଣକ୍ୟ ନୀତିଶ୍ଳୋକରୁ କବି ଗ୍ରହଣ କରିଥିବା ଜଣାଯାଏ । ସେସବୁ ମଧ୍ୟରୁ କିଛି ସୁପ୍ରସିଦ୍ଧ ଶ୍ଳୋକ ଏଠାରେ ସୂଚିତ କରାଯାଇପାରେ । ଆଲୋଚନାର ସୁବିଧା ଦୃଷ୍ଟିରୁ ପ୍ରତିଟି ଶ୍ଳୋକକୁ ଏକ ଏକ ପ୍ରସ୍ତାବ ଭାବେ ଗ୍ରହଣ କରାଯାଇଛି (ଯାହା ମୋ ସଂପାଦିତ ପାଠରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରାଯାଇଛି) । 'ପ୍ରସ୍ତାପ-ଦଶ', 'ପ୍ରସ୍ତାପ-କୋଡ଼ିଏ', 'ପ୍ରସ୍ତାପ -ଏକୋଇଶି', 'ପ୍ରସ୍ତାପ-ବାଇଶି', 'ପ୍ରସ୍ତାପ-ପଚିଶି', 'ପ୍ରସ୍ତାପ-ଛବିଶ', 'ପ୍ରସ୍ତାପ-ପଞ୍ଚାବନ,

'ପ୍ରସ୍ତାପ-ସତଷଠି', 'ପ୍ରସ୍ତାପ-ଅଣାଶି', 'ପ୍ରସ୍ତାପ-ବୟାଶି', 'ପ୍ରସ୍ତାପ -ନବେ', 'ପ୍ରସ୍ତାପ-ଚଉରାନବେ', 'ପ୍ରସ୍ତାପ-ଏକଶହ ତିରିଶି', 'ପ୍ରସ୍ତାପ-ଏକଶହ ଚଉତିରିଶି', 'ପ୍ରସ୍ତାପ-ଏକଶହ ଛୟାଳିଶି' ପ୍ରଭୃତି । କବି 'ମନୁସ୍ମୃତି'ର ମଧ୍ୟ ଅନେକ ନୀତିଶ୍ଳୋକକୁ ଅନୁବାଦ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ପ୍ରସ୍ତାପ-ଅନେଶତ', 'ପ୍ରସ୍ତାପ-ଏକଶହ', 'ପ୍ରସ୍ତାପ-ଏକଶହ ଏକ' ପ୍ରଭୃତି । ଉଲ୍ଲେଖନୀୟ ବିଷୟ ହେଉଛି, ଗୃହୀତ ଗ୍ରନ୍ଥର ଶ୍ଳୋକ ଓ ଏହି ଗ୍ରନ୍ଥର ଶ୍ଳୋକ ମଧ୍ୟର ଅନେକତ୍ର ବୈଷମ୍ୟ ରହିଛି । ଯାହାକୁ କବିଙ୍କର ମୌଳିକ ଶ୍ଳୋକ ଗଢ଼ଣ ଅଥବା ବିକୃତିର ନାମ ଦିଆଯାଇ ପାରେ । ସେହିପରି କବି ଦୃଷ୍ଟାନ୍ତ ଧର୍ମୀ କଥନୀକା ଗୁଡ଼ିକୁ ମଧ୍ୟ ବିଭିନ୍ନ ପୁରାଣ, ସଂସ୍କୃତ କଥାଗ୍ରନ୍ଥ, ଲୋକକଥା ଓ କିମ୍ବଦନ୍ତୀରୁ ସଂଗ୍ରହ କରିଥିବା ସ୍ପଷ୍ଟ ଅନୁମେୟ । ଏହା ବ୍ୟତୀତ, କବିଙ୍କ ଜୀବନଦର୍ଶନ ଓ ଭକ୍ତିମତ୍ତାର ପରିଚୟ ମଧ୍ୟ ଅନେକ ଶ୍ଳୋକର ବ୍ୟାଖ୍ୟାରେ ନିହିତ । ଏପରିକି ଗ୍ରନ୍ଥର ଆରମ୍ଭରେ ମଧ୍ୟ କବି ଶ୍ରୀକୃଷ୍ଣଙ୍କର ସ୍ତୁତିଗାନ କରିଛନ୍ତି । (ବନ୍ଦଇ ବାଳଗୋପାଳ ମୂରତି । ଶାରଦା ବଲଭ ଲକ୍ଷ୍ମୀର ପତି) କବି ମୁକ୍ତ ସ୍ୱଚ୍ଛନ୍ଦ ଅନୁବାଦ ଦ୍ୱାରା ନିଜର ସ୍ୱକୀୟତା ପ୍ରଦର୍ଶନ କରିଛନ୍ତି । ତେଣୁ ଏହା ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ର ପରି ନୀତିଗର୍ଭିତ ଓ କଥା କଦମ୍ବରେ ବେଳେବେଳେ ପରିପୂର୍ଣ୍ଣ ହୋଇଉଠିଛି । କାବ୍ୟ ପ୍ରକାଶ ଶୈଳୀରେ ମଧ୍ୟ ସେହି ପଞ୍ଚତନ୍ତ୍ରର ବର୍ଣ୍ଣନା କୌଶଳର ଆଶ୍ରୟ ନିଆ ଯାଇଛି । ଏ ପରିପ୍ରେକ୍ଷୀରେ ନଗେନ୍ଦ୍ରନାଥ ପ୍ରଧାନଙ୍କ ମନ୍ତବ୍ୟ ଯଥାର୍ଥ ମନେ ହୁଏ । ସେ ପ୍ରସ୍ତାପସିନ୍ଧୁ ଆଲୋଚନା ପ୍ରସଙ୍ଗରେ କହିଛନ୍ତି– "ପ୍ରସ୍ତାପସିନ୍ଧୁ ଗ୍ରନ୍ଥରେ ଗୋଟିଏ ଗୋଟିଏ ନୀତିବଚନକୁ ଦୃଷ୍ଟାନ୍ତ ବା ପ୍ରସ୍ତାବରୂପୀ କାହାଣୀମାନଙ୍କର ମାଧ୍ୟମରେ ଶିକ୍ଷାଦାନ କରାଯାଇଅଛି । ବାନର ମକର କଥା, ମର୍କଟ ରତ୍ନହାର କଥା ପରି କେତେକ ଗଳ୍ପମାନଙ୍କୁ ସଂସ୍କୃତ ସାହିତ୍ୟରୁ ଆହରଣ କରି ନିଜସ୍ୱ ଭଙ୍ଗୀରେ ପରିବେଷଣ କରିଥିବା ବେଳେ ଚନ୍ଦ୍ରାବତୀ ରାଣୀ–ଭଣ୍ଡ ସନ୍ନ୍ୟାସୀ, ଅସାଧୁ ବଣିକ ପ୍ରଭୃତି କେତେକ ଗଳ୍ପ ସେ ଲୋକମୁଖରୁ ଆହରଣ କରିଥିବା ପରି ମନେହୁଏ । କେତେକ ନୀତିଶ୍ଳୋକକୁ ଉପସ୍ଥାପନ କରି ତା'ର ସରଳ ଅନୁବାଦ ମଧ୍ୟ କରି ଦେଇଛନ୍ତି । ଏହା ତାଙ୍କର ସଂସ୍କୃତ ଭାଷାରେ ଉତ୍ତମ ଦକ୍ଷତା ଓ ଓଡ଼ିଆ ଭାଷାରେ ରଚନା ସାମର୍ଥ୍ୟର ପରିଚୟ ଦିଏ । ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଓଡ଼ିଶାର ପାରଂପରିକ ଚାଟଶାଳୀ ମାନଙ୍କରେ ଏହା ପାଠ୍ୟପୁସ୍ତକ ରୂପେ ପ୍ରଚଳିତ ହୋଇ ଆସିଅଛି, ଏବଂ ବହୁ ଶିକ୍ଷିତ ବା ଅଶିକ୍ଷିତ ଲୋକଙ୍କ ମୁଖରୁ ମଧ୍ୟ ପ୍ରସ୍ତାପସିନ୍ଧୁର ଗଳ୍ପମାନଙ୍କ ସହିତ ନୀତିଶ୍ଳୋକମାନ ଅଦ୍ୟାବଧି ଶୁଣାଯାଏ । (ପ୍ରଧାନ, ନାଗେନ୍ଦ୍ରନାଥ : 'ଦୀନକୃଷ୍ଣ ଦାସ', ପୃ. ୩୪) ବାସ୍ତବରେ ଏମିତି ଏକ ଅଭିନବ ଅନୁବାଦ କାବ୍ୟ ସୃଷ୍ଟିରେ ଦୀନକୃଷ୍ଣ ଦାସ ପ୍ରଥମ ବ୍ୟକ୍ତି । କେବଳ ସେ ଶ୍ଳୋକ ସବୁର ଅନୁବାଦ କରି ନାହାନ୍ତି, ବରଂ ସେସବୁର ମୌଳିକ ଅନୁବାଦ ସହ ତା' ସହ ଯୋଡି ଦେଇଛନ୍ତି ଏକ ଏକ ନୀତିଶିକ୍ଷା ଧର୍ମୀ କଥନୀକା । ତେଣୁ ଯଥାର୍ଥରେ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ କହିଛନ୍ତି– "କବି ନୀତିଶାସ୍ତ୍ର ମାନଙ୍କରୁ ନୀତିବାକ୍ୟ ସଂଗ୍ରହ କରି ଉଦାହରଣ ସହ 'ପ୍ରସ୍ତାବସିନ୍ଧୁ'ରେବ ହୁ ନୀତି କାହାଣୀ ପଦ୍ୟରେ ରଚନା କରିଛନ୍ତି । କାବ୍ୟ ହିସାବରେ ଏହାର ମୂଲ୍ୟ ବେଶି ନ ହେଲେ ମଧ୍ୟ ନୀତିଶାସ୍ତ୍ର ହିସାବରେ ଏହାର ସ୍ଥାନ ଖୁବ୍ ଉଚ୍ଚରେ ।" (ଦାଶ, ସୂର୍ଯ୍ୟ ନାରାୟଣ : 'ଓଡ଼ିଆ ସାହିତ୍ୟର ଇତିହାସ – ଦ୍ୱିତୀୟଭାଗ', ପୃ. ୧୯୧) ବର୍ତ୍ତମାନ କିଛି ନୀତିଶ୍ଳୋକଗର୍ଭିତ ଆଖ୍ୟାୟିକାର ଦୃଷ୍ଟାନ୍ତ ଦିଆଯାଇପାରେ ।

ପରସ୍ୟ ଚିନ୍ତାମନ୍ଦୋ ଦେବଂଚିନ୍ତତି ଦୁର୍ଗତିଃ ।
ନୃପେଣ ଲଭ୍ୟତେ କନ୍ୟା ଭଗବତ ଭଲ୍ଲୁକୋଯଥା ।

ଏହି ନୀତିବାକ୍ୟ ଉପରେ ପଦ୍ୟରେ ଭଗବତ କାହାଣୀକୁ ବ୍ୟକ୍ତ କରାଯାଇଛି । ପଶ୍ଚିମ ଦେଶରେ ଉଜାଣି ବୋଲି ନଗ୍ରଟିଏ । ଶରଧା କର ନାମକ ଏକ ସାଧବ । ତା'ର ଦୁଇ ସ୍ତ୍ରୀ– ଲୀଳାବତୀ ଓ ରତ୍ନାବତୀ । ଦିନେ ସେହି ସାଧବ ଗୃହରେ ଭଗବତ ନାମଧେୟ ଏକ ସାଧୁ ଉପଗତ ହେଲେ । ସାଧୁ ସାନ ଭାରିଜ୍ଜା ରତ୍ନାବତୀକୁ ସେହି ସନ୍ଥ ସେବାରେ ନିୟୋଜିତ କଲେ । ଇତ୍ୟବସରରେ ସାଧବ ବ୍ୟବସାୟାର୍ଥେ ବିଦେଶ ଯାତ୍ରା କଲେ । ରତ୍ନାବତୀ ସ୍ୱାମୀ ନିର୍ଦ୍ଦେଶ ନା ମତେ ସାଧୁ ସେବାରେ ନିଜକୁ ନିୟୋଜିତ କଲା । ଦିନେ ସାଧୁ ପତ୍ନୀ ରତ୍ନାବତୀକୁ ରତି ଭିକ୍ଷା କରେ । କିନ୍ତୁ ସାଧ୍ୱୀ ରତ୍ନାବତୀ ସେଥିରେ ସମ୍ମତ ହେଲାନାହିଁ । ଏଥିରେ ଭଗବତ ମନ ଶାନ୍ତ ନ ହେବାରୁ ସେ ଛଳେବଳେ କୌଶଳେ କିପରି ରତ୍ନାବତୀକୁ ପାଇବ ସେଥିପାଇଁ ଉପାୟ ସ୍ଥିର କଲା । ସ୍ୱୟଂ ରତ୍ନାବତୀକୁ ଗୁରୁ ଆସନରେ ରହି ଅମାବାସ୍ୟା ତିଥ୍ୟରେ ମଶାଣିରୁ ଶବ ପାଖରୁ ମାଟି ଖୋଳିବାକୁ ଶପଥ କରାଇନେଲା । ବ୍ୟବସାୟ ବାଣିଜ୍ୟ ସମାପନାନ୍ତେ ସାଧବ ଗୃହକୁ ପ୍ରତ୍ୟାବର୍ତ୍ତନ କଲା । ସେ ଗୁରୁ ଭଗବତକୁ ସର୍ବକୁଶଳ ଓ ପରିଚର୍ଯ୍ୟା ସଂପର୍କରେ ଜିଜ୍ଞାସା କଲା । ଭଗବତ ସର୍ବକୁଶଳ ସତ୍ତ୍ୱେ ତା'ର ପତ୍ନୀ କିପରି କନକ ଭାଗିନୀ ଓ ଦୋଷଯୁକ୍ତା, ତା'ର ସୂଚନା ଦେଲା । ସମୟକ୍ରମେ ସେହି ନିରୂପିତ ରଜନୀ ଆସିଲା । ସାଧୁର କଥାନୁସାରେ ରତ୍ନାବତୀ ଉଲଗ୍ନା ହୋଇ ବାଳ ମୁକୁଳା କରି ଶ୍ମଶାନକୁ ମାଟି ଆଣିବାକୁ ଗଲା । ସେ ମାଟି ଆଣିବା ବେଳେ ସାଧୁ ଶରଧା କର ସାଧବକୁ ନେଇ ସ୍ତ୍ରୀର ମନ୍ଦକୃତ୍ୟ ସଂପର୍କରେ ଚାକ୍ଷୁଷ ପ୍ରମାଣ ଦେଇ ଦେଲା । ତା'ପରେ ସାଧୁଙ୍କ ନିର୍ଦ୍ଦେଶ ମତେ ସେହି ରତ୍ନାବତୀକୁ ସରଯୂ ନଦୀରେ ନାବସ୍ଥିତ ଏକ ଗମ୍ଭୀରାରେ ଆବଦ୍ଧ କରି ଭସାଇ ଦେଲା । ଏଣେ

ସାଧୁ ସେହି ରତ୍ନାବତୀ କନ୍ୟାକୁ ପାଇବା ପାଇଁ ସରଯୂ ନଦୀ ତଟସ୍ଥିତ ଆଶ୍ରମକୁ ଯାତ୍ରା କଲା । ଇତ୍ୟବସରରେ ସାରାବତୀ କଟକର ରାଜା ଶୂରସେନ ପାରିସରୁ ଫେରି ଏହି ଭାସମାନ ନୌକାକୁ ଦେଖିଲେ । ଶେଷରେ ରତ୍ନାବତୀକୁ ଉଦ୍ଧାର କରି ନିଜର ପାଟରାଣୀ କଲେ ଏବଂ ଉକ୍ତ ଭାସମାନ ନୌକାସ୍ଥିତ ଗମ୍ଭୀରାରେ ପାରିସ୍ ପ୍ରାପ୍ତ ଭଲବକୁ ବନ୍ଦକରି ଭସାଇ ଦେଲେ । ଏଣେ ପ୍ରତୀକ୍ଷମାଣା ସେହି ଭଣ୍ଡ ସାଧୁ ଭଗବତ ସେହି ଡଙ୍ଗାରୁ ଇଚ୍ଛାବତୀକୁ ଉଦ୍ଧାର କରିବାକୁ ଗମ୍ଭୀରା ଯେପରି ଖୋଲି ଦେଇଛି, ଭଲ କର ଆକ୍ରମଣରେ ମୃତ୍ୟୁବରଣ କଲା । ଅନ୍ୟର ମନ୍ଦ ମନାସିଲେ ନିଜେ କିପରି ବିପଦର ସମ୍ମୁଖୀନ ହୁଏ, ତା'ର ଦୃଷ୍ଟାନ୍ତ ଏଥିରେ ପ୍ରଦତ୍ତ । 'କର୍କଟ ଓ ଭଦ୍ରାନନ୍ଦ ଉପାଖ୍ୟାନ' ମଧ୍ୟ ସମଗୋତ୍ରର ।

ଅକର୍ତ୍ତବ୍ୟତୁ ନ କୁର୍ଯ୍ୟାଦେବାକୀ ନ ଭବେତ୍ କଦା ।
ସୁସଙ୍ଗେ ଜୀବନଂ ରଖେତ୍ ପାନ୍ଥ କର୍କଟୟୋ ଯଥା ।

କବି ପଦ୍ୟରେ ଏହାର ବ୍ୟାଖ୍ୟା କରିଛନ୍ତି । ଭଦ୍ରାନନ୍ଦ ନାମକ ଜଣେ ବିଦେଶୀ ଏକଦା ବନ ମାର୍ଗରେ ଏକାକୀ ଯାତ୍ରା କରୁଥିଲେ । ପଥରେ ତାଙ୍କ ଏକ କର୍କଟ ସହ ସାକ୍ଷାତ ହେଲା । କର୍କଟ ତାଙ୍କୁ ଏକା ହୋଇ ପଥ ଚାଲିବା ପାଇଁ ବାରଣ କଲା । ଭଦ୍ରାନନ୍ଦ ତାକୁ ନିଜ ବନ୍ଧୁ କୁଟୁମ୍ବ କେହି ନ ଥିବା ଜଣେଇଲେ । ଏହାପରେ କର୍କଟ ସହ ତାଙ୍କର ବନ୍ଧୁତା ହୋଇଛି । ବର୍ତ୍ତମାନ ଦୁଇ ବନ୍ଧୁ ଏକତ୍ର ଯାତ୍ରା ଆରମ୍ଭ କରିବାରେ ଲାଗିଲେ । ଭଦ୍ରାନନ୍ଦ କର୍କଟକୁ ତାଙ୍କ କମଣ୍ଡଳୁରେ ଭର୍ତ୍ତିକରି ନିଜ ପଥରେ ଅଗ୍ରସର ହେଲେ । କିଛି ପଥ ଅତିକ୍ରମ କଲାପରେ ସେ ଦେଖିଲେ ରାସ୍ତା ପାର୍ଶ୍ୱରେ ଏକ ସୁବିଶାଳ ବରଗଛ ନିଜର ଶାଖା ମେଲେଇ ଠିଆ ହୋଇଛି । ଭଦ୍ରାନନ୍ଦ ମଧ୍ୟ ପଥକ୍ଳାନ୍ତି ଅନୁଭବ କଲେଣି । ତେଣୁ ସେ ବିଚାର କଲେ ସେହି ବୃକ୍ଷ ଛାଇରେ କିଛି ସମୟ ବିଶ୍ରାମ ନେବା ପରେ ପୁନଃ ଯାତ୍ରା ଆରମ୍ଭ କରିବେ । ଏହାପରେ ସେ ବୃକ୍ଷତଳେ କିଛି ସମୟ ବିଶ୍ରାମ ନେବାକୁ ଯାଇ ନିଘୋଡ଼ ନିଦରେ ଶୋଇ ପଡ଼ିଲେ । କିନ୍ତୁ ବିଧାତା ଭିଆଣକୁ ସେହି ବୃକ୍ଷରେ ସର୍ପ ଓ କାକ ଦୁଇବନ୍ଧୁ ବାସ କରୁଥିଲେ । ସେମାନେ ଉପାୟ କରି ସେହି ବୃକ୍ଷ ଛାଇରେ ବିଶ୍ରାମ ଲୋଡୁଥିବା ପଥିକମାନଙ୍କୁ ମାରି ନିଜର କ୍ଷୁଧା ନିବାରଣ କରୁଥିଲେ । ଯେମିତି କାକ ଭଦ୍ରାନନ୍ଦକୁ ନିଘୋଡ଼ ନିଦରେ ଶୋଇବାର ଦେଖିଛି ସେ ନିଜ ବନ୍ଧୁ ସାପକୁ ଡାକ ପକେଇଛି । ସର୍ପ ମଧ୍ୟ କାଳ ବିଳମ୍ବ ନ କରି ବୃକ୍ଷ ତଳକୁ ଯାଇ ଭଦ୍ରାନନ୍ଦ ଦଂଶନ କରିଛି । ସେହି ଶୟନମୁଦ୍ରାରେ ହିଁ ଭଦ୍ରାନନ୍ଦଙ୍କ ମୃତ୍ୟୁ ହୋଇଛି । ସର୍ପ ପ୍ରସନ୍ନ ହୋଇ ନିଜ ମିତ୍ର କାକକୁ ଉଦର ତୋଷିବାକୁ ଅନୁରୋଧ କରିଛି ସେ ବୃକ୍ଷ କରୋଡ଼ ଯାଇ ବିଶ୍ରାମ ନେଲା । ଏହା ଦେଖି କାକ ଅତ୍ୟନ୍ତ ସନ୍ତୋଷ ହୋଇ ବୃକ୍ଷ ଶାଖାରୁ ତଳକୁ ଆସିଛି । ଏହି ସମୟରେ ତା'ର ଦୃଷ୍ଟି ପଡ଼ିଛି କମଣ୍ଡଳୁ ଉପରେ । କମଣ୍ଡଳୁ କିଛି ଦ୍ରବ୍ୟ ଥିବା ଆଶା କରି ନିଜ ଥଣ୍ଟନେଇ ଯେମିତି କମଣ୍ଡଳୁ ମଧ୍ୟକୁ ପୁରାଇଛି କର୍କଟ କାଳ ବିଳମ୍ବ ନ କରି ତା'ର ବେକକୁ ନିଜ ଦୁଇଗୋଟି ଦନ୍ତରେ ଜାବୁଡ଼ି ଧାଇଁଲା । କାକ ଅତ୍ୟନ୍ତ ବ୍ୟଗ୍ର ହୋଇ କର୍କଟକୁ ଏହାର କାରଣ ପଚାରିବାରୁ, କର୍କଟ ନିଜ ବନ୍ଧୁ ଭଦ୍ରାନନ୍ଦକୁ ପୁନଃ ଜୀବନ ଦାନ ପାଇଁ ଦାବୀ ଜଣେଇଲା । ଏହାପରେ କାକ ନିଜ ବନ୍ଧୁ ସର୍ପକୁ ବିଷହରଣ ପାଇଁ ଅନୁରୋଧ କରିଛି । ସର୍ପ ଆସି ବିଷହରଣ ପରେ ଭଦ୍ରାନନ୍ଦ ପୁନଃଜୀବନ ପାଇଛି । ଏହାପରେ ଭଦ୍ରାନନ୍ଦ ବାଡ଼ି ସାହାଯ୍ୟରେ ସର୍ପକୁ ହତ୍ୟା କରିଛି ଓ କର୍କଟ ନିଜ ଦନ୍ତରେ କାକର ବେକକୁ ଦୁଇ ଖଣ୍ଡ କରି ଦେଇଛି । ବର୍ତ୍ତମାନ ଦୁଇବନ୍ଧୁ ସେହି ସ୍ଥାନ ତ୍ୟାଗକରି ନିଜ ପଥରେ ଅଗ୍ରସର ହେଲେ । ଭଦ୍ରାନନ୍ଦ କର୍କଟକୁ ଅତ୍ୟନ୍ତ ଶ୍ରଦ୍ଧାର ସହ ନେଇ ନଦୀକୂଳରେ ଛାଡ଼ି ପୁନଃ ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେଲେ । ଏହି ଆଖ୍ୟାୟିକା ମାଧ୍ୟମରେ କବି ଦୂର ସ୍ଥାନ ଏକାକୀ ଯାତ୍ରା ନ କରି ସାଙ୍ଗରେ ଜଣେ ସହଯାତ୍ରୀ ଥିବା ମଙ୍ଗଳପ୍ରଦ ବୋଲି ନିଜର ମତବ୍ୟକ୍ତ କରନ୍ତି ।

ଅନୁରୂପ ଭାବରେ ଗ୍ରନ୍ଥରେ ନୀତିଶ୍ଳୋକର ବ୍ୟାଖ୍ୟା ନିମନ୍ତେ କବି ମୋଟ ୧୧ଟି ଛୋଟ ବଡ଼ ଆଖ୍ୟାୟିକାର ସାହାଯ୍ୟ ନେଇଛନ୍ତି । ସେଗୁଡିକ: 'ପାଣ୍ଡବ ଜନ୍ମ ପ୍ରସଙ୍ଗ', 'କାକ ଓ ଶବର ଉପାଖ୍ୟାନ', 'ଭଗବନ୍ତ ସାଧୁ ଓ ଭଲ୍ଲୁକ ଉପାଖ୍ୟାନ', ନୀଳବର୍ଣ୍ଣ ଶୃଗାଳ ଉପାଖ୍ୟାନ', 'ଲୋଭୀ ଶୃଗାଳ ଉପାଖ୍ୟାନ', 'ରାଣ୍ଡୀବ୍ରାହ୍ମଣୀ ଉପାଖ୍ୟାନ', 'ରତ୍ନମାଳୀ ଲିଭ୍ର ଶବର ଓ ମର୍କଟ ଉପାଖ୍ୟାନ', ସିଂହ ଓ ବାରେହା ଉପାଖ୍ୟାନ', 'କର୍କଟ ଓ ଭଦ୍ରାନନ୍ଦ ଉପାଖ୍ୟାନ', 'ଗୁପ୍ତେଶ୍ୱର ସାଧବ କଥା', 'ଖଣ୍ଡିଆ କୈବର୍ତ୍ତ ଓ ଚନ୍ଦ୍ରାବତୀ ରାଣୀ କଥା'। ପୁନଶ୍ଚ, ଗ୍ରନ୍ଥକାର ପ୍ରତ୍ୟେକ ନୀତିଶ୍ଳୋକର ବ୍ୟାଖ୍ୟାନ କାଳରେ ଛୋଟ ଛୋଟ ଦୃଷ୍ଟାନ୍ତର ଉପସ୍ଥାପନ କରିଛନ୍ତି । ଯାହା ପ୍ରସ୍ତାପସିନ୍ଧୁ ଗ୍ରନ୍ଥକୁ ସ୍ୱତନ୍ତ୍ର ଗ୍ରନ୍ଥର ମାନ୍ୟତା ଦେଇଛି । ଗ୍ରନ୍ଥର ଅନ୍ୟ ଏକ ମହତ୍ୱପୂର୍ଣ୍ଣ ଦିଗ ଦେଉଛି, ତତ୍‌କାଳୀନ ସମାଜରୁ ଉପାଦାନ ସଂଗ୍ରହ । ସାଧାରଣତଃ ନୀତିଶ୍ଳୋକ ଅନୁବାଦ କ୍ଷେତ୍ରରେ ଯେ କୌଣସି ଅନୁବାଦକ ପାଇଁ ମୌଳିକତା ପ୍ରଦର୍ଶନ ନିମନ୍ତେ ବିଶେଷ ସୁଯୋଗ ନ ଥାଏ । କିନ୍ତୁ କୃଷ୍ଣ ଦାସ ଆପଣାର ଗ୍ରନ୍ଥରେ ଅନେକତ୍ର ନୀତିକଥା ବ୍ୟାଖ୍ୟାନ ସହ ସାମାଜିକ ସମସ୍ୟା, ରୀତିନୀତି, ଚାଲିଚଳଣି, ଲୋକବିଶ୍ୱାସ ଓ ସଂସ୍କୃତିର ଅବତାରଣା କରିବାକୁ ଭୁଲି ନାହାନ୍ତି । ଏହାର କିଛି ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା ।

**ଜାତି ପ୍ରଥାର ଚିତ୍ର :**

ନାବରେ ଅଛବ ବସିଣ ଥାଉ ।
ବିପ୍ରତହିଂ ଅର୍ଣ୍ଣ ରାନ୍ଧିଣ ଖାଉ ॥
ତହିଂରେ କିଛି ଦୋଷ ନାହିଂ ପୁଣ ।
ମନୁ ବ୍ରହ୍ମଙ୍କର କଥା ପ୍ରମାଣ ॥

ଗଜ କନ୍ଧରେ ବସିଥିବ ହାଡ଼ି ।
ଶୂଦ୍ର ଥିବ ପଛେ ହାତେକ ଛାଡ଼ି ॥
ଦେହକୁ ଦେହ ନଲାଗିବ ଯେକା ।
ଯେକଥାରେ ନାହିଁ କିଛିହିଁ ଦକା ॥
ଦେବଯାତ୍ରାକୁ ଯେତେ ଲୋକ ଯାଇ ।
ଅଛବ ଶୂଦ୍ର ଯେ ଛୁଇଂଣ ଥାଇ ॥
ମନ ଶୁଧ କରି ଦେଖିବ ଜାତ ।
ଘରେ ଆସି ପୁଣି ଭୁଞ୍ଜିବ ଭାତ ॥
ତହିଂତାହାକୁକିଛି ଦୋଷ ନାହିଂ ।
ମନୁବ୍ରହ୍ମଯେହା ଅଛନ୍ତି କହି ॥ (ପ୍ରସ୍ତାପ :ଏକଶହ ଏକ)

**ଅତିଥି ସତ୍କାରର ଚିତ୍ର :**

ଯେମନ୍ତେ ଦୁର୍ଭାସା ଋଷି ଅଇଲେ ।
କୋନ୍ତଭୋଜ ମୁଖଚାହିଂ ବୋଇଲେ ॥
ସାବଧାନେ ତୁମ୍ଭେ ଶୁଣ ନୃର୍ପତି ।
ଚତୁର୍ମାସ୍ୱା ଆମ୍ଭେ ରହିବୁ ଯେଥି ॥
ଶୁଣି ହରଷ ହୋୟେ ନୃପବର ।
ବୋଇଲେଭୋ ଋଷି ଭାଗ୍ୟ ମୋହର ॥
ତୁମ୍ଭ ହୃଦେ ଯେବେ ହୋଇଲା ଦୟା ।
ପବିତ୍ର ହୋଇଲା ମୋହର କାୟା ॥
(ପ୍ରସ୍ତାପ : ଅଣଚାଳିଶ)

ଯେମନ୍ତେ ସେ ସାଧୁଘରରେ ଆସି ।
ପ୍ରବେଶ ହୋଇଲା ଯେକ ପ୍ରଦେଶୀ ॥
ରୂପେ ସୁନ୍ଦର ଅତି ଅନୁପମ ।
ଭଗବନ୍ତ ବୋଲିତାହାର ନାମ ॥
ସାଧବକୁ ଆସି ପ୍ରାର୍ଥନାକଲା ।
ସେତାକୁବସି ତ ଆସନ ଦେଲା ॥
ସାଧୁଙ୍କୁ ଚାହିଂ ଅଭ୍ୟାଗତ ଭାଷେ ।
ତୋହଘରେ ଆମ୍ଭେ ରହିବୁ ମାସେ ॥
ଭଗବନ୍ତ କଥା ସାଧବ ଶୁଣି ।
ନିସ୍ତରିଲା ପ୍ରାୟେ ହୋଇଲା ପୁଣି ॥
(ପ୍ରସ୍ତାପ : ଅଠଷଠି)

**ବିବାହ ଚିତ୍ର :**

ବିଭାବିଧିକାର୍ଯ ଯେତେ ବେବସ୍ତା ।
ନିଘା କରିଥାନ୍ତି ସକଳ କଥା ॥
ଯୋଗଲଗ୍ନ ଘେନି ପଣ୍ଡିତ ଆସି ।
ବ୍ରାହ୍ମଣମାନଙ୍କୁ ଘେନିଣ ବସି ॥
ବେଦୀ ଚାରିପାଶେ ବସିଲେ ଦିଜ ।
ବିଭା କରିବାର ଯେମନ୍ତ କାର୍ଯ୍ୟ ॥
ସେ କଥାମାନ ୟେ ପ୍ରକାର କରି ।
ବର କନ୍ୟାକୁଳ ଗୋତ୍ର ବିଚାରି ॥
କନ୍ୟା କୋଳେ ଘେନି ବସିଲା ପିତା ।
ହୁଳହୁଳି ଦେଲେ ସର୍ବ ବନିତା ॥
ବାକ୍ୟ ଉଚ୍ଚାରିଲେ ସେ ଦିଜବର ।
କୁଶନାଡ଼ ଘେନି ବାନ୍ଧିଲେ କର ॥
ଅନେକ ଦାନ ଯଉତୁକ ଦେଲେ ।
ତହିଂ ଯେଉଂ ବିଧି ସମସ୍ତ କଲେ ॥
ସ୍ତିରୀଜଣେ ଆସି ଫେଡ଼ିଲେ କର ।
ଲଜ୍ୟାହୋମ ସାରି ଉଠିଲେ ବର ॥
ତଣ୍ଡୁଳ ପୂରାଇ ହସ୍ତରେ ଦେଲେ ।
ଖିରି କଂସାମାନ ବାଟେ ବାଢ଼ିଲେ ॥

x x x

ବନ୍ଦାପନା ସାରି ସର୍ବକାମେନୀ ।
ହୁଳହୁଳି କଲେ ମଙ୍ଗଳ ଧ୍ୱନି ॥
ବର କନ୍ୟାବେନି ପଶିଲେ ଘର ।
ସାରିଲେ ଶୀତଳ ତୁଣ୍ଡି ବେଭାର ॥
ଷଡ଼ଦିନ ଯହୁଂ ହୋଇଣ ଗଲା ।
ସାରିଲେ ଚଉଠି ଆଠ ମଙ୍ଗଳା ॥
କନ୍ୟାଘେନି ବର ବାହାର ବେଗି ।
କନ୍ୟାର ବାପକୁ ମେଲାଣି ମାଗି ॥
(ପ୍ରସ୍ତାପ :ଏକଶହ ଏକାବନ)

**ଲୋକବିଶ୍ୱାସର ଚିତ୍ର :**

ପଇଡ଼ ପଣା ପାଣିଛତ୍ର ମାନ ।
ଦରିଦ୍ର ଲୋକଙ୍କୁ ଦେଲାତ ଦାନ ॥
ଭୋକୀ ଲୋକକୁ ଅର୍ଣ୍ଣ ଦାନ ଦେଇ ।
ଦେଲି ବୋଲି ମନେ ଗରବ ବହି ॥
ୟେଥକୁ ଥୋକାୟେ ଲାଗିବ ଦୋଷ ।
ପାତକ ଅଳପ ପୁଣ୍ୟ ବିଶେଷ ॥
ପୁଣ୍ୟ ତିନିଭାଗେ ପାତକ ଭାଗେ ।
ଯାହା ଭୁଞ୍ଜିବ କହୁ ଆମ୍ଭ ଆଗେ ॥
(ପ୍ରସ୍ତାପ : ତେୟାନବେ)

ଧର୍ମ କୀରତି ସେ ବହୁତ କଲା ।
ଅନେକ ପ୍ରକାରେ ଦାନହିଂ ଦେଲା ॥
ପୋଖରୀ ବାନ୍ଧି ଦେଉଳ ତୋଳାଇ ।
ଦେବତାମାନଙ୍କୁ ଭୋଗ କରଇ।

ପାଣିପଣା ଦାନ କହିବା କେତେ ।
ଅର୍ଣ୍ଣଛତ୍ର ଦେଲା ପୁତ୍ର ନିମନ୍ତେ ॥

(ପ୍ରସ୍ତାପ :ଏକଶହ ଏକାବନ)

ଗ୍ରନ୍ଥର ଅନ୍ୟତମ ବିଶେଷତ୍ୱ 'ରସକଲ୍ଲୋଳ' ସହ ଏହାର ଗଭୀର ସାମ୍ୟ । ଉକ୍ତ ଗ୍ରନ୍ଥରେ ଉପଲବ୍ଧ ଅନେକ ନୀତିକଥା ରସକଲ୍ଲୋଳରେ ରହିଛି । ଯାହା ଉକ୍ତ କବିର ମହତ୍ୱ ପ୍ରଖ୍ୟାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଗ୍ରନ୍ଥ ଆରମ୍ଭ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ସ୍ତୁତିରୁ ଏବଂ ଶେଷ ମହିମା ପ୍ରଖ୍ୟାପନରେ । ଦୃଷ୍ଟାନ୍ତ ଏହିପରି-

ସବୁହୁଁ ଉତମ ଶ୍ରୀକୃଷ୍ଣ ନାମ ।
ବ୍ରହ୍ମାଣ୍ଡ ଭିତରେ କି ଦେବାସମ ॥
x x x
ମଙ୍ଗଳ ହୋଇ ଯେତେ କଥାମାନ ।
ମାଧବ ନାମକୁ ନୋହେ ସମାନ ॥
x x x
ସତ ଉପରେ ସେ ପରମ ସତ ।
କୃଷ୍ଣ ନାମ ବିନୁ ନାହିଁ ମୁକତ ॥

କୃଷ୍ଣଦାସ ଥିଲେ ଭକ୍ତକବି । ତାଙ୍କ ଅନେକ କାବ୍ୟକୃତିରେ ହରି ନାମକୀର୍ତ୍ତନ ସହ ଗଭୀର ଭକ୍ତି ଭାବର ପ୍ରବାହ ସର୍ବତ୍ର ପ୍ରବାହିତ । ଅନୁରୂପ ଭାବେ ଶଂସିତ ଗ୍ରନ୍ଥରେ ମଧ୍ୟ ସେ ନାମ ମହିମା କୀର୍ତ୍ତନ କରିବାକୁ ଭୁଲି ନାହାନ୍ତି । ଦୃଷ୍ଟାନ୍ତ ଭାବେ 'ପ୍ରସ୍ତାପ : ଏକଶହ ଅଠାବନ'କୁ ଲକ୍ଷ୍ୟ କରାଯାଇପାରେ-

ସେ ନାମଗୋଟି ହୃଦ ପଦ୍ମେ ଧର ।
ମଧୁର ମାନଙ୍କ ଉପରେ ସାର ॥
ଯେ ଯେତେ ଦ୍ରବ୍ୟ ହେଉକିନା ଯହିଁ ।
ନାମ ସମସ୍ୱାଦୁ ନୁହନ୍ତି କେହି ॥
ମଙ୍ଗଳ ହୋଇ ଯେତେ କଥାମାନ ।
ମାଧବ ନାମକୁ ନୋହେ ସମାନ ॥
ମଙ୍ଗଳ ଉପରେ ଯେ ନୃପବର ।
ସେ ନାମଗୋଟି ହୃଦ ପଦ୍ମେ ଧର ॥
ନିଗମ ମାନଙ୍କ ନିଗମ କହି ।
ନୀଳଗିରି ଶୀଖେ ବିଜୟେ ସେହି ॥
ସତ ଉପରେ ସେ ପରମ ସତ ।
କୃଷ୍ଣ ନାମ ବିନୁ ନାହିଁ ମୁକତ ॥

ସାମଗ୍ରିକ ଭାବେ 'ପ୍ରସ୍ତାପସିନ୍ଧୁ' କବି କୃଷ୍ଣଦାସ ବିରଚିତ ଲୋକପ୍ରିୟ ଗ୍ରନ୍ଥ । ଉଦ୍ଦେଶ୍ୟ- ସୁସ୍ଥ, ଭୟମୁକ୍ତ ଓ ଅଧ୍ୟାତ୍ମ ସମାଜ ଗଢଣ । ଦର୍ଶନ, କଥା ଓ ଗୀତରକଳାତ୍ମକସମୀକରଣ ।

**ସହାୟକ ଗ୍ରନ୍ଥସୂଚୀ :**


୧) ଆଚାର୍ଯ୍ୟ, ସୁଦର୍ଶନ- ଓଡ଼ିଆ କାବ୍ୟ କୌଶଳ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ- ୨୦୦୨ ।
୨) ଦାଶ, ସୂର୍ଯ୍ୟନାରାୟଣ - ଓଡ଼ିଆ ସାହିତ୍ୟର ଇତିହାସ, କଟକ, ଗ୍ରନ୍ଥମନ୍ଦିର- ୨୦୦୭ ।
୩) ଦାସ, ଦୀନକୃଷ୍ଣ- ରସକଲ୍ଲୋଳ, ସଂ. ଆର୍ତ୍ତବଲ୍ଲଭ ମହାନ୍ତି, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ-୨୦୨୦ ।
୪) ପ୍ରଧାନ, ନଗେନ୍ଦ୍ରନାଥ- ଦୀନକୃଷ୍ଣ ସାହିତ୍ୟ ସମୀକ୍ଷା, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ- ୧୯୬୬ ।
୫) ମିଶ୍ର, କାହ୍ନୁ ଚରଣ - କବି ଦୀନକୃଷ୍ଣ ଗ୍ରନ୍ଥାବଳୀ, ଭୁବନେଶ୍ୱର, ସଂସ୍କୃତି ନିର୍ଦ୍ଦେଶାଳୟ- ୧୯୯୮ ।
୬) ସାହୁ, କୃଷ୍ଣ ଚରଣ- କହେ କୃଷ୍ଣଦାସ କବି, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ- ୨୦୨୦ ।
୭) କପିଳ - କପିଳ ସଂହିତା (ସଂ), ରତ୍ନାକର ବର୍ଗବଟୁ, କଟକ, ଦତ୍ତପ୍ରେସ୍-୧୯୨୮ ।
୮) ଦାଶ, ଅଭିନ୍ନଚନ୍ଦ୍ର- ଚାଣକ୍ୟ ସୁତ୍ରାଣି (ସଂ), କଟକ, ଗ୍ରନ୍ଥମନ୍ଦିର-୧୯୯୨ ।
୯) ବୃହତ୍ ଚାଣକ୍ୟ ଶ୍ଳୋକ (ସଂ)- କଟକ, ଧର୍ମଗ୍ରନ୍ଥ ଷ୍ଟୋର୍ ।
୧୦) ଭର୍ତ୍ତୃହରି- ଭର୍ତ୍ତୃହରି ଶତକ ତ୍ରୟୀ, ଅ. ନରସିଂହ ମିଶ୍ର, ଭୁବନେଶ୍ୱର, ସାରସ୍ୱତ ପ୍ରକାଶନ- ୨୦୧୪ ।
୧୧) ମନୁ- ମନୁସଂହିତା ବା ମନୁସ୍ମୃତି (ସଂ), ବିଦ୍ୟାଧର ସାହୁ, କଟକ, ଧର୍ମଗ୍ରନ୍ଥ ଷ୍ଟୋର୍ -୧୯୨୭ ।
୧୨) ସାହୁ, ବିକେଶ- ପ୍ରସ୍ତାପସିନ୍ଧୁ : ପାଠ-ଆଧାରିତ ସଂପାଦନା (ଅପ୍ରକାଶିତ)- ରେଭେନ୍ସା ବିଶ୍ୱବିଦ୍ୟାଳୟରେ କଳାଭୂଷଣ ଉପାଧି ନିମନ୍ତେ ଉପସ୍ଥାପିତ ସନ୍ଦର୍ଭ- ୨୦୨୩



ଅଧ୍ୟାପକ, ଓଡ଼ିଆ ବିଭାଗ
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼

ISSN -2583-147X (P), Vol.- 9, Issue No.XII, March 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସାଂପ୍ରତିକ ପ୍ରେକ୍ଷାପଟ୍ଟରେ ଲୋକସାହିତ୍ୟ ଗବେଷଣାର ମୌଳିକ ଦୃଷ୍ଟି ଓ ଦର୍ଶନ : ଏକ ସାମାନ୍ୟ କଥନ

ଡକ୍ଟର ମଧୁଚ୍ଛନ୍ଦା ନାୟକ

ଲୋକସାହିତ୍ୟ ଗବେଷଣା ବା ସମୀକ୍ଷଣ ଆଜି ଯେଉଁ ଆଭିମୁଖ୍ୟ ନେଇ ଆଗକୁ ବଢୁଛି ବାସ୍ତବିକ୍ ତାହା ଖାଲି ବୈଶିଷ୍ଟ୍ୟ ମଣ୍ଡିତ ନୁହେଁ, ଅଧିକନ୍ତୁ ପୂର୍ବରୁ ଚାଲି ଆସୁଥିବା ସୌନ୍ଦର୍ଯ୍ୟତାତ୍ତ୍ୱିକ ଦୃଷ୍ଟି ଓ ଦର୍ଶନ, ଭାଷା-ଶୈଳୀ, ଛନ୍ଦ ପ୍ରଭୃତି ଠାରୁ ଢ଼େର୍ ଅଲଗା । କେବଳ ଏତିକି ନୁହେଁ, ବରଂ ଏହି ଭାଷା ଓ ଶୈଳୀ ବା ଛନ୍ଦକୁ ଆଧାର କରି ଆନ୍ତର୍ଜାତୀୟ ପ୍ରେକ୍ଷାପଟ୍ଟରେ ଲୋକକାହାଣୀ ବା ଲୋକଗୀତଟିର ବିଶେଷତ୍ୱ, ଗତିପଥ, ସଂଚାରପଥ, ସଂପର୍କାଦି ନିରୂପିତ ହୋଇଥାଏ । ଅଧୁନା ଲୋକସାହିତ୍ୟର ଗବେଷକ ଲୋକସାହିତ୍ୟ ଖଣ୍ଡଟିର କେମିଷ୍ଟ୍ରି, ଫିଜିକ୍ସ, ଭୂଗୋଳ, ଇତିହାସ ଅଧ୍ୟୟନ କରିବା ସହ ଏହାର ଡି.ଏନ୍.ଏ. ପରୀକ୍ଷା ମଧ୍ୟ କରୁଛି । ଏହାର ବୟସ, ଏହାର ମୂଳ ଓ ସଂଚରଣ ପଥ ନିରୂପଣ ପ୍ରଚେଷ୍ଟା ଜାରି ରଖିଛି । ମିଥ୍ ବା ଲୋକକାହାଣୀ ବା ଲୋକୋକ୍ତି ପଶ୍ଚାତ୍‌ରେ ଥିବା କଥାଗୁଡ଼ିକର କାରଣ ଖୋଜୁଛି । ମିଥ୍ ସୃଷ୍ଟିର କାରଣ ଖୋଜୁଛି । ଗଳ୍ପଟିର ବା ଉକ୍ତିଟିର ସଂଚାର ପଥର ସ୍ୱରୂପ ଓ କାରଣ ନିରୂପଣ କରୁଛି । କେଉଁ କେଉଁ ସ୍ତର ଦେଇ ଏହା ଆସିଛି ତାକୁ ଜାଣିବାକୁ ଚେଷ୍ଟା କରିଛି ଗବେଷକ । ଭାଷାତତ୍ତ୍ୱ, ନୃତତ୍ତ୍ୱ, ଅର୍ଥତତ୍ତ୍ୱ, ମନସ୍ତତ୍ତ୍ୱ, ଐତିହାସିକ ତତ୍ତ୍ୱ ଓ ତଥ୍ୟ, ଭୌଗୋଳିକ ଜ୍ଞାନ, ସମାଜ ତତ୍ତ୍ୱ ଏହି ଲୋକତତ୍ତ୍ୱ ସହ ହାତମିଶାଇ ଗବେଷଣାକୁ ତ୍ୱରାନ୍ୱିତ କରିଛନ୍ତି । ଗବେଷକ ବର୍ତ୍ତମାନ ଏକ ଆନ୍ତଃଶୃଙ୍ଖଳାଗତ ଅଧ୍ୟୟନ ଉପରେ ଅଧିକରୁ ଅଧିକ ଧ୍ୟାନ ଦେଉଛି । ଫଳରେ ଗବେଷଣାର ସ୍ୱରୂପ ବଦଳି ବଦଳି ଚାଲିଛି । ମଣିଷର ଆଦିରୂପ ଓ ସଂସ୍କୃତିକୁ ଆବିଷ୍କାର କରିବାକୁ ଗବେଷକ ତତ୍ପରଶୀଳତା ଦେଖାଯାଇଛି । ସୌରପୁରାତାତ୍ତ୍ୱିକ ମତବାଦ, ଅଭିଯାତ୍ରା ମତବାଦ, ତୁଳନାତ୍ମକ ପଦ୍ଧତି, ମନଃ-ସମୀକ୍ଷଣ ପଦ୍ଧତି, ସଂରଚନା ପଦ୍ଧତି, ଐତିହାସିକ-ଭୌଗୋଳିକ ପଦ୍ଧତି, ନୃତାତ୍ତ୍ୱିକ ପଦ୍ଧତି ପ୍ରଭୃତି ଦ୍ୱାରା ଉଦ୍ଧୃତ ଲୋକକାହାଣୀଟିର ସ୍ୱର ଓ ସ୍ୱରୂପ ନିର୍ଣ୍ଣୟ କରିବାକୁ ସେ ଚେଷ୍ଟା କରିଛି ।

ସମଗ୍ର ପୃଥିବୀରେ ଯେପରି ଲୋକ ସାହିତ୍ୟ ସଂଗ୍ରହ, ସମୀକ୍ଷା ଓ ଗବେଷଣା କାର୍ଯ୍ୟ ଜାରି ରହିଛି ଭାରତବର୍ଷ ପରି ବହୁଭାଷୀ, ବହୁ ସାଂସ୍କୃତିକ ଭୂଖଣ୍ଡରେ ମଧ୍ୟ ଏବଂବିଧ ଅଧ୍ୟୟନ ଆରମ୍ଭ ହୋଇଛି । ଊନବିଂଶ ଶତକରେ ବିଶେଷକରି ଏହି ଅଧ୍ୟୟନ ଓ ସଂଗ୍ରହ ଆରମ୍ଭ ହୋଇଛି । ଓଡ଼ିଶାରେ ଲୋକକାହାଣୀ ଓ ଲୋକଗୀତ ସଂଗ୍ରହ, ଅଧ୍ୟୟନ ଓ ଗବେଷଣା ମଧ୍ୟ ଏହି ଶତାବ୍ଦୀ (୧୮୦୦)ରୁ ଆରମ୍ଭ ହୋଇଛି । ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ମଧ୍ୟ ଏହି ଶତକର ଶେଷ ଭାଗବେଳକୁ ଲୋକସାହିତ୍ୟ ସଂଗ୍ରହ ଓ ଗବେଷଣା ଆରମ୍ଭ ହୋଇଛି ।

ଓଡ଼ିଆ ଲୋକସାହିତ୍ୟର ସର୍ବପ୍ରଥମ ସଂକଳନ କାର୍ଯ୍ୟ ୧୮୭୬ ଖ୍ରୀଷ୍ଟାବ୍ଦରେ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ସେ କାଳରେ ଓଡ଼ିଶାର କମିଶନର ରେଭେନ୍‌ସା ସାହେବ ଏ କ୍ଷେତ୍ରରେ ଖୁବ୍ ସାହାଯ୍ୟ ମଧ୍ୟ କରିଥିଲେ । ପ୍ରାୟ ୧୭ଶ ଶତାବ୍ଦୀ ବେଳକୁ ୟୁରୋପୀୟ ଗବେଷକ ଓ ପଣ୍ଡିତମାନେ ଏହି ଲୋକସାହିତ୍ୟ, ଲୋକ ଉପାଦାନଗୁଡ଼ିକର ମହତ୍ତ୍ୱ ବୁଝି- ଏସବୁର ସଂଗ୍ରହ ଆରମ୍ଭ କରି ଦେଇଥିଲେ । ଓଡ଼ିଶା ବା ସମଗ୍ର ଭାରତବର୍ଷ ସେତେବେଳେ ଇଂରେଜ ଶାସନାଧୀନ ଥିଲା । ସେମାନଙ୍କର ପ୍ରେରଣାରେ ଅନେକ ପ୍ରାଚ୍ୟ ମନୀଷୀ ଏସବୁର ସଂଗ୍ରହରେ ମନଦେଲେ । ତେବେ ସେ ଯାହାହେଉ ପଛକେ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଉତ୍ତାରେ ନୀଳମଣି ବିଦ୍ୟାରତ୍ନ, ଅପର୍ଣ୍ଣା ପଣ୍ଡା, ମୁନ୍‌ସୀ ଶେଖ ଅବଦୁଲ୍ ମଜିଦ୍, ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ, ପଣ୍ଡିତ ଭଗବାନ ହୋତା, ରାଘବାନନ୍ଦ ଦାସ, ଚନ୍ଦ୍ରଶେଖର ବାହିନୀପତି ପ୍ରମୁଖ ଏ କ୍ଷେତ୍ରରେ ମନ ଦେଇଥିଲେ । ପ୍ରହରାଜଙ୍କ

ଲୌକିକ ପଦ ଓ ଢଗଢ଼ମାଳି- (୧ମ ଓ ୨ୟ ଭାଗ) ଏ କ୍ଷେତ୍ରରେ ଏକ ବିରାଟ ଚେଷ୍ଟା ।

ସେହିପରି ୧୯୩୧ ରେ ବିଶିଷ୍ଟ ଲୋକସାହିତ୍ୟ ସଂଗ୍ରାହକ ଦେବେନ୍ଦ୍ର ସତ୍ୟାର୍ଥୀ ଲୋକଗୀତି ସଂଗ୍ରହ କରିବାକୁ ଓଡ଼ିଶା ଆସିଥିଲେ । ଚକ୍ରଧର ମହାପାତ୍ର ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସାହାଯ୍ୟ ଦ୍ୱାରା ସେ ନିଜ କାର୍ଯ୍ୟକୁ ସଫଳ ରୂପେ ସଂପାଦନ କରି ପାରିଥିଲେ । ପ୍ରହରାଜଙ୍କ 'ଉତ୍କଳକାହାଣୀ' (୧୯୦୧) ଚକ୍ରଧର ମହାପାତ୍ରଙ୍କ ଉତ୍କଳ ଗାଉଁଲି ଗୀତ ଚୁମ୍ବକ (୧୯୩୯), ଉତ୍କଳ ଗାଉଁଲି ଗୀତ (୧୯୫୮), ବୋହୂଙ୍କ ସୁଖ ଦୁଃଖ ଗୀତିକା (୧୯୪୬), ଓଡ଼ିଆ ଗ୍ରାମ୍ୟଗୀତି (୧୯୫୮) ପ୍ରଭୃତି ଏ କ୍ଷେତ୍ରରେ ପ୍ରାତଃ ସ୍ମରଣୀୟ । ସେହିପରି ଲୋକରତ୍ନ କୁଂଜବିହାରୀ ଦାଶଙ୍କ ଦ୍ୱାରା ପ୍ରକାଶିତ 'ପଲ୍ଲୀପୁଷ୍ପ' (୧୯୪୮), 'ପଲ୍ଲୀ ଝରଣା' (୧୯୫୦), 'ଓଡ଼ିଆ ଲୋକଗୀତ ଓ କାହାଣୀ' (୧୯୫୮), 'ପଲ୍ଲୀଗୀତି ସଂଚୟନ' (୧ମ, ୨ୟ, ୩ୟ) 'ଓଡ଼ିଆ ଲୋକ କାହାଣୀ', 'ଲୋକଗଳ୍ପ ସଂଚୟନ' ପ୍ରଭୃତି ତାଙ୍କର ଏକ ଏକ ବଳିଷ୍ଠ ସଂଗ୍ରହ । ପ୍ରଫେସର କଇଳାଶ ପଟ୍ଟନାୟକ ମଧ୍ୟ ଲୋକକାହାଣୀ ସଂଗ୍ରହ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ରଖିଛନ୍ତି । 'ଉତ୍କଳ କାହାଣୀ' ଏହାର ପ୍ରମାଣ ।

ତେବେ ଲୋକସାହିତ୍ୟ ଗବେଷଣାର ପ୍ରାଥମିକ କଥାଟା ହେଉଛି ଏହି ସଂଗ୍ରହ । ଦ୍ୱିତୀୟରେ ଏଗୁଡ଼ିକର ଉପାଦାନ ନିରୂପଣ କରିବା ଆମର ଅନ୍ୟତମ କର୍ତ୍ତବ୍ୟ । ଲୋକଗଳ୍ପର ଟାଇପ୍, ମୋଟିଫ୍, ଓ ଫଙ୍କସନ୍ ସ୍ଥିର କରିବା ଓ କେଉଁପରି ଏହା ଗତି କରୁଛି ତା'ର ସ୍ୱରୂପ ନିର୍ଣ୍ଣୟ କରିବା ଆଜି ଗବେଷକର ପ୍ରଧାନ କର୍ତ୍ତବ୍ୟ ହୋଇପଡ଼ିଛି । ଲୋକବିଦ୍ୟା ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିପାରିଛି । ଗତାନୁଗତିକ ଗବେଷଣା ଓ ସମୀକ୍ଷଣ ଠାରୁ ଆଜି ଏକବିଂଶ ଶତାବ୍ଦୀରେ ଗବେଷଣାର ସ୍ୱରୂପ ଓ ଆଭିମୁଖ୍ୟ ସଂପୂର୍ଣ୍ଣ ବଦଳି ଯାଇଛି । ଭିନ୍ନ ଭିନ୍ନ ପଦ୍ଧତି ଜରିଆରେ ଆଜି ଗବେଷକକୁ ଗବେଷଣା କରିବାକୁ ପଡୁଛି ।

"ଲୋକସାହିତ୍ୟ ଓ ଲୋକସଂସ୍କୃତି ଭିତରେ ଯାହାବି ସାଦୃଶ୍ୟ ଥାଉ ବା ନଥାଉ, କିନ୍ତୁ ଏକଥା ସତ ଯେ, ଗୋଟିଏ ପକ୍ଷରେ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକମାନଙ୍କର ସାହିତ୍ୟ ସୃଷ୍ଟି ହୋଇଛି ଓ ଅପରପକ୍ଷରେ ଲୋକସାହିତ୍ୟର ଅଧ୍ୟୟନ, ଅନୁଶୀଳନ, ବିଶ୍ଳେଷଣ ବା ଟନାଘନା ଚାଲିଛି । ଏହି ଅଧ୍ୟୟନ, ବିଶ୍ଳେଷଣ ବା ଅନୁଶୀଳନର ଏକ ସ୍ୱତନ୍ତ୍ର ଧାରା ରହିଛି । ସେ ଧାରା ଏକ ଫର୍ମୁଲା ପରି । ବିବିଧ ତତ୍ତ୍ୱ ଓ ନିୟମକୁ ଧରି ଲୋକସାହିତ୍ୟ ଅଧ୍ୟୟନର ପ୍ରକ୍ରିୟା ବା ପଦ୍ଧତି ନିର୍ଦ୍ଦେଶ ହୋଇଛି ଓ ଏହି ପଦ୍ଧତି ପଛରେ କେତେକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ମଧ୍ୟ ରହିଛି । ଲୋକଉପାଦାନ ଖୋଜିବା, ଅଲଗା କରିବା, ସ୍ୱାତନ୍ତ୍ର୍ୟ ବାହାର କରିବା ଓ ଏହାଦ୍ୱାରା ସଂପୃକ୍ତ ଲୋକଗଳ୍ପ, ଗୀତ, ନାଟ୍ୟ ବା ଉକ୍ତିର ସାଂସ୍କୃତିକ ପୃଷ୍ଠଭୂମି ନିର୍ଣ୍ଣୟ କରିବା ତଥା ଏହାକୁ ନେଇ ଅନ୍ୟାନ୍ୟ ସ୍ଥାନର ସାଦୃଶ୍ୟମୂଳକ ଲୋକକଥା, ଗୀତ ପ୍ରଭୃତିର ଉପାଦାନ ସହ ତୁଳନା କରିବା, ସାମ୍ୟ ବା ସାଦୃଶ୍ୟର କାରଣ ନିରୂପଣ କରିବା, ଲୋକସାହିତ୍ୟରୁ ଲୋକ ସଂସ୍କୃତିକୁ ଧରିବା ଓ ଏହାର ସଂଚରଣ ପଥ ନିର୍ଣ୍ଣୟ କରିବା, ପ୍ରଭାବକାରୀ ଓ ପ୍ରଭାବିତ ସଂସ୍କୃତି, ସଭ୍ୟତା ନିରୂପଣ କରିବା ଓ ଏହିପରି ଅନେକ ବିଶେଷତ୍ୱର ବୌଦ୍ଧିକ ଅନୁସନ୍ଧାନ ବୈଜ୍ଞାନିକ ତଥା ତାର୍କିକ ପ୍ରକ୍ରିୟାରେ କରିବା ହେଉଛି ଏଇ ଲୋକ ସାହିତ୍ୟତତ୍ତ୍ୱର କାର୍ଯ୍ୟ ।" (ସମୀକ୍ଷା ସଂଦର୍ଶନ / ସନ୍ତୋଷ କୁମାର ନାୟକ) ପ୍ରକାଶ ଥାଉକି ଏହି ଲୋକ ସାହିତ୍ୟ ସମୀକ୍ଷଣ ଓ ଗବେଷଣା କ୍ଷେତ୍ରରେ ଓଡ଼ିଶା ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଖୁବ୍ ପଛରେ ରହିଯାଇଛି । ଆସାମ, କର୍ଣ୍ଣାଟକ, କଲିକତା ପ୍ରଭୃତି ରାଜ୍ୟରେ ଲୋକସାହିତ୍ୟ ଅଧ୍ୟୟନ ଓ ଗବେଷଣା ଖୁବ୍ ଉଚ୍ଚମାନର ଯାଇ ପହଞ୍ଚିଲାଣି । କିନ୍ତୁ ଓଡ଼ିଶାରେ ଅଣବୈଜ୍ଞାନିକ ଉପାୟରେ ସମୁଦ୍ରକୁ ଶଙ୍ଖେ କାମ ହୋଇଛି । ଯେଉଁ କେତେକ କାମ ହେଉଛି ତାହା ବି ଆନ୍ତର୍ଜାତୀୟ ସ୍ତରୀୟ ନୀତିନିୟମ ବା ପ୍ରାମାଣିକ ସ୍ୱରୂପାଧାରରେ ହୋଇପାରିନି । ATU-Type Index, ଥମ୍ସନ୍‌ଙ୍କ Motif Index, ପ୍ରପ୍‌ଙ୍କ Morphology of the Folktale ପ୍ରଭୃତି ପ୍ରାମାଣିକ (Standard) ଗ୍ରନ୍ଥ ଆଧାରରେ ଗବେଷଣା ବା ତଥ୍ୟସଂଗ୍ରହ, ତଥ୍ୟ ବିଶ୍ଳେଷଣ, ତଥ୍ୟ ସଜ୍ଜୀକରଣ, ନିଷ୍କର୍ଷ ନିରୂପଣାଦି କରାଯାଇପାରୁ ନାହିଁ । କଲିକତାର କଲ୍ୟାଣୀ ବିଶ୍ୱବିଦ୍ୟାଳୟ, କଲିକତା ବିଶ୍ୱବିଦ୍ୟାଳୟ ଓ ଏପରିକି ଛୋଟ ବଡ଼ ମହାବିଦ୍ୟାଳୟ ସ୍ତରରେ ମଧ୍ୟ ଲୋକ ସଂସ୍କୃତିକୁ ସ୍ୱତନ୍ତ୍ର ଭାବରେ ପାଠ କରାଯାଉଛି । ଆସାମର ଗୌହାଟି ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହି ପାଠ୍ୟକ୍ରମ ରହିଛି । ଏଠାରେ ଲୋକସାହିତ୍ୟ ଗବେଷଣା ପାଇଁ ସ୍ୱତନ୍ତ୍ର ଏକ ବିଭାଗ ରହିଛି । ଏଣୁ ବିବିଧ ତତ୍ତ୍ୱ ଓ ତଥ୍ୟପାଇଁ ଏଠାରେ ସୁଯୋଗ ବ୍ୟାପକ । କର୍ଣ୍ଣାଟକର ଧରଓ୍ୱାରସ୍ଥିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କନ୍ନଡ଼ ଷ୍ଟଡ଼ିଜ୍' ବାଙ୍ଗାଲୋର ସ୍ଥିତ 'କର୍ଣ୍ଣାଟକ ଜନପଦ ଓ ଯକ୍ଷଗାନ ଏକାଡ଼େମୀ, ଉଡୁପୀ ସ୍ଥିତ 'ଦ' ରିଜିଓନାଲ୍ ରିସୋର୍ସେସ୍ ସେଣ୍ଟର୍ ଫର୍ ଫୋକ୍ ପରଫର୍ମିଂ ଆର୍ଟସ୍', ମହୀଶୂର ବିଶ୍ୱବିଦ୍ୟାଳୟର Folklore Museum, Audio-Visual Unit ପ୍ରମୁଖ ଏହି ସବୁ ବିଭାଗରେ ଉଚ୍ଚତର ଗବେଷଣାର ପ୍ରମାଣ । ଓଡ଼ିଶାରେ ମାତ୍ର ଅଳ୍ପ କେତେ ଜଣ ବିଦ୍ୱାନ ଏ ଦିଗରେ ଲେଖନୀ ଚଳାଇଲେ ମଧ୍ୟ ତାହା ଆଦୌ ପର୍ଯ୍ୟାପ୍ତ ନୁହେଁ । ଗୁଣାତ୍ମକ ଗବେଷଣାର ସଂଖ୍ୟା ଏ ଦିଗରେ ଖୁବ୍ କମ୍ ବା ନାହିଁ କହିଲେ ଚଳେ । ଲୋକରତ୍ନ କୁଂଜବିହାରୀ ଦାଶ, ନରେନ୍ଦ୍ର ନାଥ ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର,

ଭାବଗ୍ରାହୀ ମିଶ୍ର, ପ୍ରସନ୍ନ କୁମାର ମିଶ୍ର, କଇଳାଶ ପଟ୍ଟନାୟକ, ମହେନ୍ଦ୍ର କୁମାର ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ନାରାୟଣ ସାହୁ, ପ୍ରସନ୍ନ କୁମାର ପ୍ରଧାନ, ନିମାଇଁ ଚରଣ ପଣ୍ଡା, ଦେବରାଜ ପଣ୍ଡା, ମୋହନ ଲାଲ୍ ସାହୁ, ଆଦିକନ୍ଦ ମହନ୍ତ, ଭୋଳାନାଥ ରାଉତ, କ୍ଷୀରୋଦ କୁମାର ମିଶ୍ର, ଧନେଶ୍ୱର ବେରି, ସୀମାଞ୍ଚଳ ପ୍ରଧାନ, ଅଞ୍ଜଳି ପାଢ଼ୀ, ଦ୍ୱାରିକାନାଥ ନାୟକ, ସନ୍ତୋଷ କୁମାର ନାୟକ, ମିହିର କୁମାର ସାହୁ, ପ୍ରଭା ମହାପାତ୍ର, ବାଳକୃଷ୍ଣ ମିଶ୍ର ପ୍ରମୁଖଙ୍କ ନାମ ଏ କ୍ଷେତ୍ରରେ ଆଲୋଚନା ଓ ଗବେଷଣାରେ ଶୁଣାଯାଏ । କିନ୍ତୁ ଏସବୁ ଆଦୌ ପର୍ଯ୍ୟାପ୍ତ ବା ଯଥେଷ୍ଟ ନୁହେଁ । ଏ ସଂପର୍କରେ ଆମେ ଆନ୍ତର୍ଜାତୀୟ ସ୍ତରକୁ ଅବଲୋକନ କଲେ ଅବଶ୍ୟ ସ୍ପଷ୍ଟ ରୂପେ ଜାଣିପାରିବା ଯେ, ଆମେ କେଉଁ ସ୍ତରରେ ଅଛୁ ଓ ଅନ୍ୟାନ୍ୟ ଦେଶ ଓ ରାଜ୍ୟ କେଉଁସ୍ତରକୁ ଚାଲି ଗଲେଣି ଏହି ଲୋକସାହିତ୍ୟ ଓ ସଂସ୍କୃତି ଗବେଷଣା କ୍ଷେତ୍ରରେ । ଏଣ୍ଟିଆର୍ନେ, ଥମ୍ସନ୍, ଜାକ୍, ବର୍ନହାମ୍, ମାରି ଡଗଲସ୍, ଆଲାନ୍ ଡ୍ୟୁନ୍ସ, ଜେମସ୍ ଫ୍ରେଜର, ହେନ୍‌ରି ଗ୍ଲାସି, ଇ.ଏଚ. ଗମବ୍ରିଚ୍, ଡେଲ ହାଇମ୍ସ, ଏଡ୍‌ମଣ୍ଡ ଲିଚ୍, କ୍ଲଦ୍ ଲେଭିଷ୍ଟ୍ରସ୍, ଇ.କେ. ମାରାଣ୍ଡା, ପିଟର ମାରାଣ୍ଡା, ଡେଭିଡ୍ ପେସ୍, ଭ୍ଲାଦିମିର୍ ପ୍ରପ୍, ଲିସ୍‌ଲି ପ୍ରୋଷ୍ଟରମେନ୍, ରବୋର୍ଟ ସ୍କୋଲ୍‌ସ, ଚମସ୍କି, ଆଲବର୍ଟ ବି.ଲର୍ଡ୍, ଡନବେନ୍ ଆମ୍ସ, ନିକିଫୋର୍ବ, ରାଲ୍‌ଫ୍ ପିଡ଼ିଙ୍ଗଟନ୍, ରାଡ୍‌କ୍ଲିଫ୍ ବ୍ରଓନ୍, ଟାଲକୋଟ୍, ପାର୍ସନ, ମାଲିନୋସ୍କି, କାର୍ଲ ଆବ୍ରାହାମ୍, ଯୋସେଫ୍ କ୍ୟାମ୍ପ ବେଲ, ଆର୍‌ନେଷ୍ଟ ଜୋନ୍ସ, ଫ୍ରାନ୍‌ଜ୍ ବୋୟାସ୍, ବାସ୍‌କମ୍, କାର୍ଲକ୍ରୋନ୍, ଜୁଲିଅସ୍‌କ୍ରୋନ୍, ବେନ୍‌ଫି, ମାକ୍‌ସମୁଲର, ଭନ୍‌ସାଇଦୋ, ଏକ୍‌ସେଲ୍ ଓଲ୍ରିକ୍, ଏଲିଆସ୍ ଲନ୍‌ରଟ୍ ପ୍ରମୁଖ ଶତାଧିକ ଗବେଷକ ଓ ପଥପ୍ରଦର୍ଶକ ଏ ଦିଗରେ ବୈଜ୍ଞାନିକ ଓ ତର୍କ ସଂଗତ, ପଦ୍ଧତିଗତ ଗବେଷଣା କରି ବିଭିନ୍ନ ସ୍ୱତନ୍ତ୍ର ପଦ୍ଧତି ଓ ତତ୍ତ୍ୱ ପ୍ରତିଷ୍ଠା କରିପାରିଛନ୍ତି । ଓଡ଼ିଆ ବା ଭାରତୀୟ ପ୍ରେକ୍ଷାପଟରେ ଏହାଠାରୁ ଆହୁରି ସୂକ୍ଷ୍ମତର ଗବେଷଣା ସମ୍ଭବ । ଭାରତରେ ଥିବା ମିଶ୍ର ସଂସ୍କୃତି ହିଁ ଏହି ଅଧ୍ୟୟନ ପାଇଁ ଖୋରାକ୍ ହେବ । ଭିନ୍ନ ଭିନ୍ନ ଜାତି-ଜନଜାତି ଓ ସଂସ୍କୃତି ମଧ୍ୟରେ ଏହି ଅଧ୍ୟୟନ କରିବା ଲାଗି ଭାରତ ଭୂଖଣ୍ଡ ଖୁବ୍ ଉର୍ବର, ସମ୍ଭାବନାମୟ ଓ ସୁବିଧାଜନକ । ଏହିଠାରୁ ଆହୁରି ଅନେକ ତଥ୍ୟ ବାହାରିବାକୁ ବାକି ରହିଛି । କାରଣ ଯେଉଁ କେତୋଟି ଲୋକସାହିତ୍ୟ ଇଂରାଜୀରେ ବା ଲାଟିନ୍ ଭାଷାରେ ଅନୂଦିତ ହୋଇପାରିଛି, ସେହି କେତେକ ଖଣ୍ଡ ହିଁ ଆଲୋକକୁ ଆସିପାରିଛି ଓ ବିବିଧ ପଦ୍ଧତିରେ ଓ ତତ୍ତ୍ୱ ମାଧ୍ୟମରେ ଅଧ୍ୟୟନ ହୋଇପାରିଛି । କିନ୍ତୁ ଭାରତରେ ଏହିପରି ଅନେକ ଗଳ୍ପ, ଗୀତ, ନାଟ୍ୟଧାରା ଅନୂଦିତ ନହୋଇ ଲୋକମୁଖରେ ରହିଛି । କିଛିଟା ଆଂଚଳିକ ଭାଷାରେ ଲିଖିତ ହୋଇ ରହିଲାଣି । ମାତ୍ର ସେ ସବୁକୁ ନେଇ ବିଶ୍ୱସ୍ତରରେ ଅନ୍ୟାନ୍ୟ ଭୂଖଣ୍ଡର ସାହିତ୍ୟ ସହ ଅଧ୍ୟୟନ କରାଯାଇ ପାରିନାହିଁ । ଏହା ଆମର ନୈତିକ ଓ ବୌଦ୍ଧିକ କର୍ତ୍ତବ୍ୟ ମାତ୍ର ।

ଲୋକସାହିତ୍ୟ ଅଧ୍ୟୟନ ପାଇଁ ସଂପ୍ରତି ଯେଉଁ ପଦ୍ଧତି ଗୁଡ଼ିକୁ ଗ୍ରହଣ କରାଯାଉଛି ସେସବୁ କେତେକ ନିର୍ଦ୍ଦିଷ୍ଟ ସ୍ତରୀୟ ଉପାଦାନ ଉପରେ ନିର୍ଭର କରେ । ପ୍ରଥମତଃ ଗବେଷକକୁ ATU-Index ଅନୁସାରେ ଗଳ୍ପଟିର ଟାଇପ୍ ନିର୍ଦ୍ଦେଶ କରିବାକୁ ହୁଏ । ତା'ପରେ ଗଳ୍ପଟିକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରି ଏହାକୁ କଥନିକା ସ୍ତରରେ ତଥା ବିବିଧ ମୋଟିଫ୍ ସ୍ତରରେ ବିଭକ୍ତ କରିବାକୁ ହୁଏ । ପ୍ରପ୍‌ଙ୍କ ନିର୍ଦ୍ଦେଶିତ ଲୋକଗଳ୍ପ (ସଂଗୃହୀତ)ଟି ମଧ୍ୟରେ ଥିବା ପ୍ରକାର୍ଯ୍ୟଗୁଡ଼ିକୁ ଅନୁକ୍ରମରେ ସଜାଇବାକୁ ପଡ଼ିବ । ଏସବୁର ଅଧ୍ୟୟନରୁ ଲୋକଗଳ୍ପର ପ୍ରକୃତ ସ୍ୱରୂପ ଜଣାପଡ଼େ । 'The Types of the Folktales' ଗ୍ରନ୍ଥରେ ୫ପ୍ରକାରର ଯେଉଁ ଟାଇପ୍‌ର ନିର୍ଦ୍ଦେଶ ରହିଛି ତାହା ଏହିପରି-

**୧) ଜୀବଜନ୍ତୁ ଗଳ୍ପ (୧-୨୯୯)**

୧-୯୯ ବନ୍ୟଜନ୍ତୁ ମୂଳକ ଗଳ୍ପ, ୧୦୦-୧୪୯ ବନ୍ୟଜନ୍ତୁ ଓ ଗୃହପାଳିତ ପଶୁ, ୧୫୦-୧୯୯ ମଣିଷ ଓ ବନ୍ୟଜନ୍ତୁ, ୨୦୦-୨୧୯ ଗୃହପାଳିତ ପଶୁ, ୨୨୦-୨୪୯ ପକ୍ଷୀ ସଂପର୍କୀୟ ଗଳ୍ପ, ୨୫୦-୨୭୪ ମାଛ ଓ ୨୭୫-୨୯୯ ଅନ୍ୟାନ୍ୟ ଜୀବଜନ୍ତୁ ସଂପର୍କୀୟ ଗଳ୍ପ ।

**୨) ସାଧାରଣ ଲୋକଗଳ୍ପ (୩୦୦-୧୧୯୯)**

A) ଯାଦୁ ବିଦ୍ୟାମୂଳକ (୩୦୦-୭୪୯)

B) ଧାର୍ମିକ ଗଳ୍ପ (୭୫୦-୮୪୯)

C) ରୋମାନ୍ସ ଗଳ୍ପ (୮୫୦-୯୯୯)

D) ନିର୍ବୋଧ ରାକ୍ଷସ ଗଳ୍ପ (୧୦୦୦-୧୧୯୯)

(**ବି.ଦ୍ର.** - ଏଠାରେ ପ୍ରକାଶଥାଉକି ୩୦୦ ରୁ ୭୪୯ ମଧ୍ୟରେ ଯଥାକ୍ରମେ ୩୦୦-୩୯୯ ଦୈବ ଦୁର୍ଯୋଗ, ୪୦୦-୪୫୯ ଅଲୌକିକ ସ୍ୱାମୀ ବା ସ୍ତ୍ରୀ, ୪୬୦-୪୯୯ ଦୈବୀ କାର୍ଯ୍ୟମୂଳକ, ୫୫୦-୫୫୯ ଦୈବୀ ସହାୟତାମୂଳକ, ୫୬୦-୬୪୯ ଐନ୍ଦ୍ରଜାଲିକ ବସ୍ତୁମୂଳକ, ୬୫୦-୬୯୯ ଦୈବୀଶକ୍ତି ମୂଳକ, ୭୦୦-୭୪୯ ଅନ୍ୟାନ୍ୟ ଦୈବୀଶକ୍ତିମୂଳକ ଗଳ୍ପଗୁଡ଼ିକୁ ନେଇ ନିର୍ଦ୍ଦେଶ କରାଯାଇଛି ।

**୩) ହାସ୍ୟ ଓ ବାସ୍ତବ କଥାମୂଳକ (୧୨୦୦-୧୯୯୯)**

୧୨୦୦-୧୩୪୯ ନିର୍ବୋଧ କଥା, ୧୩୫୦-୧୪୩୯ ଦାମ୍ପତ୍ୟ ଜୀବନ କଥା, ୧୪୪୦-୧୫୨୪ ବାଳିକା କଥା, ୧୫୨୫-୧୬୩୯ ଚତୁର ବାଳକ କଥା, ୧୬୪୦-୧୬୭୪ ବାଳକର ଆକସ୍ମିକ ସୌଭାଗ୍ୟ ପ୍ରାପ୍ତି କଥା, ୧୬୭୫-୧୭୨୪ ମୂର୍ଖ କଥା, ୧୭୨୫-୧୮୪୯ ବାଳକର ଧର୍ମାନୁଷ୍ଠାନ ସଂପୃକ୍ତ ହାସ୍ୟକର ଘଟଣା, ୧୮୫୦-୧୮୭୪ ଭିନ୍ନ ଭିନ୍ନ ଗୋଷ୍ଠୀର

ବାଳକମାନଙ୍କ ଗଳ୍ପ, ୧୮୭୫-୧୯୯୯ ଗାଲୁ ଗଳ୍ପ ବା ମିଥ୍ୟା ଗଳ୍ପ ।

**୪) ସୂତ୍ର ଗଳ୍ପ (୨୦୦୦-୨୩୯୯)**

୨୦୦୦-୨୧୯୯ ଗୁଚ୍ଛଗଳ୍ପ, ୨୨୦୦-୨୨୪୯ ଶ୍ରୋତାକୁ ଠକିବା ଗଳ୍ପ ୨୨୫୦-୨୩୯୯ ଅନ୍ୟାନ୍ୟ ଲୋକଗଳ୍ପ ।

**୫) ବିବିଧ / ଅବର୍ଗୀକୃତ ଗଳ୍ପ (୨୪୦୦-୨୪୯୯)**

ଏହି ୨୪୦୦ ରୁ ୨୪୯୯ ମଧ୍ୟରେ, ଉପରୋକ୍ତ କୌଣସି ପ୍ରକାର ଘଟଣାସହ ସଂପୃକ୍ତି ନଥିଲେ, ଗଳ୍ପଟି ସ୍ଥାନିତ ହୋଇଥାଏ । ଅବଶ୍ୟ ଏହି ବିବିଧ ଗଳ୍ପମାନଙ୍କ ସଂପର୍କରେ ATU Index ରେ ମଧ୍ୟ ବିବରଣୀ ରହିଛି ।

ଲୋକସାହିତ୍ୟ ଅଧ୍ୟୟନ କାଳରେ ଲୋକଗଳ୍ପକୁ ସଂଗ୍ରହ କଲାପରେ ସାଧାରଣତଃ ଏହାକୁ ବର୍ଗୀକୃତ କରାଯାଏ । ପ୍ରାମାଣିକ ବର୍ଗୀକରଣ ଲାଗି ସେହି AT-Index ର ସାହାଯ୍ୟ ନିଆଯାଇଛି । ଏହି Index ଅନୁସାରେ ଏକ ନମ୍ବର ବା କୋଡ୍ ମିଳେ । ଏଠାରେ ଲୋକ ଗଳ୍ପର ପ୍ରକାର ବା ରୂପ ଜଣାପଡ଼ିଯାଏ ।

ଲୋକସାହିତ୍ୟ ଅଧ୍ୟୟନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟାବହାରିକ କଣିକାଟି ହେଉଛି ମୋଟିଫ୍ ବା କଥାଭିପ୍ରାୟ ବା ଗଳ୍ପାଣୁ । ଷ୍ଟିଥ୍ ଥମ୍ପସନ୍‌ଙ୍କ Motif Index (ଛଅ ଭାଗରେ ବିଭକ୍ତ) ଅନୁସାରେ ସ୍ୱତନ୍ତ୍ର ମୋଟିଫ୍ ପାଇଁ ସ୍ୱତନ୍ତ୍ର ସଂଖ୍ୟା ନିର୍ଦ୍ଦେଶ କରାଯାଇଛି । ଏଣୁ ଏହି ଗ୍ରନ୍ଥ ସାହାଯ୍ୟରେ ଲୋକଗଳ୍ପଟିର ମୋଟିଫ୍‌ଗୁଡ଼ିକୁ ନିର୍ଦ୍ଦେଶ କରାଯାଇପାରେ । ସେସବୁ ମୋଟିଫ୍‌ର ସଂଖ୍ୟା ୨୩ । ଯଥା :-

A) ପୌରାଣିକ ଲୋକଗଳ୍ପ
B) ଜୀବଜନ୍ତୁ ବିଷୟକ
C) ଆନୁଷ୍ଠାନିକ ନିଷେଧ ସଂପର୍କୀୟ
D) ଇନ୍ଦ୍ରଜାଲ ବିଷୟକ
E) ମୃତପ୍ରାଣୀ ଓ ମୃତ୍ୟୁସଂପର୍କୀୟ
F) ବିସ୍ମୟକର ବିଷୟକ
G) ଭୟଙ୍କର ବିଷୟକ
H) ପରୀକ୍ଷା ସଂକ୍ରାନ୍ତ
I) ବିଜ୍ଞ ଓ ନିର୍ବୋଧ ସଂପର୍କୀୟ
J) ପ୍ରତାରଣା ବିଷୟକ
K) ଭାଗ୍ୟ ବିପର୍ଯ୍ୟୟ ମୂଳକ
L) ଭବିଷ୍ୟତ ବିଷୟକ
M) ସୁଯୋଗ ଓ ଭାଗ୍ୟ ବିଷୟକ
N) ସମାଜ-ସାମାଜିକତା ସଂପର୍କୀୟ
O) ପୁରସ୍କାର ଓ ଶାସ୍ତି ବିଷୟକ
P) ବନ୍ଦୀ ଓ ପଳାତକ ସଂପର୍କିତ
Q) ବର୍ବରତା ଓ ନିଷ୍ଠୁରତା ସଂପର୍କୀୟ
R) ଯୌନତା ସଂପର୍କୀୟ
S) ଜୀବନର ବୈଶିଷ୍ଟ୍ୟମୂଳକ
T) ଧର୍ମକୈନ୍ଦ୍ରିକ
U) ଚାରିତ୍ରିକ ବୈଶିଷ୍ଟ୍ୟ ମୂଳକ
V) ହାସ୍ୟ ରସାତ୍ମକ ଓ X) ବିବିଧ ବିଷୟକ ।

ଏହି ସବୁ ମୋଟିଫ୍ ଲୋକ ଗଳ୍ପରେ ଥିବା ନିଶ୍ଚିତ । ଏଣୁ ଏଗୁଡ଼ିକୁ ନେଇ ଲୋକଗଳ୍ପର ବିଧିବଦ୍ଧ ବୈଜ୍ଞାନିକ ବିଶ୍ଳେଷଣ କରିବା ଗବେଷକ ପାଇଁ ସୁବିଧା ହୁଏ । ଏ ମୋଟିଫ୍ କାହାଣୀର ଜଟିଳତା ଓ ସମସ୍ୟା-ସମାଧାନ ଉଭୟ ପାଇଁ ଦାୟୀ । ଗୋଟିଏ ମୋଟିଫ୍ ସଂପୂର୍ଣ୍ଣ କାହାଣୀ ମଧ୍ୟ ହୋଇପାରେ । ଗଳ୍ପର ଗତି ପ୍ରବାହ ଏହି ମୋଟିଫ୍ ହେତୁ ସମ୍ଭବ ହୋଇଥାଏ । ତେବେ ମୋଟିଫ୍‌କୁ ଆଶ୍ରୟ କରି ବା ଆଧାରକରି ଲୋକ ସାହିତ୍ୟର ଗବେଷଣା କଲେ ଅଧ୍ୟୟନଟି ଓ ଫଳାଫଳଟି ଅଧିକ ଯୁକ୍ତିଯୁକ୍ତ ହୋଇପାରେ ।

ପ୍ରପ୍ ଲୋକକାହାଣୀ ଅଧ୍ୟୟନର ଏକକ ଭାବରେ ପ୍ରକାର୍ଯ୍ୟକୁ ଗ୍ରହଣ କରିଛନ୍ତି । ସେ ବିବିଧ ଲୋକ ଗଳ୍ପ ଅଧ୍ୟୟନ କଲାପରେ ମତ ଦିଅନ୍ତି ଯେ, ଲୋକଗଳ୍ପର ପ୍ରକାର୍ଯ୍ୟ ସଂଖ୍ୟା ସୀମିତ ଓ ଏଗୁଡ଼ିକର ସଂଖ୍ୟା-୩୧ । ସେ କହନ୍ତି - ଏହି ପ୍ରକାର୍ଯ୍ୟ ଗୁଡ଼ିକରୁ ଯେଉଁ କେତୋଟି ବି ଏକ କାହାଣୀରେ ଦେଖାଯାଏ, ସେଗୁଡ଼ିକ ଏକ ଅନୁକ୍ରମରେ ଉପସ୍ଥିତ ହୁଅନ୍ତି । ସେଇ ୩୧ ଗୋଟି ପ୍ରକାର୍ଯ୍ୟ ନିମ୍ନ ପ୍ରକାରର-

**0.** $\alpha$ - **ପ୍ରାଥମିକ ଅବସ୍ଥା**

1. $\beta$ - **ଅନୁପସ୍ଥିତି**

$\beta^1$ - କୌଣସି ବୟସ୍କ ବ୍ୟକ୍ତିର ଗୃହତ୍ୟାଗ

$\beta^2$ - ମୃତ୍ୟୁ

$\beta^3$ - (ନାୟକ) ଯୁବକର ବିଦେଶ ଯାତ୍ରା

**2.** $\gamma$ - **ନିଷେଧ**

$\gamma^1$ - ବିଦେଶ ଯିବାକୁ ବାରଣ

$\gamma^2$ - ଘର ନ ଛାଡ଼ିବା ପାଇଁ ଆଦେଶ / ପ୍ରସ୍ତାବ

3. $\delta$ - **ନିଷେଧାଜ୍ଞାକୁ ଅମାନ୍ୟ / ବେଖାତିର୍ କରି ଆଗକୁ ବଢ଼ିବା**

4. $\varepsilon$ - **ପ୍ରାଥମିକ ସର୍ବେକ୍ଷଣ (ଖଳନାୟକ ନାୟକର ଠିକଣା ଅନୁସଂଧାନ କରିବା)**

$\varepsilon^1$ - ଖଳନାୟକ ଛୋଟପିଲା ବା ମୂଲ୍ୟବାନ ବସ୍ତୁର ଖବର ନିଏ ।

$\varepsilon^2$ - ବେଳେବେଳେ ନାୟକ ଅଜାଣତରେ ଖଳନାୟକକୁ ପ୍ରଶ୍ନକରେ ।

$\varepsilon^3$ – ଖଳନାୟକ ତୃତୀୟ ଏକ ଚରିତ୍ର ଦ୍ୱାରା ନାୟକ ସଂପର୍କରେ ଖୋଳତାଡ଼୍ କରି ସମ୍ବାଦ ଏକତ୍ର କରେ ।

5. $\zeta$ – **ତଥ୍ୟ ପ୍ରକାଶ**

$\zeta^1$ – ଖଳନାୟକ ସିଧାସଳଖ ତା'ର ପ୍ରଶ୍ନର ଉତ୍ତର ପାଏ ।

$\zeta^{2,3}$ – ବିପରୀତ ଉପାୟ[2] ବା ଅନ୍ୟାନ୍ୟ କୌଶଳ ପ୍ରୟୋଗରେ ତଥ୍ୟ ସଂଗ୍ରହ[3] ।

6. $\eta$ – **ପ୍ରତାରଣା / ଛଳନାପୂର୍ବକ ନାୟକର, ସଂପଦ / ପ୍ରିୟ ଜିନିଷଟିକୁ ହାତେଇବା ।**

$\eta^1$ – ଖଳର ପ୍ରବର୍ତ୍ତନା

$\eta^2$ – ସିଧାସଳଖ ଯାଦୁଶକ୍ତିର ପ୍ରୟୋଗ

$\eta^3$ – ଅନ୍ୟାନ୍ୟ ଉପାୟରେ ପ୍ରତାରଣା

7. $\theta$ – **ଅଜ୍ଞତାବଶତଃ ଖଳବ୍ୟୂହରେ ପଡ଼ିବା ଓ ଦୁଷ୍କର୍ମରେ ସହାୟତା**

$\theta^1$ – ନାୟକ ଖଳନାୟକର ସବୁ ସର୍ତ୍ତରେ ରାଜିହେବା ($\lambda$)

$\theta^2$ – ଯାଦୁଶକ୍ତିର ପ୍ରୟୋଗ ପ୍ରତି ପ୍ରତିକ୍ରିୟା

$\theta^3$ – ଅନ୍ୟାନ୍ୟ ଅସତ୍ ଉପାୟ ପ୍ରତି ନାୟକର, ପ୍ରତିକ୍ରିୟା

**8. A – ଖଳତ୍ୱ**

$A^1$– ଖଳନାୟକ ନାୟକ ପରିବାରର ସଦସ୍ୟଙ୍କୁ ଅପହରଣ କରେ ବା କ୍ଷତି ପହଞ୍ଚାଏ ।

$A^2$– ଖଳ କୌଣସି ଯାଦୁ ଦ୍ରବ୍ୟକୁ ହସ୍ତଗତ ବା ଅପହରଣ କରଥାଏ ।

$A^3$– ଖଳ ଶସ୍ୟ ନଷ୍ଟ କରେ ବା ଅପହରଣ କରେ ।

$A^4$– ଖଳ ସୂର୍ଯ୍ୟକିରଣକୁ ହସ୍ତଗତ କରେ ।

$A^5$– ଖଳ ଅନ୍ୟ କୌଣସି ପ୍ରକାରର ଦସ୍ୟୁବୃତ୍ତି କରେ ।

$A^6$– ଖଳ ଶାରିରୀକ କ୍ଷତି ସାଧନ କରେ ।

**9. B – ସଂଯୋଗକାରୀ କାର୍ଯ୍ୟାନୁଷ୍ଠାନ**

$B^1$– ସାହାଯ୍ୟପାଇଁ କାହାରି ପ୍ରାର୍ଥନା ହେତୁ ନାୟକକୁ ପ୍ରେରଣ ।

$B^2$– ନାୟକକୁ ସିଧାସଳଖ ପ୍ରେରଣ ।

$B^3$– ଗୃହତ୍ୟାଗ ପାଇଁ ନାୟକକୁ ଅନୁମତି ପ୍ରଦାନ ।

$B^4$– ଦୁର୍ଭାଗ୍ୟ ବିଷୟ ଘୋଷଣା

$B^5$– ନିର୍ବାସିତ ନାୟକକୁ ଦୂରଦେଶକୁ ପ୍ରେରଣ ।

$B^6$– ପ୍ରାଣଦଣ୍ଡରେ ଦଣ୍ଡିତ ବ୍ୟକ୍ତିକୁ ଗୋପନରେ ମୁକ୍ତିଦେବା ।

$B^7$– ଶୋକ ସଂଗୀତ ଗାନ ।

**10. C - ସଂଧାନୀ ନାୟକ ଦୁର୍ବୃତ୍ତର ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ ହୁଏ ବା ସିଦ୍ଧାନ୍ତ ନିଏ : ପ୍ରତିରୋଧ**

**11. ↑ – ନାୟକର ଗୃହତ୍ୟାଗ**

**12. D – ସାହାଯ୍ୟକାରୀ ବା ଦାତାଙ୍କ କ୍ରିୟା**

$D^1$ – ଦାତା ନାୟକକୁ ପରୀକ୍ଷା କରେ ।

$D^2$ – ଦାତା ନାୟକକୁ ପ୍ରଶ୍ନ କରେ ।

$D^3$ – ମୁମୂର୍ଷୁ ବା ମୃତ ବ୍ୟକ୍ତି କୌଣସି ଉପକାର କରିବାକୁ ଅନୁରୋଧ କରେ ।

$D^4$– ବନ୍ଦୀର ମୁକ୍ତି ପାଇଁ ଅନୁରୋଧ ।

$D^5$– ଦୟା ଦେଖାଇବା ପାଇଁ ନାୟକକୁ ଅନୁରୋଧ ।

$D^6$– କଳହଲିପ୍ତ ବ୍ୟକ୍ତିଙ୍କର ସମ୍ପତ୍ତି ଭାଗ କରିଦେବା ପାଇଁ ଅନୁରୋଧ ।

$D^7$– ଅନ୍ୟାନ୍ୟ ଅନୁରୋଧ

$D^8$– କୌଣସି ଶତ୍ରୁଭାବାପନ୍ନ ଜୀବର ନାୟକକୁ ଧ୍ୱଂସ କରିବା ଚେଷ୍ଟା ।

$D^9$– କୌଣସି ଶତ୍ରୁଭାବାପନ୍ନ ଜୀବ ନାୟକକୁ ସଂଘର୍ଷ ଲିପ୍ତ କରିବା ।

$D^{10}$– ଅଦଳ ବଦଳ ଉଦ୍ଦେଶ୍ୟରେ କୌଣସି ଯାଦୁ ଦ୍ରବ୍ୟ ନାୟକକୁ ପ୍ରଦର୍ଶନ କରିବା ।

**13. E - ଭାବୀଦାତା ପ୍ରତି ନାୟକର ପ୍ରତିକ୍ରିୟା**

$E^1$ – ନାୟକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଏ ବା ହୁଏନାହିଁ ।

$E^2$ – ନାୟକ ପ୍ରୀତି ସମ୍ଭାଷଣର ଉତ୍ତର ଦିଏ ବା ଦିଏ ନାହିଁ ।

$E^3$ –ନାୟକ ମୁମୂର୍ଷୁ ବ୍ୟକ୍ତିର କିଛି ଉପକାର କରେ ବା କରେନାହିଁ ।

$E^4$ – ନାୟକ କୌଣସି ବଂଦୀକୁ ମୁକ୍ତି ଦିଏ ।

$E^5$ –ନାୟକ କୌଣସି କୃପାପ୍ରାର୍ଥୀକୁ ଦୟା ଦେଖାଏ ।

$E^6$ – ନାୟକ କୌଣସି ଦାୟିତ୍ୱ ପାଳନ କରେ ଓ କଳହକାରୀଙ୍କ ଭିତରେ ବୁଝାମଣା କରାଇଦିଏ ।

$E^7$ – ନାୟକ ଅନ୍ୟ କୌଣସି ଉପକାର କରେ ।

$E^8$ – ନାୟକ ତା' ବିରୋଧରେ ପ୍ରୟୋଗ କରାଯାଇଥିବା କୌଶଳ ପ୍ରୟୋଗ କରି ନିଜକୁ ରକ୍ଷା କରେ ।

$E^9$ – ନାୟକ ଶତ୍ରୁକୁ ପରାସ୍ତ କରେ ବା କରେନା ।

$E^{10}$ – ନାୟକ ଦ୍ରବ୍ୟ ଅଦଳ ବଦଳ ପାଇଁ ରାଜି ହୁଏ, କିନ୍ତୁ ପ୍ରତିବଦଳରେ ପାଇଥିବା ଯାଦୁ ଦ୍ରବ୍ୟଟି ସଂଗେ ସଂଗେ ବଦଳକାରୀ ବିରୋଧରେ ପ୍ରୟୋଗ କରେ ।

**14. F – ନାୟକର ଯାଦୁ ଦ୍ରବ୍ୟ ପ୍ରାପ୍ତି**

$F^1$ – ଯାଦୁଦ୍ରବ୍ୟର ସିଧାସଳଖ ହସ୍ତାନ୍ତର ।

$F^2$– ଯାଦୁ ଦ୍ରବ୍ୟର ପ୍ରାପ୍ତିସ୍ଥାନ ନିର୍ଦ୍ଦେଶ ।

$F^3$– ଯାଦୁ ଦ୍ରବ୍ୟଟି ପ୍ରସ୍ତୁତ କରାଯାଏ ।

$F^4$– ଯାଦୁ ଦ୍ରବ୍ୟଟି ବିକ୍ରି ହୁଏ ପୁଣି କିଣାଯାଏ ।

$F^5$– ନାୟକର ଅକସ୍ମାତ୍ ଯାଦୁ ଦ୍ରବ୍ୟ ପ୍ରାପ୍ତି ।

$F^6$– ଯାଦୁ ଦ୍ରବ୍ୟର ସ୍ୱତଃ ଆବିର୍ଭାବ ।

$F^7$– ଯାଦୁ ଦ୍ରବ୍ୟର ଭକ୍ଷଣ ବା ପାନ କରାଯାଏ ।

$F^8$– ଯାଦୁ ଦ୍ରବ୍ୟଟି ଅଧିକୃତ ହୁଏ ।

$F^9$– ବିଭିନ୍ନ ଚରିତ୍ର ନାୟକର ଉପକାର କରିବାକୁ ସ୍ୱତଃ ଆଗଭର ହୋଇ ତା'ର ନିର୍ଦ୍ଦେଶକୁ ଅପେକ୍ଷା କରି ରହନ୍ତି ।

**15. G – ଦୂର ଦେଶକୁ ଯାତ୍ରା, ପଥ ନିର୍ଦ୍ଦେଶ**

$G^1$ – ନାୟକର ଆକାଶମାର୍ଗରେ ଗମନ କରିବା ।

$G^2$– ନାୟକର ସ୍ଥଳ ବା ଜଳପଥରେ ଯାତ୍ରା କରିବା ।

$G^3$– ନାୟକକୁ କେହି ବାଟ କଢ଼େଇ ନେଇଯିବା ।

$G^4$– ନାୟକକୁ କେହି ରାସ୍ତା ଦେଖାଇଦେବା ।

$G^5$– ନାୟକ କୌଣସି ବସ୍ତୁଦ୍ୱାରା ଯୋଗାଯୋଗ ସାଧନ କରିବା ।

**16. H – ଦ୍ୱନ୍ଦ୍ୱ**

$H^1$ – ନାୟକ ଓ ଖଳନାୟକ ଖୋଲା ପଡ଼ିଆରେ ଲଢ଼େଇ କରନ୍ତି ।

$H^2$ – ସେମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୁଅନ୍ତି ।

$H^3$– ସେମାନେ ତାସ୍ ଖେଳନ୍ତି ।

$H^4$– ସେମାନେ ପରସ୍ପର ଓଜନ ତଉଲନ୍ତି ।

**17. I – ନାୟକକୁ ଚିହ୍ନ ଦିଆଯାଏ**

$I^1$ – ନାୟକକୁ କୌଣସି ଉତ୍ତପ୍ତ ପଦାର୍ଥରେ ଦାଗି ଦିଆଯାଏ ।

$I^2$ – ନାୟକକୁ ମୁଦି ବା ତଉଲିଆ ପ୍ରଦାନ କରାହୁଏ ।

**18.J – ବିଜୟ**

$J^1$ – ପ୍ରତ୍ୟକ୍ଷ ଦ୍ୱନ୍ଦ୍ୱଯୁଦ୍ଧରେ ଖଳନାୟକ ପରାସ୍ତ ହୁଏ ।

$J^2$– ଖଳନାୟକ କୌଣସି ପ୍ରତିଯୋଗିତାରେ ପରାସ୍ତ ହୁଏ ।

$J^3$– ଖଳନାୟକ ତାସ ଖେଳରେ ପରାସ୍ତ ହୁଏ ।

$J^4$– ଖଳନାୟକ ଓଜନରେ ପରାସ୍ତ ହୁଏ ।

$J^5$– ଖଳନାୟକ ଯୁଦ୍ଧ ଆରମ୍ଭ ନ ହେଉଣୁ ମୃତ୍ୟୁବରଣ କରେ ।

$J^6$– ଖଳନାୟକକୁ ନିର୍ବାସିତ କରାହୁଏ ।

**19.K – ଅଭାବର ପରିପୂର୍ତ୍ତି**

$K^1$ – ଶକ୍ତି ପ୍ରୟୋଗ ବା କୌଶଳରେ ଉଦ୍ଦିଷ୍ଟ ବସ୍ତୁକୁ ହସ୍ତଗତ କରିବା ।

$K^2$– ପରସ୍ପରର କାର୍ଯ୍ୟ ଅଦଳ ବଦଳ କରି ବହୁ ଲୋକଙ୍କ ଏକ ସମୟରେ ଉଦ୍ଦିଷ୍ଟ ବସ୍ତୁ ଲାଭ ।

$K^3$– ପ୍ରଲୋଭନ ଦେଖାଇ ଉଦ୍ଦିଷ୍ଟ ବସ୍ତୁକୁ ଅକ୍ତିଆର ବା ଆୟତ୍ତ କରିନେବା ।

$K^4$– ପୂର୍ବବର୍ତ୍ତୀ କର୍ମର ଫଳ ଭାବରେ ଅନୁସନ୍ଧେୟ ବସ୍ତୁ ପ୍ରାପ୍ତ ହେବା ।

$K^5$– ଯାଦୁ ଦ୍ରବ୍ୟର ପ୍ରୟୋଗ ଫଳରେ ତତ୍କ୍ଷଣାତ୍ ଉଦ୍ଦିଷ୍ଟ ଦ୍ରବ୍ୟ ଲାଭ ।

$K^6$– ଯାଦୁ ବଳରେ ଦାରିଦ୍ର୍ୟ ଅପନୋଦନ ।

$K^7$– ଅନୁସନ୍ଧେୟ ବସ୍ତୁ ମିଳିବା ବା ଧରାପଡ଼ିବା ବା ପ୍ରାପ୍ତହେବା

$K^8$– କୌଣସି ବ୍ୟକ୍ତି ଉପରେ ଆରୋପିତ ମହାଶକ୍ତି ଖଣ୍ଡନ କରିବା ।

$K^9$– ମୃତ ବ୍ୟକ୍ତି ପୁନର୍ଜୀବନ ଲାଭ କରିବା ।

$K^{10}$– ବଂଦୀ ମୁକ୍ତ ହେବା ।

**20.↓** – ନାୟକର ପ୍ରତ୍ୟାବର୍ତ୍ତନ

**21.Pr** – କେହି ନାୟକର ଅନୁଧାବନ କରିବା

$Pr^1$ – ଅନୁଧାବନକାରୀଜଣକ ନାୟକ ପଛେ ପଛେ ଉଡ଼ି ଉଡ଼ି ଚାଲେ ।

$Pr^2$ – ଅନୁଧାବନକାରୀ ଦୋଷୀ ବ୍ୟକ୍ତିକୁ ନେବାପାଇଁ ଦାବୀକରେ ।

$Pr^3$ – ଅନୁଧାବନକାରୀ ନିଜକୁ ନାନା ଜୀବଜନ୍ତୁରେ ରୂପାନ୍ତରିତ କରି ନାୟକର ଅନୁଧାବନ କରେ ।

$Pr^4$– ଅନୁଧାବନକାରୀମାନେ ନିଜକୁ ଲୋଭନୀୟ ବସ୍ତୁରେ ପରିଣତ କରି ନାୟକର ପଥରେ ପଡ଼ି ରହନ୍ତି ।

$Pr^5$– ଅନୁଧାବନକାରୀ ନାୟକକୁ ଗ୍ରାସ କରିବାର ଉଦ୍ୟମ କରେ ।

$Pr^6$– ଅନୁଧାବନକାରୀ ନାୟକକୁ ହତ୍ୟା କରିବାକୁ ଚେଷ୍ଟା କରେ ।

$Pr^7$– ଅନୁଧାବନକାରୀ ନାୟକ ଆଶ୍ରୟ ନେଇଥିବା ଗଛକୁ ଦାନ୍ତରେ କଣା କରିବାକୁ ଚେଷ୍ଟା କରେ ।

**22.Rs – ଅନୁଧାବନକାରୀ କବଳରୁ ନାୟକକୁ ରକ୍ଷା କରିବା**

$Rs^1$ –ନାୟକକୁ ଆକାଶମାର୍ଗରେ ଉଡ଼ାଇ ନିଆଯାଏ ।

$Rs^2$– ଅନୁଧାବନକାରୀର ରାସ୍ତାରେ ପ୍ରତିବଂଧକ ସୃଷ୍ଟିକରି ନାୟକ ପଳାୟନ କରେ ।

$Rs^3$– ଉଡ଼ି ଉଡ଼ି ଯାଉଯାଉ ନାୟକ ଅନ୍ୟ ବସ୍ତୁରେ ରୂପାନ୍ତରିତ ହେବା ଫଳରେ ଚିହ୍ନା ପଡ଼େନାହିଁ ।

$Rs^4$– ଉଡ଼ିଯାଉଥିବା ବେଳେ ନାୟକ ନିଜକୁ ଲୁଚାଇଦିଏ ।

Rs[5]– ବିନ୍ଧାଣିମାନେ ନାୟକଙ୍କୁ ଲୁଚାଇ ରଖନ୍ତି ।

Rs[6]– ଉଡ଼ନ୍ତା ଅବସ୍ଥାରେ ନାୟକ ନିଜକୁ ପଶୁ ବା ପଥର ଆଦିରେ ରୂପାନ୍ତରିତ କରି ଆତ୍ମରକ୍ଷା କରେ ।

Rs[7]– ନାୟକ ରୂପାନ୍ତରିତ ଅନୁଧାବନକାରୀର ସହାୟକମାନଙ୍କ ପ୍ରଲୋଭନକୁ ଏଡ଼ାଇ ଦିଏ ।

Rs[8]– ନାୟକ ନିଜକୁ ଗ୍ରାସ କରିବାପାଇଁ ସୁଯୋଗ ଦିଏ ନାହିଁ ।

Rs[9]– ନାୟକ ମୃତ୍ୟୁ ମୁଖରୁ ରକ୍ଷାପାଏ ।

Rs[10]– ନାୟକ ଅନ୍ୟ କୌଣସି ଗଛକୁ ଡେଇଁ ପଡ଼େ ।

**23.O – ନାୟକ ଜଣେ ଅଚିହ୍ନା ବ୍ୟକ୍ତି ଭାବରେ ନିଜ ରାଜ୍ୟରେ ବା ଅନ୍ୟ କୌଣସି ରାଜ୍ୟରେ ପହଞ୍ଚେ**

**24.L – ନକଲି ବା ଛଳ ! ନାୟକ ନିଜର ଭିତ୍ତିଶୂନ୍ୟ ଦାବୀ ଉପସ୍ଥାପନ କରେ**

**25.M – ନାୟକଙ୍କୁ କଷ୍ଟସାଧ୍ୟ କାମ କରିବାକୁ ଦିଆଯାଏ**

**26.N – କଷ୍ଟସାଧ୍ୟ କାର୍ଯ୍ୟଟି ସମାହିତ ହୁଏ**

**27.Q – ନାୟକର ପରିଚୟ ପ୍ରକାଶ ପାଏ**

**28.Ex- ନକଲି ନାୟକ ଚିହ୍ନାପଡ଼େ**

**29.T – ନାୟକଙ୍କୁ ଭିନ୍ନ ରୂପ ପ୍ରଦାନ**

T[1] – ସାହାଯ୍ୟକାରୀ ଯାଦୁ ପ୍ରକ୍ରିୟାଦ୍ୱାରା ନାୟକ ସିଧାସଳଖ ନୂତନ ରୂପ ଲାଭ କରେ ।

T[2] – ନାୟକ ଗୋଟିଏ ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରେ ।

T[3] – ନାୟକ ନୂତନ ପୋଷାକ ପରିଧାନ କରେ ।

T[4] – ନାୟକ ନିଜର ରୁଚି ସମ୍ମତ ବା ହାସ୍ୟକର ରୂପ ଗ୍ରହଣ ।

**30.U – ଖଳନାୟକଙ୍କୁ ଶାସ୍ତି ପ୍ରଦାନ ବା ହତ୍ୟା**

**31.W – ନାୟକ ବିବାହ କରେ ବା ସିଂହାସନ ଆରୋହଣ କରେ ବା ଉଭୟ କରିଥାଏ**

W[1] – ବିବାହର ପ୍ରତିଶ୍ରୁତି ମିଳେ

W[2]– ସ୍ତ୍ରୀ ବିୟୋଗ ଓ ଅନ୍ୱେଷଣ ଫଳରେ ପୁନର୍ବିବାହ ହୁଏ

W[3]– କନ୍ୟା ଓ ରାଜ୍ୟ ପ୍ରଦାନ

W[4]– ସିଂହାସନ ବିନା ବିବାହ

W[5]– କେବଳ ସିଂହାସନ ପ୍ରାପ୍ତି

W[6]– କନ୍ୟା ବଦଳରେ ଅର୍ଥ ବା ପୁରସ୍କାରପ୍ରାପ୍ତି

ଏହି ସବୁ ପ୍ରକାର୍ଯ୍ୟ ଓ ଉପକାର୍ଯ୍ୟକୁ ନେଇ ଲୋକକାହାଣୀର ସରଚନାତ୍ମକ ବିଶ୍ଳେଷଣ, ଅଧ୍ୟୟନ ବା ଅନୁଶୀଳନ କରାଯାଇଥାଏ ।

ଏହିପରି ଭାବରେ Type, Motif, Fuction ପ୍ରଭୃତିର ବ୍ୟବହାର ଦ୍ୱାରା ବା Syntagmatic ଓ Paradigmatic ପଦ୍ଧତି ଦ୍ୱାରା ଲୋକସାହିତ୍ୟ ଅଧ୍ୟୟନ ସାଂପ୍ରତିକ କାଳରେ ଚାଲିଛି ।

ଲୋକକାହାଣୀ, ଲୋକଗୀତ, ପ୍ରବାଦ, ପ୍ରବଚନ, ନାଁ ଦିଆ ପ୍ରଭୃତିର ବୈଜ୍ଞାନିକ ଓ ପଦ୍ଧତିଗତ ଅଧ୍ୟୟନ ସଂପ୍ରତି ସମଗ୍ର ବିଶ୍ୱସ୍ତରରେ ଜାରି ରହିଛି । ଓଡ଼ିଶାରେ ଆଜିକାଲି ଗବେଷକମାନେ ଏ ଧରଣର ସମାଲୋଚନା ଓ ଗବେଷଣାରେ ମନୋନିବେଶ କରୁଛନ୍ତି । ନିକଟ ଭବିଷ୍ୟତରେ ଓଡ଼ିଶା ମଧ୍ୟ ବିଶ୍ୱସ୍ତରୀୟ ଗବେଷଣା କରି ବିଶ୍ୱଦରବାରରେ ଅଭିନନ୍ଦନ ଲାଭ କରିବ ବୋଲି ଆଶା କରାଯାଏ ।

**ସହାୟକ ଗ୍ରନ୍ଥସୂଚୀ :**

୧) Nayak, S.K. - Aspects of Criticism - 1st Impression-2016, Hyphen : Balasore. ISBN - 978-93-81349-38-0.

୨) ନାୟକ, ସନ୍ତୋଷ କୁମାର – ସମୀକ୍ଷା ସଂଦର୍ଶନ – ଦ୍ୱିତୀୟ ପ୍ରକାଶ – ୨୦୧୫ – ହାଇଫେନ୍ : ବାଲେଶ୍ୱର । ISBN - 978-93-81349-27-4.

୩) ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର – ଲୋକ ସାହିତ୍ୟ : ତତ୍ତ୍ୱରୂପ ଓ କଳାରୂପ – ଦ୍ୱିତୀୟ ମୁଦ୍ରଣ – ୨୦୧୧ – ବିଦ୍ୟାପୁରୀ : କଟକ ।
ISBN - 81-7411-457-2.

୪) ମହାପାତ୍ର, ଡକ୍ଟର ଶ୍ୟାମସୁନ୍ଦର – ଲୋକସାହିତ୍ୟ ତତ୍ତ୍ୱ – ଦ୍ୱିତୀୟ ସଂସ୍କରଣ – ୨୦୧୧ – ଓଡ଼ିଶା ବୁକ୍‌ଷ୍ଟୋର : କଟକ ।
ISBN - 81-7400-079-8 .

୫) ମିଶ୍ର, ଡକ୍ଟର ମହେନ୍ଦ୍ର କୁମାର : ଲୋକସଂସ୍କୃତି ପରିକ୍ରମା – ପ୍ରଥମ ପ୍ରକାଶ – ୧୯୯୬, ଗ୍ରନ୍ଥମନ୍ଦିର : କଟକ ।

୬) ମିଶ୍ର, ଡକ୍ଟର ମହେନ୍ଦ୍ର କୁମାର – ଲୋକସଂସ୍କୃତି : ସିଦ୍ଧାନ୍ତ ଓ ପ୍ରୟୋଗ ପ୍ରଥମ ପ୍ରକାଶ – ୨୦୧୨– ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା : ଭୁବନେଶ୍ୱର । ISBN - 81-8005-266-4.

ବିଭାଗମୁଖ୍ୟ, ଓଡ଼ିଆ ବିଭାଗ
ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର,
ବାଲେଶ୍ୱର-୭୫୬୦୨୦, ଓଡ଼ିଶା
ଭ୍ରାମ୍ୟଭାଷ- ୯୦୪୦୬୭୭୯୪୫

ISSN -2583-147X (P), Vol.- 9, Issue No.XII, March 2024
**Bastabatara Pariprakash Prachee**
***Peer Reviewed and Referred Research Journal***

# ଗଣ୍ଡ ଜୀବନଚର୍ଯ୍ୟାରେ ଜନ୍ମ ଓ ମୃତ୍ୟୁ ସଂସ୍କାର ବିଧି

**ଉଜସ୍ୱିନୀ ନାୟକ**

ଆମ ଭାରତବର୍ଷରେ ବହୁ ଜାତି ଓ ବର୍ଣ୍ଣର ଲୋକମାନେ ବସବାସ କରି ଜୀବନ ଅତିବାହିତ କରୁଛନ୍ତି । ସେଥିମଧ୍ୟରୁ ଗଣ୍ଡ ଜନଜାତି ଅନ୍ୟତମ ଅଟନ୍ତି । ବହୁ ଜାତି ଓ ବର୍ଣ୍ଣର ଲୋକ ଥିଲେ ମଧ୍ୟ ପ୍ରାଚୀନ ଜାତି ଭାବରେ ଗଣ୍ଡ ଜନଜାତି ଲୋକେ ଜଣାଶୁଣା ଅଟନ୍ତି । ଭାରତ ଭୂଖଣ୍ଡରେ ମାନବ ସଭ୍ୟତାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆର୍ଯ୍ୟମାନଙ୍କର ଭାରତ ଆଗମନ ପୂର୍ବରୁ ଭାରତର ଯେଉଁ ପ୍ରାଚୀନ ସଭ୍ୟତା ଥିଲା, ସେହିସବୁ ସଭ୍ୟତାର ମୂଳ ଐତିହ ହିଁ ହେଉଛି ଦ୍ରାବିଡ଼ିଆନ ସଭ୍ୟତା । ଗଣ୍ଡମାନେ ହିଁ ଥିଲେ ଏହି ଦ୍ରାବିଡ଼ିଆନ ସଭ୍ୟତାର ଅଗ୍ରଜ ।

କେବଳ ଏତିକି ନୁହେଁ ଇତିହାସରୁ ଯେଉଁ ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତା କଥା ଆମେ ଜାଣିଛନ୍ତି ସେହି ସଭ୍ୟତା ହିଁ ଗଣ୍ଡମାନେ । ସେମାନେ ଯେଉଁ ଭାଷା କହୁଥିଲେ ତାହା ହେଉଛି 'ଗୋଣ୍ଡି ଭାଷା' । ସେହି ଭାଷାର ସାମଞ୍ଜସ୍ୟ ପାଲି ଭାଷା ସହିତ ରହିଅଛି । ତେଣୁ ଦେଖିବାକୁ ଗଲେ ଗଣ୍ଡ ଜାତି ହିଁ ବହୁ ପ୍ରାଚୀନ ଜାତି ଅଟେ । ଗଣ୍ଡମାନେ କେବଳ ଯଥାଯଥ ଜୀବନ ବିତାଉ ନଥିଲେ । ସେମାନେ ଅତୀତରେ ରାଜା, ମହାରାଜା, ଦଳପତି ଦଳବେହେରା, ଗଡ଼ନାୟକ, ଗଣତିଆ, ମୁଖିଆ ଓ ନାୟକ ଇତ୍ୟାଦି ରୂପରେ ନିଜର ପରାକାଷ୍ଠା ଦେଖାଇଛନ୍ତି । ଜୀବନକୁ ସରସ ସୁନ୍ଦର ମଧୁମୟ କରି ଗଢ଼ିତୋଳିବା, ଧର୍ମ ଧାରଣାକୁ ପାଥେୟ କରି ସଭ୍ୟତାକୁ ଆଗେଇ ନେବାରେ ଏମାନେ ଆଗରେ ଥିଲେ । ଏହି ଗଣ୍ଡମାନଙ୍କର ପରମପୂଜ୍ୟ ବଡ଼ଠାକୁର ବୁଢ଼ାଦେବ, ଜଙ୍ଗାଦେବ, ଲିଙ୍ଗାଦେବ ଓ ମାତା ଗୌରୀ ଥିଲେ ମୁଖ୍ୟ ଦେବାଦେବୀ । ସେହି ଆଦିମକାଳରୁ ପୂଜା ପାଇ ଆସୁଥିବା ଏହି ଦେବାଦେବୀଙ୍କୁ ଗଣ୍ଡମାନେ ବର୍ତ୍ତମାନ ମଧ୍ୟ ଘରେ ଘରେ, ସାମୁହିକ ଭାବରେ ଖୋଲା ଶାଳାରେ ଓ ମନ୍ଦିର ମଧ୍ୟରେ ପୂଜା ଉପାସନା କରି ଆସୁଛନ୍ତି ।

ଗଣ୍ଡମାନେ ଆଦିବାସୀ ହେଲେ ମଧ୍ୟ ବହୁ ନିତି ନିୟମରେ ସେମାନେ ବନ୍ଧା । ପ୍ରକୃତି କୋଳରୁ ସେ ସବୁକିଛି ପାଆନ୍ତି ଏବଂ ପ୍ରକୃତିକୁ ପୂଜା ମଧ୍ୟ କରନ୍ତି । ଝାଟିମାଟିରେ ଘର କରି ରହିଲେ ମଧ୍ୟ ବହୁ ସଂସ୍କାରରେ ବିଶ୍ୱାସ ରଖନ୍ତି ସେମାନେ । ସେମାନଙ୍କ ଜନ୍ମ, ମୃତ୍ୟୁ, ପୂଜା, ବିଧି ନାନା ରକମର ଅଟେ । ଶିଶୁଟିଏ ଗଣ୍ଡ ସମାଜରେ ଜନ୍ମ ନେଲେ ବହୁ ନିତିନିୟମ ରହିଛି; ଯେମିତିକି:-

**(କ) ଷଷ୍ଠି ଉଠିଆରି ଓ ଏକୋଇଶିଆ :**

ଗଣ୍ଡ ଜୀବନଧାରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଟେ । ଜନ୍ମିତ ଶିଶୁର ନାଭି ଛେଦନ ପରେ ବିଧିମତେ ଷଷ୍ଠି, ଉଠିଆରି କାର୍ଯ୍ୟ ଜଣେ ଜାତିଭାଇ, ଧୋବା ଓ ଭଣ୍ଡାରୀଙ୍କ ସାହାଯ୍ୟ ନେଇ ଶୌଚ ହେବେ ଗଣ୍ଡମାନେ । ୨୧ଶ ଦିବସରେ ଶୌଚ ହୋଇ ଏକୋଇଶିଆ ପାଳନ ବିଧେୟ । ଉକ୍ତ ଦିନ ପିତାମାତା ଜ୍ୟୋତିଷ ପଣ୍ଡିତଙ୍କ ଦ୍ୱାରା ନାମକରଣ କରାଯାଏ । ଇଚ୍ଛାନୁସାରେ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ ଏବଂ ଶକ୍ତି ଅନୁଯାୟୀ ଜାତି ସମାଜକୁ ଖାଇବାକୁ ଦିଆଯାଏ ।

(ଖ) ଶିଶୁ ଜନ୍ମ ହେବା ସମୟ, ତିଥି ଓ କାଳ ଟିପ୍‌ପଣୀ ରଖି ଜାତକ କରାଯାଏ ।

(ଗ) ନାମକରଣ କରିବା ସମୟରେ ଜନ୍ମିତ ଶିଶୁକୁ ଭଲ ନାମ ଏବଂ ପୂର୍ବପୁରୁଷଙ୍କ ନାମ ମଧ୍ୟ ଦିଆଯାଏ । ଡ଼ାକନାମ ଇଛାନୁସାରେ ହେଲେ ଚଳିବି ।

(ଘ) ସମସ୍ତ ବ୍ୟକ୍ତି ଶାସ୍ତ୍ରୀୟ ମତେ ଜନ୍ମକ୍ରିୟା କର୍ମ କରି ଶୌଚ ହେବେ । ଷଷ୍ଠି, ଉଠିଆରୀ ଓ ଏକୋଇଶିଆ ପାଳନ ନ କରିବା ପର୍ଯ୍ୟନ୍ତ ଅଶୌଚ ଭାବେ ଗଣନା କରାଯିବ । ଶୌଚ ନ ହେବା ପର୍ଯ୍ୟନ୍ତ କୌଣସି ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ ନାହିଁ । ଏହା ଜ୍ଞାତି ଓ କୁଟୁମ୍ବ ପାଇଁ ମଧ୍ୟ ବାଧ୍ୟବାଧକତା ରହିଛି ।

(ଙ) ଶିଶୁଟିଏ ଜନ୍ମହେଲେ ସାତଦିନରେ ଧୋବା, ବାରିକ ଡାକି ବଂଶସାରା ଲୋକ ଶୌଚ ହେବେ । ପାଞ୍ଚଦିନରେ ଘରର

ଲିପା ପୋଛା କାମ ଆରମ୍ଭ ହୁଏ । ଶିଶୁ ଓ ମାଆକୁ କେହି ଛୁଇଁବେ ନାହିଁ । ଲୁଗା ସଫା ସୁତୁରା ସରିଲା ପରେ ଛୁଇଁ ପାରିବେ କିନ୍ତୁ ମାଆ କୌଣସି କାର୍ଯ୍ୟ ଏକୋଇଶିଆ ନଯିବା ପର୍ଯ୍ୟନ୍ତ କରିବେ ନାହିଁ ।

(ଚ) ପ୍ରସବ କଷ୍ଟ ବା ପ୍ରାଣରକ୍ଷା ନିମିତ୍ତ ଧାଇ, ଡାକ୍ତର, ନର୍ସ କିମ୍ବା କୌଣସି ବ୍ୟକ୍ତିର ସାହାଯ୍ୟ ନେଇପାରନ୍ତି । ଶିଶୁର ନାଭି ସୁଖି ଝଡ଼ିବା ଦିନ ସେହି ନାଭିଟିକୁ ଘରର ପଛପଟରେ ଗାତ ଖୋଳି ପୋତି ଦିଆଯାଏ ।

(ଛ) ଶିଶୁକୁ ଏକୋଇଶିଆ ଦିନ ଲଣ୍ଡା କରାଯାଏ, କିନ୍ତୁ ବର୍ତ୍ତମାନ ଶୁଭ, ତିଥି ନକ୍ଷତ୍ର ଗଣନା କରି ଲଣ୍ଡା କରୁଛନ୍ତି । ଏହା ପିତାମାତା ଜାତି କୁଟୁମ୍ବଙ୍କ ସମ୍ପୂର୍ଣ୍ଣ ଇଚ୍ଛାଧିନ ।

**ଗଣ୍ଡ ସମାଜରେ ଦଣ୍ଡବିଧାନ :**

୧. ଯଦି କୌଣସି ବ୍ୟକ୍ତି ବିଧିସମ୍ମତ ସୁଚିକ କାର୍ଯ୍ୟଗୁଡ଼ିକ ସମ୍ପାଦନ ନକରେ, ତେବେ ଅଶୌଚ ବା ଅପବିତ୍ର ଭାବେ ବିବେଚନା କରାଯିବ ।

୨. ଅଶୌଚ ବ୍ୟକ୍ତିଙ୍କ ପରିବାରରେ ଭୋଜନ ବା ଜଳ ସ୍ପର୍ଶ ସମ୍ପୂର୍ଣ୍ଣ ନିଷେଧ । ଏହା ଭଙ୍ଗ ବା ଉଲଂଘନ କରିବାର ପ୍ରମାଣ ମିଳିଲେ ସମ୍ପୂର୍ଣ୍ଣ ବ୍ୟକ୍ତିଙ୍କୁ ଶୌଚ ହେବାକୁ ପଡ଼ିବ ।

୩. ଶିଶୁ ଜନ୍ମକୁ ଗଣ୍ଡ ସମାଜରେ 'ଛୁତିକିଆ' କୁହାଯାଏ । ଏହି 'ଛୁତିକିଆ'ରେ ଶୌଚ କାର୍ଯ୍ୟରେ ଧୋବା, ବାରିକଙ୍କ ସାହାଯ୍ୟ ନିହାତି ଆବଶ୍ୟକ । ଧୋବା, ବାରିକଙ୍କ ବିନା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ ।

**ଅବୈଧ ବା ଦାରଜ ସନ୍ତାନ :**

ଅବିବାହିତ କନ୍ୟା, ବିଧବା (ସ୍ୱାମୀଙ୍କ ମୃତ୍ୟୁର ଏକବର୍ଷ ପରେ) ସ୍ୱାମୀ ପରିତ୍ୟକ୍ତା, ଛାଡ଼ପତ୍ର ଗ୍ରହଣ କରିଥିବା ମହିଳାଙ୍କର ସନ୍ତାନ ପ୍ରସବ କ୍ଷେତ୍ରରେ ଛୁତିକା କର୍ମ ପାଳନ ନିଷେଧ । ଏସବୁ କ୍ଷେତ୍ରରେ ସାମାଜିକ ପ୍ରମାଣ ବା ବିଚାର ପ୍ରାପ୍ତ ହୋଇ ସାରିବା ପରେ ଷଷ୍ଠି, ଉଠିଆରି ଓ ଏକୋଇଶିଆ ପାଳନ କରାଯାଇଥାଏ । ଉକ୍ତ ସମୟ ପର୍ଯ୍ୟନ୍ତ ସେହି ପରିବାରର ଲୋକମାନେ ସମାଜରେ ଅଶୌଚ ଭାବେ ଚଳପ୍ରଚଳ କରିପାରନ୍ତି ନାହିଁ ।

**ଗଣ୍ଡ ସମାଜରେ ଶିକ୍ଷା :**

୧. ଗଣ୍ଡ ସମାଜରେ ସନ୍ତାନ ପୁଅ ହେଉ ବା ଝିଅ ହେଉ ଚାରିବର୍ଷ ହୋଇଗଲେ ପ୍ରଥମେ ସ୍କୁଲରେ ନାମ ଲେଖାଇବା ପ୍ରଥମ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ।

୨. ବର୍ତ୍ତମାନ ଠାରୁ ଜନ୍ମଗ୍ରହଣ କରୁଥିବା ବା ଚାରିବର୍ଷ ବୟସ ମଧ୍ୟରେ ଥିବା ପ୍ରତ୍ୟେକ ଶିଶୁ ପୁଅ ବା ଝିଅ ନିର୍ବିଶେଷରେ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ବାଧ୍ୟତାମୂଳକ ।

୩. ବାରବର୍ଷ ପୂର୍ବରୁ ନିଜ ସନ୍ତାନଙ୍କୁ ପାଠପଢ଼ା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରିପାରିବେ ନାହିଁ ।

୪. ପ୍ରତ୍ୟେକ୍ଷ ପୁଅ ଏବଂ ଝିଅଙ୍କୁ ଉଚ୍ଚଶିକ୍ଷା ଦେବାର ଯଥା ସମ୍ଭବ ଚେଷ୍ଟା କରିବା, ପିତାମାତାଙ୍କ କର୍ତ୍ତବ୍ୟ ବା ଦାୟିତ୍ୱ ।

୫. ଶିକ୍ଷା କ୍ଷେତ୍ରରେ ଝିଅକୁ ଅବହେଳା କରାଯିବ ନାହିଁ ।

୬. ପୂର୍ବରୁ ଗଣ୍ଡ ସମାଜରେ ଶିକ୍ଷା କ୍ଷେତ୍ରରେ ବେଶୀ କେହି ଆଗ୍ରହୀ ନଥିଲେ । ବର୍ତ୍ତମାନ ଅନ୍ୟ ସମସ୍ତଙ୍କୁ ଦେଖି ବହୁ ସଂଖ୍ୟାରେ ପିଲାମାନେ ପାଠପଢ଼ାରେ ମନ ଦେଲେଣି ।

**ବିବାହ :**

ସବୁ ଜାତିର ବିବାହା ପରି ଗଣ୍ଡ ସମାଜରେ ମଧ୍ୟ ବିବାହ ହୋଇଥାଏ । ଏଥିରେ କେତେକ ନିୟମ ଥାଏ ।

ନିୟମ :- (୧) ଭିନ୍ନ ଗୋତ୍ର ବା ଦେଓ ମଧ୍ୟରେ କେବଳ ବୈବାହିତ ସମ୍ପର୍କ ସ୍ଥାପନ ହୋଇପାରିବ । ସମଗ୍ରୋତା ବା ଦେଓ ମଧ୍ୟରେ ବିବାହ ନିଷେଧ ।

(୨) ଗୃହକର୍ତ୍ତା ଝିଅ ତରଫରୁ ବରଖୋଜା କିମ୍ବା ବର ତରଫରୁ ଝିଅର ସନ୍ଧାନ କରିପାରିବେ । ଏ କ୍ଷେତ୍ରରେ ଗୃହକର୍ତ୍ତା ନିଜସ୍ୱ ପ୍ରତିନିଧି ବା ମଧ୍ୟସ୍ତି ନିଯୁକ୍ତ କରିପାରିବେ ।

**ମଧ୍ୟସ୍ଥି :** କୌଣସି ଝିଅ ବା ପୁଅର ଗୁଣ, ଚରିତ୍ର, ବ୍ୟବହାର ଓ ସ୍ୱଭାବ ଇତ୍ୟାଦି ବ୍ୟକ୍ତିଗତ ଭାବରେ ନ ଜାଣି ମଧ୍ୟସ୍ଥି କରିପାରିବେ ନାହିଁ । ବିବାହ ସର୍ବୋଚ୍ଚ ବିଶ୍ୱାସ ଉପରେ ସ୍ଥାପନ କରାଯାଏ । ଅତଏବ ଏକ ପକ୍ଷ ଅନ୍ୟପକ୍ଷକୁ କୌଣସି ଆପତ୍ତିଜନକ ତଥ୍ୟ ଗୋପନ ରଖିବେ ନାହିଁ । ବିବାହ ପରବର୍ତ୍ତୀ କାଳରେ ଯଦି ବର ବା କନ୍ୟା ପକ୍ଷରୁ କୌଣସି ଆପତ୍ତି ଜନକ ଅଭିଯୋଗ ସତ୍ୟ ବୋଲି ପ୍ରାମଣିତ ହୁଏ, ତେବେ ଉକ୍ତ ପକ୍ଷର ମଧ୍ୟସ୍ଥି ବା ବିବାହ ସ୍ଥିର କରିବା ବ୍ୟକ୍ତି ଶଠତା କରିଛନ୍ତି, ବୋଲି ଧରାଯିବ ଓ ସେ ବ୍ୟକ୍ତି କ୍ଷତି ପୂରଣ, ଦେବାପାଇଁ ବାଧ୍ୟ ହେବେ । ଯଥା- ବିବାହ ପୂର୍ବରୁ ଚରିତ୍ର ସ୍ଖଳନ ପାପଗର୍ଭ, ପ୍ରେମ ସଂପର୍କ, ଶାରିରୀକ ବିକଳାଙ୍ଗ, ଦୁରାବ୍ୟାଧି ରୋଗ, ମାନସିକ ଅସ୍ଥିରତା ହିଁ କେବଳ ବିଚାରକୁ ନିଆଯିବ ।

**ସମ୍ମତି :** ବିବାହ ସ୍ଥିର କରିବା ପୂର୍ବରୁ ପୁଅ ଏବଂ ଝିଅଙ୍କ ବ୍ୟକ୍ତିଗତ ସମ୍ମତି ସର୍ବଦା ଆବଶ୍ୟକ । ଏଥିନିମନ୍ତେ ବିବାହ ସ୍ଥିର ହେବା ପୂର୍ବରୁ ବର ନିଶ୍ଚିତ ଭାବେ ଥରେ କନ୍ୟା ଦେଖିବାକୁ ଯିବେ । ବର ଓ କନ୍ୟାଙ୍କ ଅଭିଭାବକ ଦ୍ୱାରା ବାଧ୍ୟତାମୂଳକ ମତାମତ ସଂଗ୍ରହ କିମ୍ବା ବର ଓ କନ୍ୟାଙ୍କ ସମ୍ମତି ବିନା ବିବାହ ସ୍ଥିର କରିବା ନିନ୍ଦନୀୟ । ବର ଓ କନ୍ୟାଙ୍କ ସମ୍ମତି ଓ ଅସମ୍ମତିକୁ ଅଗ୍ରାଧିକାର ଦେବା ସଙ୍ଗେ ସଙ୍ଗେ ସମ୍ମାନ ପ୍ରଦର୍ଶନ କରାଯିବା ।

**ପ୍ରତିବନ୍ଧକ ମୁକ୍ତ ପ୍ରମାଣ ପତ୍ର :**

ବର ଓ କନ୍ୟାଙ୍କ ସମ୍ମତି ପ୍ରଦାନ ପରେ ଅଭିଭାବକ ବା କର୍ତ୍ତା ନିଜ ଅଞ୍ଚଳର ଜାତି ସମାଜ ସଭାପତିଙ୍କ ଠାରୁ ସାମାଜିକ ପ୍ରତିବନ୍ଧକ ମୁକ୍ତ ପ୍ରମାଣପତ୍ର ଓ ଅପରପକ୍ଷକୁ ପ୍ରଦାନ କରିବେ । ଏ କ୍ଷେତ୍ରରେ ଜାଲିଆତି ବା ମିଥ୍ୟା କୌଶଳ ଅବଲମ୍ବନ କଲେ ପରିବର୍ତ୍ତୀ କାଳରେ ବିବାହ ଅସିଦ୍ଧ ବୋଲି ଧରାଯିବ । ସାମାଜିକ ପ୍ରତିବନ୍ଧକ ମୁକ୍ତ ପ୍ରମାଣପତ୍ର ବିହିନ ବାହାଘର ଦୋଷାବହ ଓ ଉଭୟ ପକ୍ଷ ଦଣ୍ଡନୀୟ ।

**ବନ୍ଧୁ ଦର୍ଶନ :** ବନ୍ଧୁ ଦର୍ଶନ ନିମିତ୍ତ କନ୍ୟା ପକ୍ଷର ବରପକ୍ଷକୁ ବା ବର ପକ୍ଷରୁ କନ୍ୟାପକ୍ଷକୁ ସର୍ବାଧିକ ୫ ରୁ ୮ ଜଣ ପୁରୁଷ ବା ମହିଳା ଯାଇପାରିବେ । କନ୍ୟା ଦେଖିବା ସମୟରେ କୌଣସି ଉପହାର ବା ମିଷ୍ଟାନ୍ନ ଭାର ଦେବା ନିଷେଧ କେବଳ ଯଥାଶକ୍ତି ବନ୍ଧୁ ଚର୍ଚ୍ଚା କରାଯାଇପାରେ । ଉକ୍ତ କାର୍ଯ୍ୟରେ ଭିନ୍ନ ଜାତିର ଲୋକ ସଙ୍ଗରେ ନେବା ନିଷେଧ ।

**ବାକ୍ୟଦାନ :** ଉଭୟ ପକ୍ଷର ବନ୍ଧୁ ଦର୍ଶନ ପରେ ବରର ପିତା ଓ ମାମୁଁ କିମ୍ବା ଅଭିଭାବକ ସର୍ବାଧିକ ଦୁଇଜଣ କନ୍ୟାଘରକୁ ବାକ୍ୟଦାନ ନିମନ୍ତେ ଏକ ସ୍ଥିରିକୃତ ଦିନରେ ଯିବେ । କନ୍ୟା ପକ୍ଷର, ପିତା, ମାମୁଁ, ଅଭିଭାବକ ବା ଗ୍ରାମ୍ୟମୁଖ୍ୟ ସର୍ବନିମ୍ନ ପାଞ୍ଚଜଣଙ୍କ ଉପସ୍ଥିତିରେ ପରପକ୍ଷଙ୍କୁ ଓ କନ୍ୟାପକ୍ଷକୁ ଲିଖିତ ଭାବେ ବାକ୍ୟ ପ୍ରଦାନ ବା ଜବାବ ଦାଖଲ କରିବେ । ଉକ୍ତ ଲିଖିତ ଜବାବ ପତ୍ରରେ ବାକ୍ୟ ପ୍ରଦାନ ସାକ୍ଷୀ ପ୍ରଦାନ କରିବେ । ଜବାବର ଏକ ନକଲ ପତ୍ର ଉଭୟ ପକ୍ଷ ନିଜ ଜାତି ସମାଜ ସଭାପତିଙ୍କ ଠାରେ ଦାଖଲ କରିବେ ।

**କାର୍ଯ୍ୟକାରିତା :** ବାକ୍ୟ ପ୍ରଦାନର ଛଅମାସ ଭିତରେ ବିବାହ ସମ୍ପନ୍ନ କରାଯିବ । ଯଦି ଏହାର ଛଅମାସ ଭିତରେ ବିବାହ କାର୍ଯ୍ୟକାରୀ ନହୁଏ । ତେବେ ଉଭୟ ପକ୍ଷଙ୍କ ସମ୍ମତିକ୍ରମେ ପୁନଃ ଛ' ମାସ ପାଇଁ ସମୟ ବର୍ଦ୍ଧିତ କରାଯାଇପାରେ । ଏହାର ଏକ ପ୍ରମାଣ ପତ୍ର ନକଲ କରି ସମ୍ପୃକ୍ତ ଜାତି ସଭାପତିଙ୍କ ନିକଟକୁ ପଠାଯିବ ।

**ବାକ୍ୟ ପ୍ରତ୍ୟାହାର ବା କଥା ଭଙ୍ଗ :**

ବାକ୍ୟ ପ୍ରଦାନ ପରେ ଗୋଟିଏ ପକ୍ଷ ଅପରପକ୍ଷ ସମ୍ମତି ବିନା ବାକ୍ୟ ପ୍ରତ୍ୟାହାର ବା ଜବାବ ଭଙ୍ଗ ଏକତରଫା ଭାବେ କରିପାରିବେ ନାହିଁ । ବାକ୍ୟ ପ୍ରତ୍ୟାହାର କରିବା ପୂର୍ବରୁ "ଆପତ୍ତି ବିହୀନ ପ୍ରମାଣପତ୍ର" ଆଣି ନିଜ ଅଞ୍ଚଳ ଜାତି ସମାଜ ସଭାପତିଙ୍କ ଠାରେ ଦାଖଲ କରିବେ । ତା'ପରେ ଉଭୟ ପକ୍ଷ ଆନୁସଙ୍ଗିକ ବ୍ୟବସ୍ଥା କରିବେ ।

**ନିର୍ବନ୍ଧ :** ନିର୍ବନ୍ଧ କାମ ବାହାଘର ଲଗ୍ନକୁ ଆଖିରେ ରଖି ଓ ଶୁଭଦିନ ଦେଖି ଉଭୟ ପକ୍ଷ ସ୍ଥିରିକୃତ କରିବେ, ଏଥିରେ ବରପକ୍ଷ କନ୍ୟାପାଇଁ ଖଣ୍ଡିଏ ଶାଢ଼ୀ, ପିନ୍ଧିବା ଉପକରଣ ସହ ଗହଣା ଦେଇ ଥାଆନ୍ତି । ପୂର୍ବରୁ ଏସବୁ ନଥିଲା ବର୍ତ୍ତମାନ ଅନ୍ୟାନ୍ୟ ସଂସ୍କୃତିରୁ ପ୍ରବେଶ କରିଛି । ଗହଣା ଦେବା ବରପକ୍ଷର ଆର୍ଥିକ ସ୍ୱଚ୍ଛଳତା ଉପରେ ନିର୍ଭର କରେ । ସୁନାଗହଣା କନ୍ୟାପକ୍ଷ ଦାବୀ କରିପାରିବେ ନାହିଁ । ଏ କାର୍ଯ୍ୟରେ ବରପକ୍ଷରୁ ସର୍ବାଧିକ ପାଞ୍ଚଜଣ ପୁରୁଷ ଯାଇପାରିବେ । ଏତଦ୍ ବ୍ୟତୀତ ବରପକ୍ଷ କନ୍ୟାପାଇଁ ସାମଗ୍ରୀ ମଧ୍ୟ ଦେଇପାରିବେ । ଏକ ବିଧିବଦ୍ଧ ଭାବେ ବନ୍ଧୁ ଦର୍ଶନ ବା ଭେଟ ହେଉଥିବାରୁ ବରପକ୍ଷ ନିଜର ଶକ୍ତିମତେ ମିଠା, ଫଳମୂଳ, ଉଖୁଡ଼ା ଆଦି ସାମଗ୍ରୀ ନେଇଯିବେ । ସ୍ଥାନୀୟ ଜାତି, ଭାଇବନ୍ଧୁ ଓ କୁଟୁମ୍ବଙ୍କ ଉପସ୍ଥିତିରେ ନିର୍ବନ୍ଧ କାର୍ଯ୍ୟ କରାଯିବ । ନିର୍ବନ୍ଧ କାର୍ଯ୍ୟ ନିମନ୍ତେ ଗୋଟିଏ ନଡ଼ିଆ ଓ ନିର୍ମାଲ୍ୟ ଅତ୍ୟନ୍ତ ଜରୁରୀ । ଏହା ସ୍ଥଳ ବିଶେଷର ବ୍ରାହ୍ମଣଙ୍କ ଉପସ୍ଥିତି ବା ଦେବାଳୟରେ ଅନୁଷ୍ଠିତ କରାଯାଇପାରେ । ଉଭୟ ପକ୍ଷ ଶ୍ରୀଫଳ ବା ନଡ଼ିଆ ଆଦାନ ପ୍ରଦାନ କରି ନିର୍ମାଲ୍ୟ ସେବନ ପୂର୍ବକ ସାତଜନ୍ମ ପାଇଁ ବନ୍ଧୁ ହେଲେ ବୋଲି ଶପଥ କରିବେ । ଯେଉଁ ଅଞ୍ଚଳରେ ତୈଳାଭିଷେକ ଅଛି, ସେଠାରେ ବରପକ୍ଷ ନିର୍ବନ୍ଧ ଦିନ ହିଁ ୨୦୦ ମିଲିଲିଟର, ଅଧାକେଜି ଅରୁଆ ଚାଉଳ ଓ ଗୋଟିଏ ନଡ଼ିଆ ପ୍ରଦାନ କରିବେ ।

**ଦେବପୂଜା ବା ମାଟି ପୂଜା :**

ଦେବପୂଜା ଓ ମୃତ୍ତିକା ପୂଜା ବାହାଘରରେ ବେଦୀ ନିର୍ମିତ ପାଇଁ ଅଣା ଯାଉଥିବା ମାଟି କାର୍ଯ୍ୟ ଉଭୟ ପକ୍ଷ ନିଜ ଗୃହରେ ଓ ନିଜ ଖର୍ଚ୍ଚରେ ମଧ୍ୟାହ୍ନ ପୂର୍ବରୁ ଶେଷ କରନ୍ତି ଏହି ପ୍ରଜା ବିଧି ।

କେତେ ଗାଁରେ ସ୍ତ୍ରୀ ଲୋକମାନେ ବହୁ ଆୟୋଜନ କରିଥାଆନ୍ତି ଏଥି ନିମନ୍ତେ ।

**କାତୁଆପାଣି ସଂଗ୍ରହ :**

ବର ପକ୍ଷ ଏବଂ କନ୍ୟା ପକ୍ଷ ନିଜ ଜାତିଭାଇଙ୍କ ଘରୁ ସାତଘରୁ ସାତ ଡାଳ ପାଣି ସଂଗ୍ରହ କରନ୍ତି । ସେହି ପାଣିକୁ ବରକନ୍ୟାକୁ ଗାଧୋଇ ଦିଆଯାଏ ।

**ବ୍ରତୋପନୟନ :**

ଗଣ୍ଡ ସମାଜର ନବମ କର୍ମ ଅନୁସାରେ ବ୍ରତୋପନୟନ ବା ପଇତା ଧାରଣ ଶାସ୍ତ୍ରୀୟ ମତ । ବିବାହ ପୂର୍ବ ମଙ୍ଗନ ଦିନ ବା ବିବାହ ପୂର୍ବରୁ ବର ଯଜ୍ଞୋପବିତ ଧାରଣ କରିବା ଏବଂ ତା' ପରଠାରୁ ଆଜୀବନ ପରିଧାନ କରିବା ବିଧେୟ । ବରର ବିନା ଉପବିତ ବା ପଇତା ଧାରଣରେ ବିବାହ ହୋଇପାରିବ ନାହିଁ । କାନ୍ଧରେ ପଇତା ନଥିବା ବିବାହିତ ବ୍ୟକ୍ତି କୌଣସି ଶୁଭ ସାମାଜିକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ ନିମନ୍ତେ ଅଯୋଗ୍ୟ ଘୋଷଣା କରାଯାଇପାରେ ।

**ମଙ୍ଗନ :** ବିବାହ ପୂର୍ବଦିନ ଉଭୟ ପକ୍ଷ କୁଟୁମ୍ବଙ୍କ

ସହାୟତାରେ ମଙ୍ଗନ, ମଙ୍ଗନ ହାଣ୍ଡି ବା ହାଣ୍ଡିସରା କାର୍ଯ୍ୟ ବିଧିପୂର୍ବକ ସମ୍ପାଦନା କରାଯିବ । ଏଥିନିମନ୍ତେ ବ୍ୟବହୃତ ରୁଖା, ବଇଠ ଓ ଅନ୍ୟାନ୍ୟ ମାଟିପାତ୍ର ପୂର୍ବରୁ ସଂଗୃହୀତ ହେବା ଆବଶ୍ୟକ । ଉକ୍ତଦିନ ଶକ୍ତିମତେ କେବଳ ଜ୍ଞାତିଭୋଜନ ଦିଆଯାଇପାରେ ।

**ବିବାହ ଭୋଜି (କନ୍ୟାଘର) :**

ବର ଘରେ ବିବାହ ଦିନ ସାମାଜିକ ଭୋଜିଭାତ ସମ୍ପୂର୍ଣ୍ଣ ନିଷେଧ । କିନ୍ତୁ କନ୍ୟାପକ୍ଷରେ ସେଦିନ ଆର୍ଥିକ ଶକ୍ତି ଅନୁସାରେ ପ୍ରୀତିଭୋଜନ ଦିଆଯିବ । ଭୋଜିରେ ଆମିଷ ବା ନିରାମିଷ କନ୍ୟାକର୍ତ୍ତାଙ୍କ ଉପରେ ନିର୍ଭର କରେ । ଆମିଷ ନିମିତ୍ତ ବରଯାତ୍ରୀ ତରଫରୁ ଦାବୀ କରିବା ବା ବିଭ୍ରାଟ ଘଟାଇବା କୌଣସି ପରିସ୍ଥିତିରେ ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ । ରାତ୍ର ଦଶ ଘଟିକା ସୁଦ୍ଧା ବରଯାତ୍ରୀ ନ ପହଞ୍ଚିଲେ କନ୍ୟାପକ୍ଷର ଜାତିଭାଇମାନେ ପ୍ରଥମେ ଭୋଜନ କରିପାରିବେ । ବରଯାତ୍ରୀ ପକ୍ଷରୁ ମାଛ, ମାଂସ ଓ ମଦ ନିମନ୍ତେ ଦାବୀ କରିଥିବାର ପ୍ରମାଣ ମିଳିଲେ ପରବର୍ତ୍ତୀ କାଳରେ ସମ୍ପୃକ୍ତ ପକ୍ଷଙ୍କୁ ଜୋରିମାନା କରାଯାଇପାରେ ।

**ବରଯାତ୍ରୀ ଓ ରୋଷଣୀ :**

ବରଯାତ୍ରୀ ସଂଖ୍ୟା କୌଣସି ପ୍ରକାରେ ୪୦ ଜଣରୁ ଅଧିକ ହେବ ନାହିଁ । ଯଦି ଅଧିକ ହେବାର ସମ୍ଭାବନା ଥାଏ ତେବେ ୫ ଦିନ ଆଗରୁ ବରପକ୍ଷ କନ୍ୟାପକ୍ଷକୁ ଅବଗତ କରାଇବା ଆବଶ୍ୟକ । କନ୍ୟାପକ୍ଷର ସମ୍ମତିକ୍ରମେ ଓ ଆର୍ଥିକ ଅବସ୍ଥା ଅନୁସାରେ ଅଧିକ ବରଯାତ୍ରୀ ନିଆଯାଇପାରେ । ଯଦି କନ୍ୟାପକ୍ଷଙ୍କ ଅଜାଣତରେ ୪୦ ରୁ ଅଧିକ ବରଯାତ୍ରୀ ଯାଇଥାଆନ୍ତି ତେବେ ଅବଶିଷ୍ଟ ଲୋକଙ୍କ ଚର୍ଚ୍ଚା ବରପକ୍ଷ ବିଚାର କରିବେ । ବରଯାତ୍ରୀରେ ପୂର୍ବରୁ ନାରୀମାନେ ଅଂଶଗ୍ରହଣ କରୁନଥିଲେ । ବର୍ତ୍ତମାନ ଯୋଗ ଦେଉଛନ୍ତି ନାରୀମାନେ ।

**ବାଜା :** ଅଭ୍ୟର୍ଥନା ନିମିତ୍ତ କନ୍ୟାପକ୍ଷ ବାଜାର ଆୟୋଜନ କରିବେ । ବାଜା ମଧ୍ୟରେ ୨ ରୁ ଅଧିକ ଢୋଲ, ଯୋଡ଼ି ମହୁରୀ, ଯୋଡ଼ୀ ନାଗରା ପ୍ରଭୃତି । ଏଥିରେ ପାରମ୍ପରିକ ଓ ମାଙ୍ଗଳିକ ବାଜା କେବଳ ବାଜିବ । ଏହାର ଖର୍ଚ୍ଚ କନ୍ୟା ଘର ହୋଇଥାଏ ।

**ବର ବରଣୀ :** ବର ବରଣୀରେ କେବଳ ପୁରୁଷ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ସ୍ତ୍ରୀ ଲୋକ ଆଦୌ ଅଂଶଗ୍ରହଣ କରିପାରିବେ ନାହିଁ । କେବଳ କନ୍ୟାପିତା, ଅଭିଭାବକ, ଭାଇବନ୍ଧୁ ଓ ନିଜ ସମ୍ପର୍କୀୟମାନଙ୍କ ସହଯୋଗରେ ବରକୁ ପାଛୋଟି ଆଣନ୍ତି । କନ୍ୟାପିତା ଫୁଲ, ଚନ୍ଦନ, ନଡ଼ିଆ ଓ ଶଙ୍ଖଧ୍ୱନୀ ସହ ବରଣ କରିବେ । କନ୍ୟାଗୃହ ସମ୍ମୁଖରେ ମହିଳାମାନେ ବରକୁ ନିୟମାନୁସାରେ ବନ୍ଦାପନା ପୂର୍ବକ ପାଛୋଟି ଆଣିବେ ।

**ବର ବେଶ :** ବରକୁ ବିଜୟୀ ଯୋଦ୍ଧା ବେଶରେ ସଜ୍ଜିତ କରାଯାଇଥାଏ । ଯେହେତୁ ଗଣ୍ଡମାନେ ପୂର୍ବରୁ ଯୋଦ୍ଧା ଥିଲେ । ମଥାରେ ତିଳକ ସହ ପଗଡ଼ି ମୁକୁଟ ଓ ହସ୍ତରେ କୃପାଣ ଧାରଣ କରିବା ସର୍ବଦା ଆବଶ୍ୟକ । ଏହା ଆମ୍ଭ କୁଳର ମହାନ ପରମ୍ପରାର ପରିଚାୟକ ।

**ବର ଭୋଜନ :** କର୍ତ୍ତାଙ୍କ ଇଚ୍ଛାନୁସାରେ ବରକୁ ବରଯାତ୍ରୀଙ୍କ ସହ କିମ୍ବା ସ୍ୱତନ୍ତ୍ର ଭାବେ ଭୋଜନ ଦିଆଯାଇପାରେ ।

**କର୍ମଣୀ ଲୁଗା :** ବର ବେଦୀକୁ ଯିବା ପୂର୍ବରୁ କନ୍ୟା ପକ୍ଷକୁ ସାତଖଣ୍ଡ ଲୁଗା ଦିଆଯିବ । ସେ ମଧ୍ୟରେ, ଶ୍ୱଶୁର, ୧ ଖଣ୍ଡ, ଶାଶୁ - ୧ ଖଣ୍ଡ, ବାହା ଲୁଗା (କନ୍ୟା ପାଇଁ) ଏକ ଖଣ୍ଡ ଓ ପାଲଟା ଶାଢ଼ୀ (ବୋହୂ ନିମିତ୍ତ), ୧ ଖଣ୍ଡ ଓ ବସ୍ତ୍ର ଉପକରଣ ଦେବେ । ବରର ଆର୍ଥିକ ଶକ୍ତି, ଅନୁସାରେ ଉପରୋକ୍ତ ବସ୍ତ୍ରଗୁଡ଼ିକ ର ମୂଲ୍ୟ ଓ ଗଣୁ ନିର୍ଭର କରେ । ଏହାଠାରୁ ଅଧିକ ବସ୍ତ୍ର କନ୍ୟାପକ୍ଷ ଦାବୀ କରିପାରିବେ ନାହିଁ । ଏତଦ୍ ବ୍ୟତୀତ କନ୍ୟାପାଇଁ ପ୍ରସାଧନ ସ୍ତମଗ୍ରୀ ମଧ୍ୟ ଦିଆଯାଇପାରେ । ଆବଶ୍ୟକ ସ୍ଥଳେ ବ୍ରାହ୍ମଣ ପାଇଁ ୧ ଖଣ୍ଡ ଲୁଗା ଓ ବାରିକୁ ୧ ଖଣ୍ଡ ଲୁଗା ଦେଇପାରିବେ ।

**ପାଣିଗ୍ରହଣ :** ଶାସ୍ତ୍ରୀୟ ମତରେ ପାଣି ଗ୍ରହଣ କାର୍ଯ୍ୟ ସମ୍ପନ୍ନ କରାଯିବ । ଏଥିନିମନ୍ତେ ବ୍ରାହ୍ମଣଙ୍କ ସାହାଯ୍ୟ ନେଇପାରିବେ । ହୋମ ଓ ଆନୁସଙ୍ଗିକ ସମସ୍ତ କାର୍ଯ୍ୟ କରାଯିବ । ସମୁଦି ଭେଟ ବେଦୀ ଉପରେ ହିଁ ହେବ । ଏଥିନିମନ୍ତେ ବରପିତା କନ୍ୟାପିତାଙ୍କୁ ଖଣ୍ଡିଏ ଧୋତି ଦେବେ । ହସ୍ତଗଣ୍ଠି କନ୍ୟାର ସାନ ଭଉଣୀ ଫିଟାଇବେ । ଏଥିନିମନ୍ତେ ବରପକ୍ଷ ଇଚ୍ଛାନୁସାରେ ବସ୍ତ୍ର କିମ୍ବା ମୂଲ୍ୟ ଦେଇପାରିବେ । ଯିଏ ହସ୍ତଗଣ୍ଠି ଫିଟାଇବେ ସେ ବରକନ୍ୟାଙ୍କୁ ନମସ୍କାର କରିବେ । ବେଢ଼ା ପରିକ୍ରମା କରାଯିବ । ଶାସ୍ତ୍ରୀୟ ମତାନୁସାରେ କନ୍ୟାପିତା କନ୍ୟା ପ୍ରଦାନ କରିବେ । ବିବାହ ଶେଷରେ କନ୍ୟାପକ୍ଷର ବନ୍ଦାପନା ବା ଆଶିଷ ପ୍ରଦାନ କାର୍ଯ୍ୟ କରାଯିବ । ଶଙ୍ଖରେ ପାଣିଦେଇ ଆଶିର୍ବାଦ ମଧ୍ୟ କରିପାରିବେ ।

**ଯୌତୁକ :** ବରପକ୍ଷ କୌଣସି ପ୍ରକାର ଯୌତୁକ ଦାବୀ କରିପାରିବେ ନାହିଁ । ବିବାହ ପୂର୍ବରୁ କିମ୍ବା ବିବାହ ପରେ ବରପକ୍ଷ ଯୌତୁକ ଦାବୀ କଲେ, ଦାବୀ କରାଯାଇଥିବା ମୂଲ୍ୟର ଜୋରିମାନା ଜାତି ସମାଜକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦେବେ । ଅନାଦୟ କାଳ ପର୍ଯ୍ୟନ୍ତ ସାମାଜିକ ବାସନ୍ଦ ଲାଗୁ ହେବ । ଯଦି କୌଣସି ପ୍ରକାରେ ବିବାହିତ ବଧୂକୁ ଯୌତୁକ ଜନିତ ନିର୍ଯ୍ୟାତନାର ପ୍ରମାଣ ମିଳେ ତେବେ ଭୟାବହ ଦୋଷାବହ ବୋଲି ଗଣନା କରି ବାସନ୍ଦ ବ୍ୟବସ୍ଥା ତତ୍କ୍ଷଣାତ୍ ଲାଗୁ କରାଯିବ । କନ୍ୟାପକ୍ଷର ପାଣି ବା କନ୍ୟା ଧନ ଦାବୀ କଲେ ଉପରୋକ୍ତ ଦଣ୍ଡ ବିଧାନ ମଧ୍ୟ ଲାଗୁ ହେବ ।

**କଉଡ଼ିଖେଳ :** ବିବାହ ପରେ କଉଡ଼ି ଖେଳ ପ୍ରଚଳିତ ପ୍ରଥାନୁସାରେ ପାଳନ କରାଯାଏ । ଏହା କନ୍ୟା ଘରେ ନଚେତ୍

ବରଘରେ କରାଯାଏ ।

**ବର ବାହୁଡ଼ା ଓ କନ୍ୟା ବିଦାୟ :** ବିବାହ କାର୍ଯ୍ୟ ସମ୍ପନ୍ନ ହେବାପରେ କନ୍ୟାପକ୍ଷ ବରକନ୍ୟାଙ୍କୁ ଯଥାଶୀଘ୍ର ବିଦାୟ ଦେବାର ବ୍ୟବସ୍ଥା କରିବେ । ବିବାହ ଚାଲୁଥିବା ସମୟରେ କନ୍ୟା ବିଦାୟର ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମାପନ କରାଯିବ । କନ୍ୟାପକ୍ଷରୁ ଅହେତୁକ ବିଳମ୍ବ ହେଲେ ପରଦିନ ବରପକ୍ଷଙ୍କ ପ୍ରାତଃ ଭୋଜନ ବ୍ୟବସ୍ଥା କରିବେ । ବର ବଧୂ ବିଦାୟ ବେଳେ ମନ୍ଦିର, ଗ୍ରାମଦେବୀ, ଶାଳ ବ୍ୟତୀତ ଅନ୍ୟ କାହାରିକୁ ପ୍ରଣାମ କରିବେ ନାହିଁ । ସେହି ସମୟରେ ବରବଧୂ ହିଁ ଈଶ୍ୱର ପାର୍ବତୀଙ୍କ ରୂପରେ ଥାଆନ୍ତି ବୋଲି ଶାସ୍ତ୍ରୀୟ ମତ । କନ୍ୟା ବାହୁଡ଼ା ଯାତ୍ରାରେ ସର୍ବାଧିକ ୫ ଜଣ ଲୋକ ଯାଇପାରିବେ । ଆବଶ୍ୟକସ୍ଥଳେ ଦୂରତାକୁ ବିଚାର କରି ବଧୂ ସଙ୍ଗରେ ଜଣେ ବୃଦ୍ଧା ଓ ଜଣେ ଅପ୍ରାପ୍ତ ବୟସ୍କା କନ୍ୟା ଯାଇପାରିବେ । ବରପକ୍ଷରୁ ତାଙ୍କର ବାହୁଡ଼ା ସମୟ ଯଥେଷ୍ଟ ପୂର୍ବରୁ କନ୍ୟା ପକ୍ଷକୁ ଜଣାଇ ଦେବେ । ତାଙ୍କ ସମୟ ଅନୁସାରେ କନ୍ୟା ବିଦାୟ ଦେବା କନ୍ୟାପକ୍ଷର ନୈତିକ କର୍ତ୍ତବ୍ୟ । ବରବଧୂ ସହିତ ନିଜଘରେ ସନ୍ଧ୍ୟା ପୂର୍ବରୁ ପହଞ୍ଚିବା ଆବଶ୍ୟକ । ବରପିତା ବା ଅଭିଭାବକ ନିଜ କନ୍ୟାପରି ନବବଧୂର ସୁବିଧା ଅସୁବିଧା ବୁଝିବେ ।

**ବୋହୂ ପାଳନ :** ନବ ବଧୂକୁ ବର ଘରେ ସମସ୍ତ ସୁବିଧା ସୁଯୋଗ ଦିଆ ଯାଇଥାଏ । ନବବଧୂକୁ ସମସ୍ତ ପ୍ରକାର ଘରକରଣା ଶିକ୍ଷା ଦିଆଯାଇଥାଏ । ବିବାହର ଚତୁର୍ଥ ଦିନକୁ ଚଉଠି କୁହାଯାଏ ।

**ଚଉଠି ଭାର :** ନୂତନ ଭାବେ ଘରଟିଏ କରି ଚଳିବା ପାଇଁ କନ୍ୟାପକ୍ଷରୁ କେତେ ଅତ୍ୟାବଶ୍ୟକ ଦ୍ରବ୍ୟ ବା ଆସବାବପତ୍ର ଝିଅ ନେଇ ଥାଆନ୍ତି । ଏଥିରେ ନିତ୍ୟ ବ୍ୟବହାର୍ଯ୍ୟ ଘରକରଣା ଜିନିଷ ଓ ନିହାତି ଆବଶ୍ୟକ ଆସବାବ ପତ୍ର ହିଁ ବିଚାରକୁ ନିଆଯାଇଥାଏ । ଏହା କନ୍ୟାପିତାଙ୍କ ଆର୍ଥିକ ସ୍ୱଚ୍ଛଳତା ଉପରେ ନିର୍ଭର କରିଥାଏ । ଏଥିନିମନ୍ତେ କୌଣସି କଟକଣା ନାହିଁ କିମ୍ବା ଏହା ଯୌତୁକ ପରିସରଭୁକ୍ତ କରାଯାଇପାରିବ ନାହିଁ । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଆସବାବପତ୍ର ନିମନ୍ତେ ବରପକ୍ଷ ଦାବୀ କରିପାରିବେ ନାହିଁ । ଏ ସମସ୍ତ ଜିନିଷ କନ୍ୟା ବିଦାୟ ସମୟରେ ଅଥବା କନ୍ୟାପକ୍ଷଙ୍କ ସୁବିଧା ଅନୁସାରେ ପ୍ରଦାନ କରାଯାଇପାରିବ ।

**ଅନ୍ତଃଜାତି ବିବାହ :**

ଗଣ୍ଡ ସମାଜରେ କୌଣସି ବ୍ୟକ୍ତି ଅନ୍ୟ ଜାତିରେ ବିବାହ କରିପାରିବେ ନାହିଁ । ବିବାହ କରିଥିବାର ପ୍ରମାଣିତ ହେଲେ ତାକୁ ଜୀବନ ସାରା ଗଣ୍ଡ ଜାତି ସମାଜରୁ ବହିଷ୍କାର କରାଯିବ । ଯେଉଁ ବ୍ୟକ୍ତି ଉକ୍ତ ବ୍ୟକ୍ତି ସହିତ କୌଣସି ପ୍ରକାର ସମ୍ପର୍କ ରଖିଥିବା କଥା ଜଣାପଡ଼େ ସେ ପରିବାରକୁ ମଧ୍ୟ ବାସନ୍ଦ କରାଯିବ । ଅନ୍ତଃଜାତି ବିବାହ କରିଥିବା ବ୍ୟକ୍ତିଙ୍କୁ ଗଣ୍ଡ ସମାଜରେ ପୁଣି ମିଶ୍ରଣ ସମ୍ପୂର୍ଣ୍ଣ ନିଷେଧ ।

ଯଦି କୌଣସି କନ୍ୟା ଅନ୍ୟ ଜାତିରେ ବିବାହ କରେ, ତା'ହେଲେ ଉକ୍ତ ପରିବାରର ସମସ୍ତ ସଦସ୍ୟ ଜ୍ଞାତି କୁଟୁମ୍ବ ତଥା ବନ୍ଧୁବାନ୍ଧବ ସମସ୍ତେ ତା' ସହିତ ଥିବା ସମସ୍ତ ସମ୍ପର୍କ ଛିନ୍ନ କରିବେ । ପରିବାର ଓ ଜ୍ଞାତି କୁଟୁମ୍ବ ତଥା ବନ୍ଧୁବାନ୍ଧବ ସମସ୍ତେ ତା' ସହିତ ଥିବା ସମସ୍ତ ସମ୍ପର୍କ ଛିନ୍ନ କରିବେ । ପରିବାର ଓ ଜ୍ଞାତି କୁଟୁମ୍ବ ବିଧି ଅନୁସାରେ ଶୌଚ ସମାଜରୁ ବାସନ୍ଦ ହେବେ ।

ନଦୀ, ପୋଖରୀ, ପିଇବା ପାଣି ସବୁଥିରୁ ବଞ୍ଚିତ ହୁଅନ୍ତି ଏହି ପରିବାରର । ସେମାନେ ଗାଁ ବାହାରେ ଥିବା ପାଣିକୁ ବ୍ୟବହାର କରିବେ । ଏହିପରି କଡ଼ା ନିୟମ ଭିତରେ ବନ୍ଧା ଏ ଗଣ୍ଡ ସମାଜ ।

**ସମଗୋତ୍ର ବିବାହ :**

ସମଗୋତ୍ର ବିବାହ ଗୁରୁତର ଅପରାଧ ଏ ସମାଜରେ । ତାଙ୍କୁ ପଶୁ ସହିତ ତୁଳନା କରାଯାଇପାରେ ଅଥବା ତାଙ୍କୁ ମୃତ ବୋଲି ଘୋଷଣା କରି ମୃତକ୍ରିୟା କରାଯାଇପାରେ । ସମାଜରେ ଚଳନ ସମ୍ପୂର୍ଣ୍ଣ ବାରଣ ।

**ଗୋତ୍ର ବାସନ୍ଦ :**

ସମଗୋତ୍ର ବ୍ୟତୀତ ଅନ୍ୟ କୌଣସି ଦେଓରେ ବିବାହ ହୋଇପାରିବ । ଯେଉଁ ଅଞ୍ଚଳରେ ପାଞ୍ଚ ଦେଓରେ ବିବାହ ହୋଇପାରିବ । ଯେଉଁ ଅଞ୍ଚଳରେ ପାଞ୍ଚ ଦେଓ, ସାତ ଦେଓ ଉପରେ କଟକଣା ଥିଲା । ସେସବୁ ବର୍ତ୍ତମାନ ନାହିଁ ।

**ବିଧବା ଓ ପରିତ୍ୟକ୍ତା ବିବାହ :**

ବିଧବା, ପରିତ୍ୟକ୍ତା ଓ ବିଧିବଦ୍ଧ ଲିଖିତ ଛାଡ଼ପତ୍ର ପାଇଥିବା ପୁରୁଷ ବା ସ୍ତ୍ରୀ, ମୃତ ଦାରୁମାନେ ପୁନଃବିବାହ କରିପାରିବେ । ବଡ଼ଭାଇଙ୍କ ବିଧବା ସ୍ତ୍ରୀଙ୍କୁ ସାନଭାଇ, ବିବାହ (ଦ୍ୱିତୀୟା) କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ନାହିଁ ।

**ଛାଡ଼ପତ୍ର :**

୧. କୌଣସି ସ୍ତ୍ରୀ କିମ୍ବା ପୁରୁଷ ଛାଡ଼ପତ୍ରରେ ସ୍ୱାକ୍ଷର କରିବା ପୂର୍ବରୁ ଦ୍ୱିତୀୟ ବିବାହ କରିପାରିବେ ନାହିଁ । ଯେଉଁଠାରେ ପ୍ରଥମ ସ୍ତ୍ରୀ ରୁଗ୍ଣ, ନିଃସନ୍ତାନ ଓ ସ୍ୱାମୀଙ୍କ, ଦ୍ୱିତୀୟ ବିବାହ କ୍ଷେତ୍ରରେ କୌଣସି ଆପତ୍ତି ନାହିଁ ଜଣାଇବେ, ସେ ସ୍ଥଳରେ ପୁରୁଷ ବିବାହ କରିପାରିବେ । କିନ୍ତୁ ପ୍ରଥମ ସ୍ତ୍ରୀକୁ ସ୍ୱାମୀ କୌଣସି ପ୍ରକାରର ନିର୍ଯ୍ୟାତନା ଦେଇ ପାରିବେ ନାହିଁ । ପ୍ରମାଣିତ ହେଲେ ଦଣ୍ଡବିଧାନ କରାଯିବ ।

୨. ଯଦି ପୁରୁଷ ଓ ସ୍ତ୍ରୀ ଉଭୟେ ଚାହାନ୍ତି ତେବେ, ଛାଡ଼ପତ୍ରରେ ସ୍ୱାକ୍ଷର କରି ଅଲଗା ହୋଇପାରିବ । ଯଦି ସ୍ୱାମୀ ବିନା ଦୋଷରେ ସ୍ତ୍ରୀକୁ ଛାଡ଼ପତ୍ର ଦେଉଥାଏ ତେବେ ଉକ୍ତ ସ୍ତ୍ରୀ ଦ୍ୱିତୀୟ ପତି ଗ୍ରହଣ ନକଲା ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀକୁ

ଭରଣପୋଷଣ ଦେବାପାଇଁ ବାଧ୍ୟ ।

୩. ପୁରୁଷ ନିଜ ଇଚ୍ଛାରେ ଛାଡ଼ପତ୍ର ଦେଇପାରିବ ନାହିଁ । ଯଦି ପୁରୁଷ ଏହା ଚାହୁଁଥାଏ ତେବେ ଜାତି ସଭାରେ ଉପଯୁକ୍ତ କାରଣ ଦର୍ଶାଇବା ପାଇଁ ବାଧ୍ୟ ଅଟେ । ଉକ୍ତ କାରଣ ଯୁକ୍ତିସଙ୍ଗତ ଜାତି ସମାଜର ହୃଦବୋଧ ହେଲେ ଛାଡ଼ପତ୍ର ବିଚାରକୁ ନିଆଯିବ । କିନ୍ତୁ ଅନ୍ୟ ଏକ ଝିଅକୁ ବିବାହ କରିବାକୁ ଯାଇ ପ୍ରଥମ ସ୍ତ୍ରୀକୁ ବିନା ଦୋଷରେ ଛାଡ଼ପତ୍ର ଦେଉଥିଲେ ତାହା ବିଚାରକୁ ନିଆଯିବ ନାହିଁ । ବିନା ଛାଡ଼ପତ୍ରରେ ବିବାହ କରିଥିବା ଦ୍ୱିତୀୟ ସ୍ତ୍ରୀ ସ୍ତ୍ରୀତ୍ୱ ଦାବୀ କରିପାରିବ ନାହିଁ ।

**ନାରୀ ଧର୍ମ ଶିକ୍ଷା :**

**ରଜବତୀ :**

– ବାଳିକାମାନେ ପ୍ରଥମେ ରଜବତୀ ହେଲେ ଛଅଦିନ ଏକ ଘରେ ଆବଦ୍ଧ ହୋଇରହିବେ । ଏହା ମଧ୍ୟରେ ପୁରୁଷ ମୁଖ ଦର୍ଶନ ଶାସ୍ତ୍ର ନିଷେଧ । ଏସବୁ ପ୍ରତି ବାପାମାଆ ଓ ପରିବାରର ଅନ୍ୟ ସଦସ୍ୟମାନେ ଦୃଷ୍ଟି ଦେବେ । ସପ୍ତମ ଦିନ ପ୍ରାତଃ ଶୁଦ୍ଧସ୍ନାନ କରି ସାରି ନୂତନ, ବସ୍ତ୍ର ପରିଧାନ ପୂର୍ବକ ପ୍ରଚଳିତ ପ୍ରଥା ଅନୁସାରେ ଆନୁସାଙ୍ଗିକ କାର୍ଯ୍ୟ କରାଯିବ । କିନ୍ତୁ ଅତ୍ୟାବଶ୍ୟକ କ୍ଷେତ୍ରରେ ସଦ୍ୟ ଶୌଚର ବ୍ୟବସ୍ଥା କରାଯାଇପାରେ ।

– କୌଣସି ସ୍ତ୍ରୀ ମାସିକ ଋତୁବତୀ ହେଲେ ଅନ୍ତତଃ ସାତଦିନ ପର୍ଯ୍ୟନ୍ତ ପାଳନ କରିବେ । ଉକ୍ତ ସମୟ ମଧ୍ୟରେ ଗୁରୁଜନମାନଙ୍କୁ ସ୍ପର୍ଶ ଓ ରନ୍ଧନ କାର୍ଯ୍ୟ ନିଷେଧ ।

– ଋତୁମତୀ ସ୍ତ୍ରୀ ଉପରେ କୌଣସି ପ୍ରକାର ଶାରିରୀକ ଯନ୍ତ୍ରଣା ଦଣ୍ଡନୀୟ । କୌଣସି କ୍ଷେତ୍ରରେ ଏହାର ପ୍ରମାଣ ମିଳିଲେ ତାକୁ ସାମାଜିକ ଦଣ୍ଡବିଧାନ କରାଯିବ ।

– ଗଣ୍ଡ ଜନଜାତିର ସ୍ତ୍ରୀ ଲୋକ ବା ଝିଅ ଅନ୍ୟ ଜାତି ଲୋକଙ୍କ ଘରେ ଚାକରାଣୀ ବା କାମବାଲି ରହି ପାରିବ ନାହିଁ । ଲୁଗାପଟା ଧୋଇବା, ବାସନ ମାଜିବା, ଗୃହକାର୍ଯ୍ୟ କରିବା, ବାହାର କାର୍ଯ୍ୟ, ଭୋଜନ ଇତ୍ୟାଦି କରିବା ଦଣ୍ଡନୀୟ । ନିଜ ଜାତି ଲୋକଙ୍କ ଠାରୁ ସେତିକି କାର୍ଯ୍ୟ ଯେପରି ପାଇପାରିବେ ସେଥିପ୍ରତି ନିଜେ ଓ ସ୍ଥାନୀୟ କମିଟି ଦୃଷ୍ଟି ଦେବେ । ଗଣ୍ଡ ସମାଜର କେହି ସ୍ତ୍ରୀ ଲୋକ ବା ଯୁବତୀ ଝିଅ କୌଣସି କାମକୁ କିମ୍ବା ମଜୁରୀ କାମ କରିଗଲେ ସେମାନେ ସେଠାରୁ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିଆସିବେ । ତତ୍ ସହିତ କୌଣସି ଟ୍ରକ୍‌ରେ କିମ୍ବା କମ୍ପାନୀରେ, ସ୍ଥାନୀୟ ଭାବେ କାମ କରିପାରିବେ ନାହିଁ ।

– କୌଣସି ସ୍ତ୍ରୀ ବା ଯୁବତୀ ଅନ୍ୟ ଜାତି ଲୋକଙ୍କ ଦ୍ୱାରା ଗୁପ୍ତସମ୍ପର୍କ ଜନିତ ଗର୍ଭବତୀ ହେଲେ ଉକ୍ତ କନ୍ୟାକୁ ସମାଜ ତଥା ପରିବାରରୁ ଅନ୍ତର କରାଯିବ । ଉକ୍ତ ପରିବାର ଶୌଚ ହେବେ । ଯଦି ଗଣ୍ଡ ସମାଜରେ ଏହି କାର୍ଯ୍ୟ ନ ହୁଏ, ତେବେ ଉକ୍ତ ପରିବାରକୁ ସବୁଦିନ ପାଇଁ ବାସନ୍ଦ କରାଯିବ । ପରବର୍ତ୍ତୀ କାଳରେ ଉକ୍ତ ନିୟମ ପାଳନ ନିମନ୍ତେ ରାଜି ହେଲେ ଗଣ୍ଡ ସମାଜକୁ ୫୦୧ ଟଙ୍କା ଜୋରିମାନା ଓ କ୍ଷମା ପ୍ରାର୍ଥନା କରି ମିଶି ପାରିବେ । ବଳାତ୍କାର ଜନିତ ଦୁର୍ଘଟଣା ପ୍ରମାଣିତ ହେଲେ ସହୃଦୟତା ସହ ବିଚାର କରାଯାଇପାରେ । ଦୋଷୀ ବ୍ୟକ୍ତି ଚିହ୍ନଟ ହୋଇପାରିଲେ ସମୁଚିତ ଦଣ୍ଡ ନିମନ୍ତେ ବ୍ୟବସ୍ଥା କରାଯିବ ।

– ବୋହୂମାନେ ଶ୍ୱଶୁର ଘରର ଗୁରୁଜନ ସ୍ଥାନୀୟ ଲୋକମାନଙ୍କୁ ଯଥାମାନ୍ୟ କରିବେ ।

– ଶ୍ୱଶୁରଘର ଅନୁମତି ବିନା ବଧୂ ବାପ ଘରେ ଏକ ମାସରୁ ଅଧିକ କାଳ ରହି ପାରିବ ନାହିଁ । କୌଣସି ଅଭିଯୋଗ ଥିଲେ ଜାତି ସମାଜର ଅନୁମତି ନେଇ ବିଚାର ନ ହେବା ପର୍ଯ୍ୟନ୍ତ ରହିପାରନ୍ତି । ବିନା କାରଣରେ ଏକ ମାସରୁ ଅଧିକ ଦିନ ରହିଲେ କନ୍ୟା ପିତାକୁ ୧୦୧ ଟଙ୍କା ଜୋରିମାନା ଦେବାକୁ ହେବ ।

– ଶ୍ୱଶୁର ଘରେ ଲୋକଙ୍କ ବ୍ୟବହାର ଅସହ୍ୟ ହେଲେ ସ୍ଥାନୀୟ ଗଣ୍ଡ, ଜାତି ସମାଜକୁ ଲିଖିତ ଆକାରରେ ଜଣାଇବାର ପୂର୍ଣ୍ଣ ଅଧିକାର ଅଛି । ଏହା ପ୍ରତ୍ୟେକ ନାରୀର ମୌଳିକ ଅଧିକାର ଭାବେ ବିବେଚନା କରାଯାଇ ବିଚାର କରାଯିବ ।

ମହିଳାଙ୍କ ପକ୍ଷରେ ମଦ୍ୟପାନ ନିଷେଧ । ପ୍ରମାଣିତ ହେଲେ ୫୧ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ ।

ଝିଅକୁ ଅଠର ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ ଦେବା ଦଣ୍ଡନୀୟ ଅପରାଧ । କିନ୍ତୁ ନିୟମ ନମାନି ବିବାହ କରୁଛନ୍ତି ।

**ମୃତ କ୍ରିୟା :**

**ଶବ ସଂସ୍କାର :** ନିଜ ପରିବାର ଭାଇ ବନ୍ଧୁବାନ୍ଧବ ମାନଙ୍କ ସହଯୋଗରେ ସାମାଜିକ ନିୟମାନୁସାରେ ଅଗ୍ନିରେ ଦାହ କରାଯିବ କିମ୍ବା ମାଟିରେ ଭଲ ଭାବେ ପୋତା ଯାଇପାରେ । ମୃତକଙ୍କ ପରିବାରରେ କୌଣସି ସାମାଜିକ କଟକଣା ଥିଲେ ସ୍ଥାନୀୟ ସମାଜ ତୁରନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ।

ଗଣ୍ଡ ସମାଜରେ କୌଣସି ପୁରୁଷ କିମ୍ବା ସ୍ତ୍ରୀ ମରିଗଲେ ଶୋକାକୁଳ ମୃତ ବ୍ୟକ୍ତିର ଆତ୍ମୀୟ ସ୍ୱଜନ ବନ୍ଧୁବାନ୍ଧବ ଲୋକକୁ ଡାକନ୍ତି । ମୃତବ୍ୟକ୍ତି ଦେହରେ ତେଲ ହଳଦି ପ୍ରଲେପ ଦିଆଯାଇ ଭୂଇଁରେ ଶବକୁ ରଖି ଧଳା କପଡ଼ା ଢାଙ୍କି ଦିଆଯାଏ । ମୃତ ଦେହକୁ ଅଧିକ ସମୟ ସତେଜ ରଖିବା, ଦୁର୍ଗନ୍ଧ ଏଡ଼ାଇବା ଏବଂ ମାଛି ଉପଦ୍ରବର ପ୍ରତିକାର ପାଇଁ ଏଭଳି ହଳଦିର ପ୍ରଲେପ ଦିଆଯାଇଥାଏ । ତା'ପରେ ମୃତ ଦେହକୁ ଓଲଟ ଖଟରେ ଶୁଆଇ ଦେଇ ଖଟର ଚାରି ଗୋଡ଼ରେ ଚାରୋଟି କଦଳୀ ଗଛ ବାନ୍ଧି

ଦିଆଯାଏ । କୁହାଯାଏ ଗଣ୍ଡମାନେ ବିଶ୍ୱାସ କରନ୍ତି, କଦଳୀ ଗଛରେ ଥରେ ଫଳ ଧରେ ଆଉ ଫଳେ ନାହିଁ । ଠିକ୍ ସେହିପରି ମଣିଷ ଜୀବନ । ମଣିଷ ମଧ୍ୟ ଥରେ ଜନ୍ମନିଏ ମୃତ୍ୟୁ ପରେ ସେ ପୁଣି ଆଉ ଜନ୍ମ ନିଏନି । ମୃତ ବ୍ୟକ୍ତିକୁ ଜାତିଭାଇମାନେ ଚାରିଜଣ ଶବକୁ ବୋହି ମଶାଣି ଆଡ଼କୁ ଯାଆନ୍ତି ।

ଘରୁ ଗଲାବେଳେ ଖଇ ଓ ଖୁଚୁରୀ ପଇସା, କଉଡ଼ି ମିଶାଇ ଗାଁ ଶେଷ ମୁଣ୍ଡ ଯାଏଁ ଯାଆନ୍ତି । ଶବକୁ ପୋଡ଼ି ଦେଲାପରେ ସମସ୍ତେ ଗାଧୋଇବା ପୂର୍ବରୁ ବନ୍ଧୁବାନ୍ଧବ ଘରଲୋକ କିଛି ମାଟି ପାଣିରେ ଭିଜାଇ ସମସ୍ତଙ୍କ ମୁଣ୍ଡରେ ଦେଇଥାଆନ୍ତି । ସମସ୍ତେ ମୁଣ୍ଡରେ ମାଟି ଘଷି ଗାଧୋଇ ଥାଆନ୍ତି ।

**ମୀଠ ଅନ୍ନ :** ଶବ ସଂସ୍କାର ପରେ ସ୍ଥାନୀୟ ଜାତିଭାଇମାନେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ସ୍ୱରୂପ ମୀଠ ଅନ୍ନ ଦେବେ ।

**ତେଲପାଣି :** ମୃତ୍ୟୁର ତୃତୀୟ ଦିବସରେ ପ୍ରଚଳିତ ପ୍ରଥାନୁସାରେ ଧୋବା ଓ ବାରିକଙ୍କ ସହାୟତାରେ ଶୁଚି ହୋଇ ତେଲପାଣି ବ୍ୟବସ୍ଥା ସ୍ୱଳ୍ପ ବ୍ୟୟରେ କରାଯାଇପାରେ ।

**ଦଶାହ :** ମୃତ୍ୟୁର ଠିକ୍ ଦଶମ ଦିନରେ ଶାସ୍ତ୍ର ସମ୍ମତି ଦଶାହ କ୍ରିୟା ପାଳନ କରାଯିବ । ସେଦିନ ଯେଉଁମାନଙ୍କୁ ଦଶାହ କ୍ରିୟା ନିମନ୍ତେ ଲୋଡ଼ା ଯାଉଥିବ ସେମାନଙ୍କୁ ଜଳଯୋଗରେ ଆପ୍ୟାୟିତ କରାଯିବ । ରାତିରେ ଦୁଆରେ ରୋଷେଇ କରି ସାଇପଡ଼ିଶା କୁଟୁମ୍ବ ସମସ୍ତଙ୍କୁ ଭୋଜନ ଦିଆଯିବ । ଭୋଜନ ପଶ୍ଚାତ ସ୍ନାନ ବିଧେୟ । ଦଶାହ କାର୍ଯ୍ୟରେ ପୋଖରୀ ତୁଠରେ ପଣ୍ଡିତଙ୍କ ଦ୍ୱାରା ହୋମ କରାଯାଇ ଦଧିହାଣ୍ଡି ଭାଙ୍ଗି ଓ ବାରିକ ଦ୍ୱାରା ମସ୍ତକ ମୁଣ୍ଡନ ଇତ୍ୟାଦି ଅନ୍ତର୍ଭୁକ୍ତ ।

**ଏକଦଶାହ :** ଶାସ୍ତ୍ରୀୟ ମତରେ ଏକାଦଶ ଦିନରେ ଅନ୍ତ୍ୟେଷ୍ଟିକ୍ରିୟା ନିଶ୍ଚିତ ଭାବରେ ପାଳିତ ହେବ । ପଣ୍ଡିତଙ୍କ ଦ୍ୱାରା ହୋମ ପଶ୍ଚାତ ମନ୍ତ୍ରିତ ସମସ୍ତ ଜ୍ଞାତି କୁଟୁମ୍ବ ସେବନ କରିବେ । ଶକ୍ତି ମତେ ସାମାଜିକ ଭୋଜିଭାତ ଦିଆଯିବ । ନିଃସ୍ୱ ଓ ଦରିଦ୍ର ଲୋକମାନେ ଯେପରି ପଛରେ ପଡ଼ି ନ ଯାଆନ୍ତି ସେଥିପ୍ରତି ସ୍ଥାନୀୟ ଗଣ୍ଡ ସମାଜ ଦୃଷ୍ଟି ଦିଅନ୍ତି ।

**ତ୍ରୟୋଦଶ ଦିନ :** କୌଳିକ ବିଧି ଅନୁସାରେ ପାଳନ କରାଯାଇଥାଏ । ମୃତ୍ୟୁଠାରୁ ଅନ୍ତ୍ୟେଷ୍ଟିକ୍ରିୟା ପର୍ଯ୍ୟନ୍ତ ସମସ୍ତକାର୍ଯ୍ୟ ଓ ନୀତିନିୟମ ଶୃଙ୍ଖଳିତ ଭାବେ ପାଳନ କରାଯିବ ।

**ମୃତ୍ୟୁଜନିତ ଅଶୁଦ୍ଧି :**

୧. ଜନ୍ମଠାରୁ ପାଞ୍ଚବର୍ଷ ମଧ୍ୟରେ ମୃତ୍ୟୁ ହେଲେ, ଅଶୁଦ୍ଧି ୩ଦିନ ପାଳନ କରାଯାଏ । ତା' ପରଠାରୁ ଉପରୋକ୍ତ ମତେ ଶୁଦ୍ଧିକ୍ରିୟା ପାଳନ ବିଧେୟ ।

୨. ଯେଉଁ ସ୍ତ୍ରୀ ସନ୍ତାନ ପ୍ରସବ ସମୟରେ ମୃତ୍ୟୁବରଣ କରେ ଅଥବା ଗର୍ଭାବସ୍ଥାରେ ମୃତ୍ୟୁ ହୁଏ ତେବେ ପ୍ରଚଳିତ ନୀତି ଅନୁସାରେ ସଂସ୍କାର କରାଯାଏ ।

**ମାଛିଆ ପାତକ :** କୌଣସି ବ୍ୟକ୍ତିଠାରେ ମାଛିଆ ପାତକ ବୋଲି ଦେଖାଗଲେ ଶାସ୍ତ୍ରୀୟ ନିୟମ, ପୁରୋହିତଙ୍କ ନିର୍ଦ୍ଦେଶ ତଥା ଜାତି ସମାଜରେ ପ୍ରଚଳିତ ପ୍ରଥାନୁସାରେ ସମାଜ ଲୋକଙ୍କ ସହାୟତାରେ ଶୁଦ୍ଧି ହେବେ । ସମସ୍ତ କାର୍ଯ୍ୟ ବିଧି ଅନୁସାରେ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବ । ସ୍ଥାନୀୟ ସମାଜ ଏ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ।

**ଗୋହତ୍ୟା :** ନିଜର ଜ୍ଞାତ ବା ଅଜ୍ଞାତସାରରେ ଯଦି କୌଣସି ପାଳିତ ଗୋରୁ ମୃତ୍ୟୁବରଣ କରେ ତେବେ କେତେଜଣ ଗଣ୍ଡ ସମାଜର ଭାଇବନ୍ଧୁ ଏବଂ ବ୍ରାହ୍ମଣଙ୍କ ପରାମର୍ଶ ନେଇ ଦୋଷ ଅନୁସାରେ ପ୍ରାୟଶ୍ଚିତ କରିବେ । ଯଥାରୀତିରେ ନୀତିନିୟମ ମାନି କାର୍ଯ୍ୟ ଶେଷ କରିବେ ।

**ନୀଚକର୍ମ :** କୌଣସି ବ୍ୟକ୍ତି ନୀଚ ଲୋକଙ୍କ ଘରୁ ଖାଦ୍ୟ ସ୍ପର୍ଶ କଲେ, ମାଡ଼ ଖାଇଲେ, ଜେଲ ଗଲେ, ଚୋରୀ ଡକାୟତିରେ ସାମିଲ ହେଲେ, ସାମାଜିକ ଦୁଷ୍କର୍ମ ଓ ଦୂରାଚାର କଲେ କିମ୍ବା କୌଣସି ବ୍ୟକ୍ତିର ହୀନକାର ହେତୁ ସମାଜରେ ଜାତିର ସମ୍ମାନ କ୍ଷୁର୍ଣ୍ଣ ହେଉଥିଲେ, ସାମାଜିକ ନିୟମାନୁଯାୟୀ ଦୋଷାବହ ହେବ । ସେହି ଅନୁସାରେ ସ୍ଥାନୀୟ ଜାତି ସମାଜ ବିଚାର କରି ଅର୍ଥଦଣ୍ଡ ବା ଆବଶ୍ୟକ ହେଲେ ସାମାଜିକ ବାସନ୍ଦ କରାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଗୋଁଡ଼ ସାଂସ୍କୃତିକ ସମାଜ, କେନ୍ଦୁଝରଙ୍କ ମୁଖପତ୍ର, ସ୍ୱତନ୍ତ୍ର ନୀୟମାବଳୀ ସଂଖ୍ୟା-୨୦୧୮


**ତଥ୍ୟ ସଂଗ୍ରହ :**

୨. ନାୟକ, ଚକ୍ରଧର ଜି. କେନ୍ଦୁଝର ।

୩. ନାୟକ, ଉପେନ୍ଦ୍ର ଜି. କେନ୍ଦୁଝର ।


ଗବେଷିକା

ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ,

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,

ଭୁବନେଶ୍ୱର

ISSN -2583-147X (P), **Vol.- 9, Issue No.XII, March 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ମନସ୍ତାତ୍ତ୍ୱିକ ପ୍ରେକ୍ଷାପଟରେ ମନୋଜ ଦାସଙ୍କ ଶ୍ରେଷ୍ଠଗଳ୍ପ

## ଚୂଳରାଜ ମେହେର

ଗଳ୍ପ କହିବା ଭିତରେ ମାନବ ଜୀବନ ପ୍ରତି ଅଧିକ ନିକଟବର୍ତ୍ତୀ ହୋଇପାରିଥିବା ଗାଳ୍ପିକମାନଙ୍କ ମଧ୍ୟରେ ମନୋଜ ଦାସ ଅନ୍ୟତମ । ମାନବ ଜୀବନ ସହ ତାଙ୍କ ସଂପର୍କ କେତେ ଅନ୍ତରଙ୍ଗ ଓ ଘନିଷ୍ଠ ତାହା ତାଙ୍କର ଗଳ୍ପରୁ ହିଁ ପ୍ରଥମେ ଉପଲବ୍ଧି କରିହୁଏ । ଅସହାୟତା, ବ୍ୟଙ୍ଗ-ବିଦ୍ରୂପ ଉହାଡ଼ରେ ମଣିଷ ଜୀବନର ଚରମ ଅସହାୟତା ଓ ତା'ର ସମାଧାନ ପାଇଁ ଲଘୁ ମଧୁର ବ୍ୟଙ୍ଗର ସମନ୍ୱୟ ତାଙ୍କ ଗଳ୍ପକୁ ସ୍ୱତନ୍ତ୍ର କରି ଗଢି ତୋଳିଛି । ସେ ମଣିଷକୁ ପ୍ରାଣଭରି ଭଲ ପାଇଥାନ୍ତି । ତାଙ୍କ ଗଳ୍ପଗୁଡ଼ିକରେ ମଣିଷ ଜୀବନର ବିଭିନ୍ନ ଦିଗ ଫୁଟିଉଠିଛି ସେଗୁଡ଼ିକ ମଧ୍ୟରୁ ଅଧିକ ପାଠକ ପ୍ରିୟ ଓ ଜନପ୍ରିୟ ହୋଇଛି ମନସ୍ତତ୍ତ୍ୱଧର୍ମୀ ଦିଗଟି । ସେଥିରେ ରହିଥିବା ମଣିଷ ମନର ଗୋପନ ରହସ୍ୟ, ଅସହାୟତା, ଆଦିକୁ ଗାଳ୍ପିକ ଯେଉଁପରି ଭାବରେ ଉନ୍ମୋଚନ କରିଛନ୍ତି ତାହା ଅତ୍ୟନ୍ତ ଜୀବନ୍ତ ପରି ମନେହୁଏ । ତେବେ ଗାଳ୍ପିକ ମନୋଜ ଦାସ ମନସ୍ତତ୍ତ୍ୱଧର୍ମୀ ଗଳ୍ପ ରଚନା କରିବାରେ ସିଦ୍ଧହସ୍ତ । ତାଙ୍କ ସମସ୍ତ ମନସ୍ତତ୍ତ୍ୱଧର୍ମୀ ଗଳ୍ପଗୁଡ଼ିକ ଅତ୍ୟନ୍ତ ଜୀବନ୍ତ ଓ ବାସ୍ତବ ଭଳି ମନେହୁଏ । ଶିଶୁଠାରୁ ଆରମ୍ଭ କରି କିଶୋର କିଶୋରୀ ତରୁଣ ବୟସର ମନସ୍ତତ୍ତ୍ୱ ଓ ପରିଣତ ବୟସର ମନସ୍ତତ୍ତ୍ୱ ତାଙ୍କ ଗଳ୍ପଗୁଡ଼ିକରେ ଲକ୍ଷଣୀୟ । ଏହି ମନସ୍ତତ୍ତ୍ୱ ବିଶ୍ଳେଷଣ ବେଳେ ମଣିଷର ପ୍ରବୃତ୍ତିର ବହୁ ଦିଗକୁ ଗାଳ୍ପିକ ଦୃଷ୍ଟି ନିକ୍ଷେପ କରିଛନ୍ତି ଏବଂ ତାଙ୍କୁ ଜୀବନ୍ତ ଭାବରେ ପାଠକ ନିକଟରେ ପ୍ରକାଶ କରିଛନ୍ତି । ଏଥିରେ ସ୍ଥାନିତ ସମସ୍ତ ଚରିତ୍ର ପ୍ରାୟ ଆଭିଜାତ୍ୟ ମଣିଷ ବୃତ୍ତି ବା ପଦପଦବୀ ଭିତ୍ତିରେ ଏମାନଙ୍କର ପରିଚୟ ହୁଏ ନାହିଁ । ଏହି କ୍ଷେତ୍ରରେ କୌଣସି ବାହ୍ୟ ପରିଚୟ ବା ବିଶେଷତ୍ୱ ଅପେକ୍ଷା ମୌଳିକ ରୂପ ଓ ରୂପାନ୍ତର ଚିତ୍ର ପରିବେଷଣ ଗାଳ୍ପିକଙ୍କର ଆଭିମୁଖ୍ୟ ହୋଇଛି । ମଣିଷର ପ୍ରତ୍ୟେକଟି ଚିନ୍ତା ତା'ର ବ୍ୟକ୍ତିଗତ ଚେତନାର ଏକ ଭଗ୍ନାଂଶ । ଏହା ସ୍ଥିର ନୁହେଁ, ସର୍ବଦା ପରିବର୍ତ୍ତନଶୀଳ । ପ୍ରକୃତରେ ଯେ ଦ୍ରଷ୍ଟା ବା ଯାହାଠାରେ ଅନ୍ୟକୁ ପୂର୍ଣ୍ଣଭାବେ ଜାଣିବାର ପ୍ରବଳ ଉଚ୍ଛ୍ୱାସ ଓ ତତ୍‌ଜନିତ ଏକାନ୍ତ ନିଷ୍ଠା ସେହି ମନ ଜଗତର ଅନ୍ଧାରିତା ଦୂର ମଧ୍ୟରୁ ସ୍ୱତଃ ଭାବାଲୋକ ଦର୍ଶନ କରିପାରେ । ଏହିପରି ଜଣେ ସ୍ରଷ୍ଟା ମାନସ ଥିବା ଗାଳ୍ପିକ ହେଉଛନ୍ତି ମନୋଜ ଦାସ । ତାଙ୍କ ଗଳ୍ପରେ ମଣିଷର ମନୋରାଜ୍ୟର ସଂଗୁପ୍ତ ଭାବରାଜି ପ୍ରକାଶିତ ହୋଇଛି । ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମନର କଥା ତାଙ୍କ ଗଳ୍ପରେ ଦେଖିବାକୁ ମିଳିଥାଏ । ସେ ଅନେକ ମନସ୍ତାତ୍ତ୍ୱିକ ଗଳ୍ପ ରଚନା କରିଛନ୍ତି । ଆଲୋଚନାର ସୁବିଧା ଦୃଷ୍ଟିରୁ ସେଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ଯଥା- ଶିଶୁ ମନସ୍ତତ୍ତ୍ୱ, ତରୁଣ ମନସ୍ତତ୍ତ୍ୱ, ପୌଢ଼ ମନସ୍ତତ୍ତ୍ୱ ।

### ॥ ୧ ॥

ଶିଶୁ ଶବ୍ଦ ଉଚ୍ଚାରଣ କରିବା ମାତ୍ରେ ମନରେ ଜାତ ହୁଏ ଏକ ଅବୋଧ, ନିଷ୍ପାପ ପୁଣି କୋମଳ ସହାସ୍ୟ ଛୋଟ ପ୍ରାଣଟିଏ । ଏହି ଛୋଟ ପ୍ରାଣ ପାଇଁ ଚରାଚର ସଂସାରର ନିୟମ, ନୀତି, ବ୍ୟବସ୍ଥା ଐଶ୍ୱର୍ଯ୍ୟ ସବୁ ଅପ୍ରାସଂଗିକ । ସେ ବେଶ୍ ଖୁସି ରହେ ଗୋଟେ ଟିକି ଦୁନିଆ ଭିତରେ ଯାହା ତା'ର ଏକାନ୍ତ ନିଜସ୍ୱ । ସେଠି କେବଳ ସେ ଆଉ ତା'ର ଆତ୍ମୀୟମାନଙ୍କର ସତ୍ତା ନିହିତ । ଶିଶୁର ସୁଧାମୟ ହାସ୍ୟ, ଦରୋଟି କଥା, ସ୍ନିଗ୍ଧ ଚପଳ ଚାହାଣି ପ୍ରତ୍ୟେକ ମଣିଷର ହୃଦୟରେ ଏକ ପୁଲକର ଆବେଗ ଭରି ଦେଇଥାଏ । ଏହି ଶିଶୁପ୍ରାଣ ଭିତରେ ମଧ୍ୟ ରହିଛି ଏକ ଆବେଦନ, କିଛି ଆକାଂକ୍ଷା, କିଛି ପ୍ରାପ୍ତ କରିବାର ଆଶା, ଏଭଳି ଏକ ଆତ୍ମୀୟର ସାନ୍ନିଧ୍ୟ ଯାହାଠାରେ ସେ ମେଲିଦେବ ତା'ର ଅଝଟପଣିଆ ଆଉ

ଭଲପାଇବା । ଏଇ ଦୃଷ୍ଟିକୋଣରୁ ଗାଳ୍ପିକ ମନୋଜ ଦାସ ଶିଶୁମାନଙ୍କ ଅନେକ ଶ୍ରଦ୍ଧା କରନ୍ତି ଭଲପାଆନ୍ତି । ଶ୍ରୀଯୁକ୍ତ ମନୋଜ ଦାସ କହନ୍ତି– "ଶିଶୁ କନ୍ୟାଟିଏ ଭିତରେ ମୁଁ ଖାଲି ଶିଶୁର ସମସ୍ତ ଗୌରବ ଦେଖେ ନାହିଁ ଅଧିକନ୍ତୁ ଦେଖିଥାଏ ଏକ ସହଜାତ ମାତୃତ୍ୱର ସ୍ନେହ ସ୍ନିଗ୍ଧ ଝଲକ ।" (ବାରିକ ଡ଼. କବିତା– 'ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ)

ମନୋଜ ଦାସଙ୍କ ଅନେକ ଗଳ୍ପରେ ଏହି କୋମଳପ୍ରାଣର ଅଭିବ୍ୟକ୍ତି ପ୍ରକାଶ ପାଇଛି । କେତେବେଳେ ଶିଶୁ ମନର ସଂଗୋପନ କଥାକୁ ଗଳ୍ପ ଉହାଡ଼ରେ ପ୍ରକାଶ କରିଛନ୍ତି ତ କେତେବେଳେ ଚେତନ ସ୍ତରରେ ଉଠୁଥିବା ଅବବୋଧ ପ୍ରଶ୍ନ, ଅନୁଭୂତି, ଆଉ ଅପ୍ରକାଶ୍ୟ ଅଭିବ୍ୟକ୍ତିକୁ ପରଶି ଦିଅନ୍ତି ପାଠକ ଆଗରେ । ତାଙ୍କର ଗଳ୍ପଗୁଡ଼ିକ ମଧ୍ୟରେ ଏପରି ଅନେକ ଗଳ୍ପ ରହିଛି ଯାହାକୁ ଏହି ଶିଶୁ ମନସ୍ତତ୍ତ୍ୱ ଦିଗରୁ ବିଚାର କରାଯାଇପାରେ । ସେଥିମଧ୍ୟରୁ ତାଙ୍କର କେତେକ ଶିଶୁ ମନସ୍ତତ୍ତ୍ୱକୈନ୍ଦ୍ରିକ ଗଳ୍ପକୁ ପ୍ରମୁଖ ଭାବରେ ଆଲୋଚନା କାଯାଇପାରେ ।

**ବାଲ୍ୟ ସ୍ମୃତିର ନିଚ୍ଛକ ବାହକ : ଅପହୃତ ଟୋପିର ରହସ୍ୟ :**

ଏହି ଗଳ୍ପଟି 'ମନୋଜ ଦାସଙ୍କ କଥା ଓ କାହାଣୀ' ଗଳ୍ପ ସଙ୍କଳନରେ ସ୍ଥାନିତ ହୋଇଅଛି । ଏଥିରେ ସ୍ୱାଧୀନୋତ୍ତର ରାଜନୀତି ଜଗତର ଚିତ୍ର ସୁସ୍ପଷ୍ଟ । ଗଳ୍ପର ବର୍ଣ୍ଣନାଟି (PoV) ପ୍ରଥମ ପୁରୁଷ ବର୍ଣ୍ଣନାଶୈଳୀରେ (1st Person Narration Style) ରଚନା କରାଯାଇଛି । ଗାଳ୍ପିକ ଏଠାରେ ନିଜର ବାଲ୍ୟକାଳର ଏକ ପ୍ରତ୍ୟକ୍ଷ ଘଟଣାକୁ ପ୍ରକାଶ କରିଛନ୍ତି । ଏହି ଗଳ୍ପରେ ଲେଖକ ନିଜେ ଶିଶୁ ଭୂମିକାରେ ଅବତୀର୍ଣ୍ଣ । ଗଳ୍ପରେ ଜିଜ୍ଞାସୁ ଶିଶୁ ମନରେ କେତେ କ'ଣ ନୂଆ ପ୍ରଶ୍ନ ଉଙ୍କି ମାରିଛି । ଯେପରି ମନ୍ତ୍ରୀ ଖାଏ କ'ଣ ? ଭାବେ କ'ଣ ? ଶୁଏ ନା ନାହିଁ ? ତା ପେଟ କାମୁଡ଼େ ନା ନାହିଁ ? ଏମିତି କେତେ କ'ଣ ପ୍ରଶ୍ନ ତା' ମନରେ ଉଭା ହୋଇଛି । ମନ୍ତ୍ରୀ ମହାଶୟଙ୍କ ଆଗମନର ଖବର ଜାଣିବା ପରେ ଯେଉଁ ସୁକୁମାର ଶିଶୁ ମନରେ ଅବୋଧ ପ୍ରଶ୍ନ ସବୁ ତା'ର ଚେତନା ସ୍ତରରେ ଜାତ ହୁଏ, ତାହା ଗାଳ୍ପିକ ସଫଳ ଭାବରେ ଉପସ୍ଥାପନ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ପ୍ରାଣରେ ଗାଳ୍ପିକ ନିଜର ନିରାଶାକୁ ପରିପ୍ରକାଶ କରନ୍ତି । କାରଣ ସେ ଗ୍ରାମର ବାଳକ ବାଳିକାଙ୍କ ପରି ଗାଳ୍ପିକ ନିଜକୁ ଶିଙ୍ଘାଣୀ ନାକିଆ, ପିଳେହି ପେଟିଆ, ଅଧାଲଙ୍ଗୁଳି ମନେ କରୁଥାନ୍ତି ଅଥଚ ଅତିଥି ମନ୍ତ୍ରୀଜଣକର ବ୍ୟକ୍ତିତ୍ୱ, ପୁରୁଷତ୍ୱ, ପ୍ରଭୁତ୍ୱ ଗାଳ୍ପିକଙ୍କ କଳନା ବାହାରେ । ଅବଶ୍ୟ ଗାଳ୍ପିକଙ୍କ ଏଭଳି ଜଣେ ବିରାଟ ବ୍ୟକ୍ତିତ୍ୱର ମଣିଷ ସମ୍ପର୍କରେ ମୋହମୁକ୍ତି ଘଟିଲା ଯେବେ ସେ ଜାଣିବାକୁ ପାଇଲେ ଯେକୌଣସି ମରଜୀବ ଭଳି ମନ୍ତ୍ରୀ ମଧ୍ୟ ଘୁଙ୍ଗୁଡ଼ି ମାରନ୍ତି । କଥା ପ୍ରସଙ୍ଗରେ ଯେତେବେଳେ ପ୍ରିୟ ମାଙ୍କଡ଼ଟି ମନ୍ତ୍ରୀଙ୍କ ଟୋପିକୁ ନେଇଯାଏ ସେ ସମୟରେ ସେଠି ଗାଳ୍ପିକ ଉପସ୍ଥିତ ଥାଆନ୍ତି । ଏଠି ଶିଶୁ ମନର ଦ୍ୱନ୍ଦକୁ ଖୁବ୍ ସୁନ୍ଦର ଭାବରେ ଦର୍ଶାଇଛନ୍ତି । ଏହି ସମୟରେ ଗାଳ୍ପିକ ଚିନ୍ତା କରି ପାରିନାହାନ୍ତି ଯେ ଟୋପି ବଡ଼ ନା ମନ୍ତ୍ରୀଙ୍କ ଘୁଙ୍ଗୁଡ଼ି ବଡ଼ । ପୁଣି ପରବର୍ତ୍ତୀ ସମୟରେ ଝାଣ୍ଟୁ ମାଙ୍କଡ଼ଟି ମନ୍ତ୍ରୀଙ୍କ ଅପହୃତ ଟୋପିକୁ ଧରି ଧୀରେ ଧୀରେ ପୁଷ୍କରିଣୀ ଆଡ଼କୁ ଗତି କରୁଥିବାର ଦେଖି ଝାଣ୍ଟୁ ମନ୍ତ୍ରୀଙ୍କ ଦୃଷ୍ଟିଗୋଚର ନହେଉ ବୋଲି ତୀବ୍ର ଭାବରେ କାମନା କରିଛନ୍ତି । ଏହାପରେ ଟୋପିର ଅପହୃତ ରହସ୍ୟକୁ ଗୁପ୍ତ ରଖିବା ପାଇଁ ମହାରଣାବାବୁ ଗାଳ୍ପିକଙ୍କୁ କହିଛନ୍ତି ସତ କିନ୍ତୁ ଖବର ଜାଣିବା ପରେ ତାଙ୍କ ଯେଉଁ ଅବସ୍ଥା ହୋଇଚି ତାହା ମହାରଣାବାବୁ ନିଜ ଝାଳ ଦ୍ୱାରା ସୂଚାଉ ଥା'ନ୍ତି । ଏହାକୁ ଗାଳ୍ପିକ ଶିଶୁ ମନରେ ହାସ୍ୟ ଢଙ୍ଗରେ ତରଳି ତରଳି ଶୀଘ୍ର ଶେଷ ହୋଇଯାଉଥିବା ଆଇସ୍କ୍ରିମ୍ ଡାଙ୍ଗ ସହ ତୁଳନା କରିଛନ୍ତି । ଟୋପି ଚୋରକୁ କି ଦଣ୍ଡ ମିଳିବ ? ସେ ଟୋପି ଯିଏ ପିନ୍ଧିବ ସେ ମନ୍ତ୍ରୀ ହୋଇଯିବ ସେ ସମସ୍ତ ବକ୍ତବ୍ୟରେ ଶିଶୁ ପ୍ରାଣର ଅବୋଧତାକୁ ହିଁ ଦର୍ଶାଯାଇଛି । ଅବୋଧ ଶିଶୁର ଧାରଣା କେତେବେଳେ ପରିବର୍ତ୍ତନ ହୋଇଯାଏ ସେ ନିଜେ ଜାଣିପାରେ ନାହିଁ । ଯେଉଁ ଶିଶୁ ଟୋପିର ରହସ୍ୟକୁ ନେଇ ଏତେ ଚିନ୍ତିତ ହୋଇପାରେ ପରବର୍ତ୍ତୀ ସମୟରେ ମନ୍ତ୍ରୀଙ୍କୁ ମହାରଣାଙ୍କର ଭାଣିଜୀ ଫୁଲମାଳ ପିନ୍ଧାଇବା ପ୍ରସଙ୍ଗକୁ ଏତେ ଗଭୀର ଭାବରେ ଚିନ୍ତା କରେ ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ମନେହୁଏ । ଶିଶୁ ମନରେ ସତ ଓ ମିଛ କହିବାକୁ ନେଇ ଏକ ବଡ଼ କଳ୍ପନା ଚାଲେ । ଯେତେବେଳେ ସଭା ଆଗରେ ମହାରଣାବାବୁ ଟୋପି ଚୋରିକୁ ନେଇ ମିଛ କହିଛନ୍ତି ସେତେବେଳଠୁ ଗାଳ୍ପିକଙ୍କ ଧାରଣା ପଶିଛି ଯେ ମହାରଣାବାବୁ ଆଉ ସତ୍ୟବାଦୀ ନୁହନ୍ତି । ଏତେସବୁ ଘଟଣା ଘଟିଯିବା ପରେ ବି ଚୋରଟି ଯାହାର ନାମ ଝାଣ୍ଟୁ ସେ ଯେ ଗୋଟିଏ ମାଙ୍କଡ଼ ତାହାକୁ ଗୁପ୍ତ ରଖିବାରେ ମଧ୍ୟ ଏକ ଶିଶୁ ମାନସିକତା ରହିଛି ତାହା ନିଃସଂଦେହ କୁହାଯାଇପାରେ ।

ବାସ୍ତବରେ ଉକ୍ତ ଗାଳ୍ପଟି ଏକ ସାର୍ଥକ ମନସ୍ତତ୍ତ୍ୱ ଗଳ୍ପ । ଏଥିରେ ଶିଶୁ ମନର ଉଦବେଗ, ପ୍ରଶ୍ନ, ଚିନ୍ତନ ଏକ ହାସ୍ୟ ଓ ଭାବଗାମ୍ଭୀର୍ଯ୍ୟ ଉଭୟର ସମନ୍ୱୟରେ ସଫଳ ଭାବରେ ଦର୍ଶାଯାଇଛି ଫ ଉକ୍ତ ଗଳ୍ପ ସମ୍ପର୍କରେ ସମାଲୋଚକ ଜ୍ଞାନରଂଜନ ଦାଶ କହନ୍ତି, "ଏକ ହିଁ ମୁହୂର୍ତ୍ତରେ ହସିବା ପୁଣି କାନ୍ଦିବା ଏବଂ ହଠାତ୍ ପାଠକକୁ ନିର୍ବାକ୍ କରାଇ ଛାଡ଼ିବା । ଏହି ଅବବୋଧରେ

ମନୋଜ ଦାସଙ୍କ ପ୍ରତ୍ୟେକଟି ଗଳ୍ପ ଏକ ରହସ୍ୟ । ଆଉ ଅପହୃତ ଟୋପିର ରହସ୍ୟ ମନୋଜ ଦାସଙ୍କ ସମସ୍ତ କଥା ରହସ୍ୟର ଏକ ଅଂଶ ।"(ସିଂହ ବିଜୟାନନ୍ଦ, ପୃଷ୍ଟି ସୁନୀଲ କୁମାର- ମନୋଜ୍ଞ ମନୋଜ ଗଳ୍ପମାଳା, ପୃ- ୨୨୭)

**ଦୀର୍ଘ ଅପେକ୍ଷାର ମୌନବିରତି: ଶେଷ ବସନ୍ତର ଚିଠି :**

'ଶେଷ ବସନ୍ତର ଚିଠି' ଗଳ୍ପ ସଙ୍କଳନଟି ୧୯୭୬ ମସିହାରେ ପ୍ରକାଶିତ ହୋଇଥିଲା । ଏଥିରେ ସ୍ଥାନିତ 'ଶେଷ ବସନ୍ତର ଚିଠି' ଗଳ୍ପଟି ମନୋଜ ଦାସଙ୍କ ଶ୍ରେଷ୍ଠ ଗଳ୍ପ ଭାବରେ ପରିଚିତ । ଏହା 'ମନୋଜ ଦାସଙ୍କ କଥା ଓ କାହାଣୀ' ଗଳ୍ପ ସଙ୍କଳନରେ ମଧ୍ଯ ସ୍ଥାନିତ । ଏହି ଗଳ୍ପଟି ମଧ୍ୟ ପ୍ରଥମ ପୁରୁଷ ବର୍ଣ୍ଣନା ଶୈଳୀରେ ଲିଖିତ । ଗଳ୍ପର ଆକର୍ଷଣ ହେଉଛନ୍ତି ଦୁଇଜଣ ଚରିତ୍ର । ଜଣେ ହେଲେ ସାଇନ୍ସ କଲେଜରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିବା ଜଣେ ଭଦ୍ରବ୍ୟକ୍ତି ଏବଂ ଅନ୍ୟ ଜଣକ ଟିକି ଝିଅ ରୀନା । ଉଭୟଙ୍କ ମଧ୍ୟରେ କିଛି କଥାବାର୍ତ୍ତା ହୋଇ ନାହିଁ କେବଳ ଗୋଟେ ସମ୍ପର୍କର ଚାହାଣୀ ମାତ୍ର । ଜଣେ ଶିଶୁକନ୍ୟାର ପ୍ରତ୍ୟାଶା ଓ ଗାମ୍ଭୀର୍ଯ୍ୟ ଏହାକୁ ଏକ ସଫଳ ଶିଶୁ ମନସ୍ତତ୍ତ୍ୱ ଗଳ୍ପରେ ପରିଣତ କରେ । ରଚନାର ପ୍ରାରମ୍ଭରେ ଶିଶୁର ମନକୁ ବେଶ୍ ବୁଝି ପାରିଛନ୍ତି ଅଧ୍ୟାପକ ଜଣକ । ଟିକି ଶିଶୁର ମନକୁ ପାଠକ ଆଗରେ ପରିପ୍ରକାଶ କରିବା ପାଇଁ ବିହଙ୍ଗ ଶାବକଟି ଏକ ସଫଳ ଉପମା ମନେହୁଏ । ସେଇ ଝିଅର ଆଖି ଆଗରେ ପରିବେଶ ଆଦୌ ସ୍ଥିର ନୁହେଁ । ସାମ୍ନାକୁ ତା'ର ରାଜରାସ୍ତା । ତଥାପି ଶିଶୁର ଚେତନକୁ ତାହା ଚଳଚଞ୍ଚଳ କରିପାରୁ ନାହିଁ । ଏଠି ଟିକିପ୍ରାଣ ଭିତରେ ଅବବୋଧ ନାହିଁ ବରଂ ଅଛି ଏକ ପ୍ରତ୍ୟାଶା ଯାହା ତା'ର ଚେତନାରେ ସ୍ଥିର ହୋଇ ରହିଛି ଏହା ପାଠକ ବେଶ୍ ବୁଝିପାରେ । ଏଥିପାଇଁ ପଥରେ ଯାଉଥିବା ଡ୍ରମ୍ ଶବ୍ଦ, ସୁଲଳିତ ବଂଶୀ ସ୍ୱର, ସିନେମାର ବିଜ୍ଞାପନ ଗାଡ଼ି ଆଦିକୁ ଅଣଦେଖା କରିବା ଅତ୍ୟନ୍ତ ସ୍ୱାଭାବିକ ।

ଝିଅଟିର ଏମନ୍ତ ନିତ୍ୟ ସ୍ୱଭାବ ସେହି ଅଧ୍ୟାପକଙ୍କ ମନ ଆକର୍ଷଣ କରୁଥାଏ । ଏ ଭିତରେ ଅନେକ ଥର ଝିଅକୁ ଦେଖିବା ପରେ ଅଧ୍ୟାପକ ଝିଅର ମନୋଦଶା ବୁଝିଛନ୍ତି । ଅଧ୍ୟାପକ ଦେଖିଛନ୍ତି ଶିଶୁ ପ୍ରାଣର ନିଷ୍କପଟ ଅଭିବ୍ୟକ୍ତି ଯାହାଠାରେ ନିଜର ବେଦନାକୁ ଲୁଚେଇବାର କୌଶଳ ନାହିଁ । ଅପର ପକ୍ଷରେ ତା'ର ମନରେ ଟିକି ପ୍ରାଣଟି ବେଳେବେଳେ ଝଲସି ଉଠୁଛି ଛୋଟ ପକ୍ଷୀଟିଏ ଫୁଲକୁଣ୍ଡ ଦେଇ ତା ସମ୍ମୁଖକୁ ଚାଲି ଆସୁଥିବା ସମୟରେ ହେଉ କି ପାତି ମାଙ୍କଡ଼ଟି ଜଞ୍ଜିରରୁ ଖସି ଆସି ବାରଣ୍ଡାରେ ବସିବା ସମୟରେ ହେଉ । କିନ୍ତୁ ଅଧ୍ୟାପକଙ୍କ ମନେହୁଏ ଯେପରି ସେ ହସ ଟିକକ ଉଭେଇ ଯାଏ ଝିଅଟି ତାଙ୍କୁ ଦେଖି ଦେଲା ପରେ । ଅଧ୍ୟାପକ ସାଢ଼େ ଦଶଟାରୁ ଏଗାର ଭିତରେ ଝିଅଟି ଭିତରେ ଏକ ଅଦ୍ଭୁତପୂର୍ବ ଚଂଚଳ ଦେଖନ୍ତି ଯେତେବେଳେ ସେ ରାସ୍ତା ଦେଇ ପୋଷ୍ଟମ୍ୟାନ୍ ଆସୁଥାଏ । କଥା ପ୍ରସଙ୍ଗରେ ଜଣାପଡେ ଝିଅଟି ତା ମା'ର ଚିଠିକୁ ଅପେକ୍ଷା କରୁଥାଏ । ଏ ଭିତରେ ଅଧ୍ୟାପକ ଅନୁଭବ କରୁଥାନ୍ତି ଯେ ଝିଅଟି ତାଙ୍କୁ କ'ଣ ଗୋଟେ ପଚାରିବାକୁ ଚାହେଁ । ଯେଉଁଥିରେ ତା'ର ସମ୍ଭ୍ରବୋଧ ତାକୁ ବାଧା ଦେଉଥାଏ । ପରେ ଦରୁଆନଟି ଯେତେବେଳେ ଚିଠିଟି ଅଧ୍ୟାପକଙ୍କୁ ଆଣି ଦିଏ ସେତେବେଳେ ସେ ବୁଝିପାରନ୍ତି ସେ ଝିଅଟି କ'ଣ ପଚାରିବାକୁ ଚାହୁଥିଲା ଏବଂ କାହିଁକି କିଛି ଦିନ ମଧ୍ୟରେ ଉଭୟେ ଘନିଷ୍ଠ ହୋଇ ପାରିଛନ୍ତି । ଉଭୟେ ନିଜର ମାଆଠୁ ଦୂରରେ ଏବଂ ତାଙ୍କ ଅପେକ୍ଷାରେ ଅଛନ୍ତି । ଝିଅର ଟିକି ମନ ବୁଝିସାରିଛି ଯେ ଅଧ୍ୟାପକଙ୍କ ପାଖକୁ ବି କେବେ ଚିଠି ଆସେ ନାହିଁ । ଏଇ ଟିକି ଝିଅ ଭିତରେ ଯେ ଏତେ ମାତୃତ୍ୱ ଭରି ରହିଛି ତାହା ପୁଣି ତାଙ୍କ ପାଇଁ ଏ ସମ୍ପର୍କରେ ଅଧ୍ୟାପକ ଅବଗତ ହୋଇଛନ୍ତି ।

ଏହି ଗଳ୍ପରେ ଶିଶୁ ମଧ୍ୟରେ ଲୁଚି ରହିଥିବା ମାତୃସୁଲଭ ଗୁଣଟି ପାଠକଙ୍କୁ ବିଶେଷ ଭାବରେ ପ୍ରଭାବ ପକାଇଥାଏ । ଆହୁରି ମଧ୍ୟ ଜଣେ ଶିଶୁ ମନର ବେଦନା ବୟସ୍କ ବ୍ୟକ୍ତି ମନରେ ମଧ୍ୟ କିପରି ଏକ ଆତ୍ମୀୟ ଶିହରଣ ସୃଷ୍ଟି କରି ଦେଇପାରେ ତାହା ଗଳ୍ପ ମଧ୍ୟରେ ପ୍ରକାଶ୍ୟ । ମନୋଜ ଦାସଙ୍କ ଏହି ମନୋଜ୍ଞ ଗଳ୍ପ ସମ୍ପର୍କରେ ପ୍ରତିଭା ଶତପଥିଙ୍କ ଉକ୍ତି ବେଶ୍ ପ୍ରଣିଧାନ ଯୋଗ୍ୟ । "କେତେ ଦିନ ତଳେ ମୁଁ ତାଙ୍କର ସାକ୍ଷାତକାର ନେବା ଅବସରରେ ସେ କହିଥିଲେ, 'ନାରୀର ମାତୃ ରୂପଟି ତାଙ୍କର ଅତି ପ୍ରିୟ' । ସେଥିପାଇଁ ବୋଧେ ଶିଶୁକନ୍ୟା ଓ ମାତା'ର ସମ୍ପର୍କକୁ ବେଦନାର୍ତ୍ତ କରିପାରିଥିଲେ ସେ ।" (ହଁ ମା' ! ଶୋଇଯାଇଛି । ଗଲା ବର୍ଷ ଗୋଟାଏ ଜାଗାରେ ଖେଳ କରୁ କରୁ ଶୂନ୍ୟରୁ ପଡ଼ିଯାଇ ତା'ର ଛାତି ବନ୍ଦ ହୋଇଗଲା ।"

**କୁନି ମାନସର ନିର୍ମମ ସଂହାର : ଲକ୍ଷ୍ମୀର ଅଭିସାର :**

ଉକ୍ତ ଗଳ୍ପର ବର୍ଣ୍ଣନା ତୃତୀୟ ପୁରୁଷ ଶୈଳୀରେ (3rd Person Omniscient) କରାଯାଇଛି । ଯଦି ଉକ୍ତ ଗଳ୍ପର ଆଙ୍ଗିକ ବର୍ଣ୍ଣନା ଶୈଳୀକୁ ଲକ୍ଷ୍ୟ କରାଯାଏ ତେବେ ଏହା ଏକ ଚେତନାପ୍ରବାହ ଧର୍ମୀ (Stream of Consciousness Style) ଗଳ୍ପ ଅଟେ । ଗଳ୍ପ ମଧ୍ୟରେ ଲକ୍ଷ୍ମୀର ବିଭିନ୍ନ ପ୍ରଶ୍ନ, ଚେତନାର ଅଭିବ୍ୟକ୍ତି ଓ ଏହାର ଏକ ପ୍ରବାହ ଗଳ୍ପକୁ ସ୍ୱତନ୍ତ୍ର କରିପାରିଛି । ଲକ୍ଷ୍ମୀ ଏକ ଗରିବ ପରିବାରର ଶିଶୁ କନ୍ୟାଟିଏ । ତା'ର ମନ

ଯେତିକି କୋମଳ ସେତିକି ଅବୋଧ ନୁହେଁ, ସେ ବଡ଼ଲୋକଙ୍କ ଭଳି ଚିନ୍ତା କରିପାରେ । ଏଠାରେ ଗାଳ୍ପିକ ଶିଶୁଠାରେ ତା'ର ଶିଶୁ ପ୍ରାଣଟିକୁ ବଜାୟ ରଖି ଏକ ଚିନ୍ତନଶୀଳ ଶିଶୁ କନ୍ୟାର ପରିକଳ୍ପନା କରିଛନ୍ତି । ଗଳ୍ପର ପ୍ରାରମ୍ଭରେ ଲକ୍ଷ୍ମୀର ପ୍ରତ୍ୟାଶାକୁ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ମନ୍ଦିରକୁ ପ୍ରବେଶ କରିବା ପାଇଁ ତା'ର ବହୁତ ଆଗ୍ରହ । କିନ୍ତୁ ତା'ର ଓ ଭାଗବାନଙ୍କ ମଧ୍ୟରେ ପୂଜାରୀ ଜଣକ ପ୍ରତିବନ୍ଧକ ସାଜିଛନ୍ତି । ଗଳ୍ପ ଅନୁସାରେ ପୂଜାରୀଙ୍କ ସୁପ୍ତ ଅବସ୍ଥାରେସେ ମନ୍ଦିରକୁ ପ୍ରବେଶ କରିଛି ଓ ଭଗବାନଙ୍କ ସହ ଆରମ୍ଭ ହୋଇଛି ତା'ର ବାର୍ତ୍ତାଳାପ । ଗଳ୍ପର ଏହି ପର୍ଯ୍ୟାୟଠାରୁ ଆରମ୍ଭ ହୁଏ ଲକ୍ଷ୍ମୀର ଚେତନାର ପ୍ରବାହ । ଶିଶୁ ମନ ସନ୍ଧାନ କରେ ଜଣେ ଆତ୍ମୀୟକୁ ଯାହାଠାରେ ସେ ତା'ର ସମସ୍ତ ଅଭିଯୋଗ ପ୍ରକାଶ କରିପାରୁଥିବ । ଏଠି ଲକ୍ଷ୍ମୀ ପାଇଁ ଭଗବାନ ହିଁ ସେହି ଆତ୍ମୀୟ । ତା ପାଇଁ ଗାଁ ଠାକୁର ସଜୀବ ଥିଲେ ଯେପରି । ଭଗବାନଠାରେ ତା'ର ଢ଼େର ପ୍ରଶ୍ନ । ଯେପରି ପଣ୍ଡିତ କ'ଣ ରାତିରେ ବି ଏମିତି ମାରେ, ତୁମର ନିଦ କେମିତି ହୁଏ ପ୍ରଭୁ, ଏଠାରେ ଲକ୍ଷ୍ମୀର ଶିଶୁବୋଧକୁ ଦର୍ଶାଇବାକୁ ଯାଇ ଗାଳ୍ପିକ ତା ମୁହଁରୁ ପ୍ରକାଶ କରନ୍ତି ଯେ ତାଙ୍କ ସ୍କୁଲ୍ ପଣ୍ଡିତ ବି ଘୁଙ୍ଘୁଡ଼ି ମାରନ୍ତି । ତା'ହେଲେ କ'ଣ ଏମିତି ଘୁଙ୍ଘୁଡ଼ି ମାରିଲେ ଲକ୍ଷ୍ମୀ ବି ପଣ୍ଡିତ ହୋଇଯିବ, କିନ୍ତୁ ଅପର ପକ୍ଷରେ ଲକ୍ଷ୍ମୀର ସଚେତନ ହୋଇ ପ୍ରକାଶ କରେ ସେ ପଣ୍ଡିତ ନହେଲେ ନହେଉ ପଛକେ ଏମିତି ଘୁଙ୍ଘୁଡ଼ି ନ ମାରୁ । କଥା ପ୍ରସଙ୍ଗରେ ଲକ୍ଷ୍ମୀର ଭଗବାନ ପ୍ରତି ସ୍ନେହକୁ ପ୍ରକାଶ କରାଯାଇଛି । ଯିଏ ଶିଶୁ ପାଇଁ ଅତି ଆତ୍ମୀୟ ତା'ଠାରେ ତା'ର ପୂର୍ଣ୍ଣ ଅଧିକାର ଜାହିର କରେ । ଏଠି ଯେତେବେଳେ ଲକ୍ଷ୍ମୀ ଦେଖିଛି ଗୁଡ଼ାଏ ପାଚିଲା କଦଳୀ, ସେ ତା'ର ଅତି ପ୍ରିୟ ଭାଗବାନଙ୍କ ସ୍ୱାସ୍ଥ୍ୟ କଥା ଚିନ୍ତା କରିଛି । ଏହି ସମୟରେ ଲକ୍ଷ୍ମୀ କଦଳୀ ଗଣନା କଲା ବେଳେ ତା'ର ଗଣିତକୁ ନେଇ ଦୁର୍ବଳତାକୁ ପ୍ରକାଶ କରିଛି । ଏକ ଅବୋଧ ଶିଶୁ ପରି ଭଗବାନଠାରେ ନିବେଦନ କରିଛି ଯେ ଗୋଟେ ଏମିତି ଯାଦୁ କରନ୍ତେ ଯେ ଆରଦିନ ସକାଳେ ସମସ୍ତେ ଭୁଲିଯା'ନ୍ତେ କି ଅଙ୍କ ବୋଲି କିଛି ଅଛି । କିନ୍ତୁ ଅପରପକ୍ଷରେ ସେ ବଡ଼ଲୋକଙ୍କ ପରି ଖୁବ୍ ସଚେତନ ହୋଇଯାଏ । ଗଳ୍ପର ଅନେକ ସ୍ଥାନରେ ଲକ୍ଷ୍ମୀର ଏଭଳି ମନର ସ୍ଥିତିକୁ ଗାଳ୍ପିକ ଦର୍ଶାଇଛନ୍ତି ଯେଉଁଠି ଲକ୍ଷ୍ମୀ ଦୁଇଟି ମାନସିକତା ନେଇକି ଚିନ୍ତା କରିପାରେ ।

ଗଳ୍ପର ପରବର୍ତ୍ତୀ ପର୍ଯ୍ୟାୟରେ ସେଇ ହୀନ ମାନସିକତା ପ୍ରକାଶ୍ୟ । ସେ ପଚାରି କୁହେ ଯେଉଁ ଚୁଂଗା ଲଗାଇ ତମକୁ ଡାକନ୍ତି ସେଟା କ'ଣ ଭଲ, ମୁଁ ତ ତମକୁ ଏତେ ଆସ୍ତେ ଡାକୁଛି ତାହା ତମେ ବେଶ୍ ଶୁଣି ପାରୁଛ । ଅପର ପକ୍ଷରେ ପୁଣି କୁହେ ଭଗବାନ୍ ଯଦି ତମକୁ ବଡ଼ପାଟି ସୁଖ ଲାଗୁଥିବ ତା'ହେଲେ ମୋ କଥାରେ ପଡ଼ି ଚୁଙ୍ଗା ଉଠାଇବ ନାହିଁ । ପୁନଶ୍ଚ ଲକ୍ଷ୍ମୀ କଥା ପ୍ରସଙ୍ଗରେ ତା'ର ପରିବାରର ଆର୍ଥିକ ଦୁର୍ବଳତାକୁ ଦର୍ଶାଇଛି ଏବଂ ଅନେକ କଥା କହିଛି । ଏଣୁ ସେ ତା ବାପାକୁ କିଛି ଟଙ୍କା କରାଇ ଦେବାପାଇଁ ନିବେଦନ କରିଛି । ପର ମୁହୂର୍ତ୍ତରେ ସେ ପ୍ରକାଶ କରି କହିଛି ଯଦି ଏଥିପାଇଁ ଭଗବାନ ଅସୁବିଧାରେ ପଡ଼ିବେ ତେବେ କିଛି ଦରକାର ନାହିଁ । ପରିବାରର ଅବସ୍ଥାକୁ ଦେଖି ଛୋଟ ଶିଶୁଟି ନିଜର ଫ୍ରକ୍ କିଣିବାର ଇଚ୍ଛାକୁ ଦମନକରି ନିଜ ମାଆକୁ କହିଛି ଯେ ଖଣ୍ଡିଏ ପୁରୁଣା ରଙ୍ଗୀନ୍ ଶାଢୀକୁ ବାହାର କରି ତା ପାଇଁ ଫ୍ରକଟିଏ କରିଦେବ । ଏଠି ଲକ୍ଷ୍ମୀର ଉନ୍ନତ ଚିନ୍ତନଠାରେ ପାଠକ ନିଶ୍ଚୟ ମୁଗ୍ଧ ହୋଇଯିବ । ଭଗବାନଠାରେ ଯଦିଓ ସେ ଅନେକ ଇଚ୍ଛା ପ୍ରକାଶ କରିଛି ତଥାପି ବର ରୂପରେ ଏତିକି ହିଁ ମାଗିଛି ଯେ ସମସ୍ତେ ଧୀର ଭାବରେ ତାଙ୍କର ଭକ୍ତି କରନ୍ତୁ । ଏଥିରେ ଶିଶୁ ପ୍ରାଣରେ ଥିବା ନିର୍ଲୋଭ ମନକୁ ପାଠକ ବେଶ୍ ବୁଝିପାରେ । ଏବଂ ମନ୍ଦିର ଛାଡ଼ିଯିବା ପୂର୍ବରୁ ଭାଗବାନଙ୍କ ଅନୁମତିରେ ଦୁଇଟି କଦଳୀ ନେଇ ଏତିକି ପ୍ରାର୍ଥନା କରିଛି ଯେ ମଝି ମଝିରେ ସେ ଏମିତି ପଣ୍ଡିତ ପୂଜାରୀକୁ ଶୁଆଇ ଦେଉଥିବେ । କିନ୍ତୁ ଏହି ନିଷ୍ପାପ ଶିଶୁ ମନକୁ କେହି ବୁଝି ନପାରି ତାକୁ ଚୋର ସାବ୍ୟସ୍ତ କରିଦେଲେ । ଲୋକଙ୍କ ସଂଯମହୀନ ବାଣୀ ଶେଷକୁ ଶିଶୁଟିର ପ୍ରାଣ ନେଇଗଲା । ଯଦିଓ ପୂଜାରୀ ଜଣକ ଗଳ୍ପ ମଧ୍ୟରେ ଦଣ୍ଡ ପାଇଛନ୍ତି ତଥାପି ଲକ୍ଷ୍ମୀ ଯେ ଏଥିରେ ଫେରି ଆସିବ ନାହିଁ ତାହା ପାଠକ ପାଇଁ ସବୁବେଳେ ଏକ ଗ୍ଳାନି ଛାଡ଼ିଯାଏ । ଏ ଗଳ୍ପ ଉପରେ ନିଜର ମତାମତ ରଖି ମର୍ମବାଣୀ ଉଦ୍ଦେଶ୍ୟରେ ପ୍ରମୋଦ କୁମାର ମହାନ୍ତି କହନ୍ତି, "ଗପର ପରିଣତି ଯେଉଁପରି ଭାବରେ ଘଟିଛି ସେଥିରେ ଭୟ ଆସେ । ପୁରୋଦୃଷ୍ଟିହୀନ ନିଜର ଅପରିମାଣଦର୍ଶୀ ବାକ୍ୟ କଥନ ପ୍ରତି ଧିକ୍କାର୍ ଆସେ । ପଣ୍ଡିତ ମହାଶୟ ଆମଭଳି ସବୁ ବୟସ୍କମାନଙ୍କ ପ୍ରତୀକ । ଅମ୍ଭେମାନେ ସମସ୍ତେ ତାଙ୍କ ଭଳି । ସ୍ନେହହୀନ- ଏପରିକି ସାନ ଶିଶୁଙ୍କ ପ୍ରତି ବି ଆମର ଜିହ୍ୱା ସଂଯମ ନାହିଁ ।" ଆହୁରି ମଧ୍ୟ ଏ ଗପଟିକୁ ପ୍ରଥମେ ପଢି ସାରିଲା ପରେ ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁ କାନ୍ଦି କାନ୍ଦି କହୁଥିଲେ, "ମନୋଜ ! କାହିଁକି ତୁ ଲକ୍ଷ୍ମୀକୁ ମାରିଦେଲୁ ।" (ସିଂହ ବିଜୟାନନ୍ଦ, ପୃଷ୍ଟି ସୁନୀଲ କୁମାର- ମନୋଜଙ୍କ ମନୋଜ ଗଳ୍ପମାଳା, ପୃ- ୫୧)

**ବୟସ୍କ ସମାଜରେ କୁନି ଛୁଆର ବାହାଘର : ସୀତା ପାଇଁ ବର :**

ଏହି ଗଳ୍ପଟି 'ମନୋଜ ଦାସଙ୍କ କଥା ଓ କାହାଣୀ' ଗଳ୍ପ ସଙ୍କଳନରୁ ଗୃହୀତ । ଶିଶୁ ସୀତାର ବିଶ୍ୱାସର କେତେ ଯେ ମୂଲ୍ୟ, କେତେ ସତ୍ୟତା ରହିଥିଲା ତାହା ଗଳ୍ପରୁ ହିଁ ଜଣା ପଡ଼ିଥାଏ । ଏଠି ଗାଳ୍ପିକଙ୍କ ଲେଖନୀରୁ ପ୍ରକାଶ ପାଇଛି ଏପରି ଏକ ଝିଅ ଯିଏକି ନିଜ ପରିବାରରେ ସମସ୍ତଙ୍କ ଅତି ଗେହ୍ଲା । ନାଁ ତା'ର ସୀତା । ଘଟଣାକ୍ରମେ ଗଳ୍ପର ପ୍ରାରମ୍ଭରେ ବାସନ୍ତୀର ବାହାଘର ନିଶାର୍ଦ୍ଧରେ ସମାପନ ହୋଇଯାଇଛି । କିନ୍ତୁ ଏ ସମୟକୁ ସୀତା ଶୋଇପଡ଼ିଥିଲା । ଏଣୁ ତା'ର ଶିଶୁ ପ୍ରାଣରେ ଗୋଟେ ଆଶା ବସା ବାନ୍ଧି ବସିଛି ଯେ ସେ ଯେମିତି ହେଲେ ବି ବାହାଘର ଦେଖିବ । କାରଣ ବାହାଘର କ'ଣ ସେ ବିଷୟରେ ଜାଣିବାକୁ ତା'ର ପ୍ରବଳ ଅଗ୍ରାହ । ସେ ତା'ର ଜିଜ୍ଞାସାକୁ ଏତେ ଉଚ୍ଚରେ ରଖିଛି ଯେ ନିଜ ବାପାକୁ ବାହା ହେବାପାଇଁ କହିଛି କିନ୍ତୁ ସେ ଯେ ପ୍ରଥମରୁ ବିବାହିତ ଏହା ଜାଣି ନିଜ ବାପା ଉପରେ ଆହୁରି ଅଭିମାନ କରି ବସିଛି । ଏଠି ଶିଶୁର ଅବୋଧ ମନ ଏକ ଚମତ୍କାର ରୂପ ନେଇଛି । ଏହା କେବଳ ଯେ ସୀତାଠାରେ ପରିଲକ୍ଷିତ ତାହା ନୁହେଁ ବରଂ ଏଠି ପ୍ରତି ପାଠକ ନିଜର କୌଣସି ନା କୌଣସି ବାଲ୍ୟ ସ୍ମୃତିକୁ ମନେ ଯେ ନ ପକାଉଥିବେ ଏକଥା ତ୍ରୁଟିପୂର୍ଣ୍ଣ ମନେହୁଏ । ତଥାପି ତା'ର ଅଭିମାନକୁ ସେ ପ୍ରଶମିତ କରିବା ପାଇଁ ପ୍ରତିଶୋଧ ନେବାକୁ ସ୍ଥିର କରିଛି ଯେ ତା ବାପା ମା ଶୋଇଥିବା ସମୟରେ ବାହା ହୋଇପଡ଼ିବ । କିନ୍ତୁ ତା' ପାଇଁ ଉପଯୁକ୍ତ ବରଟିଏ ଲୋଡ଼ା । ଏଥିପାଇଁ ସେ ପ୍ରଥମେ ଲାଲବାବୁଙ୍କ ରାମ୍ପୁଡ଼ା ପୁଅକୁ ବହୁ କଷ୍ଟରେ ସ୍ଥିର କଲା । କିନ୍ତୁ ବାପା ଯେତେବେଳେ କହିଲେ ଯେ ସେ ଧନୀ ଘରର ପୁଅ ଏବଂ ତା ପାଇଁ ବହୁତ ଟଙ୍କା ଦରକାର, ଏଥିରେ ଏକ ସାମାଜିକ ବୈଷମ୍ୟର ଚିତ୍ର ସ୍ପଷ୍ଟ ଭାବରେ ରୂପାୟିତ । ଆହୁରି ମଧ୍ୟ ଏଥିରେ ସୀତାର ନିର୍ବୋଧ ଶିଶୁପ୍ରାଣର ପରିଚୟ ମିଳେ । ସେ ଶିଶୁ ପ୍ରାଣଟି କ'ଣ ବୁଝିବ ଯେ ତା'ର ଗଚ୍ଛିତ ମାତ୍ର ତିନିଟଙ୍କା କିଛି କାମରେ ଆସିବ ନାହିଁ । କିନ୍ତୁ ବିବାହରେ ଟଙ୍କାର ଗୁରୁତ୍ୱ ବୁଝିଥିଲେ ହେଁ ସେ ଜାଣିପାରି ନଥିଲା ଯେ ପ୍ରଚୁର ଟଙ୍କା ବର ଘରକୁ ଦେବା ପରେ ବି କାହିଁକି ବାସନ୍ତୀର ସ୍ୱାମୀ ତାକୁ ମରାପିଟା କରୁଛି ଆଉ ବାସନ୍ତୀର ନାକ ବି ଫଟାଇ ଦେଇଛି । ଏଠି ଶିଶୁ ମନର ଆଧାରରେ ଏକ ବଡ଼ ସାମାଜିକ ସମସ୍ୟାକୁ ଗାଳ୍ପିକ ଦର୍ଶାଇଛନ୍ତି । ଜେଜେ କହିବା ଅନୁସାରେ ସେ ସ୍ୱୟଂ ରାମଚନ୍ଦ୍ରଙ୍କୁ ସ୍ୱାମୀ ହିସାବରେ ଗ୍ରହଣ କରିଛି ଏବଂ ସ୍ଥିର କରିଛି କାହାକୁ ନ ଉଠେଇ ସେ ଚୁପଚାପ୍ ବାହା ହୋଇପଡ଼ିବ କିନ୍ତୁ ଅବୋଧ ଶିଶୁଟି ଅଜାଣତରେ ନିଜର ସବୁ ଯୋଜନାକୁ ପ୍ରକାଶ କରିଦେଇଛି । ସେ କହିଛି "ବାବା ! ତୁ ଆଉ ବୋଉ ଭଲକରି ନିଦରେ ଶୋଇବ । ରାତିରେ କେହି ଉଠିବ ନାହିଁ ।" ଏହା ପରେ ସେ ଭାରି ଖୁସି ହୋଇଛି ଯେ ସେ କାହାକୁ ନ ଜଣାଇ ପ୍ରତିଶୋଧ ନେଇଛି ଆଉ ବାହା ହୋଇଛି । ସେ ଏବେ ନିଜର ଦୁନିଆଁରେ ବିଚରଣ କରୁଛି ଯେଉଁଠି ସେ ଜଣେ ବଡ଼ ମଣିଷ ଏଠି ତା'ର ବାପା ଆଉ ମା' ବି ଛୋଟ ହୋଇ ଯାଇଛନ୍ତି । କିନ୍ତୁ ତା'ର ଭାବନାକୁ ବୁଝି ନ ପାରି ବାପା ମା' ତାକୁ ସ୍ୱପ୍ନ ବୋଲି ହସରେ ଉଡ଼ାଇ ତାକୁ ଗମ୍ଭୀର କରି ଦେଇଥାନ୍ତି । ଏହାପରେ ବାସନ୍ତୀର ଆତ୍ମହତ୍ୟା ଖବର ବିବାହକୁ ନେଇ ତା' ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି କଲା ତାହା ତା'ର ଚାହାଣିରୁ ଜଣାପଡୁଥିଲା । ଏଣୁ ଯେବେ ଦେବବାବୁ ସୀତାର ବାହାଘର ପ୍ରସ୍ତାବ ଆଣିଛନ୍ତି କିନ୍ତୁ ୧୩ ବର୍ଷ ବୟସରେ ସାମାନ୍ୟ ଅସୁସ୍ଥତା ସତ୍ତ୍ୱେ ସୀତା ଚାଲିଗଲା । ଉକ୍ତ ଗଳ୍ପରେ ଗାଳ୍ପିକଙ୍କ ଏପରି ଚରିତ୍ର ପରିକଳ୍ପନା ପଛରେ ଗୋଟେ ବଡ଼ ବାସ୍ତବତାକୁ ପାଠକ ଆଗରେ ପ୍ରକାଶ କରିବାର ମାନସିକତାକୁ ଲକ୍ଷ୍ୟ କରାଯାଇପାରେ । ଏଥିପାଇଁ ସୀତା ଭଳି ଜଣେ କୁନି ପ୍ରାଣର ଆବେଗଠୁ ବଡ଼ ମାଧ୍ୟମ ଆଉ କ'ଣ ହୋଇପାରେ ! ଏଣୁ ଏକ ସଫଳ ମନସ୍ତତ୍ତ୍ୱ ଗଳ୍ପ ଭାବରେ ଏହି ଗଳ୍ପକୁ ବିଚାର କରାଯାଇପାରେ ଯେଉଁଠି ସୀତାର ମନସ୍ତତ୍ତ୍ୱ ବେଶ୍ ଇଙ୍ଗୀତଧର୍ମୀ ହୋଇପାରିଛି ରକ୍ଷଣଶୀଳ ସମାଜ ପ୍ରତିବାଦ କରିବା ଉଦ୍ଦେଶ୍ୟରେ ।

ମନୋଜ ଦାସଙ୍କ ଆଲୋଚ୍ୟ ଗଳ୍ପମାନଙ୍କରେ ଶିଶୁ ମନସ୍ତତ୍ତ୍ୱ ବର୍ଣ୍ଣନାର ଯେଉଁ ପ୍ରତିଭାକୁ ଲକ୍ଷ୍ୟ କରାଯାଏ, ସେଥିରେ ଗାଳ୍ପିକଙ୍କ ସାର୍ଥକତା ଫୁଟିଉଠେ । ତାଙ୍କ ଗଳ୍ପରୂପକ ମାଳାରେ ଶିଶୁ ଯେପରି ଏକ ଅମୂଲ୍ୟ ଶୋଭାବର୍ଦ୍ଧକ ରତ୍ନ ସଦୃଶ । ଯାହା ବ୍ୟତିରେକେ ମାଳାର ଶୋଭା ଶ୍ରୀହୀନ । କେଉଁଠି ଗାଳ୍ପିକ ନିଜେ ଶିଶୁ ହୋଇ ବର୍ଣ୍ଣନାର ଛଳରେ ପ୍ରବେଶ କରନ୍ତି ତ ଅନ୍ୟ କେଉଁଠି ତାଙ୍କର ଅନୁଭୂତିରୁ ଜନ୍ମ ନିଅନ୍ତି ଲକ୍ଷ୍ମୀ, ରୀନା, ସୀତା ଭଳି ଚରିତ୍ର । ସେମାନଙ୍କ ମଧ୍ୟରେ କିଏ ଶିଶୁ ହୋଇ ମଧ୍ୟ ଗମ୍ଭୀର ଓ ଆଶାବାଦୀ ତ କିଏ ଅଲିଅଳି ଗେହ୍ଲା । କେଉଁଠି ସିଏ ସ୍ଥିର ଦ୍ରଷ୍ଟା ତ କେଉଁଠି ସେ ବଖାଣି ଦିଏ ତା'ର ସମସ୍ତ ଅନ୍ତରର କଥା । ଏହିପରି ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାର କରି ରଚିତ ଅନ୍ୟାନ୍ୟ କେତେଗୁଡ଼ିଏ ଗଳ୍ପ ହେଉଛି 'ଅନ୍ତରଙ୍ଗ ଦାନବ', 'ଦୂର ନିର୍ଜନ ସୁର', 'ଧୂମ୍ରାଭ ଦିଗନ୍ତ', 'ନତୁଣୀ', 'କୃପାଣ' ଇତ୍ୟାଦି ଯେଉଁଥିରେ ଶିଶୁର କୋମଳ ମାନସିକତା ଫୁଟି ଉଠିଛି ।

॥ ୨ ॥

ପ୍ରତ୍ୟେକ ମଣିଷ ପାଇଁ ଯୌବନ ଏକ ବରଦାନ ସଦୃଶ । ଏହି ସମୟରେ ବ୍ୟକ୍ତି ପ୍ରାପ୍ତ କରିପାରେ ତା'ର ସମସ୍ତ ଅଭିଳାଷ ପୂର୍ଣ୍ଣ କରିପାରେ ତା'ର ସମସ୍ତ ଆଶା ଓ ସ୍ୱପ୍ନ । କିନ୍ତୁ ସମସ୍ତଙ୍କ ପାଇଁ ଏହି ଚିନ୍ତାଧାରା ସମଧରଣର ହୁଏ ନାହିଁ । ଅସମୟରେ ମଣିଷ ତା'ର ଏହି ତରୁଣ ମାନସିକତାକୁ ନେଇ ଅନେକ ଅମାନୁଷିକ କର୍ମରେ ଲିପ୍ତ ହୋଇଯାଏ । ମନରେ କେତେକ ଭୁଲ୍ ଧାରଣା ନେଇ ବସେ ଏବଂ ଏହାର ସଦୁପଯୋଗ କରିବା ପରିବର୍ତ୍ତେ ଦୁରୂପଯୋଗ କରି ବସେ । ଏଭଳି ଚିନ୍ତନକୁ ସାହିତ୍ୟରେ ଅନେକବାର ବିଭିନ୍ନ ବିଭାଗ ମାଧ୍ୟମରେ ଦର୍ଶାଯାଇଛି ଏବଂ ପାଠକ ଠାରେ ଏକ ସଚେତନତାର ବାର୍ତ୍ତା ଦେଇ ସଂଯମତାର ଶିକ୍ଷା ଦେବାକୁ ପ୍ରୟାସ କରିଆସିଛି । ଏ ଦିଗରେ ମନୋଜ ଦାସଙ୍କ କେତେକ ଗଳ୍ପକୁ ତରୁଣ ମନସ୍ତତ୍ତ୍ୱ ଭାବରେ ଆଲୋଚନା କରାଯାଇପାରେ ଯେଉଁଠି ତରୁଣ ମନରେ ସେ କେତେବେଳେ ନିଷ୍ପାପ ପ୍ରେମକୁ ଦର୍ଶାଇଛନ୍ତି ତ କେଉଁଠି ଯୌବନର ସେଇ କଳା ଇତିହାସକୁ ଦେଖାଇଛନ୍ତି । ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପଗୁଡ଼ିକ ମଧ୍ୟରେ ତରୁଣ ବୟସର ମନସ୍ତତ୍ତ୍ୱ ଅନ୍ୟ ସବୁ ସ୍ତର ତୁଳନାରେ ସ୍ୱଳ୍ପ ହେଲେ ହେଁ ଭିନ୍ନ ଭାବରେ ପରିଲକ୍ଷିତ ହୋଇଥାଏ । ଯଦିଓ ଓଡ଼ିଆ ଗଳ୍ପ ଜଗତରେ ଏଭଳି ଅନେକ ଗଳ୍ପ ଲେଖା ଯାଇଅଛି ସେଥିମଧ୍ୟରୁ ମନୋଜ ଦାସଙ୍କ ଗଳ୍ପଗୁଡ଼ିକ ଅନନ୍ୟ । ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ, କିଶୋରୀଚରଣ ଦାସ, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ ଏମାନଙ୍କ ଗଳ୍ପରେ ତାରୁଣ୍ୟର ନଗ୍ନ ଜାନ୍ତବ କ୍ଷୁଧା ଯେପରି ପ୍ରକାଶ କରାଯାଇଛି ତାହା ଦିବାଲୋକ ପରି ଜଳ ଜଳ ଦେଖାଯାଇଥାଏ, ସେହିପରି ବର୍ଣ୍ଣନା ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପରେ ଦେଖାଯାଏ ନାହିଁ। ଯେଉଁ କେତୋଟି ଗଳ୍ପରେ ତରୁଣ ମନଗହନର ଏଇ ଅପ୍ରତିହତ ଯୌନକ୍ଷୁଧା ରୂପାୟିତ ହୋଇଛି ତାହା ଖୁବ ସଂଯମ ଭାବରେ ଦେଖିବାକୁ ମିଳେ। ମଣିଷର ଏଇ ଆଦିମ ପିପାସାକୁ ଭାଷାର ଆବରଣ ତଳେ ପ୍ରେମର ଅନ୍ତଃସଲୀଳା ଫଲଗୁ ସମ ପ୍ରବାହିତ, ଏହା ତାଙ୍କ ଗଳ୍ପର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରେ ।

**ନିଃସଙ୍ଗ ମାତୃତ୍ୱର ଦାରୁଣ ଗାଥା: ସମୁଦ୍ରର କ୍ଷୁଧା :**

ଏହି ଗଳ୍ପଟି ମନୋଜ ଦାସଙ୍କ ଉକ୍ତି ଅନୁସାରେ ତାଙ୍କର ସର୍ବପ୍ରଥମ ଗଳ୍ପ । ଉକ୍ତ ଗଳ୍ପଟି ଗାଳ୍ପିକଙ୍କ ସମୁଦ୍ରର କ୍ଷୁଧା ସଙ୍କଳନରୁ ଆନୀତ । କିଶୋର ବୟସରେ ରଚିତ 'ସମୁଦ୍ରର କ୍ଷୁଧା' ଗଳ୍ପରୁ ଗାଳ୍ପିକଙ୍କ ଅନୁଭୂତି ଦୀପ୍ତ ଅଭିଜ୍ଞ ମନର ପରିଚୟ ମିଳିଥାଏ । ଏହି ଗଳ୍ପଟି ୧୯୪୬ ରୁ ୧୯୫୨ ମସିହା ସମୟସୀମା ମଧ୍ୟରେ ରଚିତ ହୋଇଛି । ଅବଚେତନ ମନ ମଧ୍ୟରେଥିବା ଲିବିଡୋ ସକ୍ରିୟ ହେବା ଫଳରେ ଗୋଟେ ମୁହୂର୍ତ୍ତରେ ମଣିଷ କିପରି ରାକ୍ଷସ ପାଲଟିଯାଏ, ମନୋଜ ଦାସ ଏଥିରେ ଏକ ସଫଳ ଚିତ୍ରକଳ୍ପ ଦେଇଯାଇଛନ୍ତି । ଉକ୍ତ ଗଳ୍ପରେ ଶୁଭା ପ୍ରତି ଲାଲା ଓ ବଡ଼ ସାହେବଙ୍କ ଯେଉଁ ପୈଶାଚିକ ମନୋବୃତ୍ତି ପ୍ରକାଶ ପାଇଛି ତାହା ଗଳ୍ପକୁ କରୁଣ ରସରେ ଭର୍ତ୍ତିକରି ଦେଇଛି । ପରିବାରର ସମସ୍ତଙ୍କୁ ହରାଇ ଶୁଭା ଅତ୍ୟନ୍ତ ଅସହାୟ ହୋଇପଡ଼ିଛି । ତା'ର ବଞ୍ଚି ରହିବାର ଏକମାତ୍ର ଆକର୍ଷଣ ହେଉଛି ତିନି ବର୍ଷର ପୁଅ 'ସତୁ' । ଏହା ସହ ସେ ଏକ ଆଶାପୋଷଣ କରି ରହିଛି ଯେ ସେ ନିଜ ସ୍ୱାମୀକୁ ଥରୁଟିଏ ହେଲେ ସାକ୍ଷାତ କରିବ । ଏହାକୁ ଉତ୍ତମ ସୁଯୋଗ ଭାବି ଲାଲା ଶୁଭକୁ ନିଜ ଘରକୁ ଡ଼ାକି ନେଇଛି ଗୋପାଳ ସହିତ ସାକ୍ଷାତ କରାଇ ଦେବାର ପ୍ରଲୋଭନ ଦେଇ । ପରେ ସମୁଦ୍ର କୂଳରେ ପଲା ଭିତରେ ଲାଲା ନିଜର ମନୋଭାବ ପ୍ରକାଶ କରିଛି । ଲାଲା ମଧ୍ୟରେ ଏଭଳି ବିଶ୍ୱାସଘାତକତା ଓ ସାନ୍ନିଧ ପାଇବାର ଅପାର ଇଚ୍ଛା ମଣିଷର ସେଇ ପଶୁ ପ୍ରବୃତ୍ତିକୁ ପ୍ରତୀକିତ କରେ ଯାହା ଆମର ଅବଚେତନରେ ବସା ବାନ୍ଧି ରହିଥାଏ ଏବଂ ବାଟ ଖୋଜୁଥାଏ ତାହାକୁ ଚରିତାର୍ଥ କରିବା ପାଇଁ । ଶୁଭା ନିଜର ଆତ୍ମରକ୍ଷା କରି ଦୌଡ଼ି ପଳାଇ ଯାଇଛି । ତଥାପି ମନରେ ଆଶା କାଳେ ତା' ସ୍ୱାମୀ ଗୋପାଳ ସହ ଦେଖା ହେବ । ତେଣୁ ସେ ତା' କୁଡ଼ିଆ ନିକଟକୁ ଯାଇ ଦେଖିଛି ସେଠି ଗୋପାଳ ନାହିଁ ବରଂ ସେ ସାହେବଙ୍କ ଶିକାର ହୋଇଛି । ଲାଲାର ଯୌନକାଂକ୍ଷାର ଉଦ୍‌ଭ୍ରାନ୍ତି ତଳେ ବରଂ ଥିଲା ଟିକିଏ ସଂଭ୍ରମବୋଧ ଯେଉଁଥିପାଇଁ ସେ ଶୁଭାକୁ ବଳାତ୍କାର କରିପାରି ନାହିଁ। ମାତ୍ର ନୃଶଂସ ଇଂରେଜ ସାହେବ କାମାଗ୍ନି ନିକଟରେ ସ୍ନେହ ସହାନୁଭୂତିରେ ଅର୍ଥ କିଛି ନାହିଁ । ତା'ର ପୈଶାଚିକ ପ୍ରବୃତ୍ତି ତିନି ବର୍ଷର ଶିଶୁ 'ସତୁ'କୁ ହତ୍ୟା କରିଛି । ଯଦିଓ ଉପଭୋଗର ନଗ୍ନତା ଗଳ୍ପରେ ଚିତ୍ରିତ ହୋଇନାହିଁ ଏଥିରେ ଉପଭୋଗ ପାଇଁ ପୁରୁଷର ଆସୁରିକ ଚିନ୍ତାଧାରା ବେଶ୍ ସ୍ପଷ୍ଟ ହୋଇପାରିଛି । ଗଳ୍ପର ଏଭଳି ପରିସମାପ୍ତିରେ ପାଠକ ଶୁଭା ପାଇଁ ଯେତିକି ସମ୍ବେଦନଶୀଳ ହୁଏ ସେତିକି ଇଂରେଜ ସାହେବ ପ୍ରତି କ୍ରୋଧ ଜାଗ୍ରତ ହୁଏ ଏବଂ ଏକ ଭିନ୍ନ ଧରଣର ପ୍ରତିକ୍ରିୟା ସୃଷ୍ଟି କରେ ।

ଗାଳ୍ପିକ ମନୋଜ ଦାସଙ୍କ ପ୍ରାଥମିକ ପର୍ଯ୍ୟାୟର ଗଳ୍ପଗୁଡ଼ିକରେ ଚମତ୍କାର ଭାବରେ ଜୀବନର ଅନ୍ଧକାର ଦିଗ ଉନ୍ମୋଚନ କରିଥିବାର ଦେଖିବାକୁ ମିଳେ ଯାହା ପାଠକକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଅବଚେତନ ମନ ସକ୍ରିୟ ହେଲେ

ସଭ୍ୟ ବୋଲାଉଥିବା ମଣିଷ ହିଂସ୍ର ପଶୁଟିଏ ଭଳି ଆଦିମତା ଆଡ଼କୁ ତୁରନ୍ତ ଗତିଶୀଳ ହୋଇଯାଏ ତାହା ପାଠକ ଉକ୍ତ ଗଳ୍ପରୁ ସ୍ପଷ୍ଟ ଅନୁମାନ କରି ପାରିବେ ।

**ଜାଙ୍ଗଲିକ ପ୍ରବୃତ୍ତିର ଶୀର୍ଷକ : ମନୋଜ ଦାସଙ୍କ ଆରଣ୍ୟକ :**

୧୯୫୯ ମସିହାରେ ଏହି ଗଳ୍ପଟି ରଚିତ ହୋଇଥିଲେ ମଧ୍ୟ ଗାଳ୍ପିକ ଏହାକୁ ୧୯୭୦ ମସିହାରେ ପୁନର୍ଲିଖନ କରିଛନ୍ତି । ଏହାର ପରିବେଶ (Setting) ଏକ ଜଙ୍ଗଲ ଓ ଏକ ଡାକବଙ୍ଗଳା । ଉକ୍ତ ଗଳ୍ପଟି ଗାଳ୍ପିକଙ୍କର 'ଆରଣ୍ୟକ' ସଙ୍କଳନରୁ ଆସିଅଛି । ଗଳ୍ପର ବର୍ଣ୍ଣନାଟି ଆତ୍ମିକ ଶୈଳୀ ତୃତୀୟ ପୁରୁଷ ଶୈଳୀରେ କରାଯାଇଛି । ଯଦି ଆଙ୍ଗିକ ଶୈଳୀକୁ ବିଚାର କରାଯାଏ ତେବେ ଏହା ପାଶ୍ଚାତ୍ ପଟ୍ଟ ଦୃଶ୍ୟାନ୍ତର ଶୈଳୀ (Flashback Narration Style) ରେ ବର୍ଣ୍ଣିତ ହୋଇଛି । ଗଳ୍ପର ପ୍ରାରମ୍ଭରେ ଗାଳ୍ପିକ ଉପସ୍ଥାପନରେ ଚମତ୍କାରିତା ଦେଖାଇ ଆଦିମ ମଣିଷର ସ୍ୱଭାବ ସମ୍ପର୍କରେ ସୂଚାଇ ଦେଇଛନ୍ତି । ଅରଣ୍ୟ ସହିତ ମଣିଷର ସମ୍ପର୍କ ପ୍ରାଗ୍ ଐତିହାସିକ । ଜୀବନ ବଞ୍ଚିବାର ମୌଳିକ ତଥ୍ୟ ଓ ତତ୍ତ୍ୱର ଉତ୍ସ ହେଉଛି ଅରଣ୍ୟ । ମଣିଷର ଚେତନା, ସଭ୍ୟତା ତଥା ସମାଜର ଅଙ୍କୁରୋଦଗମ ବି ଏଇ ଅରଣ୍ୟରୁ । ପୁଣି ଜୀବନର ବୀଜମନ୍ତ୍ର ହେଲା ଯୌନାଚାର । କ୍ରମଶଃ ମଣିଷର ଚିନ୍ତା ଚେତନାରେ ଉତ୍ତରଣ ଘଟିଛି । ନିଜ ପାଇଁ କିଛି କାଇଦା ପ୍ରସ୍ତୁତ କରି ସଭ୍ୟତା ଗଢ଼ି ଆଧୁନିକ ହୋଇଛି । କିନ୍ତୁ ବେଳେ ବେଳେ ନିଜ ନିର୍ମିତ ଅନୁଶାସନ, ନିୟମ ଭିତରେ ଅତିଷ୍ଠ ହୋଇ ଧରାବନ୍ଧା ନିୟମ ଭାଙ୍ଗି ମଣିଷ ଖୋଜେ ଆଦିମ ମୁକ୍ତି, ଉଲ୍ଲାସ ଓ ଉପଭୋଗ । ମନରେ ଜାଗେ ଆରଣ୍ୟକ ଚେତନା । ସେଇ ଦିଗରେ ପଥଚର ଭାବରେ ବଣମୁଖୀ ହୋଇଛନ୍ତି ଗଳ୍ପର ପାଞ୍ଚଜଣ ଚରିତ୍ର ଓ ଡ୍ରାଇଭର୍ ଗୋପାଳେନ୍ଦୁ ।

ଗାଳ୍ପିକ ଯେଉଁ ଅବସ୍ଥାରେ ଚରିତ୍ରମାନଙ୍କୁ ଚିତ୍ରିତ କରିଛନ୍ତି ସେଥିରୁ ମଣିଷର ଅଦିମାତାର ବାସ୍ନା ସ୍ପଷ୍ଟ ବାରି ହୁଏ । ମଣିଷ ମନ ଯେତିକି ଚଳଚଞ୍ଚଳ ସେତିକି ପରିବର୍ତ୍ତନଶୀଳ । କେଉଁ ମୁହୂର୍ତ୍ତରେ କେଉଁ ମୋଡ଼ ନେବ ତାହା ତା'ର ଅବଚେତନର ସ୍ଥିତି କହି ଦେଉଥାଏ । ଯେଉଁ ମିସେସ୍ ମିଟି ଛୋଟ ପ୍ରଜାପତିଟିଏ ଗାଡ଼ି ଚକା ତଳେ ଚାପି ହୋଇଯିବାର ଦେଖି ଏତେ ଦାରୁଣ ଚିତ୍କାର କରି ତା' ପ୍ରତି କରୁଣା ବ୍ୟକ୍ତ କରିପାରନ୍ତି ସିଏ ପୁଣି ଗର୍ଭବତୀ ହରିଣୀକୁ ଶିକାର କରିବାରେ ବିଫଳ ଶ୍ୟାମଳକୁ ଗାଳି କରିପାରନ୍ତି । କିନ୍ତୁ ଅପର ମୁହୂର୍ତ୍ତରେ ସେଇ ମିସେସ୍ ମିଟି ନିଜର ସଭ୍ୟ ହେବାର ଅଭିନୟ ମଧ୍ୟ କରନ୍ତି । ଏଠି ମଣିଷ ତା'ର ଆଦିମତାକୁ ଲୁଚେବା ପାଇଁ କିପରି ସଭ୍ୟ ରୂପକ ମୁଖାର ବ୍ୟବହାର କରେ ତାହା ପାଠକ ପାଖରେ ଅଜଣା ରୁହେ ନାହିଁ । କିଛି ବ୍ୟକ୍ତିତ୍ୱର ଚାରିତ୍ରିକତା କିମ୍ବା ମନର ସ୍ଥିତି ବୁଝିବାକୁ ହେଲେ ବେଶୀ କଷ୍ଟ କରିବାକୁ ପଡ଼େନା । ତାଙ୍କ ସଉକ୍ ଆଉ ନିଜକୁ ପ୍ରକାଶ କରିବାର ଢଙ୍ଗରୁ ଜଣା ପଡ଼ିଯାଏ ସେମାନଙ୍କ ମନସ୍ତତ୍ତ୍ୱ । ଏଭଳି ଏକ ଚରିତ୍ର ହେଉଛନ୍ତି ଗଳ୍ପର ରାଜାସାହେବ । ଯୌନ ପିପାସାରୁ ବ୍ୟକ୍ତିର ଅସ୍ତିତ୍ୱ ପ୍ରାଣ ସଂଚାର କରେ । ଏଥିରୁ କେବଳ ରାଜାସାହେବ ନୁହନ୍ତି ବରଂ ଗଳ୍ପର ଅଧିକାଂଶ ଚରିତ୍ର ନିଜକୁ ମୁକ୍ତ କରିପାରି ନାହାନ୍ତି । ଉଦ୍ଧତ ଯୁବକ ଶ୍ୟାମଳ ପ୍ରତି ମିସେସ୍ ମିଟିଙ୍କ ଆକର୍ଷଣ ଅଧିକ ସ୍ପଷ୍ଟ । ସେହି ଶ୍ୟାମଳ ଯିଏ ରାଜା ସାହେବଙ୍କ ପିତାଙ୍କ ସମସ୍ତ ଆଭିଜାତ୍ୟ ବହନ କରୁଥିଲା ଏବଂ ନିରବରେ ନିଜର ପରିଚୟ ପାଇଁ ମାନସିକ ସ୍ତରରେ କେତେ କଳନା କରୁଥିଲା । ଗଳ୍ପ ମଧ୍ୟରେ କେବଳ ଶ୍ୟାମଳ ଏପରି ଜଣେ ଚରିତ୍ର ଯାହାର ସକାରାତ୍ମକ ଦିଗଟି ବେଶ୍ ସ୍ପଷ୍ଟ ଅନ୍ୟ ଚରିତ୍ର ତୁଳନାରେ । କିନ୍ତୁ ଏ ମୁଖାପିନ୍ଧା ସଭ୍ୟ ଲୋକଙ୍କ ଆଗରେ ସେ କ'ଣ ନିଜର ଏହି ବ୍ୟକ୍ତିତ୍ୱକୁ ନେଇ ବଞ୍ଚିପାରିଥାନ୍ତା ! ତେବେ ପ୍ରକୃତ ସୁଯୋଗ ଥାଇ ବି ଯେତେବେଳେ ଶ୍ୟାମଳ ମିସେସ୍ ମିଟିଙ୍କ ସଂକେତ ବୁଝି ପାରିଲା ନାହିଁ ତାହା ମିସେସ୍ ମିଟିଙ୍କ ପକ୍ଷେ ସହ୍ୟ ହୋଇପାରିଲା ନାହିଁ । ବିଶେଷ କରି ଶ୍ୟାମଳର ସେଇ ଈଷତ ବିଦ୍ରୂପ ମିଶ୍ରିତ ହସ ଯାହା ତାଙ୍କ ବିଫଳତା ଓ ଅପମାନର ଆଭାସ ଦେଉଥାଏ । ଏଣୁ ଘଟଣାର ସତ୍ୟତା ସମ୍ପର୍କରେ ମିସେସ୍ ଚାକୋଡିଙ୍କ ଅନୁମାନ କରିବା ପୂର୍ବରୁ ସବୁ ଦୋଷ ଲଦି ଦେଲେ ଶ୍ୟାମଳ ଉପରେ । ଫଳରେ ବିନା ଦୋଷରେ ସମସ୍ତଙ୍କ ତାଡ଼ନାର ଶିକାର ହେଲେ ବିଫଳ ଶିକାରୀ ଶ୍ୟାମଳ । ବାର୍ହା ପରିବର୍ତ୍ତେ ତା'ର ସୁଆଦିଆ ମାଂସକୁ ଖାଇ ବେଶ୍ ଆରାମରେ ସେଇ ରାତ୍ରିକୁ ଉପଭୋଗ କଲେ ଅନ୍ୟ ପାଞ୍ଚଜଣ ।

ଗଳ୍ପ ମଧ୍ୟରେ ସମସ୍ତେ ନିଜ ନିଜ ଅବଦମିତ ସ୍ୱାର୍ଥରେ ଉନ୍ମତ୍ତ । ମୁଖ୍ୟତଃ ଯୌନାବେଗକୁ ଗଳ୍ପ ମଧ୍ୟରେ ମୁଖ୍ୟ ଭାବରେ ଦର୍ଶାଯାଇଛି । ଆଜିର ଜୀବନରେ ପ୍ରତିଫଳିତ ତଥାକଥିତ ସଭ୍ୟ-ଆଧୁନିକ-ସାମାଜିକ ବାସ୍ତବତାର ଚମତ୍କାର ବ୍ୟାଖ୍ୟା ହେଉଛି ଆରଣ୍ୟକ ଗଳ୍ପ । ଯା'ର ଆଶଂକିତ ପରିଣତି ସମ୍ପର୍କରେ ଚିନ୍ତା କରିବା ମାତ୍ରକେ ଜଣେ ଏକା ବେଳକେ ସ୍ତବ୍ଧ ହୋଇଯିବ । ନାମକରଣ ଦିଗରୁ ମଧ୍ୟ ଗଳ୍ପଟି ଏକ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରେ ଯାହା ସମଗ୍ର ଗଳ୍ପର ସତ୍ତାକୁ ବହନ କରିବାରେ ସମର୍ଥ ଅଟେ ।

**ଯୁଗଳ ପ୍ରେମର ବିଚ୍ଛେଦ ବାଣୀ : ଯାଯାବର ପୁତ୍ରର କାହାଣୀ:**

ଉକ୍ତ ଗଳ୍ପଟି ଗାଳ୍ପିକଙ୍କର 'ବିଷକନ୍ୟାର କାହାଣୀ' ସଙ୍କଳନରୁ ଆସିଅଛି । ଏହି ଗଳ୍ପରେ କିଶୋର କିଶୋରୀ ପ୍ରାଣର ଆବେଗ ଓ ପ୍ରେମାନୁଭବ ଦେଖିବାକୁ ମିଳିଥାଏ । ତୃତୀୟ ପୁରୁଷ ଶୈଳୀରେ ଲିଖିତ ଏହି କରୁଣ ରସାତ୍ମକ ଗଳ୍ପଟି ମନୋଜ ଦାସଙ୍କ କଳ୍ପନାର ଏକ ଅଭିନବ ରୂପ । ଏକ ସ୍ୱର୍ଗୀୟ ପ୍ରେମ ଫଲଗୁ ପ୍ରବାହିତ ହୋଇଛି 'ଯାଯାବର ପୁତ୍ରର କାହାଣୀ'ର ପଲଟୁ ଓ ଉମି ଚରିତ୍ର ମଧ୍ୟରେ । 'ଦି ଗ୍ରେଟ ଧନଲକ୍ଷ୍ମୀ ସର୍କସ' ଉଭୟଙ୍କ ମଧ୍ୟରେ ଗୋଟିଏ ସେତୁ ପରି । ପ୍ରଥମ ଦର୍ଶନରୁ ଦୁହିଁଙ୍କ ମଧ୍ୟରେ ଅକପଟ ସ୍ନେହ ଦୁହିଁଙ୍କୁ ଆକର୍ଷିତ କରିଛି । ମାତ୍ର ଉଭୟଙ୍କ ପ୍ରେମରେ କୌଣସି ଦେହଜ କାମନା ନଥିଲା । ପରସ୍ପରର ଆକୁଣ୍ଠିତ ମମତ୍ୱବୋଧ ଓ ଅପାର୍ଥିବ ପ୍ରେମର ନୀରବ ଦର୍ଶକ ସେଇ ପିଜୁଳି ଗଛ ଯାହା ମୂଳରେ ତାଙ୍କର ପ୍ରଥମ ପରିଚୟ । ମଣିଷର ଅବଚେତନର ଏହି ପ୍ରେମ, ସ୍ନେହ ଆବେଗତାକୁ ଭିନ୍ନ ପ୍ରାଣୀ ଭାବରେ ଠିଆ କରେ ଯାହା ଉଭୟ ଚରିତ୍ରର ପାରସ୍ପାରିକ ମିଳାମିଶାରୁ ଦିନକୁ ଦିନ ବଢ଼ିବାରେ ଲାଗିଥାଏ । ମଝି ମଝିରେ କିଶୋର ପ୍ରାଣର କୌତୁହଳ ରୂପ ମଧ୍ୟ ଦେଖିବାକୁ ମିଳେ । କିଶୋର ପ୍ରାଣ ଅତି ସହଜରେ ନିକଟ ଲୋକଙ୍କୁ ଆପଣେଇ ନିଏ । ସେଥିପାଇଁ ତ ପ୍ରଥମ ସାକ୍ଷାତରୁ ଉମି ପଲଟୁକୁ ପାଣି ପିଆଇ ନେବା ସକାଶେ ରାଜି ହୋଇଯାଏ । ଏପଟେ ଯାଯାବର ଜୀବନ ବଂଚୁଥିବା ପଲଟୁ ଉମି ମାଆର ସାନ୍ନିଧ୍ୟରେ ଅନାସ୍ୱାଦିତପୂର୍ବ ତୃପ୍ତି ପାଉଥାଏ । ମଝିରେ ମଝିରେ ଉମିର ସ୍ନେହଭରା ଚାହାଣୀ ଆଉ କିଛି ଆଳାପ ତା' ଭିତରେ ଭିନ୍ନ ପ୍ରାଣ ସଂଚାର କରୁଥାଏ । ଏତେ ବେଳକୁ ନେଇ ଉମିକୁ ପଲଟୁର ଭାରି ଚିନ୍ତା ପଶୁଥାଏ ତା'ର କାମକୁ ନେଇ । ଏତେ ବେଳକୁ ଉଭୟଙ୍କ ମଧ୍ୟରେ ଆତ୍ମସଂଚାର କରିସାରିଥାଏ ଏକ କୋମଳ ପ୍ରେମ । ଉଭୟଙ୍କ ପାଇଁ ପରସ୍ପରଠୁ ଦୂରେଇ ରହିବାଟା ବଡ଼ କଷ୍ଟକର ବ୍ୟାପାର । ଏଣୁ ଯେବେ ପଲଟୁ ଉମିର ପଲ୍ଲୀପ୍ରାନ୍ତକୁ ଛାଡ଼ିକି ଯିବାର ଖବର ଦିଏ ଉମି ମନକୁ ତାହା ବଡ଼ ଆଘାତ ଦିଏ । ପଲଟୁ ପାଇଁ ମଧ୍ୟ ଏ ବିରହ କିଛି କମ୍ କରୁଣ ନଥିଲା । ବୋଧେ ବିରହରେ ପ୍ରେମର ଅନୁଭୂତି ଆହୁରି ଗାଢ଼ ହୋଇଯାଏ । ସେଥିପାଇଁ ନିୟତି ଏମିତି ପୀଡ଼ା ଦିଏ ପ୍ରେମିକ ପ୍ରେମିକାମାନଙ୍କୁ । ସୂର୍ଯ୍ୟାସ୍ତ ହୋଇଗଲେ ସବୁବେଳେ ସିଏ ଭାବୁଥାଏ ଏବେ ସର୍କସରେ କ'ଣ ହେଉଥିବ । ଦୀର୍ଘ ତିନି ବର୍ଷର ବ୍ୟବଧାନ ପରେ ଏ ବିରହର ଅନ୍ତ ହେବାର ବେଳ ଆସିଥାଏ । ଗାଁରେ ପୁଣି ଦି ଗ୍ରେଟ ଧନଲକ୍ଷ୍ମୀ ସର୍କସର ଆଗମନ ହୁଏ । ପଲଟୁ ବି ଆସିଥିବ ଏଥିରେ ଉମିର କୌଣସି ସନ୍ଦେହ ନ ଥାଏ । ପଲଟୁକୁ ନେଇ ତା ମନରେ ଅନେକ ଭାବନା ସେ ସାଇତି ରଖିଥାଏ । ପୂର୍ବ ଅନୁଭୂତିକୁ ଫେରି ପାଇବା ସକାଶେ ସେ ପିଜୁଳି ତୋଳି ଅପେକ୍ଷା କରିଥାଏ । ତା' ମନରେ କେତେ କଳ୍ପନା ଚାଲିଥାଏ । କିନ୍ତୁ ବୁଢ଼ା ସନ୍ନ୍ୟାସୀର ଖବର ତା' ପାଇଁ ନିୟତିର ସବୁଠୁ ବଡ଼ ଦାରୁଣ ପ୍ରହାର ଥିଲା ।

ଏ ଗଳ୍ପର ବର୍ଣ୍ଣନାରେ ଯେତିକି ଚମତ୍କାରିତା ଓ କଳାତ୍ମକତା ସେତିକି କାରୁଣ୍ୟ । ବିପୁଳ ପ୍ରେମ, କରୁଣ ପରିଣତି, କିଶୋର ପ୍ରାଣର ଅଭିବ୍ୟକ୍ତି, ଓ କିଶୋରୀ ଆଗ୍ରହକୁ ନେଇ ଗଳ୍ପଟି ବେଶ୍ ମନନଧର୍ମୀ ହୋଇ ପାରିଛି । ପଠନ ପରେ ସେଇ ନିଷ୍ପାପ ଯାଯାବର କିଶୋର ପ୍ରତି ସ୍ନେହ ଓ କରୁଣାରେ ପାଠକର ହୃଦୟ ଭରିଯାଏ । ଏବଂ ତହିଁରୁ ଅଧିକ ଯନ୍ତ୍ରଣା ଅନୁଭୁତ ହୁଏ ଯେତେବେଳେ ପାଠକ ଅନୁଭବ କରେ, କିଶୋରୀ ଉମିର ପ୍ରତୀକ୍ଷା ଆଉ କେବେବି ସାର୍ଥକ ହେବନାହିଁ ।

**ଉଦ୍ଭଟ କଳ୍ପନାରେ ଜଣେ ଶିକାରୀ : ରାୟସିଂହର ଡାଏରୀ :**

ଉକ୍ତ ଗଳ୍ପଟି ଗାଳ୍ପିକଙ୍କ 'ଆରଣ୍ୟକ' ଗଳ୍ପ ସଙ୍କଳନର ଅନ୍ତର୍ଭୁକ୍ତ । ଉକ୍ତ ଗଳ୍ପରେ ଜଣେ ତରୁଣ ଯୁବକ ଭିତରେ ଥିବା ପ୍ରେମିକର ରୂପକୁ ଉପସ୍ଥାପନ କରାଯାଇଛି । ସେହି ଯୁବକଙ୍କ ଦିନଲିପି (ଡାଏରୀ)ର କିୟଦଂଶ ଉଦ୍ଧାର କରି ଗଳ୍ପଟି ରଚନା କରାଯାଇଛି, ଯେଉଁଥିରେ ଜଣେ ପ୍ରେମିକ ଯୁବକର ଚେତନାପ୍ରବାହ ଏକ କଳାତ୍ମକ ରୂପ ନେଇଛି । ଗଳ୍ପର କଥାଭାଗ ପରିବର୍ତ୍ତେ ଏହାର ଶୈଳୀଟି ଉକ୍ତ ଗଳ୍ପକୁ ଏକ ସଫଳ ମନସ୍ତାତ୍ତ୍ୱିକ ରଚନା ଭାବରେ ପ୍ରକାଶ କରିପାରିଛି । ଏହି ଗଳ୍ପଟି ଭିନ୍ନ ବର୍ଣ୍ଣନା ଶୈଳୀର ସମନ୍ୱୟରେ ଉପସ୍ଥାପିତ ହୋଇଛି । ପ୍ରଥମେ ଏହା ଏକ ଡାଏରୀ ଶୈଳୀରେ (Dairy Style) ଲିଖିତ ଗଳ୍ପ । ଏ ଧରଣର ରଚନାକୁ ଅଧିକାଂଶ କ୍ଷେତ୍ରରେ ପ୍ରଥମ ପୁରୁଷ (1st person Omniscient) ଢଙ୍ଗରେ ଉପସ୍ଥାପନ କରାଯାଏ । ଏହି ଗଳ୍ପରେ ସମାନ ଭାବରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ (Flashback Narration Style)କୁ ମଧ୍ୟ ଲକ୍ଷ୍ୟ କରାଯାଇ ପାରିବ ।

ଡାଏରୀ କହିବା ମାତ୍ରକେ ମନରେ ସ୍ୱତଃ ଧାରଣା ଆସେ ଜଣେ ବ୍ୟକ୍ତିର ନିହାତି ଗୋପନୀୟ କଥାର ଏକ ସଙ୍କଳନ । ଏହା ମାଧ୍ୟମରେ ମଣିଷ ନିଜର ଅବଚେତନକୁ ଲେଖନୀରେ ପ୍ରକାଶ କରିପାରେ । ଯାହାକୁ ସେ ଅନ୍ୟ ନିକଟରେ ବ୍ୟକ୍ତ କରିବା ପାଇଁ ସମର୍ଥ ହୋଇପାରେ ନାହିଁ । ମୋଟାମୋଟି ଭାବରେ ଏହା ମଣିଷର ମନସ୍ତତ୍ତ୍ୱର ଏକ ଲିଖିତ ରୂପ । ଉକ୍ତ ଗଳ୍ପରେ ଏଭଳି ଜଣେ ଯୁବକର ଦିନଲିପିର କିଛି ଅଂଶ ଉଦ୍ଧାର କରାଯାଇଛି । ସେ

ଯୁବକ ହେଲେ ସ୍ୱୟଂ ରାୟସିଂହ, ଡାଏରୀର ସ୍ରଷ୍ଟା ଓ ଏ ଗଳ୍ପର ମୁଖ୍ୟ ଆକର୍ଷଣ । ତାଙ୍କ ମଧ୍ୟରେ ଜଣେ ପ୍ରେମିକ ବସା ବାନ୍ଧି ରହିଛି । ଯିଏ ସବୁବେଳେ ଚେଷ୍ଟାରତ ବାହାରେ ନିଜର ଅସ୍ତିତ୍ୱକୁ ପ୍ରକାଶ କରିବାପାଇଁ । ଏଥିପାଇଁ ଜଣେ ବିବାହିତା ଯୁବତୀର ସାଧାରଣ ବ୍ୟବହାର ମଧ୍ୟ ତାଙ୍କୁ ଅସାଧାରଣ ଲାଗିପାରେ । ଏ ଭିତରେ ରାୟସିଂହଂକ ସିଗାରେଟ୍ ଟାଣିବାରେ ବ୍ୟତିକ୍ରମ ଏକ ପୁରୁଷର ନାରୀ ପ୍ରତି ଆକର୍ଷଣକୁ ଦର୍ଶାଏ । ଏକ ସାଧାରଣ କଥା ବି ପ୍ରେମିକ ପାଇଁ ଅତି ରୋମାଞ୍ଚକର ଆଉ ଅସାଧାରଣ ମନେହୁଏ । ସେଥିରେ ଦୁଇ ଚାରି ପଦ ଆଗକୁ ଭାବିଲେ ସବୁ ରୋମାଣ୍ଟିକ୍ ମନେହୁଏ । ଏଠି ରାୟସିଂହଙ୍କ କଳ୍ପନାରେ ମଧ୍ୟ ତାହାହିଁ ଘଟିଛି ଏଣୁ ସେ ଅନୁଭବ କରି ପାରିଛନ୍ତି ଯେ ଝିଅଟି ତାଙ୍କୁ ଅନୁସରଣ କରୁଛି, ତାଙ୍କ ଗନ୍ଧ ବାରି ପାରୁଛି ଆହୁରି ଅନେକ କିଛି । ଏ ସବୁ ଭିତରେ ଯେ ସେଇ ଯୁବତୀ ତାଙ୍କୁ ଭଲପାଇ ବସିଛି ତାହା ବି ସେଇ ପ୍ରେମିକ ରାୟସିଂହ କଳ୍ପନାରେ ଅଜଣା ରହି ନାହିଁ କିନ୍ତୁ ଯୁବତୀର ସ୍ୱାମୀ ନ ଜାଣିଲେ ହେଲା । ପରଦିନ ଥଣ୍ଡାରେ ପୀଡ଼ିତ ଥାଇ ସେ ଏକଥା ଭାବିବା ସ୍ୱାଭାବିକ । ପ୍ରେମ ଏପରି ଏକ ଆବେଗ ଯାହାର ସ୍ପର୍ଶ ଅନ୍ୟ ସବୁ ଭାବନାକୁ ନିଜ ଆଡ଼କୁ ଆକର୍ଷଣ କରିପାରେ । ପ୍ରେମ ଏପରି ଏକ କୁହୁକ ଯେଉଁଠି ସବୁ ମନ୍ତ୍ର ନିଷ୍ଫଳ ଓ ଅକାମ୍ୟ ହୋଇଯାଏ । ରାୟସିଂହଙ୍କ ପାଇଁ ମଧ୍ୟ ଏହାର ପ୍ରଭାବ କିଛି କମ୍ ନୁହେଁ । ତେଣୁ କରି ଝରକା ତଳେ ଥିବା ଭିକାରୀଟି ତାଙ୍କୁ ଯୁବତୀ ଦ୍ୱାରା ପ୍ରେରିତ ଦୂତ ପରି ମନେ ହୋଇଛି । ଯୁବତୀର ସାଧାରଣ ଉଦାସ ଚାହାଣୀ ଯୁଗ ଯୁଗାନ୍ତରର ମନେହୋଇଛି ଯିଏ ତାଙ୍କୁ ପାଇବା ପାଇଁ ବ୍ୟାକୁଳ । ଅତଏବ ଏହି ଯୁବତୀକୁ ସେ ଯୁବକଠାରୁ ଉଦ୍ଧାର କରିବାରେ ରାୟସିଂହଙ୍କ ଆପ୍ରାଣ ଉଦ୍ୟମ ବେଶ୍ ଯୁକ୍ତିଯୁକ୍ତ ମନେହୁଏ ।

ଗଳ୍ପ ମଧ୍ୟରେ ଯୌବନ ଉପରେ ପ୍ରେମ ଓ ଆକର୍ଷଣର ମାତ୍ରାଧିକ ପ୍ରଭାବକୁ ମନସ୍ତତ୍ତ୍ୱ ଦିଗରୁ ପ୍ରତିକାତ୍ମକ ରୂପେ ବେଶ୍ ସଫଳ ଭାବରେ ଦର୍ଶାଯାଇଛି । ଜଣେ ପ୍ରେମିକ ହେବା ପରେ ତା'ର ପରିକଳ୍ପନା ଚରାଚର ମଣିଷଠାରୁ କେତେ ସ୍ୱତନ୍ତ୍ର ହୋଇପାରେ ତାହା ଗାଳ୍ପିକ ମନୋଜ ଦାସ ରାୟସିଂହ ଚରିତ୍ର ଦ୍ୱାରା ବହୁତ ସୁନ୍ଦର ଭାବରେ ରୂପାୟିତ କରିଛନ୍ତି । କିନ୍ତୁ ଗଳ୍ପର ଅଭିବ୍ୟକ୍ତି ଯେ ଶେଷକୁ ଖଣ୍ଡିତ ପରି ମନେହୁଏ ସେଥିରେ ଶୈଳୀର (ଚେତନା ପ୍ରବାହ) ଚମତ୍କାରିତା ରହିଛି । ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପ ପରିସର ମଧ୍ୟରେ ତରୁଣ ମନସ୍ତତ୍ତ୍ୱ ଗଳ୍ପଗୁଡ଼ିକ ସଂଖ୍ୟା ଦୃଷ୍ଟିରୁ କମ୍ ହେଲେ ହେଁ 'ବାଘୁଣୀ', 'ପ୍ରତ୍ୟାଗତର କାହାଣୀ', 'କନ୍ୟାୟନ', 'କିମ୍ପୁରିଣୀ', 'ବନ୍ୟା', 'ଟ୍ରାଜେଡ଼ି' ଓ ହୃଦୟ ପରିବର୍ତ୍ତନ ସଂକ୍ରାନ୍ତୀୟ ଏକ କାହାଣୀ ଆଦି ଗଳ୍ପକୁ ତରୁଣ ମନସ୍ତତ୍ତ୍ୱ ଭିତ୍ତିକ ଗଳ୍ପ ଭାବରେ ସମୀକ୍ଷାର ଅନ୍ତର୍ଭୁକ୍ତ କରାଯାଇପାରେ ।

॥ ୩ ॥

ପରିଣତି ବୟସରେ ମଣିଷ ତା'ର ଅନ୍ତିମ ପର୍ଯ୍ୟାୟ ଅଭିମୁଖେ ଗତି କରୁଥାଏ । ବାହ୍ୟଦୃଷ୍ଟିରୁ ବିଚାର କଲେ ମଣିଷ ଏ ସମୟରେ ନିଷ୍କ୍ରିୟ ହୋଇପଡ଼େ । ଯୌବନ ଭଳି ଶାରୀରିକ ଦକ୍ଷତା ଆଉ ତା' ପାଖରେ ନଥାଏ । ମନରେ ଉନ୍ମାଦନା ପ୍ରାୟ ସରି ଆସୁଥାଏ । ମୋଟାମୋଟି ଭାବରେ ମଣିଷ ଜୀବନର ଏହା ଏକ ନିଃସହାୟ ପରିଣତିକୁ ଦର୍ଶାଇଥାଏ । କିନ୍ତୁ ଏତେବେଳକୁ ମଣିଷ ତା'ର ଚେତନା ସ୍ତରରେ ବେଶ୍ ଉନ୍ନତ ହୋଇ ସାରିଥାଏ । ଅନେକ ଅଭିଜ୍ଞତା ଅତିକ୍ରମ କରି ଏହି ସମୟରେ ବ୍ୟକ୍ତିର ବିଚାରବୋଧ ଖୁବ୍ ପ୍ରାଞ୍ଜଳ ହୋଇପାରେ । ଏଣୁ ଏସବୁ ଅନୁଭୂତିକୁ ନେଇ ସେ ଚେତନା ସ୍ତରରେ ପୁଣି ବଞ୍ଚିପାରେ ତା'ର ଅତୀତକୁ । ଏଣୁ ବେଳେ ବେଳେ ଉତ୍ତର ବୟସରେ ମଧ୍ୟ ତା'ର ପ୍ରତିକ୍ରିୟାରେ କେତେବେଳେ ଶିଶୁ ବୋଧ ପ୍ରକାଶ ପାଏ ତ କେତେବେଳେ ଯୌବନର କରୁଣ ଚାହାଣୀର ସେଇ ଅଭୁଲା ଆନନ୍ଦର ଚିହ୍ନ । କେତେବେଳେ ସଂଗୋପ ଅତୀତର ଅପ୍ରାପ୍ୟ ବସ୍ତୁ ପ୍ରତି ଆକର୍ଷିତ ହୋଇ ନିଃସହାୟ ଅନୁଭବ କରେ ତ କେବେ ସବୁକିଛି ଭୁଲିଯାଇ ଅବୋଧ ଶିଶୁ ପରି ଆଚରଣ କରେ । ହୋଇପାରେ ତାହା ଅନ୍ୟମାନଙ୍କ ପାଇଁ ଅପ୍ରାସଂଗିକ କିନ୍ତୁ ସେଥିରେ ସେ ଖୋଜି ପାଏ ତା'ର ବିତିଯାଇଥିବା ଜୀବନକୁ । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଗାଳ୍ପିକ ମନୋଜ ଦାସ ଅଧିକ ସଫଳ ଭାବରେ ଏବଂ ସଂଖ୍ୟାଧିକ ଭାବରେ ପରିଣତି ବୟସର ମାନସିକ ସ୍ଥିତି, ତତ୍‌ଜନିତ କ୍ରିୟା, ପ୍ରତିକ୍ରିୟା ଆଦି ବର୍ଣ୍ଣନା କରିଛନ୍ତି । ତାଙ୍କ ସୃଷ୍ଟ ଅଧିକାଂଶ ବୃଦ୍ଧଙ୍କ ମାନସିକ ବିକଳ ଭାବ ଅତୀତ ବର୍ତ୍ତମାନ ଓ ଭବିଷ୍ୟତର ଏକ ବିନ୍ଦୁରେ ମିଳିତ । ପରିପକ୍ୱତା ସବୁରିଠାରେ ସତେ ବା ପରାହତ, ତେଣୁ ସମସ୍ତେ ଜଣେ ଜଣେ ଅସହାୟ ମଣିଷ ।

**ଅତୀତ ପୃଷ୍ଠାରୁ ମଣିଷସତ୍ତାରେ ପୁନର୍ଜୀବିତ : ବିଲେଇ**

ଉକ୍ତ ଗଳ୍ପଟି ଗାଳ୍ପିକଙ୍କ ରଚିତ 'ଶେଷ ବସନ୍ତର ଚିଠି' ସଙ୍କଳନରେ ପ୍ରକାଶ ପାଇଥିଲା । ଏହି ଗଳ୍ପଟିରେ ଅବସରପ୍ରାପ୍ତ ଜିଲ୍ଲା କଲେକ୍ଟର ଗାଁକୁ ଫେରିବା ଓ ସେଠାରେ ତାଙ୍କ ପୂର୍ବ ସ୍ମୃତିଗୁଡ଼ିକ ମନେପକାଇବା କଥା ବର୍ଣ୍ଣିତ । ଉକ୍ତ ଗଳ୍ପର ବର୍ଣ୍ଣନାତ୍ମକ ଦିଗଟି ମିଶ୍ରିତ ବୋଲି ମନେହୁଏ । ଗଳ୍ପର ସାଧାରଣ ଦିଗକୁ ଅଲୋଚନା କଲେ ଏହା ତୃତୀୟ ପୁରୁଷ ଶୈଳୀରେ (3rd Person Narration

style) ଲିଖିତ । ଏହାର ଆଙ୍ଗିକ ବର୍ଣ୍ଣନା ରୀତିକୁ ବିଚାରକଲେ ଏଥିରେ ଚେତନା ପ୍ରବାହ (Stream of Consciousness) ଓ କେତେକ ସ୍ଥଳରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ (Flashback Narration Style) ର ପ୍ରୟୋଗକୁ ମଧ୍ୟ ଲକ୍ଷ୍ୟ କରାଯାଇପାରେ । ଗଳ୍ପର ପ୍ରାରମ୍ଭରୁ ଗଳ୍ପର ଆକର୍ଷଣ ଚରିତ୍ର ମହେନ୍ଦ୍ରବାବୁଙ୍କ ଅତୀତ ବୋଧକୁ ପ୍ରକାଶ କରାଯାଇଛି ।

ଜୀବନର ବ୍ୟସ୍ତତା ଭିତରେ ମଣିଷ ନିଜର ଦାୟିତ୍ୱ ତୁଲାଇବାରେ ସମର୍ଥ ହୋଇଯାଏ ସିନା କିନ୍ତୁ ଜୀବନର ଅସଲ ସ୍ୱାଦ ପାଇବାରୁ ବେଳେବେଳେ ବଞ୍ଚିତ ହୋଇଯାଏ । ସେଥିପାଇଁ ସେ ଅତୀତକୁ ଖୋଜିବୁଲେ ଯେଉଁଠି ସେ ଏସବୁଠୁ ଢେର୍ ଦୂରରେ ମୁକ୍ତ ହୋଇ ରହୁଥିଲା । ଠିକ ସେମିତି ଘଟିଛି ମହେନ୍ଦ୍ରବାବୁଙ୍କ ପକ୍ଷରେ । ତେଣୁ ସେଦିନ ବ୍ୟସ୍ତ ବହୁଳ ଚାକିରୀ ଜୀବନର ଆବରଣକୁ ଥୋଇଦେଇ ମହେନ୍ଦ୍ରବାବୁ ଫେରିଗଲେ ସେଇ ଅତୀତକୁ । ଏ ଭିତରେ ବୋଉ ଏବଂ ବିଲେଇ କଥା ତାଙ୍କ ଚେତନାରେ ପ୍ରକାଶ ପାଇଛି । ସେଇ ବିଲେଇ ଯାହା ପାଇଁ ସେ ଅନେକ ଥର ଅପଦସ୍ତ ହେଉଥିଲେ । ଏଣୁ ସେ ବିଲେଇକୁ ଏକ ବର୍ଷା ରାତିରେ ଘରୁ ତଡ଼ି ଦେଇଥିଲେ ସତ କିନ୍ତୁ ତାଙ୍କ ବୋଉ ସେଇ ବିଲେଇକୁ ମନେ ମନେ ଖୋଜୁଥିଲେ ତାହା ହିଁ ତାଙ୍କ ସ୍ମୃତିରେ ରହିଯାଇଛି । ହୁଏତ ଏଥିପାଇଁ ସେ ଆଜି ଅନୁତପ୍ତ । ତେଣୁ ସେ ବର୍ତ୍ତମାନ ବର୍ଷା ରାତିରେ ସେଦିନର ବିଲେଇକୁ ସନ୍ଧାନ କରିବା ଉଦ୍ଦେଶ୍ୟରେ ବାହାରି ଯାଇଛନ୍ତି । ଏଥିପାଇଁ ସେ ନିଜ ସ୍ତ୍ରୀକୁ ମିଛ ବି କହିଛନ୍ତି । ଉତ୍ତର ବୟସରେ ଅତୀତର ଛାପ କେତେ ଗଭୀର ପ୍ରଭାବ ପକାଇ ପାରେ ତାହା ଏଥିରୁ ଅନୁମାନ କରାଯାଇପାରେ । ଏହି ଅତୀତର ଘଟଣା ଭିତରେ ସେ ଭୁଲି ଯାଇଛନ୍ତି ନିଜର ସତ୍ତାକୁ । ବୋଉକୁ ଅନୁସରଣ କରି ଯେଉଁ ବଉଳ ଗଛକୁ ବିଲେଇଟି ଯାଉଥିଲା ସେ ସେଇଠି ପହଂଚିଗଲେ । ଯେଉଁଠି ଫେରିକି ସେ ଶେଷଥର ପାଇଁ ପଛକୁ ଚାହିଁଥିଲା ସେଠି ବି ସେ ଯାଇଥିଲେ । ବରଗଛ ମୂଳେ ତାକୁ ତା’ ନାମ ଧରି କି ବି ଡାକିଲେ କିନ୍ତୁ ସେ କ’ଣ ଆଉ ଅଛି ଯେ ଶୁଣିବ । ଏସବୁ ଭିତରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଉଦ୍ଭଟତାକୁ (Absurdity) ପାଠକ ହୃଦୟଙ୍ଗମ କରିପାରିବେ । କିନ୍ତି ଏଥିରେ ନିହାତି କିଛି ଗୋଟେ ଅର୍ଥ ଅଛି, ତାହା ଆତ୍ମଗ୍ଳାନିର ଅର୍ଥ ହୋଇପାରେ କିମ୍ବା ୩୫ ବର୍ଷ ପରେ ପରଲୋକଗତ ବୋଉକୁ ନିବିଡ଼ ଭାବରେ ଅନୁଭବ କରିବାର ଆବେଗ ଓ ପରିକଳ୍ପନାର ଅର୍ଥ ହୋଇପାରେ । ସେ ବିଲେଇ ଆଉ ନାହିଁ କିନ୍ତୁ ତା’ର ସତ୍ତାଟି ଫେରି ଆସିଛି ମହେନ୍ଦ୍ରବାବୁଙ୍କ ସହ । ଏଣୁ ଯେଉଁ ରାସ୍ତାରେ ବିଲେଇଟି ଘର ଛାଡ଼ି ଯାଇଥିଲା ସେଇ ରାସ୍ତାରେ ପୁଣି ଫେରିଛି । ଯେଉଁଭଳି ସେ ଘରକୁ ପ୍ରବେଶ କରି ବୋଉ ପାଖକୁ ଯାଉଥିଲା ଠିକ ସେମିତି ପ୍ରବେଶ ମଧ୍ୟ କରିଛି । ପରବର୍ତ୍ତୀ ସମୟରେ ତାଙ୍କ ସ୍ତ୍ରୀ ମନ୍ଦାକିନୀ ଦେବୀ ତାଙ୍କୁ ରୋଷେଇ ଘରେ ଦେଖି ପ୍ରଶ୍ନ କଲାପରେ ହଠାତ ତାଙ୍କର ସତ୍ତା ଫେରି ଆସିଛି ଯେ ସେ ବିଲେଇ ନୁହନ୍ତି ବରଂ ଜଣେ ଅବସରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ ।

ବିଲେଇ ପ୍ରତି ଏକଦା ନିଷ୍ଠୁର ହାକିମ ମହେନ୍ଦ୍ରବାବୁଙ୍କ ନିର୍ମମ ରୂପକୁ ନୁହେ ବରଂ ବର୍ଷାସ୍ନାତ ଅପରାହ୍ନରେ ସ୍ମୃତି ସବୁ ମନେପକାଇ ବର୍ଷାରେ ଭିଜି ଭିଜି ବିଲେଇକୁ ହୃଦୟର ସମସ୍ତ ଶ୍ରଦ୍ଧା ଦେଇ ଡାକୁଥିବା ମହେନ୍ଦ୍ରବାବୁ ଏବଂ ଶେଷରେ ନିଜ ମଧ୍ୟରେ ବିଲେଇର ସତ୍ତାକୁ ଉପଲବ୍ଧି କରିବା କଥା ଗାଳ୍ପିକ ପାଠକ ଆଗେ ପ୍ରକାଶ କରିବା ପାଇଁ ଚାହିଁଛନ୍ତି । ଏକ ହାସ୍ୟରୂପ ଦେଇ କଥା ପ୍ରସଙ୍ଗରେ ଗାଳ୍ପିକ ଯେଉଁ ଅନ୍ତରିକତା ଏଠି ସୃଷ୍ଟି କରିଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏହାର ପରିଣତି ଉକ୍ତ ଗଳ୍ପ ମଧ୍ୟରେ ଯେପରି କରାଯାଇଛି ତାହା ମନସ୍ତତ୍ତ୍ୱ ଦିଗରୁ ଖୁବ୍ ସାର୍ଥକ ମନେହୁଏ ।

**ରୋମାଞ୍ଚିତ ଅତୀତର ଗୁପ୍ତବାଣୀ : ସଂଗୋପନ କାହାଣୀ :**

ଉକ୍ତ ଗଳ୍ପଟି ଗାଳ୍ପିକଙ୍କ ରଚିତ ‘ଆରଣ୍ୟକ’ ସଙ୍କଳନରେ ପ୍ରକାଶ ଲାଭ କରିଥିଲା । ମଣିଷ ଅନ୍ତର ମଧ୍ୟରେ ଗୋପନୀୟ ଭାବରେ ଲୁଚି ରହିଥିବା ଜଣେ ସରକାରୀ କର୍ମଚାରୀଙ୍କ ଅନେକ ପ୍ରକାର ଆବେଗ ଓ ଅସହାୟବୋଧ ଏହି ଗଳ୍ପରେ ଦେଖିବାକୁ ମିଳେ । ତୃତୀୟ ପୁରୁଷ ଶୈଳୀରେ ରଚିତ ଉକ୍ତ ଗଳ୍ପଟି ମନୋଜ ଦାସଙ୍କ ଏକ ଅନନ୍ୟ ସୃଷ୍ଟି । ଏଥିରେ ପୌଢ଼ ମନସ୍ତତ୍ତ୍ୱର ଯେଉଁ ଭଳି ଚିତ୍ର ରହିଛି ତାହା ଉକ୍ତ ଗଳ୍ପର ମହତ୍ତ୍ୱକୁ ଏକ ଭିନ୍ନ ରୂପ ଦିଏ । ଗଳ୍ପର ପ୍ରାରମ୍ଭରେ ଶରତବାବୁଙ୍କ ବ୍ୟକ୍ତିତ୍ୱକୁ ଭିନ୍ନ ଭାବରେ ଚିତ୍ରିତ କରାଯାଇଛି । ଯିଏ ଶତାବ୍ଦୀର ଏକ ଚତୁର୍ଥାଂଶ କାଳ ଅବାରିତ ଭାବେ କାର୍ ଚଢି ମୋଟା ପେନସନ୍ ସହ ଅବସର ନେବା ସମୟରେ ପହଂଚିଛନ୍ତି ସେ ଏହି ସମୟରେ ସାଇକେଲ ଚଢି ଯିବାଆସିବା କରୁଛନ୍ତି ତାହା ପୁଣି ଖରାଦିନିଆ ଦୁଇପହରରେ ! ପୁଣି ରାସ୍ତାରେ ଚିନାବାଦାମ କିଣିବା ସମୟରେ ଯେଉଁ ବ୍ୟସ୍ତତା ଦେଖିଛନ୍ତି ସେଥିରୁ ତାଙ୍କ ବୟସକୁ ଅନୁମାନ କଲେ ଅଶ୍ଚାର୍ଯ୍ୟ ହେବାକୁ ପଡ଼େ । ଏ ସମୟରେ ସେ ସାହେବ ବୋଲି ମଧ୍ୟ ପରିଚିତ ହେବାକୁ ନାରାଜ । ଏଠି ଶରତବାବୁଙ୍କ ଠାରେ ଏକ ଚପଳ ଶିଶୁ ପ୍ରାଣକୁ ପାଠକ ଖୋଜି ପାଇବେ । ଅତୀତର ମିଠା ଅନୁଭୂତିକୁ ପୁଣିଥରେ ଅନୁଭବ କରିବାର ଆଗ୍ରହ ସମସ୍ତଙ୍କ ପାଇଁ

ଆଉ ଏକ ଅନୁଭୂତି ଆଣିଦିଏ । ପ୍ରାୟତଃ ଏହି ଦିଗରେ ଶରତବାବୁ ମଧ୍ୟ ଅଗ୍ରସର ହେଉଥିଲେ । କିନ୍ତୁ ନିହାତି ସଂଗୋପନ ରହିବାକୁ ସେ ଶତ ଚେଷ୍ଟିତ । ସେଥିପାଇଁ ତ ସେ ଘରେ ମଧ୍ୟ କିଛି କହିନାହାନ୍ତି । ଯଦି ଚିନାବାଦାମବାଲା ଘରେ ପଇସା ମାଗିବାକୁ ଯାଏ ତେବେ ସବୁ ପ୍ରକାଶ ହେବାର ଭୟ ମଧ୍ୟ ତାଙ୍କୁ ଘାରୁଥାଏ । ଜଣେ ବାଳକ ପାଇଁ ଯେପରି ଦୁଷ୍ଟାମୀ କରିବା ଏକ ବିଶେଷ ଧରଣର ସ୍ୱଭାବ ଗଳ୍ପରେ ଶରତବାବୁ ମଧ୍ୟ ସେହି ସ୍ୱଭାବରେ ନିଜକୁ ଚିତ୍ରିତ କରିବା ପାଇଁ ଚାହାନ୍ତି । ରାସ୍ତାରେ ଆଖୁକ୍ଷେତକୁ ଦେଖି ତାଙ୍କ ଭିତରେ ଆସିଛି ସେଇ ଚପଳ ବାଳକର ସତ୍ତାଟି । ଏଣୁ ଅତି ସନ୍ତର୍ପଣରେ ପ୍ରଥମେ ସାଇକେଲକୁ ପ୍ରଥମେ ବେଣା ବଣ ଘଞ୍ଚ ହିଡ଼ ଉହାଡ଼ରେ ଶୁଆଇ ଦେଲେ । ତାପରେ ଆଖୁ ଚୋରି ପ୍ରସଙ୍ଗ ଆରମ୍ଭ ହେଲା । ଆଖୁ ଖାଇବାର କୌଶଳ ଆଉ କେହିଜଣେ ଆସିବାର ଭୟ ତାଙ୍କ ଭିତରେ ଶିଶୁ ପ୍ରାଣକୁ ଉଦ୍ଭାସିତ କରୁଥାଏ । ଯେଉଁ ଲୋକ ଆଖୁବାଡ଼ିରେ ନିଜର ବୟସକୁ ପରିହାସ କରୁଥିଲେ ପରମୁହୂର୍ତ୍ତରେ ନିଜର ପତ୍ନୀଙ୍କୁ ସାଇକେଲ ଚଢ଼ି ଯିବାର କାରଣ ଯେ ପେଟ୍ରୋଲ ଖର୍ଚ୍ଚ ବଞ୍ଚାଇବାପାଇଁ ଏପରି କରିଛନ୍ତି କହିବାରେ ତାଙ୍କ ଶିଶୁବୋଧଟି ଆହୁରି ଝଲସୁ ଥାଏ । ଗଳ୍ପର ପରବର୍ତ୍ତୀ ପର୍ଯ୍ୟାୟରେ ସେ ନିଜ ଅତୀତକୁ ଖୋଜିବାକୁ ପ୍ରଯାସ କରିଛନ୍ତି ବହିପତ୍ର ଭିତରେ । ଅତୀତର ବସ୍ତୁ ଭିତରେ ବିଗତ ସମୟକୁ ଖୋଜି ପାଇବାରେ ସହଜ ହୁଏ ସେଥିରେ ଦ୍ୱିମତ ନ ଥାଇପାରେ । ଏ ଭିତରେ ସେ ଯେତେବେଳେ ତାଙ୍କ ଇଣ୍ଟରମିଡ଼ିଏଟ୍ କ୍ଲାସର ଖାତାଟିଏ ପା'ନ୍ତି ମନେ ପଡ଼ିଯାଏ ମିସ୍ ସୁପ୍ରଭା ଦାସ ଆଉ ତାଙ୍କର ଛାତ୍ର ଜୀବନର କେଇ ପୃଷ୍ଠା ଅତୀତର ଅଭୁଲା ଇତିହାସ । ସୁପ୍ରଭା ଦାସଙ୍କ ଚାହାଣୀ କଥା ମନେ ପଡ଼ିଲା ବେଳକୁ ଯେମିତି ତାଙ୍କ ଭିତରେ ବିଦ୍ୟୁତ୍ ଖେଳିଯାଉଥିଲା ତା'ର ବିବାହ କଥା ମନେପଡ଼ିଲା ବେଳକୁ କେତେ ଦୁଃଖ ବି ହେଉଥାଏ । ଏଭିତରେ ସେ ଇତିହାସ ବହିରୁ ପାଆନ୍ତି ଏକ ଫୋଟୋ ଯାହାକୁ ପରବର୍ତ୍ତୀ ଦିନରେ ସେ ବହୁ କଳ୍ପନାର ପୁଟ ଦେଇ ଏକ କହାଣୀ ଶୁଣାନ୍ତି ତାଙ୍କ ପୁତ୍ରର ସାଙ୍ଗ ଜଗଜ୍ୟୋତିବାବୁଙ୍କୁ । ତାହା ଯେ ଏକ ମିଥ୍ୟା ଥିଲା ସେ ବିଷୟରେ ଜଗଜ୍ୟୋତିବାବୁଙ୍କୁ ଅଜଣା ନଥିଲା । କିନ୍ତୁ ସମସ୍ତ କଥାର ପ୍ରକାଶ ଯେତେବେଳକୁ ପାଏ ସେତେବେଳେ ଶରତବାବୁ ଖୁବ୍ ଲଜ୍ଜା ବୋଧ କରୁଥାନ୍ତି । ଏଥିରେ ଯେ ମଣିଷର ମିଥ୍ୟାବାଦୀ ହେବାକଥା ପ୍ରକାଶିତ ହୋଇଛି ତାହା ନୁହେଁ ବରଂ ମଣିଷର ଅବଦମିତ ଆଶା ଯେ ଅପୂର୍ଣ୍ଣ ହୋଇ ରହିଲେ ତା'ର ପରବର୍ତ୍ତୀ ଜୀବନକୁ କେତେ ପ୍ରଭାବିତ କରେ ତାହା ଦର୍ଶାଯାଇଛି । ଏଠି ଶରତବାବୁ ଏକ ପ୍ରତୀକ, ସେମାନଙ୍କ ପାଇଁ ଯେଉଁମାନେ ନିଜର ଇଚ୍ଛାକୁ ଦମନ କରି ପରବର୍ତ୍ତୀ ସମୟରେ ତାକୁ ଅନୁଭବ କରିବା ପାଇଁ ସୁନ୍ଦର ଭାବରେ କଳ୍ପନା କରିପାରନ୍ତି ।

ସରକାରୀ କର୍ମଚାରୀ ତା'ର ଜୀବନ ମଧ୍ୟରେ ଅଫିସ ଓ ଫାଇଲ ପତ୍ର ଭିତରେ କାମ କରୁ କରୁ ଯୌବନ ଚାଲିଯାଏ । ସେ ତା'ର ଚାକିରି ଜୀବନରୁ ମୁକ୍ତି ପାଇବାକୁ ଚାହେଁ ଯେଉଁଠି ତାକୁ କେହି ହାକିମ ବୋଲି ନ ଚିହ୍ନନ୍ତେ ସେଇଠାକୁ ଯାଇ ଖୋଲା ଜାଗା, ମୁକ୍ତ ପବନରେ ରହିବାକୁ ଇଚ୍ଛା କରେ, ନିଜର ରୋମାଞ୍ଚକ ଅତୀତକୁ ପୁଣିଥରେ ବଞ୍ଚିବା ପାଇଁ ଆଶା ପୋଷଣ କରେ କିମ୍ବା ନିଜର ଅଭିଳାଷକୁ ମନରେ ମନରେ ଅନୁଭବ କରିବା ପାଇଁ ଶତ ଚେଷ୍ଟା କରେ । ହୁଏତ ଯୁବକ ପାଇଁ ଏସବୁ ଅପ୍ରାସଙ୍ଗିକ ଅଟେ, ଏଥିଯୋଗୁଁ ସେଇ ପ୍ରାପ୍ତବୟସ୍କ ଆଶାବାଦୀମାନଙ୍କ ଏଇ ଅସହାୟତା । ଏଠାରେ ମଣିଷର ଅନ୍ତର୍ନିହିତ ଆଶା ଆଉ ଆକାଂକ୍ଷାର ପରବର୍ତ୍ତୀ ଜୀବନ ଉପରେ ପଡୁଥିବା ଗଭୀର ପ୍ରଭାବକୁ ଶରତବାବୁ ଚରିତ୍ର ମାଧ୍ୟମରେ ସୁନ୍ଦର ଭାବେ ଚିତ୍ରିତ କରାଯାଇଛି । କହିବା ବାହୁଲ୍ୟ ଏଥିରେ ବୟସର କୌଣସି ପ୍ରତିବନ୍ଧକ ନ ଥାଏ ।

**ଅସହାୟର ଦୁଃଖାନ୍ତ ମୂର୍ଚ୍ଛନା : ରବିବାସରୀୟ ସଙ୍ଗୀତ :**

୧୯୫୬ ରୁ ୧୯୫୯ ମଧ୍ୟରେ ଗାଳ୍ପିକ ମନୋଜ ଦାସଙ୍କ ଦ୍ୱାରା ରଚିତ ୧୦ଟି ଗଳ୍ପ 'ଅରଣ୍ୟକ' ଗଳ୍ପ ସଙ୍କଳନରେ ସ୍ଥାନିତ ହୋଇ ୧୯୬୦ ମସିହା ପ୍ରକାଶିତ ହୋଇଥିଲା । ଏହି ସଙ୍କଳନର ସମସ୍ତ ଗଳ୍ପଗୁଡ଼ିକ 'ମନୋଜ ଦାସଙ୍କ କଥା ଓ କାହାଣୀ' ଗଳ୍ପ ସଙ୍କଳନ ମଧ୍ୟରେ ସ୍ଥାନିତ । ଏହି ଗଳ୍ପଗୁଡ଼ିକ ମଧ୍ୟରୁ 'ରବିବାସରୀୟ ସଙ୍ଗୀତ' ଗଳ୍ପଟି ଅନ୍ୟତମ ।

ସେତେବେଳେ ଜିଲ୍ଲା କଲେକ୍ଟର ଥିଲେ ମାଇକେଲ ଜେନସନ । ସେ ବାରବାଟୀ ପଡ଼ିଆରେ ଗୋଟିଏ ବାଂଲୋରେ ରହୁଥିଲେ । ଦାମୋଦରବାବୁ କାଣ୍ଟନମେଣ୍ଟ ରାସ୍ତା ଦେଇ ବାଂଲୋରେ ସବୁଦିନ ହାଜିରା ଦେଉଥିଲେ । ତାଙ୍କର ବୟସ ୪୨ ବର୍ଷ । ସେଇ ରାସ୍ତାରେ ଅନେକ ଭାବନା ସହିତ ଗତି କରୁଥିଲା ବେଳେ ଦୈନିକ ଗୋଟିଏ ପୋଷ୍ଟମ୍ୟାନ ବିପରୀତ ଦିଗରୁ ଆସୁଥିବା ସହ ତାଙ୍କର ସାକ୍ଷାତ ହୁଏ । ସେଇ ରାସ୍ତା ଦେଇ ଗଲା ବେଳେ ସେ ଦେଖନ୍ତି ଗୋଟିଏ ପାଗଳି ଝିଅ କାନ୍ଦ କାନ୍ଦ ହୋଇ ବସିଥାଏ ଏବଂ ତାକୁ ଯେଉଁ କେତେଜଣ ଚିଡ଼ଉଥାନ୍ତି ତାଙ୍କୁ ଦେଖି ଲେଙ୍କାବାବୁ ଅତିଶୟ ଘୃଣା କରନ୍ତି । ପାଗେଳି ଝିଅର ମୁହଁରେ ହସ ଫୁଟାଇବା ପାଇଁ ସେ ତାକୁ କିଛି ପଇସା ଦେଇଥାନ୍ତି । ପ୍ରତିଦିନ ପରି ଦିନେ

ବାହାରିଛନ୍ତି ସେଇ କାଣ୍ଟନମେଣ୍ଟ ରାସ୍ତାଦେଇ ସେ ଦିନଟି ଥିଲା ରବିବାର କିନ୍ତୁ ଲେଙ୍କାବାବୁଙ୍କୁ ତାହା ଅଜ୍ଞାତ । ପ୍ରତିଦିନ ସେହି ବାଟେ ଗଲା ବେଳେ ଯାହା ସବୁ ଘଟିଥାଏ ତାହା ନ ଘଟିବାରୁ ସେ ଜାଣି ପାରିଛନ୍ତି ଯେ ସେ ଦିନଟି ହେଉଛି ରବିବାର ତେଣୁ ସେ ବାରବାଟୀ ଆଡ଼େ ବୁଲିବାକୁ ଯାଇ ଦିନ ଦ୍ୱିପହରରେ ସେଇ ରାସ୍ତା ଦେଇ ଫେରିଲା ବେଳେ ତାଙ୍କ ଆଖି ପଡ଼ିଛି ସେଇ ପାଗଳି ଝିଅଟି ଉପରେ । ସେ ପାଗଳି ଝିଅଟି ଲେଙ୍କାବାବୁଙ୍କୁ ଦେଖି ଟିକିଏ ହସିଦେବାରୁ ସେ ରାଗି ଯାଇଛନ୍ତି ରାସ୍ତାରେ କେହି ନଥିବା ଦେଖି ତାକୁ ହାଉ ହାଉ କହିବାରୁ ସେ କାନ୍ଦି ଉଠିଛି ଏବଂ ଏହା ଦେଖି ଲେଙ୍କାବାବୁ ଖୁସି ଅନୁଭବ କରିଛନ୍ତି । ସତେ ଯେମିତି ତାଙ୍କ ଦିହ ଭିତରେ ଅସୀମ କାଳ ଧରି ଅଦ୍ଭୁତ ମଉଜର କୁଣ୍ଡଳିନୀ ସୁପ୍ତ ଥିଲା ଏବଂ ସେଦିନ କୁରୁଳି କୁରୁଳି ସାରା ଦେହକୁ ତଳିପାରୁ ତାକୁ ଯାଏ ଚହଲାଇ ଚରିଯାଉଛି । କିଛି ସମୟପରେ ହଠାତ ପଛକୁ ଟିକେ ଫେରି ଚାହିଁ ଦେଖିଛନ୍ତି ତାଙ୍କ ପଛରେ ଅନେକ ଜନତାର ସମାବେଶ ଘଟି ସାରିଛି କେତେ ଚିହ୍ନା ଓ କେତେ ଅଚିହ୍ନା । ସମସ୍ତେ ଲେଙ୍କାବାବୁଙ୍କୁ ପାଗଳ ବୋଲି ଅବିହିତ କରୁଛନ୍ତି । ସେଇ ସମୟରେ ମାଇକେଲ ବାବୁ ଆସି ଘଟଣା ସବୁ ବୁଝିବା ପରେ ଲେଙ୍କାବାବୁଙ୍କୁ କାରରେ ବସାଇ ନେଇଗଲେ । ଲେଙ୍କାବାବୁ ତାଙ୍କ ହାକିମ ମାଇକେଲ ବାବୁଙ୍କୁ ସମସ୍ତ ଘଟଣା ବିବୃତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ମୁହଁରୁ ହାଉ ହାଉ ଶବ୍ଦ ବ୍ୟତୀତ ଆଉ କିଛି ବାହାରୁ ନଥିଲା । ସେଇଦିନ ରାତିରେ ଦୁଇଜଣ ରକ୍ଷୀଙ୍କ ମଝିରେ ହାତବାନ୍ଧି ରାଞ୍ଚି ମାନସିକ ହସପିଟାଲ ଅଭିମୁଖେ ଗଲାବେଳେ ସେ ବହୁତ କନ୍ଦାକଟା ଓ ପାଟିଗୋଳ କରିଥିଲେ । ଶ୍ରୀ ଦାମୋଦର ଲେଙ୍କା ଆଉ ଫେରିନାହାନ୍ତି ।

ମଣିଷର ଦୁର୍ବୋଧ୍ୟ ତଥା ଜଟିଳ ଆଚାର ବ୍ୟବହାରକୁ ଲେଖି ଜୀବନର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବା ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପର ଏକ ଚମତ୍କାରିତା । ତାଙ୍କର 'ରବିବାସରୀୟ ସଙ୍ଗୀତ' ଗଳ୍ପରେ ଦାମୋଦର ଲେଙ୍କା ଚରିତ୍ର ମଧ୍ୟରେ ଏହିପରି ବିଚିତ୍ରତା ପରିଲକ୍ଷିତ ହୋଇଥାଏ । ବୟସ ପ୍ରାୟ ଚାଳିଶରୁ ଅଧିକ ହବ କିନ୍ତୁ ସାହେବଙ୍କ ପୁଅ ଶୁଣୁଥିବା ବିଲାତି ଗୀତରେ ତାଙ୍କ ଯେ ଆଗ୍ରହ ତାହା ପରିଣତି ବୟସରେ ମଧ୍ୟ ଏକ ତରୁଣ ଚେତନାକୁ ଇଙ୍ଗିତ କରେ । କ୍ୟାଣ୍ଟନମେଣ୍ଟ ରାସ୍ତାରେ ଗଲାବେଳେ ଗୋଟିଏ ପାଗଳୀ ବସିଥିବା ଏବଂ ତାକୁ ଚିଡାଉଥିବା ବ୍ୟକ୍ତିଙ୍କୁ ସେ ଅତିଶୟ ଘୃଣା କରନ୍ତି ଏବଂ ତାଙ୍କ ଠାରେ ବେଶ୍ ହାକିମତାର ପରିଚୟ ଦେଇ ନିଜର କର୍ମ କ୍ଳାନ୍ତିକୁ ମନରୁ ଦୂରେଇ ଦେବାରେ ସକ୍ଷମ ହୁଅନ୍ତି । ଅଥଚ ନିଜେ ଦିନେ ରବିବାରର ନିର୍ଜନ ଦ୍ୱିପହରରେ ସେ ସ୍ୱୟଂ ଯେପରି ପାଗଳୀକୁ ଚିଡାଉଛନ୍ତି ତାହା ଏକାନ୍ତ ବିଚିତ୍ର କଥା ।ପରବର୍ତ୍ତୀ ସମୟରେ ଜନତା ଲେଙ୍କାବାବୁଙ୍କୁ ପାଗଳ କହିଛନ୍ତି ଏବଂ ରାଞ୍ଚି ପାଗଳାଗାରକୁ ନେଇଯିବା ପାଇଁ ଚେଷ୍ଟା କରିଛନ୍ତି । ଲେଙ୍କାବାବୁ ପାଗଳ ନୁହନ୍ତି ବୋଲି ବୁଝାଇବାକୁ ଚେଷ୍ଟା କରି ମଧ୍ୟ ସେ ସଫଳ ହୋଇନାହାନ୍ତି । ଜୀବନରେ ଏଭଳି ଅବସ୍ଥାକୁ ସାମ୍ନା କରିବାବଡ଼ ଜଟିଳ । ଏପରି ଅସହାୟତା ବେଳେ ବେଳେ ଅତି ଭୟଙ୍କର ଭାବରେ ଆସିଥାଏ । ହାଉ-ହାଉ ଶବ୍ଦ ବ୍ୟତୀତ କାହିଁକି ତାଙ୍କ ପାଟିରୁ ଆଉକିଛି ବାହାରି ପାରୁନାହିଁ ସେନିଜେ ମଧ୍ୟ ଜାଣନ୍ତି ନାହିଁ । ଏ ଦୁନିଆ ଓ ସମାଜକୁ ସେ ପୂର୍ବପରି ଠିକ ଦେଖୁଛନ୍ତି ନିଜ ସମ୍ପର୍କରେ ମଧ୍ୟ ସେ ସଚେତନ କିନ୍ତୁ କିଛି ନ କହିପାରିବାର ବେଦନା ଅସହାୟତାରେ ସେ କାନ୍ଦି ଉଠିଛନ୍ତି । ଜୀବନରେ କେତେ ପ୍ରକାର ଅସହାୟତାର ଶିକାର ହୁଏ ମଣିଷ । ଏଭଳି ଗଳ୍ପ ମଣିଷ ସମ୍ପର୍କରେ ଭାବିବା ପାଇଁ ଅଧିକ ସୁଯୋଗ ଆଣିଦିଏ ।

ମଣିଷ ଅନେକ ସମୟରେ ଏହିପରି ଅସହାୟତାର ଶିକାର ହୋଇଥାଏ ସେ ଇଚ୍ଛାକଲେ ମଧ୍ୟ ସେଥିରୁ ମୁକ୍ତ ହୋଇପାରେନା । ଏହି ଗଳ୍ପଟି ମଣିଷ ଜୀବନକୁ ଦେଖିବାର ଏକ ନୂତନ ଦିଗକୁ ଉନ୍ମୋଚନ କରେ ।

**ସାତ ପ୍ରବୀଣଙ୍କ ଶେଷ ଚିତ୍କାର : ସେମାନଙ୍କ ସଂପର୍କରେ ଶେଷ ଖବର :**

ଏହି ଗଳ୍ପଟି 'ମନୋଜ ଦାସଙ୍କ କଥା ଓ କାହାଣୀ' ଗଳ୍ପ ସଙ୍କଳନରେ ସ୍ଥାନ ପାଇଛି । ମନୋଜ ଦାସଙ୍କ ସାତଜଣ ପ୍ରବୀଣଙ୍କୁ ନେଇ ଯେଉଁ ଗଳ୍ପଧାରାଟି ଆରମ୍ଭ କରିଥିଲେ ଏହା ଥିଲା ତାର ସଫଳ ପରିସମାପ୍ତି । ଏହି ଧାରାର ପ୍ରତିଟି ଗଳ୍ପରେ ମନସ୍ତତ୍ତ୍ୱର ସଫଳ ବର୍ଣ୍ଣନା ରହିଛି । ପରିଣତ ବୟସରେ ଉପନୀତ ଥିବା ସାତଜଣ ପ୍ରବୀଣଙ୍କ ସମ୍ପର୍କରେ 'ସେମାନଙ୍କ ସମ୍ପର୍କରେ ଶେଷ ଖବର' ଗଳ୍ପରେ ମଧ୍ୟ ଏକ ଚମତ୍କାର ବର୍ଣ୍ଣନା ରହିଛି । ଗଳ୍ପଟିରେ ଯଦିଓ ସାତଜଣ ଅବସର ପ୍ରାପ୍ତ ବୃଦ୍ଧବନ୍ଧୁଙ୍କ କଥା କୁହାଯାଇଛି କିନ୍ତୁ ଏଠାରେ ତାଙ୍କର ବିଚିତ୍ର ମାନସିକ ବିଚାର ଯୁବୋଉର ବୋଲି ମନେହୁଏ ନାହିଁ ବରଂ ଏକ ବିଚିତ୍ରତା ପରିଲକ୍ଷିତ ହୋଇଥାଏ । ହିଡ଼ମ୍ବ ବାବା ଜଣେ ହାବୁକରି ବିଦ୍ୟା ବଳରେ ଅନେକ ଅଲୌକିକ ଜିନିଷ ଦୃଶ୍ୟ କରାଇପାରନ୍ତି ତାହା ଜାଣିପରି ଜଣେ ମଧ୍ୟସ୍ଥ ବ୍ୟକ୍ତିଙ୍କୁ ଲାଞ୍ଚ ଦେଇ ହିଡ଼ମ୍ବ ବାବାଙ୍କ ପାଖକୁ ଯାଇଛନ୍ତି । ସେଠାରେ ହଡ଼ିମ୍ବ ବାବାଙ୍କୁ ଯାଦୁକାରୀ ଜଳ କଥା କହିଛନ୍ତି ଯାହା ବ୍ୟବହାର କଲେ ଦୁନିଆ ଯାକର ଲୋକେ ଉଲଗ୍ନ ଦେଖାଯିବେ । ଏ ମାନସିକତା

ପଛରେ ବୟସ ସବୁବେଳେ ଅବହେଳିତ ହୁଏ । କାରଣ ମଣିଷର ଦେହରେ ବାର୍ଦ୍ଧକ୍ୟ ଆସିପାରେ କିନ୍ତୁ ଅବଚେତନ ସବୁବେଳେ ନିଜକୁ ସତେଜ ରଖିବାକୁ ପ୍ରୟାସ କରେ । ଏଣୁ ସବୁ ସମୟରେ ଏଭଳି ପ୍ରବୀଣମାନେ ସମାଜରେ ନିଜର ଅବସ୍ଥିତିକୁ ଜାହିର କରୁଥାନ୍ତି ।

ବହୁ କଷ୍ଟରେ ସେଇ ଜଳକୁ ପାଇବାରେ ସାତଜଣ ପ୍ରବୀଣ ସଫଳ ହୋଇଛନ୍ତି । ସେଇ ବିଉସ୍ ଦୃଶ୍ୟକୁ ଅଧିକ ସମୟ ଉପଭୋଗ କରିବା ପାଇଁ ସେମାନେ ଆଶାୟୀ ହୋଇଉଠିଛନ୍ତି । ହିଡ଼ିମ୍ବ ବାବାଙ୍କ ବାରଣ ସତ୍ତ୍ୱେ ମଧ୍ୟ ମାତ୍ରାଧିକ ଜଳ ଆଖିରେ ବ୍ୟବହାର କରିଥିବାରୁ ଉଲଗ୍ନ ମଣିଷ ପରିବର୍ତ୍ତେ, ମାଂସ, ଚର୍ମହୀନ କଙ୍କାଳମାନ ଦେଖି ଜଣେ ମୃତ, ଦୁଇ ଜଣ ମୂର୍ଚ୍ଛିତ ଏବଂ ଅନ୍ୟ ଚାରିଜଣ ଆର୍ତ୍ତନାଦ କରି ଦୌଡ଼ିଛନ୍ତି । ଗଳ୍ପର ସତ୍ୟତା ଉପରେ ଯଦିଓ ଏକ ପ୍ରଶ୍ନବାଚୀ ରହିଛି ତଥାପି ଅବଚେତନର ପରିପ୍ରକାଶ ସେହି ପ୍ରଶ୍ନଠାରୁ ବେଶ୍ ସବଳ ମନେହୁଏ । ଏହି ଗଳ୍ପରେ ବୃଦ୍ଧଗଣଙ୍କ ଯୌନ ବିକୃତି ସମ୍ପର୍କରେ ସୂଚନା ପ୍ରଦତ୍ତ ହୋଇଛି । ୟା' ଭିତରେ ମଣିଷର ଆଶାତୀତ ଫଳପ୍ରାପ୍ତିର ଆକାଂକ୍ଷା, ଲୋଭ ଏବଂ ଉପଭୋଗର ଆନନ୍ଦଜନିତ ଯେଉଁ ଦୁର୍ବାର କାମନା ଓ ସେଥିରେ ତା'ର ଅପଦସ୍ତ ହେବାର ଚିତ୍ର ସଫଳ ଭାବରେ ଉଦ୍ରେକ କରାଯାଇଛି ।

ପରିଣତି ବୟସର ଜୀବନକୁ ଭିନ୍ନ ଦୃଷ୍ଟିରେ ଦେଖିବାର ଏବଂ ଦେଖେଇବାର କଳା ମନୋଜ ଦାସଙ୍କର ଏକ ବଡ଼ ଚମତ୍କାରିତା । ତାଙ୍କ ଲେଖନୀରେ ଯେପରି ଭାବରେ ଶିଶୁ ମନସ୍ତତ୍ତ୍ୱ ଓ ତରୁଣ ମନସ୍ତତ୍ତ୍ୱର ଉଦ୍ରେକ ରହିଛି ତା'ଠାରୁ ଆହୁରି ପ୍ରାଞ୍ଜଳ ଭାବରେ ପ୍ରକାଶ ପାଇଛି ପୌଢ଼ ମନସ୍ତତ୍ତ୍ୱ । ପୌଢ଼ ଚେତନା ଭିତରେ କେତେବେଳେ ଶିଶୁବୋଧକୁ ତ କେତେବେଳେ ତରୁଣ ଚେତନାକୁ ଉଦ୍ଭାସିତ କରି ଯେଉଁ ସମତାକୁ ଦେଖାଇଛନ୍ତି ତାହା ପାଠକର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିଦିଏ । ନିଜର ଗଳ୍ପ ମାଧ୍ୟମରେ ଗାଳ୍ପିକ ମନୋଜ ଦାସ ବୟସ୍କ ବ୍ୟକ୍ତିର ଅଭିଳାଷ ସମ୍ପର୍କରେ ପାଠକକୁ ଗଭୀର ଭାବରେ ଚିନ୍ତା କରିବା ପାଇଁ ବାଧ୍ୟ କରି ଦିଅନ୍ତି । ତାଙ୍କ ଆଲୋଚ୍ୟ ଗଳ୍ପମାନଙ୍କରେ ଏହା ସ୍ପଷ୍ଟ ବୁଝିହୁଏ । ଗାଳ୍ପିକ ମନୋଜ ଦାସଙ୍କ ପରିଣତ ବୟସର ମନସ୍ତାତ୍ତ୍ୱିକ ଅସହାୟ ବାର୍ଦ୍ଧକ୍ୟରେ ଏକ ମାର୍ମିକ ଚିତ୍ର ବହନ କରିଛନ୍ତି । ତାଙ୍କର 'ପ୍ରତ୍ୟାବର୍ତ୍ତନ', 'ସଉକ', 'କୂଅ', 'ଅତିକ୍ରାନ୍ତ', 'ଅନେକ ସ୍ମିତ ହସ', 'ସାତଜଣ ପ୍ରବୀଣ:ରାତ୍ରି ଓ ପ୍ରଭାତ', 'ତରୁଣ ଗିରିର ତପସ୍ୱୀ ଓ ସାତଜଣ ପ୍ରବୀଣ', 'ବାବା ଚକ୍ରଧାରୀ ବୃତ୍ତାନ୍ତ', 'ଉତ୍ତର ଉପତ୍ୟକାର ବୃତ୍ତାନ୍ତ', 'ଉତ୍ତର ଉପତ୍ୟକାର ବୃଦ୍ଧ ଜଣେ', 'ବିଶ୍ରାମ', 'ଜହ୍ନ ରାତିର ସେତୁ', 'ଦାନ୍ତ', 'ଉତ୍ତର ଉପତ୍ୟକାର କାହାଣୀ', 'ପ୍ରେମ ପତ୍ର', 'ଏକ ସୂର୍ଯ୍ୟାସ୍ତ', 'ବରଟିଏ ଲୋଡ଼ା', 'ଜହ୍ନ ଓ ହାଓ୍ୱାର ସନ୍ଧ୍ୟା', 'ଭିନ୍ନ ମଣିଷ', 'ସୁନ୍ଦର ଦାସଙ୍କ ସନ୍ଧାନ', 'ଗୋପନ ସଂଳାପ ବଙ୍କୁଲି ବାଡି', 'ମେସିନଗନ', 'ଶେଷ ବାର୍ତ୍ତା', 'ଏକ ପୃଷ୍ଠଭଙ୍ଗ', 'ପର୍ଦ୍ଦା' ଆଦି ଗଳ୍ପସମୂହରେ ପରିଣତ ବୟସର ମଣିଷମାନଙ୍କ ମାନସିକ ଚିନ୍ତା ଚେତନା ଖୁବ ସୁନ୍ଦର ଭାବରେ ବର୍ଣ୍ଣିତ । ତାଙ୍କ ସୃଷ୍ଟ ଅଧିକାଂଶ ବୃଦ୍ଧଙ୍କ ମାନସିକ ବିକଳ ଭାବ ଅତୀତ ବର୍ତ୍ତମାନ ଓ ଭବିଷ୍ୟତର ଏକ ବିନ୍ଦୁରେ ମିଳିତ । ପରିପକ୍ୱତା ସବୁରିଠାରେ ସତେ ବା ପରାହତ, ତେଣୁ ସମସ୍ତେ ଜଣେ ଜଣେ ଅସହାୟ ବ୍ୟକ୍ତି ସତ୍ତା ମାତ୍ର ।

ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପଗୁଡ଼ିକରେ ମାନବ ଜୀବନର ବହୁତ ଦିଗ ଅନୁଭବ କରିହୁଏ । ତାଙ୍କ ମନସ୍ତତ୍ତ୍ୱ ଗଳ୍ପଗୁଡ଼ିକରେ ଶିଶୁ, କିଶୋର ଠାରୁ ପରିଣତ ବୟସର ମଣିଷମାନଙ୍କ ଜୀବନ ଏହି ଦୃଷ୍ଟିକୋଣରୁ ଅନନ୍ୟ । ଉପରୋକ୍ତ ଆଲୋଚନାରୁ ଏହା ଅନୁମାନ କରାଯାଇପାରେ । ଗାଳ୍ପିକ ମଣିଷ ଜୀବନର ଗଭୀରତାକୁ ପ୍ରବେଶ କରି ଯେଉଁ ଗଳ୍ପଗୁଡ଼ିକ ସୃଷ୍ଟି କରିଛନ୍ତି ସେଥିରେ ଜୀବନର ବହୁବିଧ ବୈଚିତ୍ର ଦେଖିବାକୁ ମିଳେ । ଗାଳ୍ପିକ ମନୋଜ ଦାସ ମଣିଷ ଜୀବନର ଅତି ସୂକ୍ଷ୍ମରୁ ସୂକ୍ଷ୍ମତର ପର୍ଯ୍ୟାୟକୁ ଯାଇ ତାଙ୍କ ଗଳ୍ପରେ ଆଲୋଚନା କରିଥିବାର ଜଣାପଡ଼େ । ବାସ୍ତବରେ ଗାଳ୍ପିକ ମନୋଜ ଦାସଙ୍କ ମନସ୍ତତ୍ତ୍ୱ ଗଳ୍ପ ଭିତ୍ତିରେ ଜୀବନ ସଫଳ ଓ ଜୀବନ୍ତ ଭାବରେ ରୂପାୟିତ ।

ଓଡ଼ିଆ ଅଧ୍ୟାପକ,
ଲରମ୍ଭା ମହାବିଦ୍ୟାଳୟ, ଲରମ୍ଭା
ଦୂରଭାଷ : ୯୯୩୮୧୫୭୨୬୪

ISSN -2583-147X (P), **Vol.- 9, Issue No.XII, March 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟ୍ଟରେ 'ରେବତୀ'

**ନିହାର ରଞ୍ଜନ ପାତ୍ର**

'ରେବତୀ' ଏକ ମିଥ୍ ଗଳ୍ପ କି ? ରେବତୀ ଗଳ୍ପକୁ ମିଥ୍ ପ୍ରେକ୍ଷାପଟ୍ଟରୁ କ'ଣ ଆଲୋଚନା କରାଯାଇ ପାରିବ ? ଏପରି ବହୁ ଦ୍ୱନ୍ଦ୍ୱ ଓଡ଼ିଆ ସାହିତ୍ୟ ଜଗତରେ ଦେଖିବାକୁ ମିଳେ । କାରଣ ଗୋଟିଏ ନୂତନ ବିଷୟ ବା ନୂତନ ଦୃଷ୍ଟିକୋଣକୁ ପରିଚିତ କରାଇବା ବେଳେ ଏପରି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ । ତେଣୁ ଏଠାରେ 'ରେବତୀ'କୁ ନୂତନ ଦୃଷ୍ଟିକୋଣରୁ ଆଲୋଚନା କରିବାର ଏକ କ୍ଷୁଦ୍ର ପ୍ରୟାସ କରାଯାଇଛି ।

ଆଧୁନିକ ଜନମାନସ ସହ ସାମଞ୍ଜସ୍ୟ ରଖୁଥିବା ପୁରାଣ, ଇତିହାସ, କିମ୍ବଦନ୍ତୀ, ଲୋକଗଳ୍ପ ଏବଂ ଅତୀତର ବହୁ ବିଶ୍ରୁତ କାଳ୍ପନିକ ତଥା ସାମାଜିକ ବିଷୟର ବିଭିନ୍ନ ଉପାଦାନକୁ ଭାବ ପ୍ରକାଶର ଏକ ସୂତ୍ର ଭାବେ ପ୍ରୟୋଗ କରାଯାଉଛି । ସାଂପ୍ରତିକ ପ୍ରେକ୍ଷାପଟ୍ଟରେ ଏହା ମିଥ୍ ରୂପେ ପରିଚିତ । ମିଥ୍ ପ୍ରାଚୀନର ଫସଲ ହୋଇ ମଧ୍ୟ ନିତ୍ୟନୂତନ । ସମାଜର ପୃଷ୍ଠଭୂମିରେ ଏହା ଚିର ପରିବର୍ତ୍ତନଶୀଳ । ମାତ୍ର ପ୍ରାଚୀନତା ଭିତ୍ତିରେ ମିଥ୍‌ର ପରିଭାଷା ଭିନ୍ନ ଥିଲା । ସାମ୍ପ୍ରତିକ ପଟ୍ଟଭୂମିରେ ଏହାର ଭିନ୍ନ ମୂଲ୍ୟ ଦେଖିବାକୁ ମିଳେ । ପ୍ରାଚୀନରେ ଯାହାକୁ ଅଲୌକିକତା ଓ ଧର୍ମର ଗହ୍ୱର ଭିତରେ ଦେଖାଯାଉଥିଲା ତାହା ଆଜିର ବିଜ୍ଞାନୀ ମଣିଷ ଦୃଷ୍ଟିରେ ବଦଳି ଯାଇ ପ୍ରତ୍ୟେକ ବିଷୟକୁ ହୋଇଛି ସଂଚରିତ । ଯାହାଦ୍ୱାରା ବାର୍ତ୍ତମାନିକ ଜୀବନଚର୍ଯ୍ୟାକୁ ସହଜରେ ବୁଝିହେବ ତାହା ମିଥ୍ ହେବାର ଯୋଗ୍ୟତା ରଖନ୍ତି ।

ବିଶ୍ୱ ସାହିତ୍ୟରେ ଫ୍ରଏଡ଼ଙ୍କ ମନୋବୈଜ୍ଞାନିକ ବିଶ୍ଳେଷଣ ଆଣିଲା ନୂତନ ପରିବର୍ତ୍ତନ । 'Introduction toPsychoanalysis' (୧୯୧୭) ପୁସ୍ତକରେ ସେ ଯେଉଁ ଅବଚେତନ ସ୍ତରର କଥା କହିଲେ ତାହା ସାହିତ୍ୟ ଚାତୁରୀରେ ଭିନ୍ନ ଦୃଷ୍ଟିକୋଣର ପରିଚୟ ପ୍ରଦାନ କଲା । ସେହି ଅବଚେତନ ସ୍ତରର ବ୍ୟାପ୍ତି ମଧ୍ୟରେ ମିଥ୍‌କୁ ସେ ଆଲୋକପାତ କରିଛନ୍ତି । ମିଥ୍ ପ୍ରତି ଥିବା ତାଙ୍କ ଦୃଷ୍ଟିକୋଣର ଯଥାଯୋଗ୍ୟ ପ୍ରମାଣ ହେଉଛି Oedipus Complex (ଇଡ଼ିପସ୍ ମିଥ୍‌କୁ ନେଇ) ଓ Electra Complex (ଗ୍ରୀକ୍ ଇଲେକ୍ଟ୍ରା ମିଥ୍‌କୁ ନେଇ) । ମାତ୍ର ୟୁଙ୍ଗ୍‌ଙ୍କ ମତାମତ ଭିନ୍ନ । ମାନବୀୟ ଲକ୍ଷଣ, ସ୍ୱତନ୍ତ୍ର ଇଚ୍ଛାଶକ୍ତି ଓ ଆଗ୍ରହକୁ ଗୁରୁତ୍ୱ ଦେଇ ଫ୍ରଏଡ଼ଙ୍କ ମିଥ୍ ବ୍ୟାଖ୍ୟାକୁ ଭିନ୍ନ ଦୃଷ୍ଟିରୁ ବିଚାର କରିଛନ୍ତି । ତାଙ୍କ ପାଖେ ମିଥ୍ ମଣିଷର ଆଶା, ଆଶଙ୍କାର ପ୍ରତୀକ ରୂପେ ଦଣ୍ଡାୟମାନ । ଆଧୁନିକ ମଣିଷ ପାଇଁ ଏତାଦୃଶ ପ୍ରକ୍ରିୟା ମିଥ୍‌ର ପୁନର୍ମୂଲ୍ୟାୟନ ବା ପୁନର୍ବାଖ୍ୟା କରିବା କ୍ଷେତ୍ରରେ ଯଥେଷ୍ଟ ସହାୟକ ହେଲା । ସାହିତ୍ୟରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଲା । ଲେଭିଷ୍ଟ୍ରସ୍‌ଙ୍କ ମିଥ୍‌ର ସଂରଚନାଗତ ଆଲୋଚନା କରିବା କାଳରେ 'ମିଥିମ୍'ର ଭୂମିକାକୁ ଦର୍ଶାଇଲେ । ତାହା ପରବର୍ତ୍ତୀ ସ୍ତରରେ ମିଥ୍‌ର ମୂଲ୍ୟବୋଧଗତ ପରିବର୍ତ୍ତନୀୟତାକୁ ବ୍ୟାଖ୍ୟା କରିବା ଦିଗରେ ସହାୟକ ହେଲା । ତାଙ୍କ ଆଲୋଚନା ଅନୁସାରେ ମିଥ୍‌ର ଗଠନଗତ ମୌଳିକତାକୁ ବୁଝିବାକୁ ହେଲେ ତା ଭିତରେ ଥିବା ଛୋଟ ଛୋଟ ଉପାଦାନକୁ ଅଲଗା କରିବାକୁ ହେବ । ଯେମିତି ଚରିତ୍ର, ଘଟଣା ଓ ବିଷୟକୁ ଗତାନୁଗତିକ ଦୃଷ୍ଟିରୁ ଦେଖିବା ଏବଂ ଏସବୁର ସମାହାରକୁ ଓଲଟା ଭାବେ ବିଚାର କରିବା । ମିଥ୍‌ର ଏ ପ୍ରକାର ବ୍ୟାଖ୍ୟା ମିଥ୍‌ର ପୁନର୍ବାଖ୍ୟା ତଥା ପୁନର୍ମୂଲ୍ୟାୟନ ଦିଗଟିକୁ ତ୍ୱରାନ୍ୱିତ କଲା ।

ଓଡ଼ିଆ କ୍ଷୁଦ୍ରଗଳ୍ପର ପ୍ରଥମ ସୃଷ୍ଟି ଭାବେ ରେବତୀକୁ ବିବେଚନା କରାଯାଏ । ଏହି ରେବତୀ ଗଳ୍ପର କାଳଜୟୀ ରୂପକୁ ଦୃଷ୍ଟି ଦେଲେ ଜଣାଯାଏ ଯେ, ରେବତୀର ଭାବଧାରା ଓ ଚରିତ୍ରଭିତ୍ତିକ ପ୍ରୟୋଗ ତଥା ସାମାଜିକ ଦିଗକୁ ନେଇ ବହୁ ଗଳ୍ପ ରଚନା ହୋଇଛି । ସାଂପ୍ରତିକ କାଳରେ ଏହା ଆଲୋଚନାର ଅନ୍ତର୍ଭୁକ୍ତ ହେବା ସମୟରେ ବିଭିନ୍ନ ତତ୍ତ୍ୱ ଓ ତଥ୍ୟ ପ୍ରୟୋଗର ନୂତନତା

ଆଲୋଚକମାନଙ୍କୁ ଅଭିଭୂତ କରେ । କାରଣ ବହୁ ଆଧୁନିକ ତଥା ଉତ୍ତର ଆଧୁନିକ ଛାଞ୍ଚରେ ରେବତୀ ଗଳ୍ପର ବ୍ୟାଖ୍ୟା ହୋଇ ପାରୁଛି । ଏଥିରୁ ଫକୀରମୋହନଙ୍କ ବୁଦ୍ଧିମତା, ଦୂରଦୃଷ୍ଟି ଓ ତାଙ୍କ ବିଜ୍ଞତା ସମ୍ପର୍କରେ ଅନୁମାନ କରାଯାଇପାରେ । ଆଜିକାଲି ଏହି ରେବତୀ ଆଉ କେବଳ ଫକୀରମୋହନଙ୍କ ଗଳ୍ପର ଚରିତ୍ର ନୁହେଁ ବରଂ ଓଡ଼ିଶାର ପୁରପଲ୍ଲୀରେ ନାରୀଶିକ୍ଷାର ଯେଉଁ ଅଭୂତପୂର୍ବ ବିକାଶ ସାଧିତ ହୋଇଛି, ତା'ର ମୂଳ ବୀଜବିନ୍ଦୁ ଭାବେ ପରିକଳ୍ପିତ ହେଲାଣି । ତେଣୁ ତା'ର ଏ ପ୍ରକାର ପରିବ୍ୟାପ୍ତ ରୂପକୁ ସାହିତ୍ୟ ସମାଲୋଚକବୃନ୍ଦ ଭିନ୍ନ ଦୃଷ୍ଟି ଜ୍ଞାପନ କରିଥାନ୍ତି । ରାମାୟଣ ଓ ମହାଭାରତର ଓଡ଼ିଆ ଅନୁବାଦକ ହେଉଛନ୍ତି ଗାଳ୍ପିକ ଫକୀରମୋହନ । ତେଣୁ ବିଶ୍ୱାସ କରାଯାଇପାରେ ଯେ, ଗାଳ୍ପିକ ଉକ୍ତ ଚରିତ୍ରଟିକୁ ପୁରାଣର ରେବତଙ୍କ ପୁତ୍ରୀ 'ରେବତୀ' ଚରିତ୍ରର ଅନୁସରଣରେ ହୋଇଛି ନାମିତ । କାରଣ ପୌରାଣିକ ଅନୁବନ୍ଧ ସୃଷ୍ଟି କରିବାରେ ତତ୍‌କାଳୀନ କବି ବା ସାହିତ୍ୟିକଙ୍କର ରହିଥିଲା ଏକ ସହଜାତ ଆଗ୍ରହ । ରାଧାନାଥ, ଗଙ୍ଗାଧର, ରାମଶଙ୍କର ପ୍ରମୁଖଙ୍କ ରଚନାରେ ମଧ୍ୟ ଏ ପ୍ରକାର ଧାରା ପରିଲକ୍ଷିତ । ଯାହା ସମ୍ପର୍କରେ ପୂର୍ବରୁ ଆଲୋଚନା କରାଯାଇଛି । ଆହୁରି ମଧ୍ୟ ବିଶ୍ୱାସ କରାଯାଇପାରେ କି ଗାଳ୍ପିକ ତତ୍କାଳୀନ ବ୍ୟବସ୍ଥା ସହ ଜଡ଼ିତ ରହି ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିବା ଯୋଗୁଁ ବିଭିନ୍ନ ପ୍ରକାର ସାମାଜିକ ସ୍ଥିତି ଓ ଲୋକବିଶ୍ୱାସର ସଂସ୍ପର୍ଶରେ ଆସିଛନ୍ତି । ତାଙ୍କୁ ଏପରି ଏକ ସାମାଜିକ ବିଷୟ ବେଶି ପ୍ରଭାବିତ କରିଛି । ତେଣୁ ସେ ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇଛନ୍ତି । ନାରୀଶିକ୍ଷା ସହ ନାରୀର ପ୍ରଗତି ଜଡ଼ିତ ଥିବାରୁ ଏହି ଗଳ୍ପଟି କେବଳ ତତ୍‌କାଳୀନ ସମୟରେ ସୀମିତ ହୋଇ ରହିନାହିଁ । ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ 'ରେବତୀ' ଓ 'ଫକୀରମୋହନ'ଙ୍କୁ ଯଥାକ୍ରମେ ଅନ୍ୟ ଗାଳ୍ପିକଙ୍କ ଆଦର୍ଶ ଗଳ୍ପ ତଥା ଆଦର୍ଶ ଲେଖକ ହୋଇଥିବା ଯୋଗୁଁ ପରବର୍ତ୍ତୀ କାଳରେ ଗାଳ୍ପିକବୃନ୍ଦ ତା'ର ସମାଜକୈନ୍ଦ୍ରିକ ପରିବର୍ତ୍ତନକୁ ଗୁରୁତ୍ୱ ଦେଇଛନ୍ତି । 'ରେବତୀ' ଗଳ୍ପର ଲୋକପ୍ରିୟତା ପରବର୍ତ୍ତୀ ଗାଳ୍ପିକଙ୍କୁ ପ୍ରରୋଚିତ କରିଛି, ଏପରି ଗଳ୍ପ ପ୍ରତି ମୋହିତ ହେବାକୁ । ତେଣୁ ଅନେକ ଗାଳ୍ପିକ ଏ ମୋହିତ ଭାବନାକୁ ପ୍ରୟୋଗ କରି ଗଳ୍ପ ରଚନାକୁ ଗୁରୁତ୍ୱ ଦେଇଛନ୍ତି ।

ମିଥ୍ ପ୍ରେକ୍ଷାପଟରେ 'ରେବତୀ'କୁ ଗ୍ରହଣ କରାଯିବା କେତେ ଦୂର ଯୁକ୍ତିଯୁକ୍ତ ହେବ ତାହା ପ୍ରକୃତରେ ଏକ ବିଡ଼ମ୍ବନାର ବିଷୟ । ମିଥ୍‌ର କେତେକ ପୂର୍ବ ସମାଲୋଚକଙ୍କ ଧାରାକୁ ଅନୁସରଣ କରି ମିଥ୍‌ର ଆଧୁନିକ ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ ଜଣାଯାଏ, ଯେଉଁ ବିଷୟର କଥାବସ୍ତୁ ଓ ଚରିତ୍ର ତଥା ତାହା ସହ ଜଡ଼ିତ ପ୍ରାୟ ସମସ୍ତ ପ୍ରାସଙ୍ଗିକତା ଆଦି ଯେତେବେଳେ ସାର୍ବକାଳିକ ମୂଲ୍ୟ ପ୍ରକାଶ କରେ ଏବଂ ଲୋକବିଶ୍ୱାସର ସ୍ତରକୁ ସ୍ପର୍ଶ କରି ପରବର୍ତ୍ତୀ ସମୟର ସ୍ଥିତିକୁ ପ୍ରକାଶ କରିବା ପାଇଁ ପ୍ରତୀକାତ୍ମକ ଭାବେ ସମଗ୍ର ବିଷୟଟିକୁ ଉପସ୍ଥାପନ କରେ ସେତେବେଳେ ତାହା ମିଥ୍ ହେବାର ଯୋଗ୍ୟତା ରଖେ । ଏଠାରେ କ୍ରିଷ୍ଟଫର ବଟଲରଙ୍କ ଉକ୍ତିକୁ ଅନୁଧ୍ୟାନ କରାଯାଇପାରେ । "Most importantly the modernist view of Myth can put the arts into a new and potentially usurping relationship to history: for it can see (with Nietzsche) the writing of history itself as a form of Myth making and conversely, Myth as constituting the inevitable form of a nations underlying history."[୧] ଇତିହାସକୁ ସେ ମିଥ୍ ତିଆରି କରିବାର ପ୍ରଣାଳୀ ଭାବେ ବିବେଚନା କରିବା ସହ ମିଥ୍‌କୁ ଏକ କଳାରୂପେ ବିବେଚନା କରିଛନ୍ତି ଯାହାର ସମ୍ପର୍କ ଇତିହାସ ସହ ଜଡ଼ିତ । ତେଣୁ ଅତୀତର ବିଷୟ ବା ଚରିତ୍ରମାନେ କଳାତ୍ମକ ଭାବେ ମିଥ୍ ହୋଇପାରନ୍ତି ।

ପ୍ରକାରେ ନୂଆ ନୂଆ ପୃଷ୍ଠଭୂମିରେ ପ୍ରୟୋଗ କରି ଗଳ୍ପ ଲେଖିବା ୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ । ଏପରି ଭିତ୍ତିଭୂମିରେ 'ରେବତୀ'କୁ ଉପଜୀବ୍ୟ କରିବହୁ ଗଳ୍ପ ଲେଖାଯିବା ଉକ୍ତ ଗଳ୍ପର ମିଥ୍‌ଗୁଣ ଓ ଓଡ଼ିଆ ଲେଖକଙ୍କ ମିଥ୍ ପ୍ରୟୋଗରେ କୁଶଳତାକୁ ପ୍ରମାଣ କରେ । ପୁନଶ୍ଚ ପୂର୍ବରୁ ଆଲୋଚିତ ଯେ ପ୍ରତ୍ୟେକ କାଳଖଣ୍ଡ ମିଥ୍ ସୃଷ୍ଟିର କ୍ଷମତା ରଖେ । ଏପରି ବିଶେଷ ଦୃଷ୍ଟିରୁ ବିଚାର କଲେ ଯେକୌଣସି ସାମାଜିକ, ସାହିତ୍ୟିକ ବିଷୟ ତଥା ଚରିତ୍ର ମଧ୍ୟ ମିଥ୍ ହେବାର କ୍ଷମତା ରଖନ୍ତି । ତେଣୁ ଗାଳ୍ପିକବୃନ୍ଦ ରେବତୀ ଓ ରେବତୀ ପରି ଓଡ଼ିଆ ସମାଜ ଓ ସାହିତ୍ୟରେ ପ୍ରଚଳିତ ବିଷୟ ଓ ଚରିତ୍ରକୁ ମିଥ୍ ରୂପେ ଗ୍ରହଣ କରି ତା'ର ଯେଉଁ ଅନୁବର୍ତ୍ତିତ ଧାରା ବା ପୁନର୍ମୂଲ୍ୟାୟନର ଧାରାଟିଏ ସୃଷ୍ଟି କରିପାରିଛନ୍ତି ତା'ର ଏକ ସାମଗ୍ରିକ ଆଲୋଚନା ନିମ୍ନରେ ପ୍ରକାଶ କରାଗଲା ।

'ରେବତୀ'ର ପ୍ରଥମ ସ୍ରଷ୍ଟା ଫକୀରମୋହନ ସେନାପତି । ଏହାକୁ ସେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୮୯୮ ମସିହାରେ ପ୍ରକାଶ କରିଥିଲେ । ଯାହା ସମ୍ପୂର୍ଣ୍ଣ ରୂପେ ଏକ ସାମାଜିକ କଥାବସ୍ତୁକୁ ଭିତ୍ତିକରି ଗଢ଼ି ଉଠିଥିଲା । ଯଦିଓ ଏହାର କେତେକ ସାମଞ୍ଜସ୍ୟ ପୌରାଣିକ ବିଷୟ ସହ ଦେଖାଯାଏ ତଥାପି ଏଠାରେ ସାମାଜିକତାର ଗୁରୁତ୍ୱ ବେଶି । ଏହା ତତ୍କାଳୀନ ସମାଜରେ ସ୍ୱତନ୍ତ୍ର ମିଥିକ୍ ମୂଲ୍ୟ ଉପସ୍ଥାପନ କରେ । ଯଦି ପ୍ରାଚୀନ ମିଥ୍‌ର ପ୍ରୟୋଗକୁ ବିଚାର କରିବା ତେବେ 'ରେବତୀ' ଗଳ୍ପ ମଧ୍ୟ ସେଥିରୁ ବଞ୍ଚିତ ହେବନାହିଁ । କାରଣ ଫକୀରମୋହନଙ୍କ ଗଳ୍ପରେ ବାସୁଦେବର

ପରିଚୟ ଦେବାବେଳେ ଯେଉଁ ପ୍ରତୀକାତ୍ମକ ଉକ୍ତିଟିଏ ପ୍ରଦାନ କରିଛନ୍ତି ଗାଳ୍ପିକ ତାହାହିଁ ତା'ର ପ୍ରକୃଷ୍ଟ ଉଦାହରଣ । "xxx ଶିକ୍ଷକଟି କଟକ ନର୍ମାଲ ସ୍କୁଲର ଅବଧାନ ବିଭାଗର ଉତ୍ତୀର୍ଣ୍ଣ ଛାତ୍ର-ନାମ ବାସୁଦେବ । ନାମଟି ଯେପରି ବାସୁଦେବ, ମନୁଷ୍ୟଟା ମଧ୍ୟ ସେହିପରି ବାସୁଦେବ ।"(୫) ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଗାଳ୍ପିକ ବାସୁଦେବ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଚରିତ୍ରକୁ ଲକ୍ଷ୍ୟକରି ଉକ୍ତିଟି ବାଢ଼ିଛନ୍ତି । ଏଥିରେ କେବଳ ପରିବର୍ତ୍ତନର ସୂତ୍ରଧର ରୂପେ ବାସୁଦେବ ତଥା ମିଥ୍ ଚରିତ୍ରଟିର ପ୍ରୟୋଗ । ମାତ୍ର ଆଧୁନିକତା ଦୃଷ୍ଟିରୁ 'ରେବତୀ' ତଥା ରେବତୀ ଗଳ୍ପର ସମସ୍ତ ଚରିତ୍ର ତଥା ଗଳ୍ପ ବିଷୟ ସ୍ୱୟଂ ଗୋଟିଏ ଗୋଟିଏ ମିଥ୍ । ଏ ପ୍ରକାର ବିଷୟ ଓ ଚରିତ୍ରମାନେ ତତ୍କାଳୀନ ଓଡ଼ିଶାର ପ୍ରତ୍ୟେକ ଗଳିକନ୍ଦିରେ ରହିଥିଲେ, ଯେଉଁମାନେ କି ସମାଜ, ଜାତି ଓ ଅନ୍ଧବିଶ୍ୱାସର ବିଡ଼ମ୍ବନାରେ ଛନ୍ଦି ହୋଇଥିଲେ । ଏବେବି ବିଶ୍ୱାସ କରାଯାଇପାରେ ଯେ ନିପଟ ମଫସଲରେ ଯେଉଁଠାରେ ସଚେତନତା ଏବେ ମଧ୍ୟ ପହଞ୍ଚିପାରିନି କି ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିନି, ସେଠାରେ ମଧ୍ୟ ଏପରି ଚରିତ୍ର ଦେଖିବାକୁ ମିଳିବ । ତେଣୁ ନାରୀ ଶିକ୍ଷାକୁ କେନ୍ଦ୍ର ରୂପେ ଗ୍ରହଣ କରି ରଚନା କରାଯାଇଥିବା ଗଳ୍ପଟି ସାମାଜିକ ସ୍ତରରେ ବହୁ ପ୍ରସିଦ୍ଧି ଅର୍ଜନ କରିଛି ଏବଂ ଅନ୍ୟମାନଙ୍କୁ ଶକ୍ତି ମଧ୍ୟ ଯୋଗାଇଛି । ସ୍ୱତନ୍ତ୍ର ପରିଚିତିଟିଏ ମଧ୍ୟ ସୃଷ୍ଟି କରିଛି । ତେଣୁ 'ରେବତୀ' ଗଳ୍ପଟି ପରପିଢ଼ିର ଲେଖକଙ୍କ ପାଇଁ ମିଥ୍‌ଟିଏ ପାଲଟି ଯାଇଛି ।

'ରେବତୀ' ଗଳ୍ପର ଏକ ଭିନ୍ନ ଦୃଷ୍ଟିକୋଣ ଜ୍ଞାପନ କରନ୍ତି ଗାଳ୍ପିକ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ 'ଝିଅ ଇସ୍କୁଲ' ଗଳ୍ପରେ । ବାସୁମାଷ୍ଟ୍ରେଙ୍କ ମନୋଜଗତର ପରିବର୍ତ୍ତିତ ମୂଲ୍ୟ ଦେଖାଦିଏ 'ନବଘନ ମାଷ୍ଟ୍ରେ'ଙ୍କ ଚରିତ୍ର ଦେଇ । ବାସୁଦେବଙ୍କ ଆନ୍ତରିକ ସଦିଚ୍ଛା ଯେପରି ଏକ ଲୋଲୁପତାରେ ପରିଣତ ହୋଇଯାଇଛି ଉକ୍ତ ଗଳ୍ପରେ । ଯାହା ଗାଳ୍ପିକଙ୍କ ସମକାଳର ସାମାଜିକ ସ୍ଥିତିକୁ ସୂଚାଏ । ରେବତୀ ପ୍ରତି ଥିବା ବାସୁଦେବଙ୍କ ପ୍ରେମ ଏଠାରେ ସୁଲି ପ୍ରତି ଥିବା ନବଘନଙ୍କ ଜରିଆରେ ପ୍ରୟୋଗ କରି ସମକାଳର ସୌନ୍ଦର୍ଯ୍ୟ ଦୀପ୍ତ ନାରୀଙ୍କ ପ୍ରତି ଜନ୍ମୁଥିବା ରସିକିଆ ମାଷ୍ଟ୍ରଙ୍କର ଉପସ୍ଥିତି ଏଠାରେ ପ୍ରଦର୍ଶିତ ।

ଏ ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ତଥା ସାରା ଭାରତରେ ନାରୀକୁ ନେଇ ଯେଉଁ ରକ୍ଷଣଶୀଳ ମନୋଭାବ ରହି ଆସିଥିଲା, ତା'ର ଏକ ପ୍ରତିରୂପ ଭାବେ 'ରେବତୀ'କୁ ପରିକଳ୍ପନା କରାଯାଇପାରେ । ଡ. ଅନିଲ କୁମାର ତିୱାରୀଙ୍କ ମତରେ ଆଧୁନିକ ସାମାଜିକ ଜୀବନର ତଥା କଳାର ଏକ ନିଜସ୍ୱ ମିଥ୍ ଅଛି । ଯାହାର ସ୍ୱରୂପର ପୂର୍ବାପେକ୍ଷା ଅଧିକ ବିବିଧତା ରହିଛି । କାରଣ ସେଗୁଡ଼ିକର ପ୍ରୟୋଗ ରୂପ ତଥା ଅଲଗା ଅଲଗା ସାମାଜିକ ବର୍ଗ ଦ୍ୱାରା ଜୀବନର ପ୍ରାୟ ସବୁ କ୍ଷେତ୍ରରେ ରହିଛି । "ଆଧୁନିକ ସାମାଜିକ ଜୀବନ ଔର୍ କଲା କେ ଅପନେ ମିଥକ୍ ହେଁ, ଔର୍ ଉନ୍‌କେ ସ୍ୱରୂପ ମେ ପୂର୍ବପେକ୍ଷା ଅଧିକ୍ ବିବିଧତା ହେଁ, କ୍ୟୁଁକି ଉନ୍‌କା ପ୍ରୟୋଗ ଅନେକ ରୂପୋଁ ମେଁ ତଥା ଅଲଗ୍ ଅଲଗ୍ ସାମାଜିକ ବର୍ଗୋ ଦ୍ୱାରା ଜୀବନ କେ ପ୍ରାୟ : ସଭୀ କ୍ଷେତ୍ରୋଁ ମେ ହୋ ରହା ହୈ । x x x ମିଥକୋଁ ମେଁ ଯୋ ସ୍ଥାନ ପହଲେ ଧର୍ମକା ଥା, ବହଃ ଅବ ରାଜନୀତି ଔର୍ ବିଜ୍ଞାନ ନେ ଲେ ଲିୟା ହୈ ।"(୨) ତେଣୁ କହିବା ବାହୁଲ୍ୟ ଯେ ଆଧୁନିକ ସମାଜ ଜୀବନ ସହ ସଂଶ୍ଲିଷ୍ଟ ପ୍ରତ୍ୟେକ ବିଷୟ ତଥା ଆଧୁନିକ ଗଳ୍ପ, ଉପନ୍ୟାସ, ଇତିହାସ, କିମ୍ବଦନ୍ତୀର ଚରିତ୍ର ମଧ୍ୟ ପୁରାଣ ତଥା ସର୍ବପ୍ରାଚୀନ ବିଶ୍ୱାସ ପରି ମିଥ୍ ହେବାର ଯୋଗ୍ୟତା ରଖନ୍ତି । କେବଳ ଇଂରାଜୀ ବା ହିନ୍ଦୀ ସାହିତ୍ୟରେ ଏପରି ଆଧୁନିକ ବିଚାରଧାରା ରହିଛି ତାହା ନୁହେଁ ବରଂ ବର୍ତ୍ତମାନର ପ୍ରାୟ ସମସ୍ତ ମିଥ୍ ସମାଲୋଚକ ଅଜ୍ଞେବହୁତେ ଏପରି ଧାରଣାକୁ ଗ୍ରହଣ କଲେଣି । ଓଡ଼ିଆ ସାହିତ୍ୟରେ ମଧ୍ୟ ବୈଷ୍ଣବ ଚରଣ ସାମଲ, ଡ. ସଂଘମିତ୍ରା ମିଶ୍ର, ଅଭୟ ବାରିକ, ଡ. ବେଣୁଧର ପାଢ଼ୀ ଓ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ମଧ୍ୟ ଏପରି ମତପୋଷଣ କରିଥିବା ଦୃଷ୍ଟିଗୋଚର ହୁଏ । ଏଠାରେ ତା'ର ଏକ ସଦ୍ୟତମ ଦୃଷ୍ଟାନ୍ତ ଦିଆଯାଇପାରେ । ଯଥା- ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ମତରେ "ମିଥ୍ ଏକ ସାଂଗଠନିକ ବିଶ୍ୱାସବୋଧ ଯାହା ମାଧ୍ୟମରେ ଆମେ ଆମର ବିଶ୍ୱାସବୋଧକୁ ପ୍ରକଟ କରିଥାଉ ।"(୩) ଆହୁରି ମଧ୍ୟ ସେ ପ୍ରକାଶ କରନ୍ତି ଯେ "ଚଳନ୍ତି ସମାଜର କେତୋଟି ପ୍ରତିଷ୍ଠିତ ଘଟଣା ଓ ଚର୍ଚ୍ଚିତ ଚରିତ୍ର ସମସାମୟିକ ସମୟରେ ମିଥ୍ ହେବାର ଯୋଗ୍ୟତା ରଖନ୍ତି । ଶ୍ରମଜୀବୀ ନିଅଣ୍ଟିଆ ଓଡ଼ିଆଙ୍କର ମିଥ୍ କବି ପ୍ରସନ୍ନ କୁମାର ମିଶ୍ରଙ୍କ 'ଟ୍ରକ୍‌ଡାଲାରେ ସନାତନ' । ଦଳିତ ଓ ଅଛୁଆଁ ମଣିଷର ମିଥ୍ ଆଶୁତୋଷ ପରିଡ଼ାଙ୍କ 'ଚଣ୍ଡାଳ' ଓ 'ପ୍ରେମର ଦେବୀ', ପ୍ରସନ୍ନ କୁମାର ମିଶ୍ରଙ୍କ 'ମନିକା' ।"(୪) ଏ ପ୍ରକାର ମିଥ୍ ସମାଜର ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେବା ପରେ ସୃଷ୍ଟି ହୋଇଥାଏ । ଓଡ଼ିଆ ସାହିତ୍ୟର ପୁର୍ବତ୍ତନ ଓ ବହୁ ପରିଚିତ ରଚନାର ଚରିତ୍ର ମିଥ୍ ରୂପେ ଆଧୁନିକ ଗଳ୍ପରେ ବ୍ୟବହୃତ । ମିଥ୍ ଚରିତ୍ରର ପ୍ରାଥମିକ ମୂଲ୍ୟବୋଧ ଭିତ୍ତିକ ଚରିତ୍ର ଚେତନା ବା ଚିରନ୍ତନ ଭାବସତ୍ତାକୁ ତେଣୁ ବାସୁଦେବ ମିଥ୍‌ର ଚାରିତ୍ରିକ ବୈଶିଷ୍ଟ୍ୟକୁ ସମ୍ପୂର୍ଣ୍ଣ ବିପରୀତଧର୍ମୀ ମୂଲ୍ୟବୋଧ ଦେଇ ପ୍ରକାଶ କରାଯାଇଛି ନବଘନ ମାଷ୍ଟ୍ରେଙ୍କ ଚରିତ୍ର ଜରିଆରେ । ଯାହା ରେବତୀ ଗଳ୍ପରେ ପ୍ରତିଫଳିତ ମିଥ୍‌ର ପୁନର୍ମୂଲ୍ୟାୟନକୁ ସୂଚିତ କରୁଛି ।

ସେହିପରି ବଦଳୁ ଥିବା ସମାଜର ଚିତ୍ରଦେଇ ଫକୀରମୋହନଙ୍କ 'ରେବତୀ' ଗଳ୍ପକୁ କେତେ ବାଟ ଆଗେଇ

ଆଣି ସାମ୍ପ୍ରତିକ ମୂଲ୍ୟ ପ୍ରଦାନ କରିଛନ୍ତି ଗାଳ୍ପିକ ଜଗଦୀଶ ମହାନ୍ତି ତାଙ୍କ 'ରେବତୀ' ଗଳ୍ପରେ । ନିପଟ ମଫସଲିଆ ମନୋଭାବ ପରିବର୍ତ୍ତେ ଅର୍ଦ୍ଧଶିକ୍ଷିତ, ଶିକ୍ଷିତ ଗାଁର ଢାଞ୍ଚା, ଅଧାସହରୀ ପରିବେଶ, ନାରୀର ଉନ୍ନତି କଲେଜ ପଢ଼ାର ଆବଶ୍ୟକତା ଇତ୍ୟାଦି ଦେଖାଇ ଦେଇ ଗାଳ୍ପିକ ସାମ୍ପ୍ରତିକ ମୂଲ୍ୟ ସୃଷ୍ଟି କରିଛନ୍ତି । ପ୍ରେମର ଭାଷାରେ ନୂତନତା ପ୍ରଦର୍ଶନ କରାଇଛନ୍ତି ମଧ୍ୟ । ରେବତୀ ଓ ବାସୁଦେବଙ୍କ ପାଖରେ ପ୍ରେମର ଅକୁହା ମର୍ମଟି ଫୁଟି ଉଠିଥିବାବେଳେ ଆଜିର ଯୁଗରେ ଚରିତ୍ର ଭିତରେ ଚିଠି ଦିଆନିଆ, ଯିବାଆସିବା ବେଳର ହାସ୍ୟ ସଙ୍କେତ ଗାଁ ଛାଡ଼ି ପଳାଇଯିବାର ଭାବନା ଭିତରେ ସାମ୍ପ୍ରତିକ ପ୍ରେମିକ ପ୍ରେମିକାଙ୍କ ଧାରଣା ସ୍ପଷ୍ଟ ବାରିହୁଏ । ସମୟ ଓ ସମାଜ ପରିବର୍ତ୍ତନ ହିଁ ଫକୀରମୋହନଙ୍କ 'ରେବତୀ' ଗଳ୍ପ ଠାରୁ ଭିନ୍ନ ମୂଲ୍ୟବୋଧ ସୃଷ୍ଟିର କାରକ ସାଜିଛି ଏହି ଗଳ୍ପରେ । ଏଠାରେ ପ୍ରାସଙ୍ଗିକ ପରିବେଷ୍ଟନିଗତ ପରିବର୍ତ୍ତନ ଯୋଗୁଁ ମିଥ୍‌ର ନୂତନ ମୂଲ୍ୟ ପ୍ରତିଷ୍ଠା ପାଇବା ସମ୍ଭବ ହୋଇଛି ।

ହୃଷୀକେଶ ପଣ୍ଡାଙ୍କ 'ରେବତୀ' ଗଳ୍ପରେ ଆଧୁନିକ ମଣିଷର ଖିଆଲି ଛାପ ଦର୍ଶନୀୟ । ଯେଉଁଠାରେ ବିକଶିତ ସଭ୍ୟତାର ଚିତ୍ର ସ୍ପଷ୍ଟ ବାରିହୁଏ । କାରଣ ଫକୀରମୋହନଙ୍କ ରେବତୀ ଗଳ୍ପର ଚରିତ୍ରଗୁଡ଼ିକର ଯୁଗୋପଯୋଗୀ ଉତ୍ତରିତ ଧାରଣା ଏଠାରେ ସଂବୃତ । ଆଧୁନିକ ଖିଆଲି ମଣିଷ ଅର୍ଥ, ପ୍ରତିପ୍ରତି, ପ୍ରତିଷ୍ଠା ପଛରେ ଦଉଡ଼ି ଦଉଡ଼ି ବିଭିନ୍ନ ସାମାଜିକ ଆବଶ୍ୟକତାକୁ ଗୋଡ଼ରେ ଏଡ଼ାଇ ଦେଉଛି । କେବଳ ସେତିକି ନୁହେଁ ନାରୀମାନେ ମଧ୍ୟ ଜଣେ ପୁରୁଷର ଆବଶ୍ୟକତାକୁ ମଧ୍ୟ ଗୋଡ଼ରେ ଆଡ଼େଇ ଦେବାର ଚିତ୍ର ଏଠାରେ ପ୍ରତିଫଳିତ । ଏହାକୁ ଦେଖିବାକୁ ମିଳେ ରେବତୀ ଚରିତ୍ର ଦେଇ । ସଫଳତାର ପାହାଚ ଚଢ଼ିବା ଭିତରେ ସାମାଜିକ ଆବଶ୍ୟକତାକୁ ଭୁଲିଛି ରେବତୀ । ଭୁଲିଛି ନିଜର କର୍ତ୍ତବ୍ୟବୋଧକୁ । ଯେଉଁଥିପାଇଁ ବିଶ୍ୱସ୍ତ ସାଥୀଟିଏ ପାଇଁ ତା' ଭିତରେ ଦେଖା ଦେଇଛି ଅତୀତ ପ୍ରତି ଆନ୍ତରିକବୋଧ । ଫକୀରମୋହନଙ୍କ ରେବତୀ ପାଠ ପଢ଼ିବାକୁ କେନ୍ଦ୍ରକରି ବାସୁଦେବଙ୍କ ସହ ଯୋଡ଼ି ହୋଇଥିବା ସ୍ଥଳେ ଶ୍ରୀଯୁକ୍ତ ପଣ୍ଡାଙ୍କ ରେବତୀ ପାଠପଢ଼ି ଉନ୍ନତିର ଶିଖରକୁ ଚଢ଼ିବା ପାଇଁ ବାସୁଦେବ ଓ ତା'ର ବିବାହ ପ୍ରସ୍ତାବକୁ ଏଡ଼ାଇ ଦେଇଛି । ରେବତୀଠାରେ ଅଙ୍କୁରିତ ପ୍ରେମର ପ୍ରବାହ ମଧ୍ୟ ଶ୍ରୀଯୁକ୍ତ ପଣ୍ଡାଙ୍କ ରେବତୀ ପାଖରେ ଭିନ୍ନ ମୋଡ଼ର ଅଧିକାରୀ ହୋଇପାରିଛି । ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇ ସବୁ ପ୍ରେମକୁ ଆଡ଼େଇ ରେବତୀ ଆମେରିକାରେ ପହଞ୍ଚିବା ପରେ ଯେତେବେଳେ ଜର୍ମାନ ଯୁବକଠାରୁ ବିବାହ କରିବାର କଥା ଶୁଣିଛି, ସେତେବେଳେ ତା' ଭିତରେ ଅତୀତ ପ୍ରବଣତାର ଚିତ୍ର ଫୁଟିଉଠିଛି । ତେଣୁ ସେ ଗାଁକୁ ଫେରି ଅତୀତର ସେ ସମସ୍ତ ସ୍ମୃତିକୁ ଜାଗ୍ରତ କରିବାର ପ୍ରୟାସ କରିଛି । ମାତ୍ର ଅନ୍ତରର ମଣିଷଟିକୁ ଖୋଜି ହେଉଥିଲେ ମଧ୍ୟ କାହା ପାଖରେ ପ୍ରକାଶ କରି ନପାରି ନିରବୀ ଯାଇଛି ।

ଏପରି ଏକ ନୂତନ ମୂଲ୍ୟବୋଧ ଏବଂ ନଷ୍ଟାଲଜିଆ ଭାବଧାରାର ପ୍ରୟୋଗ ରେବତୀ ଚରିତ୍ରଟିକୁ ଫକୀରମୋହନଙ୍କ ରେବତୀଠାରୁ ସମ୍ପୂର୍ଣ୍ଣ ବିପରୀତଧର୍ମୀ କରିପାରିଛି । ପ୍ରଗତିର ବାର୍ତ୍ତାବହର ମିଥ୍ ରୂପେ ରେବତୀକୁ ଦଣ୍ଡାୟମାନ କରାଇ ସାମ୍ପ୍ରତିକ ମଣିଷର ଅତୀତ ପ୍ରବଣତା ତଥା ପଶ୍ଚାତ୍‌ମୁଖୀ ଭାବନାକୁ ଦେଖାଇଛନ୍ତି ଗାଳ୍ପିକ ପଣ୍ଡା ।

ଶ୍ୟାମବନ୍ଧୁଙ୍କର ନିଜ କନ୍ୟା ପ୍ରତି ଯେଉଁ ଆନ୍ତରିକତା ରହିଥିଲା ଗାଳ୍ପିକା କବିତା ବାରିକ୍‌ଙ୍କ ଗଳ୍ପରେ ମଧ୍ୟ ତାହାହିଁ ରହିଛି । ମାତ୍ର ମିଥ୍ ଚରିତ୍ରର ପୁନର୍ମୂଲ୍ୟାୟନ କରିବାକୁ ଯାଇ ଜେଜୀମାଆ ଓ ବାସୁସାର୍ ଚରିତ୍ରକୁ ବର୍ଣ୍ଣନା କରାଯାଇଛି । ଯେଉଁ ଜେଜି ମାଆର ବିରୋଧ ଥିଲା ରେବତୀର ପାଠପଢ଼ାକୁ ନେଇ ସେ କବିତା ବାରିକଙ୍କ ଗଳ୍ପରେ ରେବତୀର ପାଠପଢ଼ା ପାଇଁ ବାସୁସାର୍‌ର ଘରକୁ ଯିବାଆସିବାକୁ ପସନ୍ଦ କରେ, ପ୍ରେମକୁ ମଧ୍ୟ ପସନ୍ଦ କରେ ଆହୁରି ପସନ୍ଦ କରେ ମଧ୍ୟ ବିବାହ ପ୍ରସ୍ତାବକୁ । କିନ୍ତୁ ରେବତୀ ସାହି ପିଲାଙ୍କ ଦ୍ୱାରା ଧର୍ଷିତା ହେବା ପରେ ରେବତୀ ପ୍ରତି ସମସ୍ତଙ୍କ ଦୃଷ୍ଟିକୋଣ ବଦଳିଯାଇଛି । ଫକୀରମୋହନଙ୍କ ରେବତୀ ଯେତେବେଳେ ବିନା ପ୍ରକାଶରେ ବାସୁସାର୍‌ଙ୍କ ସ୍ନେହ, ଅକୁହା ପ୍ରେମର ଯେଉଁ ଆତ୍ମୀୟତାକୁ ବୁଝିଯାଇଥିଲା ତାହା ଏଠାରେ ଦେହଜ ପାଲଟିଯାଇଛି । ମନ କିଣିବା ଓ ପ୍ରେମ ଭାବେ ଯାହା ବିବେଚିତ ହୋଇଥିଲା ପର ପୁରୁଷ ଦ୍ୱାରା ଧର୍ଷିତ ହେବା ପରେ ସାମ୍ପ୍ରତିକ ମଣିଷର ପ୍ରେମ କିପରି ଘୃଣାରେ ପରିଣତ ହୁଏ ତାହା ବାସୁସାର୍‌ଙ୍କ ପାଖରେ ଦେଖିପାରିଛି ରେବତୀ । ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ରେବତୀ ବାସୁ ସାର୍‌ଙ୍କଠାରୁ ଧୋକା ଖାଇବା ପରେ ସବୁ କିଛିକୁ ମୂଲ୍ୟହୀନ ବିବେଚନା କରି ଆତ୍ମହତ୍ୟା କରିଛି । ଗଳ୍ପଟିକୁ ପାରୁପର୍ଯ୍ୟନ୍ତ ସାମ୍ପ୍ରତିକ କରିବା ସ୍ଥଳେ ନାରୀର ସ୍ଥିତିକୁ ଦେଖି ଫକରୀମୋହନଙ୍କ 'ରେବତୀ' ଗଳ୍ପର ପୁନର୍ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି ଗାଳ୍ପିକ । ରେବତୀକୁ ପ୍ରେମର ମିଥ୍ ଚରିତ୍ର ରୂପେ ପ୍ରୟୋଗ କରି ଭିନ୍ନ ଦୃଷ୍ଟିକୋଣ ପ୍ରକାଶ କରିଛନ୍ତି ଗାଳ୍ପିକ ସାମ୍ପ୍ରତିକ ପରିପ୍ରେକ୍ଷୀରେ ।

ସେହିପରି ତରୁଣକାନ୍ତି ମିଶ୍ରଙ୍କ 'ରେବତୀ', କବିତା ବାରିକଙ୍କ ରେବତୀ ଚରିତ୍ରର ଉତ୍ତରିତ ଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜରେ ଉତ୍ତର ଅଶୀ କାଳରେ ଆଦିବାସୀ ମଣିଷ ତଥା ପାହାଡ଼ି ଜଙ୍ଗଲୀ ମଣିଷ ନିଜ ପେଟପାଇଁ କିପରି କନ୍ୟାକୁ ବିକ୍ରି କରିଛି, ଦେହ ବିକ୍ରି କରିଛି ପେଟ ଖଣ୍ଡେକ ପୋଷିବା ପାଇଁ ତାହାର ଏକ ଜ୍ୱଳନ୍ତ ଉଦାହରଣ ତରୁଣକାନ୍ତିଙ୍କ 'ରେବତୀ' ।

ରେବତୀ ଓ ପିତା ବନବାସୀଙ୍କ ଚରିତ୍ର ଭିତରେ ପିତା ପୁତ୍ରୀର ଅଲିଅଳି ପଣକୁ 'ରେବତୀ' (ଫକୀରମୋହନ) ଗଳ୍ପର ଆଧାର ଭାବେ ଚୟନ କରିଛନ୍ତି । କିନ୍ତୁ ଫକୀରମୋହନଙ୍କ କାଳରେ 'ରେବତୀ'ର ଅଗ୍ରଗତି ତଥା ପାଠପଢ଼ାକୁ ପ୍ରଶୟ ଦିଆଯାଇଥିଲା, ମାତ୍ର ଏଠାରେ ପନ୍ଦର ଷୋହଳ ବର୍ଷର କନ୍ୟାକୁ ନାରୀ ଦେହ ବ୍ୟବସାୟୀ ହାତରେ ଟେକିଦେଇ କିପରି ନିଜର ପେଟ ପୋଷିବା ପାଇଁ ମନ ବଳାଇଛି ତାହା ପ୍ରଦର୍ଶିତ । ଏଠାରେ ରେବତୀ ହଜାର ହଜାର ଅସହାୟ କନ୍ୟାଙ୍କ ପ୍ରତିନିଧି; ଯିଏକି ପରିସ୍ଥିତିର ତାଡ଼ନାରେ ପଡ଼ି ବିକ୍ରି ହୁଅନ୍ତି । ତେଣୁ ଏପରି ଏକ ସାମ୍ପ୍ରତିକ ପରିସ୍ଥିତିରେ ରେବତୀ ଗଳ୍ପର ମିଥ୍ ମୂଲ୍ୟ ସମ୍ପୂର୍ଣ୍ଣ ଭିନ୍ନ ।

'ରେବତୀ'ର ଯଥାର୍ଥ ମିଥ୍ଧର୍ମୀ ପ୍ରୟୋଗ ଦେଖିବାକୁ ମିଳେ ଗାଳ୍ପିକ ପ୍ରତାପ ବିଶ୍ୱାଳଙ୍କ ଗଳ୍ପ 'ରେବତୀ'ରେ । ଫକୀରମୋହନ ଯେଉଁ ଧାରାରୁ ରେବତୀକୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ ଶ୍ରୀଯୁକ୍ତ ବିଶ୍ୱାଳ ରେବତୀ ମାଧ୍ୟମରେ ଗ୍ରାମକୁ ସେ ଧାରାରୁ ମୁକ୍ତ କରିଛନ୍ତି । ଫକୀରମୋହନଙ୍କ ରେବତୀ, ଅନ୍ଧବିଶ୍ୱାସ, କୁସଂସ୍କାରର ଫାଶରୁ ମୁକୁଳିବାକୁ ଚେଷ୍ଟା କରିଛି ବାସୁଦେବର ସାହାସ ଓ ପ୍ରୋତ୍ସାହନରେ । ମାତ୍ର ଏଠାରେ ରେବତୀ ପାଠପଢ଼ାଇ ଗାଁର ଅନ୍ୟମାନଙ୍କ ପରି ବାସୁଆକୁ ମଧ୍ୟ ଅନ୍ଧବିଶ୍ୱାସ ମୁକ୍ତ କରିଛି । ଯେଉଁଥିପାଇଁ ସେ ନିଜ ମାଆ କଥା ନମାନି ବାଡ଼ିରେ ନଡ଼ିଆ ଗଛ ଲଗାଇଛି । ଯଦିଓ ପୁରୁଣା ବିଶ୍ୱାସ ଥିଲା କି ବାଡ଼ିରେ ନଡ଼ିଆ ଗଛ ଲଗାଇଲେ ମୁଣ୍ଡ ଗଡ଼ିବ । ପୁନଶ୍ଚ ଜାତି ଫାତି ନ ମାନି ରେବତୀ ପରି ଝିଅକୁ ନିଜ ପୁଅ ବାସୁଆ ସହ ବିବାହ କରାଇ ବୋହୂ ରୂପେ ଗ୍ରହଣ କରିବାର ଏକ ଉକ୍ତିକୁ ବୁଢ଼ୀ ମୁହଁରେ ଯୋଡ଼ି ଶିକ୍ଷା ତଥା ଶିକ୍ଷିତ ମଣିଷର ପ୍ରଭାବରେ ବଦଳୁଥିବା ସାମାଜିକ ଚିତ୍ର ପ୍ରକାଶ କରିଛନ୍ତି ।

ଗାଳ୍ପିକ ଅଭୟ ବାରିକ ନିଜ 'ରେବତୀ' ଗଳ୍ପରେ ଫକୀରମୋହନଙ୍କ ଜେଜୀମାଆ ଚରିତ୍ରଟିରେ ପୁନର୍ମୂଲ୍ୟାୟନ କରି ଗଳ୍ପଟିରେ ମିଥ୍ ଧାରଣାର ଭିନ୍ନତା ପ୍ରକାଶ କରିଛନ୍ତି । ଯେଉଁ ଜେଜୀମାଆ ଦିନେ ସବୁ ଅଘଟଣର କାରଣ ରୂପେ 'ରେବତୀ' ପରି ଝିଅକୁ ଦୋଷୀ କରୁଥିଲା, ଶ୍ରୀଯୁକ୍ତ ବାରିକଙ୍କ ଗଳ୍ପରେ ସେ ଜେଜୀମାଆ ହିଁ ରେବତୀର ଉନ୍ନତିରେ ବେଶି ଆନନ୍ଦିତ ତଥା ଗର୍ବିତ । ତା' କଥା ନ ମାନି ରେବତୀ ପାଠ ପଢ଼ିଛି ବୋଲି ଆଜି ମଣିଷ ଚରାଇପାରୁଛି କହି ସାମ୍ବାଦିକମାନଙ୍କ ସାମ୍ନାରେ ପ୍ରକାଶ କରିଛି । ନିଜେ କିପରି ଗାଳି କରିଥିଲା ରେବତୀକୁ ସେଥିପାଇଁ ପଶ୍ଚାତାପ ମ୍ମ କରିଛି । ପୁଣି ଅନ୍ୟ ଦିଗରେ ବାସୁଦେବ, ଯାହା ମ୍ମମରେ ରେବତୀକୁ ଶିକ୍ଷିତ କରାଇବାର ପ୍ରୟାସ ଫକୀରମୋହନ କରାଇଥିଲେ ଉକ୍ତ ଗଳ୍ପରେ ରେବତୀ ପାଖରେ ସେ ଚରିତ୍ରଟିର ସ୍ୱାର୍ଥାନ୍ୱେଷୀ ମନୋଭାବ ପ୍ରଦର୍ଶନ କରାଇ ଗାଳ୍ପିକ ଆଜିର ସାମ୍ପ୍ରତିକ ମଣିଷର ବିଚାରଧାରାକୁ ପ୍ରକାଶ କରିଛନ୍ତି । ପୁନଶ୍ଚ ଯେଉଁ ନୀରବ ପ୍ରେମ ରେବତୀ ଓ ବାସୁଦେବଙ୍କ ଭିତରେ ଦେଖା ଦେଇଥିଲା ତାହା ଏଠାରେ ଗୁରୁଭକ୍ତିର ରୂପଧାରଣ କରିଛି । ଗଳ୍ପଟି ଭିତରେ ଏପରି ବିପରୀତ ମୂଲ୍ୟବୋଧ ସୃଷ୍ଟି କରିବାରେ ଗାଳ୍ପିକ ଯେତିକି ସମର୍ଥ ହୋଇଛନ୍ତି ସେପରି ମିଥ୍ ଧାରଣାକୁ ବଜାୟ ରଖିବାରେ ମଧ୍ୟ ସମାନ ଉତ୍ସାହ ପ୍ରଦର୍ଶନ କରିଛନ୍ତି ।

ଦାଶ ବେନହୁରଙ୍କ 'ରେବତୀ' ଗଳ୍ପଟି ଫକୀରମୋହନଙ୍କ 'ରେବତୀ'ର ଉତ୍ତରଣ ଗଳ୍ପ ଭାବେ ରଚିତ । ଫକୀରମୋହନଙ୍କ ଗଳ୍ପର ଯେଉଁଠି ପରିସମାପ୍ତି ଘଟେ, ଠିକ୍ ସେହିଠାରୁ ଉକ୍ତ ଗଳ୍ପଟିର ଆରମ୍ଭ । କେବଳ ଏତିକି ଯେ ରେବତୀ ନମରି ଚାଲିଚାଲି ଆଉ ଗୋଟିଏ ଗାଁରେ ପହଞ୍ଚିଯାଇଛି । ଏପରି ଗଳ୍ପର ଆରମ୍ଭ କରି କଥାଭାଗର ଅଗ୍ରଗତି କରାଇଛନ୍ତି ଗାଳ୍ପିକ । ଯେଉଁ ଦିନଠାରୁ ରେବତୀ ଓ ତା' ପରିବାର ଲୋକଙ୍କୁ କେହି ପାଟପୁର ଗାଁର ଲୋକେ ଦେଖି ନାହାଁନ୍ତି ସେଦିନଠାରୁ ଗାଳ୍ପିକ ତାକୁ ମହାଜନପୁର ପାଖରେ ଅବିର୍ଭାବ କରି ଗଳ୍ପଟିକୁ ରଚନା କରିଛନ୍ତି । ଏଠାରେ ଗାଳ୍ପିକ ରେବତୀକୁ ମିଥ୍ ଚରିତ୍ର ରୂପେ ବ୍ୟବହାର କରି ଫକୀରମୋହନଙ୍କ ଗଳ୍ପ ଭାବନାକୁ ସମ୍ପୂର୍ଣ୍ଣ ବିପରୀତ ମୂଲ୍ୟ ପ୍ରଦାନ କରିଛନ୍ତି । ଗୋଟିଏ ପଟେ ରେବତୀ ଅଲକ୍ଷଣୀ ବୋଲି ପ୍ରମାଣିତ ହୋଇଥିବାବେଳେ ଉକ୍ତ ଗଳ୍ପରେ ଲକ୍ଷ୍ମୀ ବୋଲି ବିବେଚିତ ହୋଇଛି । ପ୍ରାଥମିକ ଗଳ୍ପରେ ପାଠପାଢ଼ା ଯୋଗୁଁ ପରିବାର ଶୂନ୍ୟ ହୋଇଯାଇଛି ବୋଲି ଜେଜୀମାର ବିଶ୍ୱାସଟି ଉକ୍ତ ଗଳ୍ପରେ ମାଙ୍ଗଳିକ ସୂଚନା ପ୍ରଦାନ କରିଛି । ଯେଉଁଥିପାଇଁ ରେବତୀ ପାଇଁ ଭୋବନୀ ନାହାକ ହାଟରୁ ନୂଆ ନୂଆ ବହି କିଣି ଆଣିଛି । ଭୋବନୀର ଚୌକିଦାରୀରୁ ପଦୋନ୍ନତି ହୋଇଛି କଚେରୀର ବାହେଲ କାମକୁ । ପୋଖରୀ କୂଳରେ ଆସି ବଡ଼ ମାଛଟିଏ ବାଡ଼େଇ ହେଉଥିଲା ଯାହାକୁ ସେ ଧରିପାରିଛି । ସାଆନ୍ତଙ୍କ ଜ୍ୟୋତିଷ ଭୋବନର ହାତ ଦେଖି କପାଳିଆ ବୋଲି କହିଛି ଏବଂ ଏସବୁର କାରଣ ଭାବେ ରେବତୀକୁ ଦର୍ଶାଇ ଘରର ଲକ୍ଷ୍ମୀ ଭାବେ ତାକୁ ଗ୍ରହଣ କରିଛନ୍ତି ଗୁରେଇ ଓ ଭୋବନି । ଅନ୍ୟ ଦିଗରୁ ବିଚାର କଲେ ଗାଳ୍ପିକ ଦାଶ ବେନହୁର ଦର୍ଶାଇବାକୁ ଚାହିଁଛନ୍ତି ଯେ ପରିବେଶ ପରିସ୍ଥିତି ଅନୁସାରେ ସାମାଜିକ ବିଚାରଧାରାରେ ମଧ୍ୟ ପରିବର୍ତ୍ତନ ଆସିପାରେ । ପୁନଶ୍ଚ ସମାଜରେ ଉଚ୍ଚ ବର୍ଗ ଭାବେ ବିବେଚନା କରୁଥିବା ଜାତିର ଲୋକଙ୍କ ଭିତରେ ଯେଉଁ ବାଛବିଚାର ଅଛି ତାହା ସାଧାରଣ ଅଛୁଆଁ ତଥା ତଳ ଶ୍ରେଣୀର ବିବେଚିତ ଜାତିର ଲୋକଙ୍କ ପାଖରେ ନାହିଁ । ପୁଣି ପିଲା ଛେଉଣ୍ଡ ପିତାମାତାଙ୍କ ପାଖରେ ପାଇଥିବା ପିଲା ବି ଦେବୀ ମାଆ ଦେଇଛି ବୋଲି ବିଚାର୍ଯ୍ୟ ।

ସେହିପରି ଦେବବ୍ରତ ମଦନରାୟଙ୍କ ରେବତୀ ଶିକ୍ଷିତ ହେବା ପରେ ନରିବାବୁ ଜରିଆରେ ଚାକିରି ପାଇଁ ଯାଇ ସାର୍ ବୋଲି ସମ୍ବୋଧନ କରୁଥିବା ଲୋକଟି ପାଖରେ ଯୌନ ନିର୍ଯ୍ୟାତନାର ଶିକାର ହୋଇଛି । ସେଥିରେ ଖୁସି ହେବାରୁ ନରହରି ବାବୁ ଓ୍ୱାର୍କ ଅର୍ଡ଼ର ଓ ପରେ ରେବତୀର ଚାକିରି ହୋଇଛି । ଯେଉଁଥିରେ ବାସୁଦେବ ପରି ଦୋକାନୀଟିର ଶାଶ୍ୱତ ପ୍ରେମଟି ମରିଯାଇଛି ଓ ଦେହଭୋଗୀ ମଣିଷର ପ୍ରାଦୁର୍ଭାବ ବଢ଼ିଛି, ପୁଣି ରେବତୀ ପରି ନାରୀମାନେ ମ୍ଭ ଏହାକୁ ସହଜରେ ଗ୍ରହଣ କରି ନେଉଛନ୍ତି ସାମ୍ପ୍ରତିକ ସମାଜରେ, ତାହା ଏଠାରେ ଦର୍ଶନୀୟ । ଫକୀରମୋହନଙ୍କ ରେବତୀ ଗଳ୍ପରେ ପ୍ରଦର୍ଶିତ ଚିରନ୍ତନ ପ୍ରେମସତ୍ତା ଓ ଶାଶ୍ୱତ ସାମାଜିକ ଜୀବନ ଚିତ୍ର, ସାମାଜିକ ଆବଶ୍ୟକତା, ସ୍ୱାର୍ଥ ଓ ପରିବର୍ତ୍ତନୀୟ ଧାରାରେ ଭିନ୍ନ ରୂପେ ମୂଲ୍ୟାୟନ କରାଯାଇଛି ।

ଭାରତୀ ମହାନ୍ତିଙ୍କ 'ପୁନଶ୍ଚ ରେବତୀ' ଗଳ୍ପରେ 'ରେବତୀ' ଓ ବାସୁଦେବଙ୍କ ଦ୍ୱାରା ପରମ୍ପରାକୁ ଭାଙ୍ଗିବାର ପ୍ରୟାସ କରାଯାଇଛି । ଯାହାକୁ ଫକୀରମୋହନ ନିଜ ଗଳ୍ପରେ ଲଙ୍ଘିପାରି ନଥିଲେ । ମାତ୍ର ପାଦେ ଆଗେଇଥିଲେ । କିନ୍ତୁ ଏଠାରେ ରେବତୀ ଓ ବାସୁଦେବର ମିଳାମିଶା, ରାଜନୀତି କରିବା, ରେବତୀ ଘରେ ବାସୁଦେବ ରହିବା, ପାଠପଢ଼ାକୁ ବିଶେଷ ଧ୍ୟାନ ନଦେବା, ବିବାହକୁ ଅଗ୍ରାହ୍ୟ କରିବା, ମନ୍ତ୍ରୀଙ୍କୁ ଦେଖା କରିବେ ବୋଲି ନିଜ ପିତାଙ୍କ ମୃତ୍ୟୁ ପରେ ଜାଣିଶୁଣି ମଡ଼ାକୁ ବାସି କରିବା ଇତ୍ୟାଦି ଉତ୍ତର ଆଧୁନିକ ପ୍ରଣାଳୀକୁ ରେବତୀ ଓ ବାସୁଦେବଙ୍କ ପାଖରେ ପ୍ରତିଫଳନ କରାଇ ନୂତନ ମୂଲ୍ୟବୋଧ ସୃଷ୍ଟି କରାଯାଇଛି ।

ପାଠପଢ଼ାରେ କୃତିତ୍ୱ ହାସଲ କରିଥିବା 'ରେବତୀ' ଯେତେବେଳେ ଗାଁ ଛାଡ଼ି ସହରରେ ରହିଛି ସେତେବେଳେ ସେ ସେଠାରେ ଦେହ ବ୍ୟବସାୟ କରୁଥିବାର ଏକ ବାସ୍ତବ ଚିତ୍ର ପ୍ରକାଶ ପାଇଛି ଦାଶରଥି ବିଶ୍ୱାଳଙ୍କ 'ରେବତୀ' ଗଳ୍ପରେ । ଗାଁରେ ପାଠପଢ଼ି କମ୍ପାନୀରେ ଚାକିରି କରିବାର ଉଦାହରଣ ସାଜିଥିବା ରେବତୀ ଯେ ସହରରେ ଦେହ ବ୍ୟବସାୟ କରି ଅର୍ଥ ଉପାର୍ଜନ କରୁଛି । ଏକଥା ଜାଣିବା ପରେ ବଦଳିଯାଇଛି ଗଳ୍ପନାୟକଙ୍କ ଧାରଣା । ଗ୍ରାମୀଣ ନାରୀର ସହର ସ୍ଥାନାନ୍ତରଣରେ ବଦଳୁଥିବା ଜୀବନଚର୍ଯ୍ୟାର ନଗ୍ନଚିତ୍ର ରେବତୀକୁ ଭିନ୍ନ ମୂଲ୍ୟବୋଧର ଅଧିକାରୀ କରେ ।

ପ୍ରାଚୀନ ମିଥ୍ ଚରିତ୍ରମାନେ ଯେପରି ମଣିଷର ଅବଚେତନ ସ୍ତରରେ ରହିଆସିଛନ୍ତି ସମାନ ଭାବେ 'ଫକୀରମୋହନଙ୍କ ରେବତୀ ମଧ୍ୟ ସାର୍ବକାଳୀନତା ଅର୍ଜନ କରିଛି ଅନେକ ସାହିତ୍ୟିକଙ୍କ ଲେଖନୀରେ । ଏମିତି ଚରିତ୍ରର ନୂତନ ଅଭିବ୍ୟକ୍ତି ଓ ନୂତନ ମୂଲ୍ୟବୋଧକୁ ଜାବୁଡ଼ି ଧରିବାରେ ଆଦୌ କୁଣ୍ଠାବୋଧ କରିନାହାନ୍ତି ଏବେକାର ଲେଖକମାନେ । ଏପରି ଗଳ୍ପଗୁଡ଼ିକ ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟ୍ଟରେ ଆଲୋଚନା କଲେ ଜାଣାଯାଏ ଯେ ସାମ୍ପ୍ରତିକ ମୂଲ୍ୟବୋଧ ଭିତ୍ତିରେ ଗଳ୍ପଗୁଡ଼ିକ ଭିତରେ ପ୍ରାଥମିକ ରେବତୀ ଗଳ୍ପର ମିଥ୍ ବ୍ୟଞ୍ଜନା ପ୍ରଦର୍ଶିତ । ଯାହା ନୂତନ ମୂଲ୍ୟବୋଧ ପ୍ରାପ୍ତିରେ ସହାୟକ ହୋଇଛି ।

**ପ୍ରାନ୍ତଟୀକା:**


୧. Butler, Christopher, Modernism : A very short Introduction, Oxford University Press, New York, First Published – 2010, Page-47.

୨. ତିଓ୍ୱାରୀ, ଅନିଲ କୁମାର, ମିଥକ୍ ଔର୍ ସାହିତ୍ୟ ବିବିଧ ସନ୍ଦର୍ଭ, ଇଣ୍ଡିଆ ନୋଟ୍ ବୁକ୍ସ ପ୍ରାଇଭେଟ୍ ଲିମିଟେଡ୍, ଦିଲ୍ଲୀ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୨ ।

୩. ସ୍ୱାଇଁ, ଦିଲ୍ଲୀପ କୁମାର, ପ୍ରାଚ୍ୟ-ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟ ତତ୍ତ୍ୱ, ବିଜୟିନୀ ପବ୍ଲିକେଶନ, କଟକ, ପ୍ରଥମ ପ୍ରକାଶ-୨୦୧୯, ପୃଷ୍ଠା-୨୨୮ ।

୪. ତତ୍ରୈବ, ପୃଷ୍ଠା-୨୩୫-୩୬ ।

୫. ସେନାପତି, ଫକୀରମୋହନ, ରେବତୀ, ଗଳ୍ପସ୍ୱଳ୍ପ, ରାଜାରାଣୀ ପେପର ବ୍ୟାକ୍ସ, ଭୁବନେଶ୍ୱର, ଦ୍ୱିତୀୟ ପ୍ରକାଶ-୧୯୯୩, ପୃଷ୍ଠା-୨ ।



ଗବେଷକ

ବିଶ୍ୱଭାରତୀ, ଶାନ୍ତିନିକେତନ

ମୋ- ୯୭୭୬୯୦୧୧୦୧

ISSN -2583-147X (P), Vol.- 9, Issue No.XII, March 2024
Bastabatara Pariprakash Prachee
*Peer Reviewed and Referred Research Journal*

# ରମେଶ ପାଣିଗ୍ରାହୀଙ୍କ ନାଟକରେଭାଷାର ପ୍ରୟୋଗ

ଡକ୍ଟର ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା

ଜୀବନରେ ଯେମିତି ନାଟକରେ ମଧ୍ୟ ସେମିତି ଭାଷାର ଏକ ମୁଖ୍ୟ ଭୂମିକା ରହିଛି । ଭାଷା ମାଧ୍ୟମରେ ହିଁ ମଂଚାୟନ ସମୟରେ ସମସ୍ତ ଯୋଗାଯୋଗ ସଂଭବ ହୋଇଥାଏ । ନାଟ୍ୟଚରିତ୍ର ଓ ଅଭିନୟ ସହିତ ଭାଷା ସଂପର୍କିତ । ଆଗକାଳର ନାଟକରେ ଓ ବର୍ତ୍ତମାନର ଯାତ୍ରା ନାଟକରେ ମଂଚସଜ୍ଜା ନଥାଏ । ଶୂନ୍ୟ ମଂଚରେ ନାଟ୍ୟାଭିନୟ ହୁଏ । ନାଟ୍ୟ ଚରିତ୍ରମାନେ ଭାଷାରେ ହିଁ ସୂଚାଇ ଦିଅନ୍ତି ମଂଚଟି ଗୋଟିଏ ଉଦ୍ୟାନ କିମ୍ବା ରାଜପ୍ରାସାଦ ବୋଲି । ଅର୍ଥାତ୍ ଭାଷାରେ କାଳ୍ପନିକ ମଂଚ ମଧ୍ୟ ନିର୍ମିତ ହୋଇପାରେ । ଅନ୍ୟାନ୍ୟ ସାହିତ୍ୟିକ ବିଭାଗମାନଙ୍କରେ ଯେପରି ଭାଷା ଦ୍ୱାରା ବ୍ୟଞ୍ଜନା ନିର୍ମିତ ହୁଏ ଏବଂ ଭାଷାରେ କଳାତ୍ମକତା ଆସେ, ସେହିପରି ନାଟକର ଭାଷାରେ ମଧ୍ୟ ଆଳଙ୍କାରିକ ନିର୍ମାଣ ସମ୍ଭବ । ଯେତେବେଳେ ନାଟ୍ୟଭାଷା କଥିତ ଭାଷାଠାରୁ ଭିନ୍ନ ହୋଇ କୃତିମ ହୋଇଯାଏ, ସେଥିରେ କଳାତ୍ମକତା ଆସେ । କିନ୍ତୁ ଭାଷା କବିତା, କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସର ଭାଷାଠାରୁ ଅଲଗା । କାରଣ ନାଟ୍ୟସଂଳାପର ଭାଷାରେ ପ୍ରେକ୍ଷକବା କଥକ ଏକା ସାଙ୍ଗରେ ମଂଚ ଉପରେ ତା' ସାମ୍ନାରେ ଉପସ୍ଥିତ ପାତ୍ରକୁ ସମ୍ବୋଧନ କରେ ଏବଂ ସାମ୍ନାରେ ଦର୍ଶକ ଗ୍ୟାଲେରୀରେ ଅନ୍ଧାର ଭିତରେ ବସିଥିବା ନୀରବ ଦର୍ଶକମାନେ ତାହା ଶୁଣି ପାରନ୍ତି । ଅତଏବ ନାଟ୍ୟଭାଷାର କଥକ ଜଣେ ଏବଂ ଗ୍ରାହାକ ଦ୍ୱିସ୍ତରୀୟ । ଏହି ଭାଷା କଥୋପକଥନର ଭାଷା ରୂପେ ବ୍ୟବହୃତ ହେଉଥିଲେ ମଧ୍ୟ ତା' ଭିତରେ ନାଟ୍ୟକଥା ପରିବେଷଣ କରିବାର ଶକ୍ତି ମଧ୍ୟ ଥାଏ, ଅର୍ଥାତ୍ ଏହିଭାଷା ଦ୍ୱାରା ଗୋଟିଏ କାହାଣୀ ନିର୍ମିତ ହୋଇ ଚାଲିଥାଏ ।

ନାଟ୍ୟକାର ରମେଶ ପାଣିଗ୍ରାହୀ ୧୯୬୩ ମସିହାରେ ତାଙ୍କର ପ୍ରଥମ ନାଟକ ଲେଖିବା ପୂର୍ବରୁ ଆକାଶବାଣୀ ଓ ଦୂରଦର୍ଶନ ପାଇଁ ୨୦୦ ଗୀତ ଲେଖିଛନ୍ତି । ପରେ ନାଟକ ସାଙ୍ଗକୁ ୩୦ କ୍ଷୁଦ୍ରଗଳ୍ପ ମଧ୍ୟ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ କରିଛନ୍ତି । ତାଙ୍କର "ଧୂପକାଠିର ଘର" ବୋଲି ଗୋଟିଏ ଉପନ୍ୟାସ ପ୍ରକାଶ ପାଇଛି ଏବଂ ଆଫ୍ରିକୀୟ ନୋବେଲ ବିଜେତା ଚିନୁଆ ଆଚିବି (Chinua Achebe) ଙ୍କର ଉପନ୍ୟାସ No Longer at Ease ର ଅନୁବାଦ "ଅନ୍ୟ ଏକ ନିଷାଦ" ମଧ୍ୟ ପ୍ରକାଶ କରିଛନ୍ତି । ଏତଦ୍ ବ୍ୟତୀତ "ମୁକ୍ତଧାରାର ନାଟକ" ଓ ଓଡ଼ିଆ ନାଟକରେ ଉତ୍ତର ଆଧୁନିକତା" ଶୀର୍ଷକ ଦୁଇଟି ପୃଥୁଳକାୟ ପ୍ରବଳ ଗ୍ରନ୍ଥ ମଧ୍ୟ ପ୍ରକାଶ କରିଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ, ସେ ବହୁସ୍ତରୀୟ ପ୍ରୟୋଗ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିଛନ୍ତି । ଓଡ଼ିଆ ଭାଷାରେ ଗୋପୀନାଥ ମହାନ୍ତି ଓ ସୁରେନ୍ଦ୍ର ମହାନ୍ତିଙ୍କୁ ଭାଷାର ବିଚକ୍ଷଣ ପ୍ରୟୋଗ ପାଇଁ ମନେ ପକାଯାଏ । ତାଙ୍କ ପରେ ନାଟ୍ୟକାର ପାଣିଗ୍ରାହୀଙ୍କ ଭାଷା ପ୍ରୟୋଗ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀ କରେ । ଏହି ପ୍ରବନ୍ଧରେ ଓଡିଆ ଭାଷାର ବହୁପ୍ରସ୍ଥୀୟ ପ୍ରୟୋଗ ସଂପର୍କରେ ଆଲୋକପାତ କରିବା ପାଇଁ ଚେଷ୍ଟା କରାଯାଇଛି । ପୃଷ୍ଠଭୂମି ସ୍ୱରୂପ ରମେଶ ପାଣିଗ୍ରାହୀଙ୍କ ନାଟକଗୁଡିକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି । ନିମ୍ନରେ ସେଗୁଡିକ ପ୍ରଦତ୍ତହେଲା–

**୧. ତଥ୍ୟ ପ୍ରଦାନ କରୁଥିବାଭାଷା :**

ମଂଚରେ ଅନୁପସ୍ଥିତ କୌଣସି ଚରିତ୍ରଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ପାଇଁ ଏକ ପ୍ରକାର ସଂଳାପ ବ୍ୟବହାର କରାଯାଏ । ରମେଶ ପାଣିଗ୍ରାହୀଙ୍କ ପ୍ରଥମ ନାଟକ 'ମୁକ୍ତି ମଣ୍ଡପ'ର ନିମ୍ନ ସଂଳାପଟିକୁ ପରୀକ୍ଷା କରାଯାଉ । ନିପଟ ପଲ୍ଲୀରେ ବାସକରୁଥିବା ଗଣେଶବାବୁଙ୍କ ପୁଅ ସରୋଜ ବାଣୀବିହାରରେ ପଢୁଛି । ପୂଜା ଛୁଟିରେ ତା'ର ସାଙ୍ଗ ସାଗରକୁ ନିମନ୍ତ୍ରଣ କରିଛି ତାଙ୍କଘ ରକୁ । ଏଇ ପାଖରେ ତଥ୍ୟ ପ୍ରଦାନ ପାଇଁ ନିମ୍ନ ସଂଳାପ ବ୍ୟବହାର କରାଯାଉଛି–

ସରୋଜ: ଯୋଉ ସାଙ୍ଗଟା ପଅରିଦିନ ଆସିବ ସିଏ କିଏ ଜାଣିଛୁ ?

ଝରଣା : ନା, ମୁଁ କେମିତି ଜାଣିଲି ?

ସରୋଜ : ଜମିଦାର ରାମ ନାରାୟଣଙ୍କ ପୁଅ । ଏକମାତ୍ର ପୁଅ, ଅଚଳାଚଳ ସଂପତ୍ତି । ହେଃ ! ରାଜଉଆସରେ ବଢ଼ିଛି । ଗାଁ ମାଟିରେ ପାଦ ତାର ପଡିନି, ସବୁବେଳେ ଖାଲିକାର, ଜିପ୍, ମଟରସାଇକେଲ ! (ମୁକ୍ତିମଣ୍ଡପ , *ରଚନା ସମଗ୍ର,* ପୃଷ୍ଠା -୧୫)

**୨. ସୂଚନା ଓ ସଂଯୋଗାତ୍ମକ ଭାଷା :**

ନାଟ୍ୟଚରିତ୍ରର ସଂଳାପ ବେଳେବେଳେ ସ୍ୱଗତୋକ୍ତିରେ ପରିଣତ ହୁଏ । ସ୍ୱଗତୋକ୍ତି ମାଧ୍ୟମରେ ଚରିତ୍ର ନିଜ ସଂପର୍କରେ ସୂଚନା ଦିଏ ଏବଂ ଅନ୍ଧାର ଭିତରେ ବସିଥିବା ଦର୍ଶକମାନଙ୍କ ସାଙ୍ଗରେ ସଂଯୋଗ ସ୍ଥାପନ କରେ । 'ମୁକ୍ତି ମଣ୍ଡପ ' ନାଟକର ଚାକର ଭୂମିକାରେ ଅଭିନୟ କରୁଥିବା ଭୋଳାର ନିମ୍ନ ସଂଳାପଟିକୁ ଲକ୍ଷ୍ୟ କରନ୍ତୁ ।

ଭୋଳା : ମତେ କଣ କରି ପାଇଲକି ? ତିରିଶି ବର୍ଷର ପୁରୁଣା ଚାକର ମୁଁ !

ଆସିଥିଲି ମା'ଙ୍କ ସାଙ୍ଗରେ ଆଳିରୁ । ସେକାଳର ପୁରୁଣା ଯୌତୁକ ମୁଁ । ଏବେ ସବୁ ଭାଙ୍ଗିରୁଜି ଗଲାଣି । ମା' ଯାଇକିରି ଆରପାରିରେ, ହେଲେ ମୁଁ ଅଛି । ପିତଳହଣ୍ଡା ପରି ଚମକୁଛି (ଘର ଝାଡୁଥିଲା) ଓଃ ! ଏ ଘରଟା କ'ଣ ହୋଇଛି ! ଝିଟିପିଟି, ମୂଷା, ଅସରପା । ମୁଁ ଯେତେବେଳେ ଏ ଘରକୁ ଆସିଥିଲି, ଏ ଉଆସ ଖାଲି ଚମକୁ ଥିଲା, ଝାଡ, ବତୀ,ଅତର... ସେ ଘରେ ସିଂହାସନ ପଡିଥିଲା, ରୂପା ସିଂହାସନ; ବୁଝିଲ ପ୍ରତାପ ସାଆନ୍ତେ ! କ'ଣ ଶୁଣୁଛ ନା ସେଇଠି ଠିଆ ହୋଇ ଢୁଳେଇ ପଡିଲ ବା ?

(ପୃଷ୍ଠା-୨୧, *ମୁକ୍ତିମଣ୍ଡପ*)

**୩. ଦର୍ଶନ ତତ୍ତ୍ୱ ଆଧାରିତ ଭାଷା :**

ସାହିତ୍ୟ ପ୍ରାଚ୍ୟ ନାଟ୍ୟକାରମାନେ ବେଳେବେଳେ ଏପରି ଚରିତ୍ର ନିର୍ମାଣ କରନ୍ତି, ଯେଉଁମାନଙ୍କର କଥିତ ଭାଷା ଅଭ୍ୟାସ କ୍ରମେ ଦାର୍ଶନିକତତ୍ତ୍ୱ ପ୍ରକାଶ କ୍ଷମ ହୋଇଯାଏ । ରମେଶ ପାଣିଗ୍ରାହୀଙ୍କ ତୃତୀୟ ନାଟକ *'ବିନ୍ଦୁ ଓ ବଳୟ'* ରେ ରବର୍ଟ ମହାନ୍ତି ସେପରି ଏକ ଚରିତ୍ର । ଏହି ଆଂଗଲୋ ଇଣ୍ଡିଆନ୍ ଚରିତ୍ର ପ୍ରାୟତଃ ଇଂରାଜୀ ମିଶା ଓଡିଆ କୁହନ୍ତି ଏବଂ ପ୍ରାୟତଃ ମିଛ କୁହନ୍ତି ।ବହୁବର୍ଷର ବ୍ୟବଧାନ ପରେ ହଠାତ୍ ଗୋଟିଏ ଡାକବଙ୍ଗଳାରେ ତାଙ୍କର ପୁରାତନ ପ୍ରେମିକା ସୁଚରିତା ସାଙ୍ଗରେ ଦେଖା ହୋଇଯାଏ । ସୁଚରିତା ବର୍ତ୍ତମାନ ଜଣେ ପ୍ରତିଷ୍ଠିତା ଚିତ୍ର ଅଭିନେତ୍ରୀ ଏବଂ ଜୀବନରେ ବହୁ ପ୍ରକାର ପ୍ରେମ ଖେଳ ଖେଳି ଖେଳି ଅଭିନୟ ପ୍ରତି ତାଙ୍କର ବିତୃଷ୍ଣା ଆସିଗଲାଣି । ରବର୍ଟ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରୁଛନ୍ତି,

**ରବର୍ଟ :** ଏତେ ମର୍ଯ୍ୟାଦା, ଏତେ ସମ୍ମାନ ପରେ ବି ବିତୃଷ୍ଣା ଆସେ ?

**ସୁଚରିତା :** କାରଣ ମତେ ସମସ୍ତେ ସମ୍ମାନ ଦେଲେ, କେହି ଚିହ୍ନିଲେନି !

**ରବର୍ଟ :** ଚିହ୍ନିଲେନି, କାରଣ ପୃଥିବୀର ଏଇ ମଧ୍ୟାହ୍ନ ଅନ୍ଧକାର ଭିତରେ, କେହି କାହାକୁ ଚିହ୍ନେନା ! ଅତି ଆଶ୍ଚର୍ଯ୍ୟ, ଅତି ପିକ୍ୟୁଲିୟର ଅଲ୍‌ମାଇଟି (Almighty) ର ମଣିଷ କୁଆଡେ ଗୋଟେ ସାର୍ଥକ ସୃଷ୍ଟି ।ତେଣୁ ସେ କାହାରିକୁ ଚିହ୍ନେନା ! ଆଫ୍ରିକାର ଜଙ୍ଗଲ ପରି ତାର ମନ, ଅନ୍ଧକାର ଭିତରେ, ଦେହ ସହ ଦେହର ଘର୍ଷଣରେ ତାର ଜନ୍ମ । ଆଦରର ଅନ୍ଧକାର ଭିତରେ ତାର ଦଶ ମାସ ପାଳନ...ଆଉ ଜନ୍ମ ପରେ ବୁକୁଫଟା କ୍ରନ୍ଦନ...

**ସୁଚରିତା :** ତମେ ଦର୍ଶନ ଶାସ୍ତ୍ରକହୁଛ ?

**ରବର୍ଟ :** ଅନୁଭୂତି କହୁଛି,"

(ବିନ୍ଦୁ ଓ ବଳୟ, ରଚନା ସମଗ୍ର, ପୃ- ୩୨୯)

୧୯୬୬ ରେ ଲିଖିତ ଏବଂ ମଂଚସ୍ଥ ନାଟକ 'ବିନ୍ଦୁ ଓ ବଳୟ'ର ସମସାମୟିକ ନାଟକ ହେଲା ବିଜୟ ଓ ଗମିଶ୍ରଙ୍କ 'ପ୍ରତୀକ୍ଷା', ଆଲୋଚିକା ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ଭାଷାରେ "ପରସ୍ପରର ବୁଝାମଣାର ଅଭାବରୁ ହିଁ ପ୍ରତୀକ୍ଷାର ଅନ୍ତହୀନ ସ୍ରୋତଟିଏ ଛୁଟି ଚାଲେ ପ୍ରତୀକ୍ଷା କରୁଥିବା ବ୍ୟକ୍ତିର ହୃଦୟ ବିଦୀର୍ଣ୍ଣ କରି ।ଅଥଚ କେହି କାହାର ଅହଂକାର ଛାଡ଼ିବା ପାଇଁ ନାରାଜ ।" (ସଂଘମିତ୍ରା ମିଶ୍ର, ନାଟକସୀମା ଓ ସଂଭାବନା, ପୃଷ୍ଠା-୮୭) ୧୯୬୬ ରେ ବିଶ୍ୱଜିତ ଦାସଙ୍କର କୌଣସି ନୂଆ ନାଟକ ନଥିଲେ ମଧ୍ୟ ୧୯୬୫ର 'ପ୍ରତାପ ଗଡ଼ରେ ଦି ଦିନ' ପ୍ରସିଦ୍ଧି ଲାଭ କରିଛି । କିନ୍ତୁ ଏହା ଋଷୀୟ ନାଟକ The Inspector Calls ର ଓଡିଆ ଅନୁବାଦ । ଏ ସମୟଖଣ୍ଡରେ ମନୋରଞ୍ଜନ ଦାସଙ୍କର କୌଣସି ନାଟକ ପ୍ରକାଶ ପାଇ ନାହିଁ । ଓଡିଶାର ଉପରୋକ୍ତ ନାଟ୍ୟ ପରିମଣ୍ଡଳରେ ' ବିନ୍ଦୁ ଓ ବଳୟ' ନାଟକର ଭାଷାରେ ଯେଉଁ ଦର୍ଶନର ଆଭାଷ ମିଳୁଛି, ତାହା ଶ୍ରୀ ପାଣିଗ୍ରାହୀଙ୍କ ସମକାଳୀନ ବୟସ୍କ ନାଟ୍ୟକାରମାନଙ୍କ ନାଟକରେ ଉପଲବ୍ଧ ନୁହେଁ । ବିଜୟ ମିଶ୍ର ବ୍ୟବସାୟିକ ରଙ୍ଗମଂଚ ଅନ୍ନପୂର୍ଣ୍ଣା ଥିଏଟର ପାଇଁ ରୀତିମତ ନାଟକ ଲେଖୁଛନ୍ତି ଓ ଏହି ସମୟଖଣ୍ଡରେ ରଚିତ 'ହେ ସ୍ୱର୍ଗ ବିଦାୟ' (୧୯୬୭) ରେ ପ୍ରେମ, ପ୍ରତାରଣା, ହତ୍ୟାର କାହାଣୀଟିଏ ମିଳୁଛି । ୧୯୬୦-୬୧ ରେ ରଚିତ 'ଜନନୀ' ନାଟକରେ ସୁଧୀର କହୁଛି, "ବରଂ ଯଦି ଭଗବାନ ବୋଲି ସ୍ୱର୍ଗରେ କୌଣସି ଜୀବ ଥାଏ – ତେବେ ତା ବିରୁଦ୍ଧରେ ଯୁଦ୍ଧ ଯାତ୍ରାକର । ତା' ବିରୁଦ୍ଧରେ ଉଠାଅ ତମର ତରବାରୀ । ତାହେଲେ ସେ ବୁଝିବ, ତା ସୃଷ୍ଟିର କଂପନ କେତେ ଭୟଙ୍କର । "(ପୃ-୪୫)

ରମେଶ ପାଣିଗ୍ରାହୀଙ୍କ ଜୀବନ ଦର୍ଶନରେ ଭଗବାନଙ୍କ ପ୍ରତି ଏପରି ନାସ୍ତିକ ବକ୍ତବ୍ୟ ମିଳେ ନାହିଁ । 'ବିନ୍ଦୁ ଓ ବଳୟର' ରବର୍ଟ ମହାନ୍ତି ଶରୀରଧର୍ମୀ ପ୍ରେମକୁ ପ୍ରେମ ବୋଲି ସ୍ୱୀକାର କରୁନାହିଁ । ଶ୍ଳେଷାତ୍ମକ ଭଙ୍ଗୀରେ ରବର୍ଟ ତା'ର ପ୍ରାକ୍ତନ୍ ପ୍ରେମିକା ସୁଚରିତାକୁ କାହୁଛି, "What do you mean by that ଭଲ ପାଇବା ? ଭଲ ପାଇ ପ୍ରଭୁ ଯୀଶୁ କ୍ରୁଶବିଦ୍ଧ ହେଲେ । ଭଲପାଇ ପୃଥିବୀରେ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ହେଲା । ଭଲପାଇ ମଣିଷ ମାନେ ହିପ୍ପୀ ହେଇଗଲେ । ଭଲପାଇ ଏ ପୃଥିବୀର ଜନସଂଖ୍ୟା ତିନିଶହ କୋଟି, ଏ ଶତାବ୍ଦୀ ଶେଷ ହେଲା ବେଳକୁ ହୁଏତ ପାଂଚଶହ କୋଟି ହୋଇ ଯାଇପାରେ , ତେଣୁ ମୁଁ କାହାରିକୁ ଭଲ ପାଇବାକୁ ଭଲ ପାଏନା ।" (ରଚନା ସମଗ୍ର-ପୃ-୩୩୦)

**୪. ଭାବନାର ଭାଷା :**

ରମେଶ ପାଣୀଗ୍ରାହୀଙ୍କ ପ୍ରତି ନାଟକରେ ଭିନ୍ନଭିନ୍ନ ଦାର୍ଶନିକ ସଂଳାପର ଉଦାହରଣ ମିଳିବ । ବେଳେବେଳେ ତାଙ୍କ ସଂଳାପର ଭାଷା ଶାବ୍ଦିକ ଅର୍ଥର ଉର୍ଦ୍ଧ୍ୱକୁ ଚାଲିଯାଏ । ଭାଷା ସହିତ ବାଚନିକ ଭଂଗୀ ଓ ଇଂଗିତ ଧର୍ମୀତା ମିଶି ଏକ ଭାଷୋତ୍ତର ଭାଷା ନିର୍ମିତ ହୁଏ । ଏପରି ଏକ ଭାଷୋତ୍ତର ଭାଷାର ଉଦାହରଣ ମିଳିବ 'ବୁନ୍ଦାଏ ପାଣିରେ ସମୁଦ୍ର' ନାଟକରେ । IAS. ପୁଅ ସଂଦୀପ ଓ ତା' ସ୍ତ୍ରୀ ଶମିତା ବୃଦ୍ଧ ପିତା, ସ୍ୱାଧୀନତା ସଂଗ୍ରାମୀ ସନାତନଙ୍କୁ ଘରେ ରଖି ନପାରି ଜରାଶ୍ରମକୁ ପଠାଇ ଦେଇଛନ୍ତି । ସନାତନ ଜରାଶ୍ରମରୁ ଲୁଚି ଚାଲି ଆସି ସମୁଦ୍ର କୂଳରେ ପହଂଚି ଯାଇଛନ୍ତି । ପରବର୍ତ୍ତୀ ନାଟ୍ୟାୟନର ଭଷାକୁ ପରୀକ୍ଷା କରାଯାଉ । ଏହା ସଂଳାପର ଭାଷା ନୁହେଁ, ଉପଗ୍ରନ୍ଥୀୟ ବର୍ଣ୍ଣନାର ଭାଷା ।

"ସନାତନ ଆସି ସମୁଦ୍ର ଆଡକୁ ମୁହଁକରି ଠିଆ ହେବେ, ଗୋଟିଏ ମହମବତୀ ଜଳାଇ ବାଲିରେ ପୋତିବେ, କିଛି ଧୂପକାଠି ଜଳାଇବେ ଅସ୍ତ ସୂର୍ଯ୍ୟକୁ ବନ୍ଦନା କରିବେ, ଆବହ ସଂଗୀତ ତାଙ୍କ ଏକାକୀତ୍ୱକୁ ବୁଝାଉ ବୁଝାଉ ରୂପାନ୍ତରିତ ହେବ ଶଙ୍ଖ, ଘଂଟ ଓ ଆଳତୀ ଶବ୍ଦରେ । ମରିଯାଇ ଆରପାରିରେ ଥିବା ତାଙ୍କ ପତ୍ନୀଙ୍କର ହୁଳହୁଳି ଶବ୍ଦ ମଧ୍ୟ ଶୁଭିଲା । କ୍ରମଶଃ ହୁଳହୁଳି ଶବ୍ଦଟା ଏକ କୋରସ୍‌ରେ ପରିଣତ ହେଲା ।"

**ସନାତନ :** ମୁଁ ଯେତେବେଳେ ଜରାନିବାସକୁ ଗଲି ସମୁଦ୍ର ! ତମକୁ ମୁଁ ସାଙ୍ଗରେ ନେଇ ଯାଇଥିଲି, କେମିତି ତମଭଳି ଏତେବଡ ସମୁଦ୍ରକୁ ନେଇଥିଲି ଜାଣିଛ ? ଏଇ ଛାତିରେ ପୁରେଇ, ଛାତିରେ ଭର୍ତ୍ତିକରି ନେଇଥିଲି । ଏ ପୃଥିବୀର ତିନିଭାଗ ଲୁଣିଆ ପାଣି, ଆଉ ଭାଗେ ସ୍ଥଳଭାଗରେ ଗୋଟେ ବଗିଚା... ଗୋଟେ ଜହ୍ନ, ଆଉ କିଛି ତାରା । ଗୋଟିଏ ଶୁଖିଲା ପାହାଡିଆ ଭୂମିରେ ଜହ୍ନ ଆଉ ତାରା ଖଂଜିବାକୁ ଅନେକ ଯୁଦ୍ଧ କରିବାକୁ ପଡିଛି ସମୁଦ୍ର ! ଯୁଝିଯୁଝି ହାତମୁଠାରେ ଧରିଥିବା ବାଲି ପରି... ଝରି ଯାଉଛି ଜୀବନ !

(ସମୁଦ୍ର ଆଡୁ ଗୋଟେ ଜୁଆର ଆସିଲା, ହାତରେ ମୁଠାଏ ପାଣି ଧରିଲେ ସନାତନ, ଟେକି ଧରିଲେ ଆଂଜୁଳାଏ ପାଣି ସୂର୍ଯ୍ୟାସ୍ତ ଆଡକୁ)

ଆସ ସମୁଦ୍ର ! ମୋ' ଛାତି ଭିତରକୁ ଆସ, ଆସ ମୋର ଆଖି ଭିତରକୁ, ଆଉ ଆସିଲା ବେଳେ ଏ ସୂର୍ଯ୍ୟାସ୍ତଟାକୁ ସାଙ୍ଗରେ ନେଇ ଆସ । ମତେ ଆଂଜୁଳାଏ ପାଣି କରିଦିଅ, ଆଂଜୁଳାଏ ଲବଣାକ୍ତ ଜଳ, ଲୁହର ସମୁଦ୍ର !" (ବୁନ୍ଦାଏ ପାଣିରେ ସମୁଦ୍ର- ପୃଷ୍ଠା- ୩୮)

ନାଟକ ପଂଚଭୂତ ଓ ପଂଚେନ୍ଦ୍ରୀୟ ସହିତ ଘନିଷ୍ଠ ଭାବେ ଜଡିତ, କିନ୍ତୁ ଏଠାରେ ନାଟକୀୟ ଭାଷାବସ୍ତୁ ନିଷ୍ଠ ନହୋଇ ଭାବାତ୍ମକ ଭଳି ମନେହୁଏ । ମନେହୁଏ କବିତାର ଭାଷା ଭଳି, ଏହି ଭାଷାରେ ସଂଳାପ କହିଲା ବେଳେ ଶବ୍ଦ ପ୍ରୟୋଗ ଅନୁଯାୟୀ ଅର୍ଥ ନିଷ୍ପନ୍ନ ହୁଏ ନାହିଁ । ସନାତନ ଛାତି ଭିତରେ ସମୁଦ୍ରକୁ ନେଇ ପାରିବେ ନାହିଁ । ଆକାଶରେ ଜହ୍ନ ତାରା ଖଂଜି ପାରିବେ ନାହିଁ, ତଥାପି ଏହା ଭାଷା, କାରଣ ଭାଷା କେବଳ ଭାବ ପ୍ରକାଶର ମାଧ୍ୟମ ନୁହେଁ, ଭାଷା ଭାବନାର ମଧ୍ୟ ମାଧ୍ୟମ । ଏଠାରେ ବିଶିଷ୍ଟ ଭାଷାବିତ୍ ପ୍ରଫେସର ଧନେଶ୍ୱର ମହାପାତ୍ରଙ୍କ ମତ ଉଦ୍ଧାର କରାଯାଇ ପାରେ, "ଭାଷା କେବଳ ଭାବ ପ୍ରକାଶର ମାଧ୍ୟମ ନୁହେଁ, ଭାଷା ଭାବିବାର ମଧ୍ୟ ମାଧ୍ୟମ । ବିନା ଭାଷାରେ କିଛି ଭାବିବା ମଧ୍ୟ ଅସମ୍ଭବ, ଯା'ର ଭାଷା ଉନ୍ନତ, ତାର ଭାବନା ମଧ୍ୟ ଉନ୍ନତ, ପୁଣି ଯା'ର ଭାବନା ଉନ୍ନତ, ତାର ଭାଷା ମଧ୍ୟ ଉନ୍ନତ ।"

(ମହାପାତ୍ର, ଆଧୁନିକ ଓଡିଆ ବ୍ୟାକରଣ, ପୃ-୩ )

**୫. ଭାଷା ଓ ଚରିତ୍ରଚିତ୍ରଣ :**

ଦର୍ଶକ ଯଦି ଅନ୍ଧ ହୋଇଥାଏ, ଯଦି ଆଖିବୁଜି କେଉଁ ଚରିତ୍ରର ସଂଳାପ ଶୁଣେ, ସେ କହି ଦେଇ ପାରିବ ଚରିତ୍ର ଟିକିଏ ଆଉ ତା'ର ନାଁ କ'ଣ । ସାଧାରଣ ଦର୍ଶକମାନେ ମଧ୍ୟ କୁହନ୍ତି ସଂଳାପ ପାତ୍ରମୁଖୀ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଗୋଟିଏ ନାଟକରେ (ବିନ୍ଦୁ ଓ ବଳୟ) ଇଲେକ୍‌ସନର ପ୍ରେକ୍ଷାପଟରେ ଜଣେ ନେତା ଭାଷଣ ଦେଉ ଦେଉ ତାଙ୍କ ଉପରକୁ ଡେଲାମାଡ ହେଇଛି । ନେତାଙ୍କର ମୁଣ୍ଡ ଫାଟି ଯାଇଛି, ଆଉ ସେ ବ୍ୟାଣ୍ଡେଜ୍ ଲଗାଇ ଆସି ଗ୍ରାମାଂଚଳରେ ଡାକବଙ୍ଗଳାରେ ରହିଛନ୍ତି । ତାଙ୍କ ଦଳର ଜଣେ ଛାମୁଆ ନେତା (ରାଧା ଗୋବିନ୍ଦ) ଆସି କହୁଛନ୍ତି: "ଗାଲ ଚିପିଲେ ବାବୁ ଦୁଧ ବାହାରିବ ! ମୋ' ଆଖି ଆଗରେ କାଲି ନଂଗଳା ହେଇ ବୁଲୁଥିଲେ ! ହଇଏ ଆଜି ପୁଣି ମୋ ମୁହଁରେ ଜବାବ ? ତମ ପରି ଲୋକଙ୍କର ତ ଆଜ୍ଞା- ଏମାନେ ମୁଣ୍ଡ ଫଟେଇ ଦହି ବାହାର କରିଦେଲେ- ଆମ ପରି ଶିମିଳି ତୁଳାଙ୍କର ଅବସ୍ଥା କ'ଣ ନ ହେବ ?"

(ବିନ୍ଦୁ ଓ ବଳୟ, ରଚନା ସମଗ୍ର, ପୃଷ୍ଠା- ୨୯୧)

ସ୍ପଷ୍ଟ ହେଇ ଯାଉଛି, ସେ ଜଣେ ବୟସ୍କ ଗ୍ରାମବାସୀ ଏବଂ ରାଜନେତାଙ୍କର ଗୋଡ଼ାଣିଆ । ସେହିପରି ଆଉ ଗୋଟେ ସଂଳାପର ଭାଷାକୁ ଲକ୍ଷ୍ୟ କରନ୍ତୁ, ନାଟକ ଓ ଚରିତ୍ର ସଂପର୍କରେ ସୂଚନା ମିଳିଯିବ :

"ହମ୍‌କି ସିକୋ କେୟାର୍ ନହିଁକରତା ! ଯୋଉ ଦିନଠୁ ଛାଡ଼ିଚି, ସବୁଛାଡ଼ି ଦେଇଛି , ଶାଲା ବାପ୍‌କୋ ଭି ହମ୍ କେୟାର୍ ନହିଁ କରତା ! କଲେଜ ଇଲେକ୍‌ସନ ହେଇଚି ତିନି ତିନିଟା "ବେଷ୍ଟଟେନ୍" ପିଲାଙ୍କୁ ହରେଇ ଛଅ ଶହଭୋଟ୍‌ରେ ଲିଡ୍‌କରି ପ୍ରେସିଡେଂଟ ହେଇଛି । ତିନି ତିନିଟା "ଅଲ୍ ଓରିଶା ଷ୍ଟ୍ରାଇକ୍" ରେ ମୁଁ ଛାମୁଆ ନେତା । ସାତଟା ପୋଲିସ୍ କେଶ୍ ମୋ ନାଁରେ । ମାଲବୁହା ଟ୍ରକ ଉପରକୁ ଫୋପାଡ଼ି ଦିଆଯାଇଛି ଆମମାନଙ୍କୁ । ପୋଲିସ୍ ଭ୍ୟାନ୍ ଭିତରକୁ ଅଖା ବସ୍ତା ଭଳି ଫୋପାଡି ହେଇ ଜେଲ୍‌ରେ ଅନ୍ଧାରିଆ ସେଲ୍ ଭିତରେ ଦୁଇମାସ ଲେଖା ସଢ଼ିଚୁ କାହାପାଇଁ ? କୋଉ ସମାଜ ପାଇଁ ? ପ୍ରତିଦାନରେ ଏ ସମାଜ ଆମକୁ ଦେଇଛି କ'ଣ ? ନ୍ୟାୟ ପାଇଁ ଫାଇଟ୍ କରି କରି ଆମେ ବେଲ୍‌ଟ୍ ମାଡ ଖାଇଚୁ (ସାର୍ଟ ଖୋଲି) ପିଠିରୁ ଏ ପର୍ଯ୍ୟନ୍ତ ସେ ଦାଗ ଲିଭିନି । xxx ଭାବିଥିଲି ଜେଲ୍‌ରୁ ଆସିଲା ପରେ ମତେ ସମାଜରେ ଖାତିର୍ ମିଳିବ... ଯୋଉ ସମ୍ମାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମିଳିଥିଲା xxx ତମେ ଯୋଉମାନେ ଭଦ୍ରଲୋକ –ଭଦ୍ରମହିଳା ! କହୁଚ ଦେଶର ଆକାଶରେ ନୂଆ ସୂର୍ଯ୍ୟ ଉଠିଚି ବୋଲି...ହୁଁ ! ସେଇ ସୂର୍ଯ୍ୟଟାକୁ ଅନ୍ଧାରିଆ ପାହାଡର ଉପତ୍ୟକା ଭିତରୁ ଟେକି ଆଣୁ ଆଣୁ ମୋର ହାତ ପୋଡି ଯାଇଛି । (ନିଜ ହାତକୁ ନିଜେ ଦେଖି/ଦେଖାଇ) ଦେଖୁଚ ? ଏଇ ହାତର ଭାଗ୍ୟରେଖା ଗୁଡାକ ଛୁରୀ ମାଡରେ ଓଲଟ ପାଲଟ... ତମ ନୂଆ ସୂର୍ଯ୍ୟର ନିଆଁରେ ପୋଡି ହେଇ କେମିତି କଳା ଅଙ୍ଗାର ହେଇଯାଇଛି । (ତାପରେ କ୍ଳାନ୍ତ ହୋଇ ବସି ପଡିଚି) ଓଃ !

(ନାଟକ ସମଗ୍ର, ପୃଷ୍ଠା- ୫୪୩-୫୪୪)

ଉପରୋକ୍ତ ସଂଳାପରେ ସହର ତଳିବସ୍ତି ଅଂଚଳର ଭାଷା କହୁଥିବା ଏଇ ଯୁବକଟି ଯେ 'ଗୁଣ୍ଡା' ନାଟକର ନାୟକ, ଏଥିରେ କୌଣସି ପାଠକ ସନ୍ଦେହ ପ୍ରକାଶ କରିବାର ଅବକାଶ ନାହିଁ । ଏଥିରୁ ସ୍ପଷ୍ଟ ହୁଏ ଯେ ପାତ୍ରମୁଖୀ ଭାଷା ପ୍ରୟୋଗ କରୁଥିବାରୁ ନାଟ୍ୟକାର ପାଣିଗ୍ରାହୀଙ୍କ ନାଟ୍ୟ ଚରିତ୍ରଗୁଡିକ ଏତେ ଜୀବନ୍ତ ଓ ବାସ୍ତବଧର୍ମୀ ।

### ୬. ନାଟ୍ୟଭାଷା ଓ ଅଭିନୟ :

କବିତା ଓ ଉପନ୍ୟାସର ଭାଷା ପ୍ରାୟତଃ ଭାବ ପ୍ରକ୍ଷେପକ ଓ ବର୍ଣ୍ଣନାତ୍ମକ । ବର୍ଣ୍ଣନାତ୍ମକ ଭାଷାର ବାକ୍ୟ ଗଠନ ଦ୍ୱାରା କୌଣସି ଅଭିନୟ ସଂଭବ ନୁହେଁ । କିନ୍ତୁ ନାଟ୍ୟକାର ପାଣିଗ୍ରାହୀ ତାଙ୍କ ସଂଳାପରେ ଏପରି ବାକ୍ୟ ଗଠନ କରନ୍ତି ଯେ ତାକୁ ଉଚ୍ଚାରଣ କଲାବେଳେ ଏକ ଅଭିନୟର ସୂତ୍ରପାତ ହୁଏ । ଆପେ ଆପେ ଅଭିନେତାର ମୁଖଭଙ୍ଗୀ ଓ କଂଠସ୍ୱର ଅଲଗା ପ୍ରକାର ହୋଇଯାଏ । ଏହାର କାରଣ, ନାଟ୍ୟକାର ପାଣିଗ୍ରାହୀ ନିଜେ ଜଣେ ଅଭିନେତା ଓ ନର୍ଦ୍ଦେଶକ ଏବଂ ସେ ବହୁ ପ୍ରକାର ବାକ୍ୟ ରଚନା କରିପାରନ୍ତି । ନାଟ୍ୟକାର ବି.ଏ ପଢୁଥିଲା ବେଳେ ରେଭେନ୍‌ସା କଲେଜର ନାଟ୍ୟସଂସଦ ତରଫରୁ ତାଙ୍କର "ନିଶିଥ ସୂର୍ଯ୍ୟ" ନାଟକ ମଂଚସ୍ଥ ହୋଇଥିଲା ୧୯୬୫ ମସିହାରେ । ଏହା ତାଙ୍କର ଦ୍ୱିତୀୟ ନାଟକ, ଏଥିରେ ନାୟକ ବଦଳରେ ଜଣେ ପ୍ରତିନାୟକ (Anti Hero) ଅଛି । ତା ନାଁ ମୁକ୍ତିକାନ୍ତ । ମୁକ୍ତିକାନ୍ତ ଓଡିଆ ସାହିତ୍ୟର ଆଗଧାଡିର ପ୍ରତିନାୟକ । ଶାନ୍ତନୁ ଆଚାର୍ଯ୍ୟଙ୍କ 'ଶତାବ୍ଦୀର ନଚିକେତା'ରେ ଯେଉଁ ପ୍ରତିନାୟକ ଅଛି ତାର ସମସାମୟିକ ମୁକ୍ତିକାନ୍ତ । ପିତା ଓ ମାତାର ପରିଚୟ ନାହିଁ, ସମାଜ ଆଗରେ ଏକ ଅବୈଧ ସନ୍ତାନ, ଜନ୍ମରୁ ତାର ମସ୍ତିଷ୍କ ଅପରିଚିତ ବୋଲି ଡାକ୍ତର କହୁଥିଲେ । ତାକୁ ପାଗଳାଗାରଦରେ ଛାଡି ଦିଆ ଯାଇଥିଲା । ୨୦/୨୨ ବର୍ଷ ବୟସରେ ସେ ଅବସ୍ଥା କ୍ରମେ ଆସି ପହଂଚିଛି କଟକ ସହରରେ ମେଜର ବର୍ମାଙ୍କ ଘରେ । ଚୀନ ଯୁଦ୍ଧରେ ୧୯୬୨ ମସିହାରେ ହାରି ଯାଇ ସେ ମଧ୍ୟ ପାଗଳ ହେଇ ଯାଇଛନ୍ତି । ଏ ଦୁଇଟି ଚରିତ୍ର ଏକ ବିଚିତ୍ର ନାଟ୍ୟ ଘଟଣାରେ ଏକତ୍ରିତ ହୁଅନ୍ତି । ମୁକ୍ତିକାନ୍ତ ମେଜର ବର୍ମାଙ୍କୁ କହେ :

**ମୁକ୍ତିକାନ୍ତ :** ମାନେ... ଠିକ୍ ଯେ କେମିତି ବୁଝେଇବି ... କଥାଗୁଡାକ ଠିକ୍ ମୋ ପାଟିକୁ ଆସେନା । ନା'... ମାନେ ଆପଣଙ୍କର ପିସ୍ତଲଟାରେ ମତେ ଯଦି ମାରି ଦେଇ ପାରନ୍ତେ... କେମିତି ମାରନ୍ତେ ? ମାନେ, କଥା ହେଲା, ମିଛ କହିଲା ବେଳେ... ମୁଁ ପିଲାଦିନେ ଦି ଚାରି ଥର ମିଛ କହିଛି... ମତେ ଲାଗେ ମୁଁ ଯେମିତି ଗୋଟାଏ ଅନ୍ଧାରୁଆ କୂଅ ଭିତରକୁ ଧୀରେ ଧୀରେ ଖସି ଯାଉଛି । ତା'ପରେ ମତେ ଭୟ ଲାଗେ, ମୋର ମନେହୁଏ, ଯେମିତି ପୃଥିବୀସାରା ସମସ୍ତେ ମୁଁ ମିଛ କହୁଛି ବୋଲି ଜାଣି ପାରିଲେଣି, ଏମିତି ଯେ କାହିଁକି ହୁଏ... (ତିମିର ତୃଷ୍ଣା, ରଚନା ସମଗ୍ର, ପୃଷ୍ଠା-୧୮୮)

ମୁକ୍ତିକାନ୍ତର ଏ ସଂଳାପରେ ଲକ୍ଷ୍ୟ କରିବା କଥା ବାକ୍ୟଗୁଡିକର ଆକାର । ମୁକ୍ତିକାନ୍ତ ଯାହା କହିବାକୁ ଚାହୁଁଛି, ତାହା କହି ପାରୁନାହିଁ, ବାକ୍ୟଟି ଆରମ୍ଭ କରି ଶେଷ କରିବା ପୂର୍ବରୁ ଆଉ ଗୋଟିଏ ନୂଆ ବାକ୍ୟ ଆରମ୍ଭ କରୁଛି । ନିଜକୁ ପ୍ରକାଶ କରିବାକୁ ଚାହିଁ ପ୍ରକାଶ କରି ନ ପାରିବା ଅଭିନୟ କରି ନ ପାରିଲେ ଏ ସଂଳାପର ଅର୍ଥ ଆଦୌ ବୁଝି ପାରିବେ ନାହିଁ ଦର୍ଶକବୃନ୍ଦ ।

'ତିମିର ତୃଷ୍ଣା' ନାଟକରୁ ଆଉ ଗୋଟିଏ ଉଦାହରଣ ମିଳିବ ମେଜର ବର୍ମାଙ୍କ ନିମ୍ନସଂଳାପରେ । ସଂଳାପ କହିଲା ବେଳେ ମେଜର ବର୍ମା ଅଭିନୟ କରିବାକୁ ବାଧ୍ୟ !

**ମେ.ବର୍ମା :** Fire ! Fire these bastards ! (ଅନେକ ଗୁଡ଼ିଏ ବୋମା, ତୋପ, ବିଜୁଳି, ଘଡଘଡି, ମୃତ୍ୟୁର ଶବ୍ଦ ଏକା ସାଙ୍ଗରେ ଶୁଣାଗଲା କୋଳାହଳ ହୋଇ ପୁଣି ସ୍ତବ୍ଧ । ମେଜର ବର୍ମା ନୀରବ ଅବସ୍ଥାରୁ ପୁଣି ଆକ୍ରମଣାତ୍ମକ ହୋଇଉଠିଲେ । ତାଙ୍କ ମୁଖ କରୁଣ, ପ୍ରାୟ କାନ୍ଦିଲା ଭଳି । ସେ ଭାରି ପଦକ୍ଷେପ ନେଇ ସୁନନ୍ଦାର ତୈଳଚିତ୍ର ପାଖକୁ ଯାଇଛନ୍ତି) ସୁନନ୍ଦା ! କିଛି ଶୁଣି ପାରୁଛ ସୁନନ୍ଦା ? ବିଶ୍ୱାସ ଘାତକ ଚୀନ୍ ପୁଣି ଯୁଦ୍ଧ ଆରମ୍ଭ କରି ଦେଇଛି । ମଥାରେ ମୋର ଚନ୍ଦନର ଟୀକା ନାଇ ଦିଅ ସୁନନ୍ଦା! ଲୁହାର ସାଞ୍ଜୁ ମୋତେ ପିନ୍ଧେଇ ରାଣା ପ୍ରତାପ ଭଳି ମୋତେ ସଜେଇ ଦିଅ । (ନୀରବତା) ଶୁଣିବନି ? ମୁଁ ହାରିଗଲି ବୋଲି ଅଭିମାନ କରିଛ ? କିନ୍ତୁ ତୁମେ ଦେଖ ସୁନନ୍ଦା- ଆଉ ଗୋଟାଏ ଚାନ୍ସ ! . . . ବିଜୟ ଗୌରବର ଟୀକା ନେଇ ମୁଁ ନିଶ୍ଚୟ ଫେରି ଆସିବି । ଓଃ ! ତୁମ ରହିମ ଶୀତଳ ନିରବତା ମୁଁ ଆଉ ସହ୍ୟ କରିପାରୁନି ସୁନନ୍ଦା ! କେବେ ତୁମର ଧ୍ୟାନ ଭଗ୍ନ ହେବ ? (ମୁହଁରେ ପୁଣି କରୁଣ ଭାବ) ନା, ସେ ଆଉ ଶୁଣିବନି, (ପୁଣି ଥରେ ତୋପ ଫୁଟିବାର ଶବ୍ଦ ଶୁଭିଲା ମେ. ବର୍ମା ପୁଣି ଥରେ ଉତ୍ତେଜିତ ହୋଇଉଠିଲେ ଓ ଦୌଡ଼ିଗଲେ ସେ ଶବ୍ଦ ଆସୁଥିବା ଦିଗକୁ) ଫାୟାର ! (ୱିଙ୍ଗସ୍ ପଛପଟକୁ କିଛି ସଜନା ଛୁଇଁ, ଛଚିନ୍ଦ୍ରା ଓ ବିଲାତି ବାଇଗଣ ନେଇ ଆସିଲେ ।) କିଏ କହୁଛି ଭାରତର ଅସ୍ତ୍ରଶସ୍ତ୍ର ନାହିଁ ? ଏଇଠି ହୋଇଯାଉ ଆମ ପ୍ରଥମ ପରମାଣୁ ବୋମାର ବିସ୍ଫୋରଣ (ସେ ଗୋଟିଏ ବିଲାତି ବାଇଗଣକୁ ବୋମା ଭଳି କଚାଡ଼ି ଫଟେଇଲେ । ଠିକ୍ ଏତିକି ବେଳେ ପଶି ଆସିଛି ମୁକ୍ତିକାନ୍ତ । ଡରିଯାଇ ନିରୀହ ଭାବରେ ଛେପ ଢୋକି ହସିବାକୁ ଚେଷ୍ଟା କରିଛି । (ରଚନା ସମଗ୍ର, ପୃ – ୧୨୮)

ଏଠାରେ ସଂଳାପର ଭାଷା ହିଁ ମେଜର ବର୍ମାଙ୍କ ଅଭିନୟ ପାଇଁ ଏକ ସ୍ୱରଲିପି ତିଆରି କରିଛି । ସଙ୍ଗୀତର ଯେମିତି ସ୍ୱରଲିପି ଥାଏ, ନାଟକର ଅଭିନୟ ପାଇଁ ସେମିତି ସ୍ୱରଲିପି ଥାଏ । ବେଳେବେଳେ ନାଟକର ସଂଳାପ ଆଦୌ ଆବଶ୍ୟକ ହୁଏ ନାହିଁ । ଉପକ୍ରମିୟ ଭାଷା ଦ୍ୱାରା ଦୃଶ୍ୟରେ ଅଭିନୟ ସଂଯୋଜନା କରାଯାଏ । ଏପରି ଏକ ଦୃଶ୍ୟ ସଂଯୋଜନା "ଯେସନେ କୀଟଉର୍ଣ୍ଣନାଭି" ନାଟକରେ ଉପଲବ୍ଧ । "ଯେସନେ କୀଟଉର୍ଣ୍ଣନାଭି" ନାଟକରେ ନାଟ୍ୟକାରର ସ୍ମୃତିର ଝରକା ଦେଇ ହଠାତ୍ ଗୋଟେ ପୁରୁଣା ମଂଚ ନାୟିକା ଭିତରକୁ ପଶି ଆସିବା ଦୃଶ୍ୟଟି ଏହିପରି ।

ନାଟ୍ୟକାର: ଡୋନା ? ଡୋନା... ଡୋନା... ଡୋନା (ମନେ ପଡିଲା) ମୋର "ଅପହଂଚ" ନାଟକରେ ତୁ ସେ ବର୍ଷ ହିରୋଇନ୍ ଥିଲୁ ନା ?

(ହଠାତ୍ ସୁରମଣ୍ଡଳରେ ଗୋଟେ ଝଂକାର ଶୁଭିଲା ଓ ଆରମ୍ଭ ହେଲା ପଖାଉଜରେ ଗୋଟେ ଓଡ଼ିଶୀ ଗୀତ ସହ ତାଳ । ସେହି ତାଳରେ ଡୋନା ଭାସିଭାସି ଆସିବ ସ୍ମୃତିର ଝରକା ଡେଇଁ, ପହଁଚିବ ନାଟ୍ୟକାର ପାଖରେ । ତାଳ କଟିଯିବ । ଡୋନା ଫ୍ରିଜ୍ ହୋଇ ଠିଆ ହୋଇଯିବ ଏକ ଯୌନ ଉଦ୍ଦୀପକ ଅଙ୍ଗ ହାର ଦେଖାଇ । ପୁଣି ଆବହ ସଙ୍ଗୀତ । ଏଥର ତାଳ ପରିବର୍ତ୍ତନ କରାଯାଇପାରେ । ଡୋନା ଯାଇ ନାଟ୍ୟକାର ବସିଥିବା ଚୌକିର ପଛପଟେ କିମ୍ବା ଡାହାଣ / ବାମ ପଟେ ଠିଆହେବ । ନାରୀକଣ୍ଠରେ ଗୋଟିଏ ଓଡ଼ିଶୀ ଗୀତର ଆଳାପ ସାରେଗାମା "ବାଣୀ"ରେ ନିଅନ୍ତୁ । ତାରି ଭିତରେ ଡୋନା ନୃତ୍ୟଭଙ୍ଗୀରେ ନାଟ୍ୟକାରଙ୍କୁ ବିଭିନ୍ନ ସ୍ପର୍ଶକାତର ସ୍ଥାନରେ ସ୍ପର୍ଶ କଲା । (ଯେସନେ କୀଟଉର୍ଣ୍ଣନାଭୀ, ପୃଷ୍ଠା-୬୮)

**୭. ସଂଳାପର କାବ୍ୟିକ ରୂପ / କ୍ରିୟା :**

ରମେଶ ପାଣିଗ୍ରାହୀଙ୍କ ନାଟକରେ ଭାଷାର ବିଭିନ୍ନ ପ୍ରୟୋଗ ଦୃଶ୍ୟ ହୁଏ କିନ୍ତୁ ଅନଭ୍ୟସ୍ତ ପାଠକ ଅଣନାଟକୀୟ ଢଙ୍ଗରେ ଏହି ବାକ୍ୟଗୁଡ଼ିକୁ ପ୍ରକାଶ କଲେ ଯତ୍ କିଂଚିତ୍ ନାଟ୍ୟକଥା ସମ୍ପର୍କରେ ଅବଗତ ହେବ ସିନା, ତା'ର ପ୍ରୟୋଗ ବିଧିର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଆଦୌ ଜାଣିପାରିବ ନାହିଁ । ମଝିରେ ମଝିରେ ନାଟ୍ୟକାର ପାଣିଗ୍ରାହୀ ମନେକରନ୍ତି ଯେ ପାରମ୍ପରିକ ନାଟକରେ ସବୁ ନାଟ୍ୟଚରିତ୍ର ଓ ନାଟ୍ୟଘଟଣାଗୁଡ଼ିକୁ ପର୍ଯ୍ୟାପ୍ତ ରୂପେ ଚିତ୍ରଣ କରିବା ସମ୍ଭବ ନୁହେଁ । ତେଣୁ ତାଙ୍କର ପ୍ରାୟୋଗିକ ଭାଷାରେ ବିବର୍ତ୍ତନ ଦେଖାଯାଏ ଏବଂ ସେ କାବ୍ୟିକ ଭାଷା ବ୍ୟବହାର କରନ୍ତି ।

ଶ୍ରୀ ପାଣିଗ୍ରାହୀଙ୍କ ଅଧିକାଂଶ ନାଟକରେ ବିଭିନ୍ନ ଶୈଳୀରେ କାବ୍ୟ ଭାଷା ବ୍ୟବହୃତ ହୋଇଥିବାର ଉଦାହରଣ ମିଳେ : (କ) ନାଟକର ସଙ୍ଗୀତ (ଖ) ନାଟକର ସଂଳାପ (ଗ) ସମେବେତ କଣ୍ଠ ବା 'କୋରସ'ର ଭାଷା । ନାଟ୍ୟକାରଙ୍କର ୧୯୭୧ – ପରବର୍ତ୍ତୀ ନାଟକଗୁଡ଼ିକ ମଧ୍ୟରୁ କେତୋଟିରେ ସୂତ୍ରଧର ଚରିତ୍ର ଦେଖାଯାଏ । ଏହି ସୂତ୍ରଧରମାନେ ବିଭିନ୍ନ ସମୟରେ ନାଟ୍ୟକାହାଣୀକୁ ଆଗେଇ ନେବାପାଇଁ କିଛି ଅଂଶ ବର୍ଣ୍ଣନାତ୍ମକ ଭାବେ ଉପସ୍ଥାପନ କରନ୍ତି । ଏମାନେ ସଂସ୍କୃତ ନାଟକର ନଟ-ନଟୀ ପରି ନାଟ୍ୟକଥା ଓ ନାଟ୍ୟକାହାଣୀ ମଧ୍ୟରେ ସଂଯୋଗ ସ୍ଥାପନ କରନ୍ତି । ଏମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ନଥିବାରୁ ଏମାନଙ୍କ ପାଇଁ କଥୋପକଥନର ବାସ୍ତବବାଦୀ ଭାଷା ଆବଶ୍ୟକ ହୁଏନାହିଁ । ସୂତ୍ରଧାରମାନେ ନାଟ୍ୟକାରଙ୍କର ୧୯୭୧ ମସିହାର ନାଟକ 'ମହାନାଟକ'ରେ

ରୂପାନ୍ତରିତ ହୋଇ ବିଦୂଷକ ହୋଇ ଯାଇଥିବାର ଉଦାହରଣ ଉପଲବ୍ଧ, ସେଠାରେ ସେମାନେ ଦାସକାଠିଆ ବୃତ୍ତରେ ନାଟକ ଆରମ୍ଭ କରୁଛନ୍ତି ଓ ସୂତ୍ରଧର ରୂପେ ଗୀତ ଗାଉଛନ୍ତି ।

ହସ୍ତିନା ନାମେ ନଗର ରାଜା ବଜ୍ରବାହୁ
ମହିମା କୀରତି ତାଙ୍କ କି କହିବି ଆଉ ।
ତାଙ୍କ ଶାସନରେ ପ୍ରଜା ଅତି ଗଦଗଦ
ସଞ୍ଜ ହେଲେ ପିଇବାକୁ ମିଳୁଅଛି ମଦ ।
ହସଟି ତାଙ୍କରି ଯେହ୍ନେ ବୋବାଉଛି ଗଧ
ସବୁ କାର୍ଯ୍ୟ ସୁରୁଖୁରୁ ନାହିଁ ପରମାଦ ॥

(ମହାନାଟକ, ତ୍ରିପର୍ଣ୍ଣା, ୨୦୦୬, ପୃଷ୍ଠା – ୨୯)

ଲୋକଭାଷାରେ ଓ ଲୋକଛାନ୍ଦରେ ଲିଖିତ ଏହି ଗୀତକୁ ଦାସକାଠିଆ ବୃତ୍ତରେ ଗାୟନ କରାଯାଏ । କିନ୍ତୁ ବିଦୂଷକ-୧ ଏବଂ ବିଦୂଷକ -୨ କୁ ରୂପାନ୍ତରିତ ହେଲା ପରେ ସେମାନେ ପ୍ରାଚୀନ କାଳର ଭାଟ ପରି ରାଜାଙ୍କର ସ୍ତୁତିଗାନ କରନ୍ତି ।

**ବିଦୂଷକ–୧** : ଜୟ ରାଜା ମହାମହୋପାଧ୍ୟାୟ, ବୁଦ୍ଧି, ଜ୍ଞାନ, ଲାବଣ୍ୟ ପରିପୂର୍ଣ୍ଣ ତ୍ରିଭଙ୍ଗୀଠାମ, ସତ୍ୟଶ୍ରୀ, ନ୍ୟାୟସିନ୍ଧୁ ଶ୍ରୀ ଶ୍ରୀ ଶ୍ରୀ ୧୦୮ ଶ୍ରୀ ବଜ୍ରବାହୁଙ୍କର ଜୟ ହେଉ ।

**ବିଦୂଷକ–୨** : ଜୟ ରାଜାଧିରାଜବୀର ପ୍ରତାପୀ ପରାକ୍ରମୀ କୋଟି ବର୍ଗେଶ୍ୱର ଭାରତେଶ୍ୱର ଶ୍ରୀ ଶ୍ରୀ ଶ୍ରୀ ବଜ୍ରବାହୁଙ୍କର ଜୟ ହେଉ । (*ତ୍ରିପର୍ଣ୍ଣା -ପୃଷ୍ଠା-୮୧*)

ସୂତ୍ରଧର ଚରିତ୍ରରେ ଯେଉଁ ଲୋକଧର୍ମୀ ଦାସକାଠିଆ ଗୀତରେ ସେମାନେ ନାଟକ ଉପସ୍ଥାପନା କଲେ ତାହା ବିଦୂଷକ ଚରିତ୍ରକୁ ରୂପାନ୍ତରିତ ହୋଇଗଲା ପରେ ସେମାନଙ୍କ ଭାଷାରେ ତତ୍‌ସମ ଶବ୍ଦର ପ୍ରୟୋଗ ବେଶି, ଅର୍ଥାତ୍ ଭାଷା– ୨ ପରିବର୍ତ୍ତନରେ ଚରିତ୍ରର ପରିବର୍ତ୍ତନ ସଂଘଟିତ ହେଉଅଛି ।

'ମହାନାଟକ'ର ରାଣୀ କେତକୀ ଗନ୍ଧା ସନ୍ତାନହୀନା, ସତେ ଯେପରି ସେ ତାଙ୍କର ବସ୍ତୁତ୍ୱ ହରାଇ ବସି ଗୋଟିଏ ସ୍ୱପ୍ନରେ ରୂପାନ୍ତରିତ ହୋଇ ଯାଇଛନ୍ତି । ତେଣୁ ତାଙ୍କର ସ୍ୱଗତୋକ୍ତି କାବ୍ୟଧର୍ମୀ ଏବଂ ସମ୍ରାଟ ବଜ୍ରବାହୁ ରାଜାଙ୍କ ସହ କବିତାରେ କଥାବାର୍ତ୍ତା କରନ୍ତି । ରାଣୀ ନିଜେ ଅନ୍ତଃପୁରର ପଞ୍ଜୁରୀ ଭିତରେ ବନ୍ଦିନୀ ଏବଂ କଥାବାର୍ତ୍ତା କରୁଛନ୍ତି ପଞ୍ଜୁରୀ ଭିତରେ ଥିବ "ମଇନା" ସାଙ୍ଗରେ ।

**କେତକୀ ଗନ୍ଧା :** ହସ୍ତିନାର ରାଜବଂଶ ତେବେ କ'ଣ
ସନ୍ତାନ ବିହୁନେ
ହେବ ଏକ ଶୁଷ୍କ ମରୁଭୂମି ?
ପ୍ରାଚୁର୍ଯ୍ୟର ମଣିହର୍ମ୍ୟ ଜଳିଯିବ
ଏଇ ମୋର ଧୂସର ପ୍ରତୀକ୍ଷା
ଆଉ ବ୍ୟଥାତୁର ଗରମ ନିଶ୍ୱାସେ ?
ମୁଁ କ'ଣ ଚିରଦିନ ଚାହିଁଥିବା ଦୀର୍ଘଶ୍ୱାସୀ
ଝଡ ପରି
ଏକତ୍ରିତ ଶୂନ୍ୟତାର କୁଣ୍ଡଳୀ ଆବର୍ତ୍ତେ ?
ରାଜ୍ୟ କଣ ନପୁଂସକ ଏ ଦେଶରେ
ଆକାଶରେ ବୃଷ୍ଟିର କାର୍ପଣ୍ୟ ?
ଶସ୍ୟକ୍ଷେତ୍ର ଶୁଷ୍କ ହୁଏ
ଅଭିଶାପ ଅପଦେବତାର ?

(*ମହାନାଟକ ତ୍ରିପର୍ଣ୍ଣା, ପୃ–୬୪*)

କେତକୀଗନ୍ଧା ଚରିତ୍ରର ଅନ୍ତର୍ଦାହ, ସମ୍ରାଟଙ୍କ ନପୁଂସକତା ଏବଂ ଫଳ ସ୍ୱରୂପ ସମଗ୍ର ଦେଶର ବୃଷ୍ଟିହୀନତା ଓ ଦୁର୍ଭିକ୍ଷକୁ ସଂକ୍ଷିପ୍ତରେ ଉପସ୍ଥାପନ କରିବା ପାଇଁ କାବ୍ୟିକଭାଷା ପ୍ରୟୋଗ କରିଛନ୍ତି ନାଟ୍ୟକାର । ଏହି କ୍ରମରେ ଅବନ୍ତୀ ସାଧବଠାରୁ ସ୍ୱପ୍ନ କିଣୁଛନ୍ତି କେତକୀ ଗନ୍ଧା । ସମ୍ପୂର୍ଣ୍ଣ ନାଟକରେ କେତକୀ ଗନ୍ଧାଙ୍କର ଉପାଖ୍ୟାନ ଗୁଡିକ ଆଧୁନିକ କବିତାର ଛନ୍ଦରେ ଉପସ୍ଥାପିତ । ଏପରିକି ସ୍ୱପ୍ନ ବିକୁଥିବା ଅବନ୍ତୀ ସାଧବ ମଧ୍ୟ କବିତାରେ ନିଜକୁ ବ୍ୟକ୍ତ କରୁଛନ୍ତି ।

**ଅବନ୍ତୀ ସାଧବ : –**

ଅତିକ୍ରମି ବହୁ ନଗ୍ର, ଶତ ଜନପଦ
ତେର ନଈ ସପ୍ତ ସିନ୍ଧୁ ଅରଣ୍ୟ ପ୍ରାନ୍ତର
ଆଶାତୁର ମେଘଯଥା
ଭ୍ରମିଭ୍ରମି ଅନେକ ଆକାଶ, ମୁଁ ଆସିଛି
ଖୋଜି ଖୋଜି ସେହି ସ୍ଥାନ, ସେହି ପରିବେଶ
ଯେଉଁଠି ବଣିଜ ମୋର ଅତି ଆବଶ୍ୟକ
ଏଇ ସେଇ ହସ୍ତୀନାର ପ୍ରମୋଦ ଉଦ୍ୟାନ

(*ମହାନାଟକ, ତ୍ରିପର୍ଣ୍ଣା, ପୃ -୭୦*)

କିନ୍ତୁ ଆଉ କେତକ ନାଟକରେ ଶ୍ରୀ ପାଣିଗ୍ରାହୀ ସିଧାସଳଖ ସଙ୍ଗୀତ ବ୍ୟବହାର କରିଛନ୍ତି । ମନୋରଞ୍ଜନ, ବିଜୟ ମିଶ୍ର ଓ ବିଶ୍ୱଜିତ ଦାସଙ୍କ ଆଧୁନିକ ନାଟକ ଗୁଡିକରୁ ସଙ୍ଗୀତକୁ ବହିଷ୍କାର କରାଯାଇଥିଲା । କିନ୍ତୁ ରସାନୁଭୂତି ପାଇଁ ନାଟ୍ୟକାର ରମେଶ ପାଣିଗ୍ରାହୀ ସଙ୍ଗୀତର ପ୍ରୟୋଗ କରିଛନ୍ତି । "ଆତ୍ମଲିପି" ନାଟକର ଶେଷ ଦୃଶ୍ୟରେ ଶେଲୀ ବାଧ୍ୟ ହୋଇ ନାଟକର ପାଣ୍ଡୁଲିପିଟିକୁ ଜାଳିଦେଲା ପରେ ନାଟ୍ୟକାର ବିଦାୟ ନେବାପାଇଁ ଅନୁମତି ମାଗୁଛି । ଶେଲୀ ପାଇଁ ତାହା ଏକ ମର୍ମନ୍ତୁଦ ଘଟଣା । ଶେଲୀ ମନର ଅବସ୍ଥାକୁ ପ୍ରକଟ କରିବା ପାଇଁ ଆବହ ସଙ୍ଗୀତ ଶୁଭୁଛି ।

ଶେଷ ଅଙ୍କର ଶେଷ ଯବନିକା
ଯେବେ ପଡିଯିବ ଚାଲିଯିବି ଏକା
ମତେ ଭୁଲିଯିବ ମୋର ନାୟିକା ।

ହେଲେ ସେଇ ହେବ ମୋର ଜୟ ଟୀକା
ଯଦି ଜଣେ ବି ତ କେହି ଦର୍ଶକ
ମୋତେ ସାଇତି ରଖିବ ମନେ
ତାର ଦେଇ ମମତାର ଟିକେ ମହକ ।

*(ଆତ୍ମଲିପି, ତ୍ରିପର୍ଣ୍ଣୀ - ପୃ-୧୯୩-୧୯୪)*

ସେମିତି "ଆନନ୍ଦନଗରକୁ ଯାତ୍ରା" ନାଟକରେ ଆନନ୍ଦ ଖୋଜି ଖୋଜି ହତାଶ ହୋଇ ପଡ଼ିଥିବା ନବବିବାହିତ ଦମ୍ପତିମାନଙ୍କ ପାଇଁ ଏକ ଆବହ ସଙ୍ଗୀତ କଳ୍ପନା କରାଯାଇଛି ।

ଆରେ, ଆରେ, ଆରେ
ଅନ୍ଧ ରାତିର ପକ୍ଷୀମାନେ
ଭଙ୍ଗା ଡେଣାର ପକ୍ଷୀମାନେ
ପାହିଲା ପାହିଲା ରାତିର ଖବର ଶୁଣ
ଏଇ ଅବିର ଗାଧୁଆ ସକାଳ ଖବର ଶୁଣ ।

*(ଆନନ୍ଦ ନଗରକୁ ଯାତ୍ରା)*

କାବ୍ୟିକ ଭାଷା ଓ ସଙ୍ଗୀତର ପ୍ରୟୋଗରେ ନାଟ୍ୟ ମଂଚୟନରେ ଏକ ନୂତନ ପ୍ରାଣଶକ୍ତି ଉତ୍ପନ୍ନ ହୁଏ । ସଙ୍ଗୀତର ଭାଷା ପ୍ରାୟୋଗିକ ଭାଷା, ନାଟକର ଭାଷା ଭଳି । ନାଟ୍ୟକାର ପାଣିଗ୍ରାହୀ ତାଙ୍କର ସୃଜନାତ୍ମକ ଜୀବନର ପ୍ରଥମ ଭାଗରେ ଗୀତିକବିତା ଲେଖୁଥିଲେ । ୧୯୭୫ରେ ସେ ଆକାଶବାଣୀ ଓ ଦୂରଦର୍ଶନର ମାନ୍ୟତା ପ୍ରାପ୍ତ ଗୀତିକାର ହେଲାପରେ ପାଖାପାଖି ୨୦୦ ଗୀତ ସେ ଆକାଶବାଣୀକୁ ଦେଇଛନ୍ତି । କିନ୍ତୁ "ପାହିଲା ପାହିଲା ରାତିର ଖବର ଶୁଣ / ଏଇ ଅବିର ଗାଧୁଆ ସକାଳ ଖବର ଶୁଣ" ରେ ଲିଖିତ ଶବ୍ଦର ସଙ୍କେତକୁ ଯେତିକି ମାତ୍ରାରେ ନାଟ୍ୟ ଭାଷାର ମାନ୍ୟତା ଦିଆଯାଏ, ତା'ଠୁ ବେଶି ସଙ୍ଗୀତରେ ସ୍ୱର ପାଲଟି ଯାଇଥିବା ଶବ୍ଦମାନଙ୍କ ସାଙ୍କେତିକ ପ୍ରଭାବ । ଦର୍ଶକମାନଙ୍କ ଉପରେ ଏହି ସଙ୍ଗୀତର ପ୍ରଭାବ ଖୁବ୍ ଗଭୀର ଓ ଗମ୍ଭୀର ମଧ୍ୟ । କୌଣସି ଶବ୍ଦ ନଥିବା ସ୍ୱର ବା "ବାଣୀ"ରେ (ସାରେଗାମା ଇତ୍ୟାଦି) ଯେଉଁ ସଂକେତ ଅନ୍ଧାରରେ ବସିଥିବା ଦର୍ଶକ ପାଖକୁ ଯାଏ, ତାହା ମଧ୍ୟ ନାଟ୍ୟଭାଷା । ତାକୁ ନାଟକର ସାଙ୍କେତିକ ଭାଷା କୁହାଯାଏ ।

ରମେଶ ପାଣିଗ୍ରାହୀଙ୍କର 'ଅନ୍ଧ ନଦୀର ସୁଅ' ନାଟକରେ ସଂଳାପ ସହିତ ମିଶ୍ରିତ ହୋଇ ଯେଉଁ କାବ୍ୟ ଭାଷାର ପ୍ରୟୋଗ ଘଟିଛି, ସେପରି ଭାଷା ତାଙ୍କର ବରିଷ୍ଠ ସମସାମୟିକ ନାଟ୍ୟକାର ମନୋରଞ୍ଜନ ଦାସ, ବିଜୟ ମିଶ୍ର, ଏବଂ ବିଶ୍ୱଜିତ ଦାସ ବ୍ୟବହାର କରି ନାହାଁନ୍ତି । ଅନ୍ଧ ନଦୀର ସୁଅ (୧୯୭୯)ରେ ପ୍ରଥମ ଅଭିନେତାର ନିମ୍ନ ସଂଳାପର ଭାଷାକୁ ଲକ୍ଷ୍ୟ କରନ୍ତୁ-

ପ୍ରଥମ ଅଭିନେତା- (ହସିଲେ) ବାଘକୁ ମାରିବ ? ହା-ହା-ହା-ହା-ହା !

ଆହେ ବାଘ ପରା ଏଠି ଏକ ପୋଷା ଜନ୍ତୁ
ଜନ୍ତାରେ ଶୋଇଛି ବୋଲି ମନ କିନ୍ତୁ କିନ୍ତୁ ।
ବେଳେ ବେଳେ ତା ଭିତରେ ଡିଆଁଡେଇଁ କରେ
ଅଜ୍ଞାନୀ ଲୋକଙ୍କୁ ନେଇ ଅନ୍ଧାର ଚଖାଏ ।
ବାଘର ପଞ୍ଜରା ହାଡ଼ ତଳେ ଅହଂକାର ।
ଭିତର ଜୀବନ ତା'ର ଅତି ନିର୍ବିକାର
ବାଘକୁ ଘାଉଡା କଲେ ଉତ୍ପାତ କରଇ
ଖାଲଢ଼ିପ ନମାନି ସେ ହିଂସା ଆଚରଇ
ବାଘକୁ ରଖିଲେ ବାନ୍ଧି ଅତି ଉପକାର ।
ନାନା ମୁନି ନାନା ମତେ କରନ୍ତି ବିଚାର
ବୁଝିଲ ଅଭିନେତା ମାନେ ?
ବାଘକୁ ନଚେଇବି ଟିକିରା ବଜେଇ
ତମେସବୁ ଅଭିନେତା ନାଚ ଥେଇ ଥେଇ ॥

(ଅନ୍ଧ ନଦୀର ସୁଅ, ପୃ -୪୫-୪୬)

କାବ୍ୟିକ ଭାଷାର ଏହି ବହୁସ୍ତରୀୟ ପ୍ରୟୋଗ କେବଳ ଶବ୍ଦ ସଂଯୋଜନାରେ ନାହିଁ । ଏଗୁଡିକ ନାଟ୍ୟ ସଂଳାପ ହୋଇଥିବାରୁ ଭିନ୍ନ ଭିନ୍ନ ପ୍ରକାର ଉଚ୍ଚାରଣ ଓ ପ୍ରକ୍ଷେପଣ ଶୈଳୀ ଆବଶ୍ୟକ କରୁଛି । ଏହା କଥନ କ୍ରିୟାତତ୍ତ୍ୱ ବା Speech -Act-Theory ସହ ସମ୍ପୃକ୍ତ ।

### ୮. କଥନ-କ୍ରିୟାତତ୍ତ୍ୱ ଓ ନାଟ୍ୟଭାଷା :

କଥନ କ୍ରିୟା ହେଉଛି ସଂଳାପ ପ୍ରକ୍ଷେପଣ କ୍ରିୟା । ଏଥିରେ କଥକ କେବଳ ଲିଖିତ ସଂଳାପକୁ ପାଠକରେ ନାହିଁ, ପାଠ କଲାବେଳେ ତାର ଅନୁତାନିକ ସ୍ୱର ସମୁଦାୟର ପରିବର୍ତ୍ତନ ମଧ୍ୟ ଘଟିଥାଏ । ଆକାଶବାଣୀରେ ପ୍ରଚାରିତ ଶବ୍ଦ ନାଟକରେ ଏଇ କଥନ କ୍ରିୟାଟି ଯେପରି ସମ୍ପାଦନ କରାଯାଏ, ମଂଚ ନାଟକରେ ମଧ୍ୟ ସେପରି କରାଯାଏ । କଥନ କ୍ରିୟା ଦ୍ୱାରା ନାଟ୍ୟଚରିତ୍ର ନିଜକୁ ଚିତ୍ରଣ କରିବାରେ ସକ୍ଷମ ହୋଇଥାଏ । କଥନ କ୍ରିୟାର ସଫଳ ସମ୍ପାଦନ କରାଗଲେ ଦର୍ଶକ ଅଭିଭୂତ ହୋଇପଡନ୍ତି ଏବଂ କଥନ କ୍ରିୟାର ଅଶୁଦ୍ଧି ଘଟିଲେ ଦର୍ଶକମାନେ ନିରସ ଓ ବିରକ୍ତ (ବୋର) ମଧ୍ୟ ହୋଇପାରନ୍ତି ।

ଏହି ପ୍ରାୟୋଗିକ ଦିଗଗୁଡିକୁ ଆଖି ଆଗରେ ରଖି ସଂଳାପ ଲେଖାଯାଏ । ଏହା କବିତାର ଅର୍ଦ୍ଧ ବାକ୍ୟ ନୁହେଁ । କିମ୍ବା ଉପନ୍ୟାସର ବିବୃତି ଧର୍ମ ଦ୍ୱାରା ପ୍ରଦୃଷ୍ଟ ନୁହେଁ । ପ୍ରଦୃଷ୍ଟ ହେଲେ ଅଭିନେତା / ନେତ୍ରୀମାନେ ସଂଳାପକୁ ଆବଶ୍ୟକତା ଅନୁଯାଇ ପ୍ରକ୍ଷେପଣ କରିପାରିବେ ନାହିଁ । ପୁନଶ୍ଚ ଗୋଟିଏ ସଂଳାପରେ ଥିବା ବିଭିନ୍ନ ବାକ୍ୟକୁ ଭିନ୍ନ ଭିନ୍ନ ଅନୁତାନରେ ଉଚ୍ଚାରଣ କରିବାକୁ ମଧ୍ୟ ଅଭିନେତାଙ୍କୁ ନିର୍ଦ୍ଦେଶକ କହିଥାନ୍ତି । ଏଠାରେ ନାଟ୍ୟକାର

ପାଣିଗ୍ରାହୀଙ୍କର ପ୍ରଥମ ନାଟକ 'ମୁକ୍ତିମଣ୍ଡପ'ରୁ ଗୋଟିଏ ଉଦାହରଣ ନିଆଯାଉ ।

**ରାମ ନାରାୟଣ-** ସବୁ ସ୍ୱାର୍ଥପର ଦଳ, କାହାକୁ ମୁଁ ବିଶ୍ୱାସ କରେନା । ଭଣଜା ମୋତେ ମାରି ସମ୍ପତି ଆତ୍ମସାତ କରିବାକୁ ଚାହୁଁଛି । ଭଉଣୀ ମତେ ହତ୍ୟା କରି ରାଜମାତା ହେବାକୁ ଚାହେଁ । ମୁଁ ସବୁ ଜାଣେ ମା' ! କାହାକୁ କିଛି କୁହେନା । (ଯାଉଥିଲେ, ଅଟକି ଯାଇ) ଆଉ ପୁଅ ? ମୋର ପୁଅ ନାହିଁ । ରାମ ନାରାୟଣ ନିଃସନ୍ତାନ । ଯୋଉ ପୁଅ ବାପର ଅନ୍ତରଟାକୁ ଚିହ୍ନି ପାରିଲା ନାହିଁ- ପିତାର ମର୍ଯ୍ୟାଦା କରିପାରିଲା ନାହିଁ- ତା ସାଙ୍ଗରେ- ତା ସାଙ୍ଗରେ ମୋର ସମ୍ପର୍କ କଣ ? (ଚାଲିଗଲେ)

*(ରଚନା ସମଗ୍ର-୧, ପୃ-୧୨୩)*

ଉପନ୍ୟାସ କିମ୍ବା କ୍ଷୁଦ୍ର ଗଳ୍ପର ବାକ୍ୟ ପଢିଲା ଭଳି ଯଦି ଉପରୋକ୍ତ ବାକ୍ୟଗୁଡ଼ିକୁ ପଢି ଦିଆଯାଏ ବା ଘୋଷି ଦେଇ ଆବୃତି କଳାଭଳି ପ୍ରକ୍ଷେପଣ କରାଯାଏ, ତାହେଲେ ରାମ ନାରାୟଣଙ୍କ ଚରିତ୍ରର ଯେଉଁ ଅଭିମାନ ଆଭିଜାତ୍ୟ ସହିତ ମିଳିତ ହୋଇ ରହିଛି, ତାହା ଦର୍ଶକମାନଙ୍କ ପାଖରେ ପହଁଚି ପାରିବ ନାହିଁ ।

ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ସମସାମୟିକ ବରିଷ୍ଠ ନାଟ୍ୟକାରମାନଙ୍କ ସଂଳାପକୁ ତୁଳନାତ୍ମକ ଭାବେ ବିଚାର କରାଯାଇପାରେ । ପ୍ରଥମତଃ ମନୋରଞ୍ଜନ ଦାସଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟକ "ଅରଣ୍ୟ ଫସଲ" (୧୯୭୧)ର ସଂଳାପକୁ ଦେଖାଯାଉ-

ବେବୀ : ସୁନାଖଣି ସନ୍ଧାନ ମିଛ କଥା ।

ସଂଗ୍ରାମ : ଯାହାର ଧନ ନଥାଏ ସିଏ ଗରିବ ।

ବେବୀ : କେବେଠୁ ଏ କାମ ଆରମ୍ଭ କରିଛ ?

ସଂଗ୍ରାମ : ଏଇ ଡାକବଙ୍ଗଳାକୁ ନିମନ୍ତ୍ରଣ କରିଥିଲି କଲେଜ ଡ୍ରାମା ପରେ ।

ବେବୀ : ଏଇଠି ସୁନାଖଣି ଅଛି – କେମିତି ଜାଣିଲ ?

(ଅରଣ୍ୟ ଫସଲ, ପୃ-୩୦)

ଏଠାରେ କେଉଁ ବାକ୍ୟର ଅର୍ଥ ସହିତ ଏବଂ ଉଚ୍ଚାରଣ ପ୍ରକ୍ଷେପଣ ସହିତ କେଉଁ ବାକ୍ୟ ସଂପୃକ୍ତ ତାହା ଜଣା ଯାଉ ନାହିଁ । ଏପରିକି ବେବୀ ଯାହା କହୁଛି, ସଂଗ୍ରାମ ତାର ଉତ୍ତର ଦେଉ ନାହିଁ । ତେଣୁ ଏପରି ସଂଳାପ ରଚନା କରିବା ଦ୍ୱାରା କେଉଁ ବୌଦ୍ଧିକ ଉଦ୍ଦେଶ୍ୟ ସାଧିତ ହେଉଛି ତାହା ତାଙ୍କର ସମାଲୋଚକମାନେ ହିଁ କହି ପାରିବେ । ସଂଳାପର ଭାଷା ସ୍ପଷ୍ଟ ନୁହେଁ । ବେବୀ ଓ ସଂଗ୍ରାମ ଭୂମିକାରେ ଅଭିନୟ କରୁଥିବା ଅଭିନେତା-ଅଭିନେତ୍ରୀ କେଉଁ କଥନ କ୍ରିୟା (Speech Act) ବ୍ୟବହାର କରିବେ ତାହା ଉପରୋକ୍ତ ସଂଳାପରୁ ସ୍ପଷ୍ଟ ହେଉ ନାହିଁ । ଏପରି ସଂକ୍ଷିପ୍ତ ଅର୍ଥହୀନ ସଂଳାପ ପ୍ରୟୋଗ କରାଯାଇ ଥିବାରୁ 'ଅରଣ୍ୟ ଫସଲ' ନାଟକ ଥରେ ଦୁଇ ଥର ଅଭିନୀତ ହୋଇ ବନ୍ଦ ହୋଇଗଲା ।

ନାଟ୍ୟକାର ବିଜୟ ମିଶ୍ର (୧୯୬୩-୨୦୨୦)ଙ୍କ ସର୍ବଶ୍ରେଷ୍ଠ ନାଟକ 'ତଟ ନିରଞ୍ଜନା'ର ସଂଳାପରେ କାବ୍ୟିକତା ପରିଦୃଷ୍ଟ ହୁଏ । କିନ୍ତୁ ତାର ପ୍ରକ୍ଷେପଣ ନାଟକୀୟ ନହୋଇ ଆବୃତି ଧର୍ମୀ ହୋଇଯାଏ ।

**ଇଚ୍ଛାମତୀ :** ତମ ଦେହରେ ସମୁଦ୍ରର ଗନ୍ଧ

**ନୀଳଲୋହିତ :** ତମ ଆଖିରେ ଆକାଶର ନୀଳ

**ଇଚ୍ଛାମତୀ :** ତମବାହୁ ନଦୀର ପ୍ଲାବନ

**ନୀଳଲୋହିତ :** ତମ ପ୍ରେମ ସବୁଜ ଅରଣ୍ୟ ।

(ତଟ ନିରଞ୍ଜନା )

ଏଠାରେ ସବୁତକ ସଂଳାପକୁ ଇଚ୍ଛାମତୀ କିମ୍ବା ନୀଳ ଲୋହିତ କହି ପାରିଥାନ୍ତା ଏବଂ ସଂଳାପ କଥୋପକଥନ ନ ହୋଇ ଆବୃତିଧର୍ମୀ ହୋଇ ପାରିଥାନ୍ତା । କିନ୍ତୁ ଏ ପ୍ରକାର ସଂଳାପ କଥନ କ୍ରିୟାତତ୍ତ୍ୱର ନିୟମକୁ ଉଲ୍ଲଙ୍ଘନ କରୁଛି ।

ପୁନଶ୍ଚ ଏଇ ସଂଳାପ ଲିଖନ ପଦ୍ଧତିରେ ବ୍ୟାବହାରିକ ଅଗ୍ରଗତି ସମ୍ଭବ ନୁହେଁ । ଏହା ଗୋଟିଏ କବିତାର ସ୍ତବକ ବା ପଦ । ଏଇ ସ୍ତବକଟିକୁ ଦୁଇ ଚରିତ୍ର ମଧ୍ୟରେ ବାଣ୍ଟି ଦେଲେ ତାହା ସଂଳାପ ପଦବାଚ୍ୟ ହେବ ନାହିଁ । କାବ୍ୟ-ନାଟିକାରେ ମଧ ଏପରି ସଂଳାପ ଗ୍ରହଣୀୟ ନୁହେଁ । ସଚ୍ଚି ରାଉତରାୟଙ୍କ "ପୂର୍ଣ୍ଣିମା" ? (୧୯୩୨) କାବ୍ୟ ନାଟିକାଟିକୁ ଉଦାହରଣ ସ୍ୱରୂପ ନିଆଯାଉ । ନାଟିକାଟି ପ୍ରଥମେ ମଂଚସ୍ଥ ହୋଇଥିଲା ରେଭେନ୍‌ସା ଗାର୍ଲସ କଲେଜିଏଟ୍ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା । ତା'ର ପ୍ରଥମ ଦୃଶ୍ୟର ସଂଳାପ -

**ହୈମନ୍ତୀ :** (ଗୀତ) କେଉଁ ସପନର ଅଜଣା ରାଇଜେ / ଦେଖିଛି ମୁଁ ତାରେ ନାହିଁ ମନେ / ସଞ୍ଜ ସକାଳର ସୁନେଲୀ କିରଣେ / ଖୋଜିବୁଲେ ତାରେ ବନେ ବନେ ।

x x x

ସେ ତ ଆସେ ନାହିଁ, ନିଶି ଯାଏ ପାହି /

ଜଳଇ ସଳିତା ଅକାରଣେ

ଏହି ପଦର ଉତର ହେଉଛି ଯୌବନ

**ଯୌବନ :** କିଏ ତୁମେ ବାଳା ? / ଲୋତକ ସଲିଳ ସଜଳିତ କରତବ ଅମଳିନ ବକ୍ଷ ?

(ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃଷ୍ଠା – ୧୭୫)

କଥନ କ୍ରିୟା ବା କଥୋପକଥନ କ୍ରିୟାରେ ସାମାନ୍ୟ ଭଦ୍ରତା ସୂଚକ ଏବଂ ସାମାଜିକ ସଂଯୋଗ କ୍ରିୟା (ଯଥା- "ହାଲୋ!"

"ଆପଣ କିପରି ଅଛନ୍ତି ?" ଇତ୍ୟାଦି) ସଂପାଦନ କରୁଥିବା ପଦ୍ଧତିକୁ Phatic Communication କୁହାଯାଏ । ଏହା କଥନ କ୍ରିୟାତତ୍ତ୍ୱର ମୁଖ୍ୟ ପ୍ରବକ୍ତା John Searl ଙ୍କ ମତ । Wikipedia ଅନୁଯାୟୀ "In linguistics, a Phatic expression is communication which serves a social fuction, such as social pleasentries that don't seek or offer information of intrinsic value but can signal willingness to observe conventional local expectations for politeness." (Malinoski, ୨୯୬-୩୯୬)

ସାମାଜିକ ଭଦ୍ରତା ସୂଚାଉଥିବା ସଂଳାପ ସଚ୍ଚି ରାଉତରାୟଙ୍କର 'ପୂର୍ଣ୍ଣିମା' କାବ୍ୟ ନାଟିକାରେ ଉପଲବ୍ଧ । ୧୯୭୧ ରେ ଲିଖିତ ଓ ୧୯୭୨ ରେ ମଂଚସ୍ଥ ରମେଶ ପାଣିଗ୍ରାହୀଙ୍କ 'ମହାନାଟକ'ର ଗୋଟିଏ ଅଂଶ କାବ୍ୟ ନାଟିକା ପରି ମନେହେବ । ସେଇ ଦୃଶ୍ୟ ମଧ୍ୟରେ ନବ ହସ୍ତିନାର ବନ୍ଧ୍ୟାରାଣୀ କେତକୀଗନ୍ଧା ଶୁଣିବାକୁ ପାଇଛନ୍ତି ଯେ ଅବନ୍ତି ନଗରରୁ ଜଣେ ସୁଦର୍ଶନ ଯୁବକ ଆସି ସ୍ୱପ୍ନ ବିକ୍ରୀ କରୁଛନ୍ତି ଏବଂ ତାଙ୍କ ସ୍ପର୍ଶରେ ମରୁଭୂମି ମଧ୍ୟ ଶସ୍ୟଶ୍ୟାମଳ ହୋଇଉଠୁଛି । ଯେହେତୁ ହସ୍ତିନାର ସମ୍ରାଟ ନପୁଂସକ ଓ ନିର୍ବିର୍ଯ୍ୟ ରାଣୀ ସେଇ ଅବନ୍ତୀ ସାଧବ ସହ ମିଳିତ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଗୋଟିଏ ଜହ୍ନ ରାତିରେ ହସ୍ତିନା ପ୍ରାସାଦର ପ୍ରମୋଦ ବାଟିକାରେ କେତକୀଗନ୍ଧା ତାଙ୍କ ସଖୀ ଦ୍ୱୟଙ୍କୁ ଧରି ଅବନ୍ତୀ ସାଧବଙ୍କୁ ଦେଖା କରିବାକୁ ଆସିଛନ୍ତି । ତାଙ୍କୁ ଆଖି ବନ୍ଦ କରି ଅପେକ୍ଷା କରିବାକୁ କୁହାଯାଇଛି ।

**ଅବନ୍ତୀ ସାଧବ :** ହସ୍ତିନା ନଗର ରାଣୀ କେତକୀଗନ୍ଧାଙ୍କୁ ଅବନ୍ତୀ ସାଧବ କରେ ବିନମ୍ର ପ୍ରଣତି ।

**କେତକୀଗନ୍ଧା :** (ଚକ୍ଷୁଖୋଲି) କିଏ ତୁମେ? ଶାପଗ୍ରସ୍ତ ଦେବତା କି ସତେ ? ଅବା ମୋର ଅଚେତନ କାମନାଙ୍କ ଦେହଧାରୀ ରୂପ ?

କିଏ ତୁମେ ? ସ୍ନିଗ୍ଧ ଏଇ ଦୃଷ୍ଟିପାତ, ଏଇ ହାସ୍ୟ ଗନ୍ଧର୍ବ ଦୁର୍ଲଭ ।

ବର୍ଣ୍ଣାଢ୍ୟ ବିଚିତ୍ର ! ସ୍ୱାଗତ, ହେ ସାଧବ, ତୁମକୁ ସ୍ୱାଗତ !

**ଅବନ୍ତି ସାଧବ :**

ଦେବତା, ଗନ୍ଧର୍ବ ନୁହେଁ, ସାମାନ୍ୟ ସାଧବ,
ସ୍ୱାଗତର ଯୋଗ୍ୟ ନୁହେଁ, ମୁଁ ଛାର ସେବକ
ଛାମୁ ମୋ' ପ୍ରଣମ୍ୟା ଦେବୀ, ଆଦେଶନ୍ତୁ
କି କାରଣେ ସୁମରିଲେ ଏଇ ସେବକରେ ?

*(ମହାନାଟକ, ତ୍ରିପର୍ଣ୍ଣୀ, ପୃ-୬୯)*

ଏଇ କଥୋପକଥନ କ୍ରିୟା କାବ୍ୟିକ ହୋଇଥିଲେ ସୁଦ୍ଧା ଏଗୁଡିକରେ Phatic mode ବା ସମାଜ ଉପଯୋଗୀ ଭଦ୍ରତା ଓ ସଂଭ୍ରମତା ରକ୍ଷା କରାଯାଇ ପାରୁଛି । ତାଙ୍କର ସମସାମୟିକ ବରିଷ୍ଠ ନାଟ୍ୟକାର ମନୋରଞ୍ଜନ ଦାସ (୧୯୨୩- ୨୦୧୩) ଏବଂ ବିଜୟ ମିଶ୍ର (୧୯୩୬-୨୦୧୩) କାବ୍ୟିକ ଶୈଳୀ ପ୍ରୟୋଗ କରିବାକୁ ଚାହିଁଥିଲେ ସୁଦ୍ଧା ପର୍ଯ୍ୟାପ୍ତ ସଫଳତା ପାଇପାରି ନାହାଁନ୍ତି । ବୋଧହୁଏ ନାଟ୍ୟ ସଂଳାପର ଭାଷା ସହିତ କଥନ କ୍ରିୟା (Speech Act) ସଂପୃକ୍ତ ବୋଲି ସେମାନଙ୍କର ଅବବୋଧ ହୋଇ ନାହିଁ । ନାଟ୍ୟକାର ରମେଶ ପାଣିଗ୍ରାହୀ ଯେପରି ମଂଚ ନାଟକ ଓ ଯାତ୍ରା ନାଟକରେ ନିର୍ଦ୍ଦେଶନା ଦେଇ କଥନ କ୍ରିୟାତତ୍ତ୍ୱ ଉପରେ ପ୍ରାଧାନ୍ୟ ଆରୋପ କରିଛନ୍ତି, ତାଙ୍କର ବରିଷ୍ଠ ସମସାମୟିକମାନେ ତାହା କରି ନାହାଁନ୍ତି ।

କଥନ କ୍ରିୟା ଉପଯୋଗୀ ଭାଷା ବା ସଂଳାପ ରଚନା କରିବାର ଏକମାତ୍ର ଲାଭ ହେଉଛି ଏହା ଦ୍ୱାରା ଚରିତ୍ର ଓ ପାର୍ଶ୍ୱ ଚରିତ୍ର ମଧ୍ୟରେ ସଂଯୋଗାତ୍ମକ ଅଭିନୟ ସମ୍ଭବ । ଯୁକ୍ତିମୂଳକ କଥୋପକଥନ ମାଧ୍ୟମରେ ମଂଚ ଉପରେ ଥିବା ଚରିତ୍ରମାନେ ଯେକୌଣସି ନିଷ୍କର୍ଷରେ ପହଂଚିଥାନ୍ତି । ଏହି ପ୍ରକ୍ରିୟା ଏକାଧାରରେ ବୈୟକ୍ତିକ (Subjective), ନୈର୍ବ୍ୟକ୍ତିକ (Objective) ଓ ଆନ୍ତଃର୍ବୈୟକ୍ତିକ (Inter Subjective) । ମଂଚ ଉପରେ ଗୋଟିଏ ଚରିତ୍ର ନିଜ କଥା କୁହେ, ତାହା ଅନ୍ୟ ଜଣେ ଚରିତ୍ର ବୁଝିପାରେ ଏବଂ ତତ୍ ସଙ୍ଗେ ସମଗ୍ର ସମାଜ ମଧ୍ୟ ତାହା ଗ୍ରହଣ କରେ । ସର୍ବଜନ ବିଦିତ ହେଲାପରେ ଏହାକୁ ସଫଳ ନାଟ୍ୟଭାଷା ବୋଲି କୁହାଯାଏ ।

**୯. ସାଂକେତିକ ଭାଷା :**

ଏତଦ୍ ବ୍ୟତୀତ ନାଟ୍ୟମଂଚରେ ବ୍ୟବହାର କରାଯାଉଥିବା ସାଙ୍କେତିକ ଭାଷାଗୁଡିକ ମଧ୍ୟରେ ମଂଚସଜ୍ଜା, ଚିତ୍ରିତ ପରଦା, ଆଲୋକ ସଂପାତ, ଶବ୍ଦ ଓ ସଂଗୀତର ପ୍ରୟୋଗ କରି ନାଟ୍ୟକାର ପାଣିଗ୍ରାହୀ ଦର୍ଶକମାନଙ୍କ ସହିତ ନାଟକର ଏକ ସଂଯୋଗ ସ୍ଥାପନ କରନ୍ତି । ଡ.ପାଣିଗ୍ରାହୀ ତାଙ୍କର 'ପକା କମ୍ବଳ ପୋତ ଛତା' ଓ 'ଶେଷ ପାହାଚ' ନାଟକରେ ସଂଗୀତ ସହ ନୃତ୍ୟର ମଧ୍ୟ ବ୍ୟବହାର କରିଛନ୍ତି । ନୃତ୍ୟରେ ମୁଖର ଭଙ୍ଗୀ, ଶରୀରର ଅଙ୍ଗ ହାର ଓ ମୁଦ୍ରା ଦ୍ୱାରା ଅନେକ ଅର୍ଥ ସାଙ୍କେତିକ ଭାବରେ ପ୍ରକାଶ କରିବା ପାଇଁ ସକ୍ଷମ ହୋଇପାରନ୍ତି । ଫଳରେ ନାଟ୍ୟମଂଚ ଉପରେ ଉତ୍ଥାପିତ ହେଉଥିବା ବହୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ଓ ସେଗୁଡିକର ସମାଧାନ ଅତି ପ୍ରାଞ୍ଜଳ ଭାବରେ ଦର୍ଶକ ସମାଜ ପାଖରେ ପହଁଚି ଯାଇ ପାରୁଛି । ପ୍ରକାଶ ଥାଉକି ଆଧୁନିକ ନାଟ୍ୟକାର

ମାନଙ୍କ ମଧ୍ୟରେ ନାଟ୍ୟକାର ପାଣିଗ୍ରାହୀଙ୍କ ନାଟକଗୁଡିକ ବହୁବାର ବିଭିନ୍ନ ନାଟ୍ୟସଂସ୍ଥାମାନଙ୍କ ଦ୍ୱାରା ମଂଚସ୍ଥ ହୋଇପାରୁଛି ।

ନାଟ୍ୟକାରରମେଶ ପାଣିଗ୍ରାହୀଙ୍କ ସାଙ୍କେତିକ ଭାଷା ମାଧ୍ୟମରେ ସମାଜ ସହିତ ସେ ପାଂଚଟି ସ୍ତରରେ ସଂଶ୍ଲିଷ୍ଟ ହୋଇ ପାରୁଛନ୍ତି । (୧) ନିର୍ଦ୍ଦିଷ୍ଟ ସଂଳାପ ମାଧ୍ୟମରେ ଶବ୍ଦ ସଂକେତ (୨) ନାଟକର ଲିଖିତ ଗ୍ରନ୍ଥ ଓ ତାର ମଂଚାୟନ ମଧ୍ୟରେ ଥିବା ବିଶ୍ଳେଷଣାତ୍ମକ ସଙ୍କେତ (୪) ଅଭିନେତା ଅଭିନେତ୍ରୀ ମାନଙ୍କର ଦ୍ୱାରା ସୃଷ୍ଟ ଅଭିନୟାତ୍ମକ ସଙ୍କେତ (୫) ଦର୍ଶକମାନଙ୍କର ଦ୍ୱାରା ବୁଝାଯାଉଥିବା ନାନ୍ଦନିକ ସଂକେତ, ଏହି ପଂଚସ୍ତରୀୟ ସାଙ୍କେତିକ ପ୍ରୟୋଗ ଦ୍ୱାରା ନାଟ୍ୟକାର ତାଙ୍କ ଦର୍ଶକମାନଙ୍କ ସହ ଓ ସମାଜ ସହ ସଫଳ ସଂଯୋଗ ସ୍ଥାପନ କରନ୍ତି ।

ଏହି ଜଟିଳ ସାଙ୍କେତିକ ପ୍ରୟୋଗ ଯୋଗୁ ମହାକବି କାଳିଦାସ ନାଟକକୁ "ପ୍ରୟୋଗ ବିଜ୍ଞାନ" ବୋଲି ଆଖ୍ୟା ଦେଇଛନ୍ତି । 'ନାଟ୍ୟଶାସ୍ତ୍ର'ରେ ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଏବଂ ସାତ୍ତ୍ୱିକ ପ୍ରଭୃତି ଚାରିଗୋଟି ସାଂକେତିକ ଭାଷା / ଅଭିନୟ ସମ୍ପର୍କରେ ଉଲ୍ଲେଖ ଅଛି ।

ଡ. ପାଣିଗ୍ରାହୀ ଉତ୍ତର ଆଧୁନିକ ମାର୍କିନ ନାଟ୍ୟଶୈଳୀ ଉପରେ ଗବେଷଣା କରିଥିବା ଯୋଗୁଁ ତାଙ୍କ ନାଟକରେ ସାଙ୍କେତିକ ଭାଷାର ପ୍ରୟୋଗ ବେଶୀ । ବିଶେଷତଃ ତାଙ୍କର ନାଟକ "ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ"ରେ ଜଗନ୍ନାଥଙ୍କର ୧୦୮ ମାଠିଆ ସୁବାସିତ ଜଳରେ ସ୍ନାନ କରିବା ଦୃଶ୍ୟଟିକୁ ବିଚାରକୁ ନିଆଯାଉ । ଉପସ୍ଥାପନା ବେଳେ କୌଣସି ଭାଷା ବ୍ୟବହାର କରାଯାଇ ନାହିଁ । ନିର୍ଦ୍ଦେଶନା ସଂପୂର୍ଣ୍ଣ ସାଂକେତିକ । ବୋଧହୁଏ ନାଟ୍ୟକାରଙ୍କର ଅବବୋଧ ହେଉଛି ଯେ ସବୁ ଭାବକୁ ପ୍ରକାଶ କରିବା ପାଇଁ ଭାଷା ଅକ୍ଷମ । ତେଣୁ ସାଂକେତିକ ଅଭିନୟର ଭାଷା ଆବଶ୍ୟକ ହୁଏ । କିନ୍ତୁ ଚରିତ୍ର ଯେଉଁ ସଂଳାପ କହେ ତାହା ମଧ୍ୟ ସାଂକେତିକ ଭାଷା, କାରଣ ଭାଷା ଏକ ସଂକେତ ।

ଶେଷରେ, ଆମେ ବୁଝିବା ଉଚିତ୍ ନାଟକର ଭାଷାରେ ବା ମଂଚସଜ୍ଜାରେ ଥିବା ସାଂକେତିକ ଭାଷାର ଅର୍ଥ କେଉଁଠି ଥାଏ ? ନାଟ୍ୟକାରଙ୍କ ପାଖରେ ନା ନାଟ୍ୟଗ୍ରନ୍ଥ ଭିତରେ ? ନାଟ୍ୟଗ୍ରନ୍ଥ ଭିତରେ ନା ମଂଚ ଉପରେ ? ହୋଇପାରେ ନର୍ଦ୍ଦେଶକ ମଧ୍ୟ କିଛି ସଂକେତ ନିର୍ମାଣ କରନ୍ତି । ପ୍ରକୃତ ଦର୍ଶକ ସେଇ ସଂକେତ ଗୁଡିକୁ ବ୍ୟାଖ୍ୟା କରି ଆନନ୍ଦ ପାଏ ।

**ଗ୍ରନ୍ଥସୂଚୀ :**


୧. ରମେଶ ପ୍ରସାଦ ପାଣିଗ୍ରାହୀ-ମୁକ୍ତି ମଣ୍ଡପ, ରଚନା ସମଗ୍ର, ପ୍ରଥମ ଭାଗ, ଆର୍ଯ୍ୟ ପ୍ରକାଶନ, କଟକ, ୨୦୧୯

୨. ବିଜୟମିଶ୍ର- ଜନନୀ, ସାଥୀ ପ୍ରକାଶନ, କଟକ ୧୯୬୧

୩. ରମେଶ ପ୍ରସାଦ ପାଣିଗ୍ରାହୀ-ବୁନ୍ଦାଏ ପାଣିରେ ସମୁଦ୍ର, ଲେଖାଲେଖି, ଭୁବନେଶ୍ୱର, ୨୦୧୬

୪. ଧନେଶ୍ୱର ମହାପାତ୍ର-ଆଧୁନିକ ଓଡ଼ିଆ ବ୍ୟାକରଣ, କିତାବ ମହଲ, କଟକ, ୧୯୯୮

୫. ରମେଶ ପ୍ରସାଦ ପାଣିଗ୍ରାହୀ - ଯେସନେ କୀଟ- ଉର୍ଣ୍ଣନାଭୀ, ଇଭେଂଟ ପବ୍ଲିକେସନ୍ସ, ଭୁବନେଶ୍ୱର, ୨୦୧୭

୬. ରମେଶ ପ୍ରସାଦ ପାଣିଗ୍ରାହୀ-ତ୍ରିପର୍ଣ୍ଣା, ଓଡ଼ିଆ ବୁକ୍ ଷ୍ଟୋର, କଟକ, ୨୦୦୬

୭. Malinowski - "The problem of Meaning in Primitive languages" in Charles Ogden, I.A. Richards (Ed.). The Meaning of Meaning, Kegan Paul, London Pp. ୨୯୬-୩୩୬



**ଅଧ୍ୟାପିକା, କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

**କେଶପୁର, ଗଂଜାମ**

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ